

ଆସିବ
ଦବଙ୍ଗ-୪
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-146 ◆SATURDAY ◆22 NOVEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୪୬ ◆ଶନିବାର ◆୨୨ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ରେକର୍ଡ ସ୍ତରକୁ ଖସିଲା ଟଙ୍କା ମୂଲ୍ୟ



### ଆମେରିକା ସହ ବାଣିଜ୍ୟ ଆଲୋଚନା ବିଳମ୍ବର ପ୍ରଭାବ

### ୧ ଡଲାର=୮୯.୬୮ ଟଙ୍କା

■ ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ଆମେରିକା ସହିତ ବାଣିଜ୍ୟ ଚୁକ୍ତିରେ ବିଳମ୍ବ ଏବଂ ଫେଡେରାଲ୍ ରିଜର୍ଭ ଆଡ୍ରୁ ସୁଧ ହାରରେ କୌଣସି ହ୍ରାସ ସମ୍ଭାବନା ନ ଥିବା ସମ୍ପର୍କିତ ରିପୋର୍ଟ ଆସିବା ପରେ ଭାରତୀୟ ମୁଦ୍ରା 'ଟଙ୍କା' ମୂଲ୍ୟରେ ହ୍ରାସ ଘଟିଛି। ଫଳରେ ଶୁକ୍ରବାର ଟଙ୍କା ରେକର୍ଡ ସର୍ବନିମ୍ନ ୮୯.୬୮ ସ୍ତରକୁ ଖସିଆସିଛି। ଭାରତ ଏବଂ ଆମେରିକା ଏ ପର୍ଯ୍ୟନ୍ତ ଏକ ବାଣିଜ୍ୟ ଚୁକ୍ତିରେ ପହଞ୍ଚି ନାହାଁନ୍ତି। ଦୁଇ ଦେଶ ମଧ୍ୟରେ ଆଲୋଚନା ଜାରି ରହିଛି। ଆମେରିକା-ଭାରତ ବାଣିଜ୍ୟରେ ବାଧା ଏବଂ ଫେଡେରାଲ୍ ରିଜର୍ଭରୁ ସୁଧ ହାର ହ୍ରାସର ଆଶା ହ୍ରାସ ପାଇବା ଭାରତୀୟ ମୁଦ୍ରାକୁ ପ୍ରଭାବିତ କରୁଛି। ଆମେରିକାରୁ ଆସିଥିବା ଏହି ଆଶ୍ଚର୍ଯ୍ୟ କରିବା ଭଳି ଖବର ଭାରତୀୟ ମୁଦ୍ରାର ଗତିକୁ ବାଧା ଦେଇଛି, ଯାହାର ଫଳସ୍ୱରୂପ ଶୁକ୍ରବାର ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ଏହାର ସର୍ବନିମ୍ନ ସ୍ତରକୁ ଖସିଆସିଛି। ଶେଷ ଥର ପାଇଁ ଟଙ୍କା ୮୯.୩୪ ସ୍ତରରେ କାରବାର କରିଥିଲା। ଅଗଷ୍ଟ ଶେଷ ଭାଗରେ ଭାରତୀୟ ରପ୍ତାନି ଉପରେ ଆମେରିକାର ଶୁଳ୍କ ଲାଗୁ ହେବା ▶ପୃଷ୍ଠା-୭

## ମେକ୍ସିକୋର ଫାତିମା ବ୍ରହ୍ମାଣ୍ଡ ସୁନ୍ଦରୀ



■ ବ୍ୟାଙ୍କକ୍, ୨୧।୧୧ (ଏଜେନ୍ସି): ମେକ୍ସିକୋର ଫାତିମା ବୋଚ୍ ପର୍ଣ୍ଣାଣ୍ଡିଜ୍ ଏଥର ବ୍ରହ୍ମାଣ୍ଡ ସୁନ୍ଦରୀର ଆଖ୍ୟା ହାସଲ କରିଛନ୍ତି। ପ୍ରତିଯୋଗିତାରେ ଥାଇଲାଣ୍ଡର ପ୍ରଭିନାର ସିଂ, ଭେନେଜୁଏଲାର ଷ୍ଟିଫାନି ଆବାସାଲି, ଫିଲିପାଇନ୍ସର ମା ଆହିସ୍ତା ମାନାଲୋ ଓ କୋଟ

### ଟପ୍-୩୦ରେ ଭାରତର ମଣିକା ବିଶ୍ୱକର୍ମା

ଡି ଆଇଭରୀର ଓଲିଭିଆ ୟାସ୍ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ରନର୍ସଅପ ବିବେଚିତ ହୋଇଛନ୍ତି। ପ୍ରତିଯୋଗିତାରେ ବିଜୟୀ ହେବା ପରେ ତାଙ୍କୁ ସବୁଆଡୁ ଅଭିନନ୍ଦନର ସୁଅ ଛୁଟିଛି। ୨୫ ବର୍ଷୀୟ ଫାତିମାଙ୍କୁ ମୁର୍ଖ ବୋଲି କୁହାଯିବା କାରଣରୁ ସେ ଏହି ପ୍ରତିଯୋଗିତା ଛାଡି ଚାଲିଯାଇଥିଲେ। କିନ୍ତୁ ପରେ ଏଥିପାଇଁ ଆୟୋଜକ କ୍ଷମା ମାଗିବା ପରେ ପୁଣିଥରେ ସେ ▶ପୃଷ୍ଠା-୭

## ଏୟାର ଶୋ'ରେ ତେଜସ୍ ଧ୍ୱଂସ

■ ଦୁବାଇ, ୨୧।୧୧ (ଏଜେନ୍ସି): ଦୁବାଇ ଏୟାର ଶୋ'ରେ ଭାରତୀୟ ବାୟୁସେନାର ତେଜସ୍ ଫାଇଟର୍ ଜେଟ୍ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଶୁକ୍ରବାର ଭାରତୀୟ ସମୟ ଅପରାହ୍ଣ ୩.୪୦ରେ ଅଲ୍ ମକ୍ତୁମ୍ ଏୟାରପୋର୍ଟରେ ଚାଲିଥିବା ଏୟାର ଶୋ'ରେ ଡେମୋ ଫ୍ଲାଇଟ୍ ବେଳେ ଏକ ଫାଇଟର୍ ଜେଟ୍ ଖସିପଡ଼ିବା ଫଳରେ

### ପାଇଲଟ୍ ମୃତ



ପାଇଲଟଙ୍କ ମୃତ୍ୟୁ ହୋଇଥିବା ଭାରତୀୟ ବାୟୁସେନା ପକ୍ଷରୁ କୁହାଯାଇଛି। ଫାଇଟର୍ ବିମାନଟି ଖସିପଡିବା ପରେ ସେଥିରେ ନିଆଁ ଲାଗିଯାଇଥିଲା। ଦୁର୍ଘଟଣାର ଯାଞ୍ଚ ପାଇଁ କୋର୍ଟ ଅଫ୍ ଇନ୍‌କ୍ୱାରୀ ବସାଯାଇଛି। ପ୍ରାଥମିକ ଅନୁସନ୍ଧାନ ପରେ କୁହାଯାଇଛି ଯେ ପାଇଲଟ୍ ନେଗେଟିଭ୍ ଜି- ଫୋର୍ସ ଟର୍ଣ୍ଣରୁ ରିକଭର କରି ନ ପାରି ବିମାନ ଉପରୁ ନିୟନ୍ତ୍ରଣ ହରାଇଥିଲେ। ଫଳରେ ବିମାନ ସିଧା ତଳକୁ ଖସିଥିଲା ଓ ସେଥିରେ ▶ପୃଷ୍ଠା-୭

## ରାଜ୍ୟ କ୍ୟାବିନେଟ୍‌ରେ ୯ ବିଭାଗର ୧୨ ପ୍ରସ୍ତାବକୁ ମୋହର

# ଇ-ଲଟେରୀରେ ଲଘୁ ଖଣିଜ ଲିଜ୍

■ ଭୁବନେଶ୍ୱର, ୨୧।୧୧ (ସମିସ): ଏଣିକି ରାଜ୍ୟରେ ଲଘୁ ଖଣିଜ ସମ୍ପଦର ଆବଣ୍ଟନ ପାଇଁ ନିଲାମ ବ୍ୟବସ୍ଥା ପରିବର୍ତ୍ତେ ପ୍ରଚଳନ ହେବ ଇ-ଲଟେରୀ। ବାଲି ଘାଟ, ପଥର ଖଣି, ମୋରମ ଖଣି ଆଦିକୁ ଇ-ଲଟେରୀ ମାଧ୍ୟମରେ ଆବଣ୍ଟନ ହେବ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏ ସଂକ୍ରାନ୍ତ ପ୍ରସ୍ତାବରେ ବାଜିଛି ମୋହର। ଏହା ସହିତ ୟୁନିଫର୍ମ ସେବା କର୍ମଚାରୀ ନିଯୁକ୍ତି ପାଇଁ ଏକ ସ୍ୱତନ୍ତ୍ର ଚୟନ ଆୟୋଗ ଗଠନ ସହ କ୍ୟାବିନେଟ ବୈଠକରେ ୯ ଟି ବିଭାଗର ୧୨ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ସୂଚନା ଅନୁସାରେ ରାଜ୍ୟରେ ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ ୨୦୧୬ ରେ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ସଂଶୋଧନ ଦ୍ୱାରା ରାଜ୍ୟରେ ଲଘୁ ଖଣିଜ ଅନ୍ତର୍ଭୁକ୍ତ ବାଲି, ପଥର ଖଣି ଆଦି ପାଇଁ



କ୍ୟାବିନେଟ ନିଷ୍ପତ୍ତି

### ଜଣେ ବ୍ୟକ୍ତିଙ୍କୁ ଗୋଟିଏ ଜିଲ୍ଲାରେ ୩, ସର୍ବାଧିକ ୫ ଲିଜ୍

### ବଢ଼ିଲା ଅନୁସୂଚୀତ ଜାତି ଓ ଜନଜାତି ଶିକ୍ଷାର୍ଥୀଙ୍କ ବୃତ୍ତି

ନିଲାମୀ ପ୍ରକ୍ରିୟା ବନ୍ଦ କରାଯାଇ ଲଟେରୀ ବ୍ୟବସ୍ଥା ଆରମ୍ଭ ହେବ। ନିଲାମ ଯୋଗୁଁ ବହୁତ ଅଧିକ ଦାମ୍‌ରେ ବାଲିଘାଟ ସହ ଅନ୍ୟ ଖଣିଗୁଡ଼ିକ ନିଆଯାଉଛି। ଏହାଦ୍ୱାରା ବଜାରରେ ଏହାର ଦର ଅଧିକ ରହୁଛି। ତେଣୁ ସରକାର ନୂଆ ନୀତି ଆଣିବା ସହ ଲଟେରୀ ଜରିଆରେ ଫ୍ଲୋର୍ ପ୍ରାଇସ୍ ବଦଳରେ ଏକ ଅତିରିକ୍ତ ଚାର୍ଜ ନିର୍ଦ୍ଧାରଣ କରାଯିବ। ଲିଜଧାରୀ ମାନେ ବାଲି, ପଥର, ମୋରମ ଆଦିକୁ କେଉଁ ଦରରେ ବିକ୍ରି କରିବେ ତାହା ମଧ୍ୟ ସରକାର ନିର୍ଦ୍ଧାରଣ ▶ପୃଷ୍ଠା-୭

### ବର୍ଦ୍ଦିଧାରୀଙ୍କ ନିଯୁକ୍ତି ପାଇଁ 'ଓୟୁଏସ୍‌ଏସ୍‌ସି'

■ ଭୁବନେଶ୍ୱର, ୨୧।୧୧ (ସମିସ): ରାଜ୍ୟରେ ସମସ୍ତ ପ୍ରକାର ବର୍ଦ୍ଦିଧାରୀଙ୍କୁ ନିଯୁକ୍ତି ପାଇଁ ଏକ ସ୍ୱତନ୍ତ୍ର ଆୟୋଗ 'ଓଡ଼ିଶା ୟୁନିଫର୍ମ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ୍ କମିସନ୍ (ଓୟୁଏସ୍‌ଏସ୍‌ସି)' ଗଠନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଗୃହ ବିଭାଗ ସମେତ ଅବକାରୀ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଅଧୀନରେ ପୁଲିସ ଏବଂ ଅନ୍ୟାନ୍ୟ ୟୁନିଫର୍ମ ସେବା ପାଇଁ ନିଯୁକ୍ତି ପ୍ରକ୍ରିୟା ପରିଚାଳନା କରିବ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନରେ ଏହି ଆୟୋଗ କାର୍ଯ୍ୟ କରିବ। ଏହାସହ ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ (ଓୟୁଏସ୍‌ଏସ୍‌ସି) ନିୟମାବଳୀ-୨୦୨୫ ପ୍ରଣୟନ କରିବାକୁ ଶୁକ୍ରବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ମଞ୍ଜୁରୀ ଦିଆଯାଇଛି। ଏହି ଆୟୋଗରେ ଜଣେ ଅଧ୍ୟକ୍ଷଙ୍କ ▶ପୃଷ୍ଠା-୭

**ସ୍ୱତନ୍ତ୍ର ଆୟୋଗରେ ରହିବେ ଜଣେ ଅଧ୍ୟକ୍ଷ, ୨ ସଦସ୍ୟ**

## ଆଜି ସୃଷ୍ଟି ହେବ ଲଘୁଚାପ

### ଶକ୍ତିଶାଳୀ ବାତ୍ୟା ପାଇଁ ପାଗ ଅନୁକୂଳ

■ ଭୁବନେଶ୍ୱର, ୨୧।୧୧ (ସମିସ): ମାଲେସିଆ ନିକଟବର୍ତ୍ତୀ ମଲ୍ଲାକାରେ ସମୁଦ୍ରପଷ୍ଠ ଠାରୁ ୫.୮ କି.ମି ବିସ୍ତୀର୍ଣ୍ଣ ଅଞ୍ଚଳରେ ପରିବ୍ୟାପ୍ତ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତାକାଲି (ଶନିବାର) ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ଘନୀଭୂତ ହୋଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଅଗ୍ରସର ହୋଇ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ଅନ୍ୟପକ୍ଷରେ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ମଲ୍ଲାକା ଷ୍ଟ୍ରିଟ୍‌ରେ ଏକ ଦୁର୍ବଳ ଲଘୁଚାପ ସୃଷ୍ଟି ହୋଇ ସାରିଛି। ଶନିବାର ସକାଳ ସୁଦ୍ଧା ଏହା ସଦୃଶ ଲଘୁଚାପରେ ପରିଣତ ହେବ। ୨୬ ତାରିଖ ବେଳକୁ ଏହା ବାତ୍ୟାର ରୂପ ନେଇପାରେ। ଏହା ଶୀଘ୍ର ଘନୀଭୂତ ହୋଇ ଉତ୍ତର ବା ଉତ୍ତର-ଉତ୍ତର ପଶ୍ଚିମ ଦିଗରେ ଗତ କରିବ। ୨୮ରେ ଏହା ଅଧିକ ଶକ୍ତିଶାଳୀ ହୋଇ ଏକ ଭୀଷଣ ବାତ୍ୟାରେ ରୂପ ନେବ ଓ ୨୯ କିମ୍ବା ୩୦ ଏବା ଅତି ଭୀଷଣ ବାତ୍ୟାରେ ପରିଣତ ହେବା ନେଇ ମଧ୍ୟ କିଛି ମଡେଲ୍ ଆକଳନ କରୁଛନ୍ତି। ଅତି ଭୀଷଣ ବାତ୍ୟାରେ ପରିଣତ ହେବା ପରେ ଏହା ଦକ୍ଷିଣ-ପଶ୍ଚିମ ଓ ପଶ୍ଚିମ-କେନ୍ଦ୍ରୀୟ ସଂଲଗ୍ନ ବଙ୍ଗୋପସାଗରକୁ ମୁହାଁଇବ। ବାତ୍ୟା ଅଧିକ ଘନୀଭୂତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏହାର କାରଣ ଦର୍ଶାଇ ପ୍ରଫେସର ପଶୁପାଳକ କହିଛନ୍ତି ଯେ ଏହା ଆର୍ଦ୍ର, ଉପ-ଉଷ୍ମ ମଣ୍ଡଳରେ ଅବସ୍ଥିତ ହେବା ସହ ଶୁଷ୍କ ବାୟୁର ମଧ୍ୟ ▶ପୃଷ୍ଠା-୭



### ଓଡ଼ିଶା-ଆନ୍ଧ୍ର ଉପରେ ଅଧିକ ପ୍ରଭାବ ଆଶଙ୍କା

### ଓଡ଼ିଶାରେ ସ୍ଥଳଭାଗ ଛୁଇଁବା ନେଇ ସମ୍ଭାବନା

## ଏନ୍‌ଡିଏର ବିହାର ବିଜୟ ବିଦ୍ଧାଣି

# ଧର୍ମେନ୍ଦ୍ରଙ୍କୁ ବିପୁଳ ସମ୍ବର୍ଦ୍ଧନା



■ ଭୁବନେଶ୍ୱର, ୨୧।୧୧ (ସମିସ): ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏର ଐତିହାସିକ ବିଜୟର ଅନ୍ୟତମ ନେପଥ୍ୟ ନାୟକ ତଥା ଦଳୀୟ ନିର୍ବାଚନ ପ୍ରଭାରୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭୁବନେଶ୍ୱରରେ ଦିଆଯାଇଛି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା। ଶୁକ୍ରବାର ଶ୍ରୀ ପ୍ରଧାନ ଓଡ଼ିଶା ଗସ୍ତରେ ଆସିବା ଅବସରରେ ବିମାନବନ୍ଦରରେ ହଜାର ହଜାର କର୍ମୀ, କର୍ମକର୍ତ୍ତା ଓ ସମର୍ଥକ ତାଙ୍କୁ ସ୍ୱାଗତ କରିଛନ୍ତି। ଅନ୍ୟପକ୍ଷରେ ଏହି ସମ୍ବର୍ଦ୍ଧନା ପାଇଁ ଶ୍ରୀ ପ୍ରଧାନ ଦଳୀୟ ନେତା, କର୍ମୀ, ସମର୍ଥକଙ୍କୁ ଗାମୁଛା ହଲାଇ କୃତଜ୍ଞତା ଜଣାଇଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ଏନଡିଏ ମେଣ୍ଟର ଅଭୁତପୂର୍ବ ବିଜୟ ପାଇଁ ବିହାରବାସୀଙ୍କୁ ଧନ୍ୟବାଦ। ବିହାରବାସୀ ଦେଶକୁ ବିଭାଜନ କରିବା ନିମନ୍ତେ କଂଗ୍ରେସର ନକରାତ୍ମକ ରାଜନୀତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି, ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡାଙ୍କ ସାଂଗଠନିକ ଦକ୍ଷତା, ବିହାରର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱ ପାଇଁ ଜନସାଧାରଣ ତାଙ୍କୁ ପୁଣି ଥରେ ଆଶୀର୍ବାଦ କରିଛନ୍ତି। ବିହାରରେ ପୁଣି ଥରେ ସେବା ନିମନ୍ତେ ଏନଡ଼ିଏ ସୁଯୋଗ ଦେଇ ବିହାରବାସୀ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱକୁ ବଡ଼ ସ୍ୱୀକୃତି ଦେଇଛନ୍ତି। ଅନ୍ୟପକ୍ଷରେ ନୂଆପଡ଼ା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ବିଜୟ ନିମନ୍ତେ ଶ୍ରୀ ପ୍ରଧାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଏହାପରେ ଶ୍ରୀ ପ୍ରଧାନ ବିମାନବନ୍ଦରରୁ ସିଧା ପୁରୀ ଯାଇ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସହ ଆଶୀର୍ବାଦ ନେଇଛନ୍ତି।

### କଂଗ୍ରେସର ବିଭାଜନ ରାଜନୀତିକୁ ଲୋକେ ପ୍ରତ୍ୟାଖ୍ୟାନ କରିଛନ୍ତି: ଧର୍ମେନ୍ଦ୍ର

### ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ

### ୨୯ ପୁରୁଣା ଆଇନ ଶେଷ; ଲାଗୁ ହେଲା ନୂଆ ଶ୍ରମ କୋଡ୍

## ଶ୍ରମିକଙ୍କୁ ନିଶ୍ଚିତ ସାମାଜିକ ସୁରକ୍ଷା

■ ନୂଆଦିଲ୍ଲୀ ୨୧।୧୧ (ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ଦେଶରେ ଆଜିଠାରୁ ବହୁ ପ୍ରତୀକ୍ଷିତ ଶ୍ରମ କୋଡ୍ ଲାଗୁ ହୋଇଛି। ସମସ୍ତ କ୍ଷେତ୍ରରେ ଶ୍ରମିକ କଲ୍ୟାଣ ବ୍ୟବସ୍ଥାକୁ ମଜଭୁତ କରିବା ଲାଗି ୪ ନୂଆ ଶ୍ରମ ସଂହିତା – ମଜୁରି ସଂହିତା ୨୦୧୯, ଶିଳ୍ପ ସଂହିତା ୨୦୨୦, ସାମାଜିକ ସୁରକ୍ଷା ସଂହିତା ୨୦୨୦ ଏବଂ ବୃତ୍ତିଗତ ନିରାପତ୍ତା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି ସଂହିତା ୨୦୨୦କୁ ଶୁକ୍ରବାର କାର୍ଯ୍ୟକାରୀ କରାଯାଇଛି। ଏହାଫଳରେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଚଳିତ ୨୯ଟି ଶ୍ରମ ଆଇନର ଅନ୍ତ ଘଟିଛି। ନୂଆ ଶ୍ରମ କୋଡ୍ ଲାଗୁ ହେବା ପରେ ଦେଶରେ ଶ୍ରମିକମାନଙ୍କୁ ସୁନିଶ୍ଚିତ ନିଯୁକ୍ତି ପତ୍ର, ଠିକ୍ ସମୟରେ ବେତନ, ସର୍ବନିମ୍ନ ବେତନ ଓ ସାମାଜିକ ସୁରକ୍ଷା ଆଦି କ୍ଷେତ୍ରରେ ଗ୍ୟାରେଣ୍ଟି ମିଳିବା ଆଶା କରାଯାଉଛି। ଏଥିଯୋଗୁଁ ଦେଶର ପ୍ରାୟ ୪୦ କୋଟି ଶ୍ରମିକ ଲାଭବାନ ହେବେ। ନୂଆ ଶ୍ରମ କୋଡ୍‌ରେ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରିଛନ୍ତି, ଯେଉଁଥିରେ ଗିଗ୍ ଓ ପ୍ଲାଟଫର୍ମ ୱାର୍କର, ମହିଳା କର୍ମଚାରୀ ଓ ଏମ୍‌ଏସ୍‌ଏମ୍‌ଇ ସେକ୍ଟରରେ କାମ କରୁଥିବା ଶ୍ରମିକଙ୍କୁ ଲାଭ ମିଳିବ। ନୂଆ ଶ୍ରମ ସଂହିତା କାର୍ଯ୍ୟକାରୀ ହେବା ପରେ ନିଯୁକ୍ତି କ୍ଷେତ୍ରରେ ସମସ୍ତ କର୍ମଚାରୀଙ୍କୁ ▶ପୃଷ୍ଠା-୭

**କଟକରେ ଡବଲ୍ ମର୍ଡର୍**

## ବାପା-ମା'ଙ୍କୁ ଗଳା କାଟି ହତ୍ୟା

■ କଟକ, ୨୧।୧୧ (ସମିସ): ବାପା' ଓ ସାବତ ମା'ଙ୍କ ଗଳାକାଟି ମାରିଦେଲା ପୁଅ। ଦରଘାବଜାର ଥାନା ଅନ୍ତର୍ଗତ ଜେଲ୍ କଲୋନୀ ଅଞ୍ଚଳରେ ଏଭଳି ଏକ ନିର୍ମମ ହତ୍ୟାକାଣ୍ଡ ଘଟିଛି। ସୁଧ ଟଙ୍କା ଦେଣନେଣ ଓ ଜମି ବିବାଦକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି। ମୃତ ଦମ୍ପତି ହେଲେ, ଦୀପକ ଦାସ(୪୨) ଏବଂ ତାଙ୍କ ପତ୍ନୀ ରିତାରାଣୀ ଦାସ(୨୮)। ଏହି ଘଟଣା କଟକରେ ଚାଞ୍ଚଲ୍ୟ ଖେଳାଇଦେଇଛି।

ପୁଲିସ ସୂତ୍ରରୁ ପ୍ରକାଶ, ପୁଅ ଆଲୋକ କୁମାର ଦାସ ଦୀର୍ଘ ୮ମାସ ହେବ ମାନସିକ ଦୁଶ୍ଚିନ୍ତାରେ ରହୁଥିଲା। ବାପା ଦ୍ୱିତୀୟ ବିବାହ କରି ପତ୍ନୀ ସହିତ



### ୧୦ ଲକ୍ଷ ଟଙ୍କା ପାଇଁ ବାପା-ମା'ଙ୍କୁ ମାରିଦେଲା ପୁଅ

### ଜେଲ୍ କଲୋନୀରେ ସାଇଣ୍ଟିଫିକ୍ ଟିମ୍‌ର ଖୋଳତାଡ଼

ସେବନ କରି ରଙ୍ଗୀନ ମିଜାଜରେ ଜୀବନ ବିତାଉଥିଲା। ୮ମାସ ପୂର୍ବରୁ ଆଲୋକକୁ ମାନସିକ ନିର୍ଯାତନା ଦେବା ସହିତ ୧୦ଲକ୍ଷ ଟଙ୍କା ଆବଶ୍ୟକ ବୋଲି କହିଥିଲା। ବାପା କଥାରେ ପୁଅ ଜୁଲିୟସ୍ ଦାସ ନାମକ ଜଣେ ବ୍ୟକ୍ତିଙ୍କ ଜରିଆରେ ସୁଧଦିଆ ଟଙ୍କା ଆଣି ବାପା ଓ ସାବତ ମା'ଙ୍କୁ ଦେଇଥିଲା। ଟଙ୍କା ଦେବା ପରେ ବାପା ଠିକ୍ ସମୟରେ ସୁଧ ଦେବା ସହିତ ରଣ ଟଙ୍କା ପରିଶୋଧ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଆଲୋକର ରୋଜଗାର ଆଦୌ ହେଉନଥିବା ବେଳେ ବାପାର କଥାକୁ ବିଶ୍ୱାସକୁ ନେଇଥିଲା। ଶେଷରେ ଆଲୋକ ଓ ତା' ସ୍ତ୍ରୀ ସୁଧଦିଆ ଟଙ୍କା ବାପା ଓ ସାବତ ମା'ଙ୍କୁ ଦେଇ ନିଶ୍ଚିତରେ ରହିଥିଲେ। କିନ୍ତୁ ସାବତ ମା' ଓ ବାପା ଆଦୌ ସୁଧ ଦେଇନଥିଲେ। ମୂଳ ଟଙ୍କା ଦେବା ଦୂରର କଥା, ଧାର ଆଣିଥିବା ଟଙ୍କା କଥା ଉଠାଇଲେ, ଆଲୋକକୁ ଗାଳି କରୁଥିଲେ। ▶ପୃଷ୍ଠା-୭

# ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର

■ ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରେ ଲଗାତର ଭାବେ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଗୁରୁବାର ଦିଲ୍ଲୀର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୫୦୬ ଥିଲା ଓ ଏହା ନିହାତି ବିପଜ୍ଜନକ ବିବେଚିତ ହୋଇଛି। ଦିଲ୍ଲୀ ଏବେ ବିଶ୍ୱର ସବୁଠାରୁ ପ୍ରଦୂଷିତ ସହରର ଭାବେ ଅଲୋଡା ନାମ ହାସଲ କରିଛି। ବିଶ୍ୱବ୍ୟାପୀ ବାୟୁ ପ୍ରଦୂଷଣ ମାପୁଥିବା ଅନ୍ତର୍ଜାତୀୟ ସଂସ୍ଥା 'ଆଇକ୍ୟୁଏୟାର'ର ଲାଇଭ ମାନ୍ୟତାରେ ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର ଭାବେ ପରିଗଣିତ ହେଉଛି। ବାୟୁରେ ବର୍ଦ୍ଧିତ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ନଭେମ୍ବରରେ ଓ ଡିସେମ୍ବରରେ ସବୁ ସ୍କୁଲ୍‌ରେ ସ୍ପୋର୍ଟ୍ସ ଇଭେଣ୍ଟକୁ ବନ୍ଦ କରିଦିଆଯାଇଛି। ପ୍ରଦୂଷଣ କାରଣରୁ ଦିଲ୍ଲୀରେ ସବୁ ପ୍ରକାର କ୍ରୀଡ଼ା ଇଭେଣ୍ଟକୁ ସ୍ଥଗିତ ରଖିବାକୁ କମିଶନ ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (ସିଏକ୍ୟୁଏମ୍) ନିର୍ଦ୍ଦେଶ ଦେଇଛି। ଦିଲ୍ଲୀର ପ୍ରଦୂଷିତ ବାୟୁ ଏବେ ପିଲାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି ବୋଲି କମିଶନ କହିଛି। ପୂର୍ବରୁ ଅକ୍ଟୋବର ୧୮ରେ ଦିଲ୍ଲୀ- ଏନ୍‌ସିଆରରେ ପ୍ରଦୂଷଣ ପାଇଁ ଦିଲ୍ଲୀରେ କ୍ରୀଡ଼ା ସମ୍ପର୍କିତ ସବୁ ପ୍ରକାର ପ୍ରତିଯୋଗିତାକୁ ବନ୍ଦ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

ସେପଟେ ସାରା ଦେଶରେ ପ୍ରବଳ ଥଣ୍ଡା ଜାରି ରହିଛି। ଶୀତର ପ୍ରକୋପ ବୃଦ୍ଧି ପାଇଥିବାରୁ ଦିଲ୍ଲୀର ପ୍ରଦୂଷଣ ଆହୁରି ଖରାପ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଭୋପାଳ, ଇନ୍ଦୋର ସମେତ ମଧ୍ୟପ୍ରଦେଶର ୧୨ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିବାର ରେକର୍ଡ କରାଯାଇଛି। ରାଜଗଡ଼ରେ ତାପମାତ୍ରା ୭.୫ ଡିଗ୍ରୀ ଥିଲା। ଜବଲପୁରରେ ଘନ କୁହୁଡି ଛାଇ ରହିଥିଲା। ଉତ୍ତରାଖଣ୍ଡର ବଦ୍ରିନାଥରେ ତାପମାତ୍ର ମାଇନସ ୬ ଡିଗ୍ରୀ ତଳକୁ ଖସିଛି। ଅଗାମୀ କିଛି ଦିନ ପାଗ ଏହି ଭଳି ରହିବ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ କୁହାଯାଇଛି।



### ଏକ୍ୟୁଆଇ ୫୦୬ରେ ପହଞ୍ଚିଲା

### ସ୍କୁଲ୍‌ରେ କ୍ରୀଡ଼ା ଇଭେଣ୍ଟ ଉପରେ ରୋକ

## ୨୩ରେ 'ସକାଳ'ର ୫ମ ସ୍ୱନକ୍ଷତ୍ର ଅବସରରେ ବିତର୍କ ପ୍ରତିଯୋଗିତା

ରାଉରକେଲା, ୨୧।୧୧(ସମିସ): 'ସକାଳ'ର ୫ମ ସ୍ୱନକ୍ଷତ୍ର ଅବସରରେ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ରାଉରକେଲାରେ ହାଇସ୍କୁଲ ଏବଂ କଲେଜସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ବିତର୍କ ପ୍ରତିଯୋଗିତା ନଭେମ୍ବର ୨୩ ତାରିଖ ଦିନ ଆୟୋଜିତ ହେବ। ସୂଚନାଯୋଗ୍ୟ ଯେ ରାଉରକେଲାର ଉଦିତନଗରସ୍ଥିତ ମ୍ୟୁନିସିପାଲ ମହାବିଦ୍ୟାଳୟର ଅଡିଟୋରିୟମରେ 'ସକାଳ' ଓ 'ନନ୍ଦିଘୋଷ ଟିଭି' ମିଳିତ ଆନୁକୂଲ୍ୟରେ 'ସକାଳ'ର ୫ମ ସ୍ୱନକ୍ଷତ୍ର ଅବସରରେ ସ୍କୁଲ ଓ କଲେଜ ଏବଂ ତଦୁର୍ଦ୍ଧ୍ୱର୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡିଆ ବିତର୍କ ପ୍ରତିଯୋଗିତା ଆୟୋଜିତ ହେବ। ୮ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଜୁନିୟର ଗ୍ରୁପ୍ ଓ ଏକାଦଶରୁ ତଦୁର୍ଦ୍ଧ୍ୱ, ଡିପ୍ଲୋମା, ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କୁ ସିନିୟର ଗ୍ରୁପରେ ବିଭକ୍ତ କରାଯାଇଛି। ଏହି ପ୍ରତିଯୋଗିତା ଉକ୍ତ ଦିନ ଠିକ୍ ସକାଳ ୯ଟାରେ ଆରମ୍ଭ ହେବ। ବିତର୍କର ବିଷୟବସ୍ତୁ ଏହାର ଏକଘଣ୍ଟା ପୂର୍ବରୁ ଦିଆଯିବ। ସେଥିପାଇଁ ସମସ୍ତ ଇଚ୍ଛୁକ ପ୍ରତିଯୋଗୀ ସକାଳ ସାଢେ ୭ଟା ସୁଦ୍ଧା ପ୍ରତିଯୋଗିତା ସ୍ଥାନ ମ୍ୟୁନିସିପାଲ କଲେଜରେ ପହଞ୍ଚିବାକୁ ଅନୁରୋଧ କରାଯାଇଛି। ଯେଉଁମାନେ ଅନଲାଇନ ପଞ୍ଜିକରଣ କରିନାହାନ୍ତି ସେମାନେ ପ୍ରତିଯୋଗିତା ଆରମ୍ଭର ଯଥେଷ୍ଟ ପୂର୍ବରୁ ସ୍ଥଳରେ ପହଞ୍ଚି ତତ୍‌କ୍ଷଣାତ୍ ନାମ ପଞ୍ଜିକରଣ ମଧ୍ୟ କରିପାରିବେ। ଉଭୟ ଗ୍ରୁପର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ପ୍ରତିଯୋଗିତା ପରେ ପରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ଅଡିଟୋରିୟମରେ ପୁରସ୍କୃତ କରାଯିବ। ଏତଦ୍‌ବ୍ୟତୀତ ଉଭୟ ଗ୍ରୁପର କେବଳ ପ୍ରଥମସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ମେଗା ବିତର୍କ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ଛାତ୍ରଛାତ୍ରୀମାନେ 'ସକାଳ'ର ରାଉରକେଲା ସଂସ୍କରଣ ମୁଖ୍ୟ ଦେବବ୍ରତ ପଟ୍ଟନାୟକଙ୍କୁ ୯୪୩୭୦୮୨୭୭୭ ଓ ୭୦୦୮୯୩୭୬୫ ମୋବାଇଲ ନମ୍ବରରେ ଯୋଗାଯୋଗ କରିବା ପାଇଁ ଅନୁରୋଧ।

### ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

## ପ୍ରଥମ ପର୍ଯ୍ୟାୟରେ ୧୪୬୨୦୦ ମେଟ୍ରିକ୍ ଟନ୍ ଧାନକିଣା ଲକ୍ଷ୍ୟ

ରାଉରକେଲା, ୨୧।୧୧(ସମିସ)




ସୁନ୍ଦରଗଡ଼ ବିକାଶ ଭବନଠାରେ ଅନୁଷ୍ଠିତ ସୁନ୍ଦରଗଡ଼ ଜିଲ୍ଲାସ୍ତରୀୟ ଧାନସଂଗ୍ରହ କମିଟି ବୈଠକରେ ପ୍ରଥମ ପର୍ଯ୍ୟାୟରେ ୧୪୬୨୦୦ ମେଟ୍ରିକ୍ ଟନ ଧାନ କିଣାଯିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ଏହି ବୈଠକରେ ଉପ - ବାଚସ୍ପତି ତଥା ତଳସରା ବିଧାୟକ ତଳସରା ଭବାନୀଶଙ୍କର ଭୋଇ, ସଦର ବିଧାୟକ ଯୋଗେଶ କୁମାର ସିଂ, ରାଜଗାଙ୍ଗପୁର ବିଧାୟକ ଡ.ସିଏସ. ରାଜେନ ଏକ୍କା, ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗ ଦେଇ ଜିଲ୍ଲାର ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଅତିଥିମାନେ କିଭଳି ଜିଲ୍ଲାରେ ସୁରୁଖୁରୁରେ ଧାନସଂଗ୍ରହ ହୋଇପାରିବ ଏବଂ ଚାଷୀ ମାନେ କିଭଳି ବିନା ଅସୁବିଧାରେ ନିଜର ଧାନ ବିକ୍ରୟ କରି ପାରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପ୍ରକ୍ରିୟାରେ ଚାଷୀ, ମିଲର୍ସ ତଥା ଅଧିକାରୀମାନଙ୍କ ଆପୋଷ ବୁଝାମଣା ତଥା ସହଯୋଗ ଆବଶ୍ୟକ ବୋଲି କହିଥିଲେ। ସେହିଭଳି ଚାଷୀ ମାନଙ୍କର ସମସ୍ତ ସମସ୍ୟା ଗୁଡ଼ିକର ଦୂରୀକରଣ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାରେ ଖରିଫ ଧାନ ସଂଗ୍ରହ, ଚାଷୀମାନଙ୍କୁ ସବନିମ୍ନ ସହାୟକ ମୂଲ୍ୟ ଯୋଗାଇ ଦେବା, ତ୍ରୁଟି ବିହୀନ ଧାନ ସଂଗ୍ରହ ପ୍ରକ୍ରିୟା ଆଦି ଲକ୍ଷ୍ୟ ନେଇ ଚଳିତବର୍ଷ ଖରିଫ ଧାନ ସଂଗ୍ରହ ନିମନ୍ତେ ତାରିଖ ଧାର୍ଯ୍ୟ କରାଯାଇଛି। ଏହି ବୈଠକରେ ବଣାଇଁ ଉପଖଣ୍ଡ ଅଞ୍ଚଳରେ ଡିସେମ୍ବର ମାସ ୧୫ ତାରିଖ ଏବଂ ସୁନ୍ଦରଗଡ଼ ଓ ପାନପୋଷ ଉପଖଣ୍ଡରେ ଧାନ ସଂଗ୍ରହ ନିମନ୍ତେ ଡିସେମ୍ବର ୨୦ ତାରିଖକୁ ଧାର୍ଯ୍ୟ କରାଯାଇଛି। ସୂଚନାଯୋଗ୍ୟ ଯେ ଧାନ ସଂଗ୍ରହ ନିମନ୍ତେ ଜିଲ୍ଲାରେ ୧୩୩ଟି ଧାନ ସଂଗ୍ରହ କେନ୍ଦ୍ର ଖୋଲାଯିବାର ଲକ୍ଷ୍ୟ ରଖାଯାଇଛି, ଯେଉଁଥିରେ କି ୬ଟି ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ, ୪୭ ଟି ଲାମ୍ପସ ଭାଗନେବେ। ସେହିଭଳି ଏଥର ନୂତନ ଭାବେ ୨୫ଟି ଲାମ୍ପସ ଏହି ଧାନ ସଂଗ୍ରହ ପ୍ରକ୍ରିୟାରେ ଭାଗ ନେବେ। ସେହିଭଳି ମଣ୍ଡି ଗୁଡ଼ିକର ସୁପରିଚାଳନା ନିମନ୍ତେ ଧାନର ଅନୈତିକ କାରବାର ବା ଚୋରା ଚାଲାଣ ରୋକିବା ନିମନ୍ତେ ସିସିଟିଭି ବ୍ୟବସ୍ଥା, ମଣ୍ଡି ମାନଙ୍କରେ ଛାୟା ବ୍ୟବସ୍ଥା, ପାନୀୟଜଳ, ଶୌଚାଳୟ ବ୍ୟବସ୍ଥା ପରି ବିଭିନ୍ନ ପଦକ୍ଷେପ ମାନ ଗ୍ରହଣ କରାଯାଇଛି। ଏହାର ସୁପରିଚାଳନା ନିମନ୍ତେ ଜିଲ୍ଲାରେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍, ଟୋଲ ଫ୍ରି ନମ୍ବର ୧୮୦୦୪୩୫୬୭୪୬୧ ଏବଂ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟର ଟୋଲ ଫ୍ରି ନମ୍ବର ୦୬୬୨୨୩୧୩୫୪୩ ରହିଛି। ଉଲ୍ଲେଖଯୋଗ୍ୟ ଯେ ଚଳିତବର୍ଷ ପଞ୍ଜୀକୃତ ହୋଇଥିବା ୬୧୯୭୭ ଜଣ ଚାଷୀଙ୍କ ଠାରୁ ପ୍ରଥମ ପର୍ଯ୍ୟାୟରେ ୧୪୬୨୦୦ ମେଟ୍ରିକ୍ ଟନ ଧାନ କିଣାଯିବାର ଲକ୍ଷ୍ୟ ରହିଛି। ଆଜିର ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୂରଜକୁମାର ପଟ୍ଟନାୟକ, ସଦର ଉପଜିଲ୍ଲାପାଳ ତେଜସ୍ୱନୀ ବେହେରା, ପାନପୋଷ ଉପ ଜିଲ୍ଲାପାଳ ବିଜୟ କୁମାର ନାୟକ, ମୁଖ୍ୟ ଯୋଗାଣ ଅଧିକାରୀ ଅଜୟ କୁମାର ରଥ, ଜିଲ୍ଲା ଯୋଗାଣ ଅଧିକାରୀ ସଞ୍ଜୟ କୁମାର ସାହୁ, ଡିଆରସିଏସ ରଶ୍ମିଲତା ବେହେରା, ଅତିରିକ୍ତ ଯୋଗାଣ ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସମେତ ବହୁ ସଂଖ୍ୟାରେ ଚାଷୀ ଏବଂ ମିଲର୍ସମାନେ ଯୋଗ ଦେଇ ବୈଠକରେ ଧାନ ସଂଗ୍ରହ କିଭଳି ସୁରୁଖୁରୁରେ ହୋଇପାରିବ ସେଥି ନିମନ୍ତେ ନିଜ ନିଜର ମତାମତ ରଖିଥିଲେ।

## ଡିଆର୍‌ଡିଓ ପକ୍ଷରୁ ଆର୍‌ଏସ୍‌ପିକୁ ବୈଷୟିକ ଜ୍ଞାନକୌଶଳ ହସ୍ତାନ୍ତର



ରାଉରକେଲା, ୨୧।୧୧(ସମିସ): ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ଅଧୀନରେ ପ୍ରତିରକ୍ଷା ଧାତୁ ଗବେଷଣା ପ୍ରୟୋଗଶାଳା (ଡିଏମ୍‌ଆରଏଲ) ଦ୍ୱାରା ପ୍ରତିରକ୍ଷା-ଗ୍ରେଡ୍ ଡିଏମ୍‌ଆର-୨୪୯ ଏ ଇସ୍ପାତ ପାଇଁ ବୈଷୟିକ ଜ୍ଞାନକୌଶଳ ହସ୍ତାନ୍ତର ପାଇଁ ଲାଇସେନ୍ସିଂ ଚୁକ୍ତିନାମା ପ୍ରମାଣପତ୍ର ରାଉରକେଲା ଇସ୍ପାତ କାରଖାନାକୁ ହସ୍ତାନ୍ତର କରାଯାଇଛି। ନଭେମ୍ବର ୧୫ରେ ହାଇଦ୍ରାବାଦର ତମହଙ୍କାର ଅଡିଟୋରିୟମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସ୍ପେଶାଲ୍ ପ୍ଲେଟ ପ୍ଲାଣ୍ଟ ବିଭାଗର ଜିଏମ ଇନଚାର୍ଜ ଆର୍ ଏସ୍ ଶର୍ମା ଏବଂ ଡିଜିଏମ୍ ଡିଏସ୍‌ଦେ ଆର୍‌ଏସ୍‌ପି ତରଫରୁ ଏହି ଡକ୍ୟୁମେଣ୍ଟ ଗ୍ରହଣ କରିଥିଲେ। ଏହି ଅବସରରେ ଡ. ସମୀର ଭି କାମତ, ସଚିବ ସ୍ୱଦେଶୀ ଭାବରେ ଏହି ସ୍ୱତନ୍ତ୍ର ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ବିକାଶ ପାଇଁ ଡିଏମ୍‌ଆରଏଲର ଉଚ୍ଚ ପ୍ରଶଂସା କରି କହିଲେ ଯେ ସେଲ ଭଳି ସକ୍ଷମ ଶିଳ୍ପ ଅଂଶୀଦାରଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର କରିବା ଦ୍ୱାରା ଭାରତୀୟ ସଶସ୍ତ୍ର ବାହିନୀକୁ ଉନ୍ନତ ସାମଗ୍ରୀର ନିୟମିତ ଏବଂ ନିର୍ଭରଯୋଗ୍ୟ ଯୋଗାଣ ପାଇଁ ଇକୋସିଷ୍ଟମକୁ ଯାଇପାରିବ। ଉଲ୍ଲେଖନୀୟ ଯେ, ୨୪୯ ଏ' ହେଉଛି ଏକ ବିଶେଷ, ଉଚ୍ଚ-ଶକ୍ତି, କଠିନ ଇସ୍ପାତ, ଯାହାକୁ ଦେଶର ନୌସେନା ପ୍ରୟୋଗ ପାଇଁ ଡିଆରଡିଓ ଦ୍ୱାରା ସତର୍କତାର ସହିତ ବିକଶିତ କରାଯାଇଛି। ଯାହା ନୌସେନା ଜାହାଜର ମାଂସପେଶୀ ଗଠନ କରିଥାଏ। ଏହା ଆମ ଦେଶକୁ ସୁରକ୍ଷା ଦେଉଥିବା ସ୍ୱଦେଶୀ ଯୁଦ୍ଧଜାହାଜ ଏବଂ ବୁଡ଼ାଜାହାଜ ନିର୍ମାଣରେ ଏକ ପ୍ରମୁଖ ଉପାଦାନ। ଡିଏମ୍‌ଆରଏଲରେ ଏକ ପରୀକ୍ଷାଗାର ନମୁନାରୁ ଏକ ୪୦ ମିଲିମିଟର ମୋଟେଇଯୁକ୍ତ ସର୍ବୋତକୃଷ୍ଟ ରୋଲ ହୋଇଥିବା ହିଟ ଟ୍ରିଟେଡ ପ୍ଲେଟର ଯାତ୍ରା ଅତ୍ୟନ୍ତ ଅନନ୍ୟ। ଏଥିପାଇଁ ଡିଏମଆରଏଲର ପ୍ରଯୁକ୍ତି ସଠିକତା ଏବଂ ସେଲର ନିର୍ମାଣ ଦକ୍ଷତାର ଆବଶ୍ୟକତା ରହିଛି ଯେଉଁମଧ୍ୟରେ ଭିଲାଇ ଷ୍ଟିଲ୍ ପ୍ଲାଣ୍ଟରେ କାଷ୍ଟ ହୋଇଥିବା ସ୍ଲାବ୍ ଠାରୁ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ ପ୍ରସ୍ତୁତ ଚୁଡାନ୍ତ ପ୍ଲେଟ ପର୍ଯ୍ୟନ୍ତ ବଳିଷ୍ଠ ପ୍ରକ୍ରିୟା ସାମିଲ ରହିଛି। ଏହା ଏହାର ସର୍ବୋତ୍ତମ ରୂପରେ 'ଲ୍ୟାବ୍-ଟୁ-ଇଣ୍ଡଷ୍ଟ୍ରି' ମଡେଲ୍। ଏହା ଡିଏମ୍‌ଆରଏଲ ଏବଂ ସେଲର ଅଗଣିତ ବୈଜ୍ଞାନିକ, ଇଞ୍ଜିନିୟର, ଟେକ୍ନିସିଆନ୍ ଏବଂ କର୍ମଚାରୀଙ୍କ ଅକ୍ଳାନ୍ତ ପ୍ରୟାସର ଫଳାଫଳ, ଯେଉଁମାନେ ଏହି ଅସାଧାରଣ ଉତ୍ପାଦର ବିକାଶ, ପରୀକ୍ଷଣ, ରୋଲିଂ ଏବଂ ଗୁଣବତ୍ତା ସୁନିଶ୍ଚିତ ଉପରେ କାର୍ଯ୍ୟ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ସେଲ ଆର୍‌ଏସ୍‌ପିକୁ ଉକ୍ତ ପ୍ରମାଣପତ୍ର ହସ୍ତାନ୍ତର ମଧ୍ୟ ପ୍ରତିରକ୍ଷାର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏକ ଆତ୍ମନିର୍ଭର ଭାରତ ନିର୍ମାଣ ଦିଗରେ ଭାରତର ତ୍ୱରାନ୍ୱିତ ଯାତ୍ରାର ଏକ ଶକ୍ତିଶାଳୀ ପ୍ରତୀକ।

## ରଘୁନାଥପାଲି ବିଧାୟକଙ୍କ ମାତୃ ବିୟୋଗ



ରାଉରକେଲା, ୨୧।୧୧(ସମିସ): ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀଙ୍କ ମାଆ ସୁକମଣୀ ତନ୍ତୀଙ୍କ ୮୦ ବର୍ଷ ବୟସରେ ଚିକିତ୍ସାଧୀନ ଅବସ୍ଥାରେ ବିୟୋଗ ଘଟିଛି। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ସେ କିଛିଦିନ ହେବ ସେକ୍ଟର-୪ ସ୍ଥିତ ବିଧାୟକଙ୍କ ବାସଭବନରେ ଥିଲେ। ଦୁଇଦିନ ପୂର୍ବେ ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଆଇଜିଏଚ୍‌ର ଆଇସିୟୁରେ ଭର୍ତ୍ତି କରାଯାଇ ଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ମୃତ୍ୟୁ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସାନ ଭାଇ, ପୁଅ ବୋହୂ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ବିଧାୟକ ଏହି ଦୁଃଖଦ ଖବର ଶୁଣିବା ପରେ ଶୁକ୍ରବାର ଭୁବନେଶ୍ୱରରୁ ରାଉରକେଲା ପହଞ୍ଚି ଥିଲେ। ଏହି ଖବର ପ୍ରଚାରିତ ହେବାପରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରାଜଗାଙ୍ଗପୁର ବିଧାୟକ ଡ. ସି ରାଜନ ଏକ୍କା, ଆରଏସ୍‌ପି କଣ୍ଟ୍ରାକ୍ଟର ଆସୋସିଏସନ ସଭାପତି ତଥା ବିଶିଷ୍ଟ ସମାଜସେବୀ ଅଶୋକ କୁମାର ପଟ୍ଟନାୟକ, ଆରଏସ୍‌ପି ଡିଆଇସିଙ୍କ ପ୍ରତିନିଧି ସୁଧାଂଶୁ ମହାପାତ୍ର, ଆର୍‌ଏସ୍‌ପି ନିର୍ବାହୀ ନିର୍ଦ୍ଦେଶକ, ବିଏମ୍‌ଏସ୍ ସାଧାରଣ ସମ୍ପାଦକ ହିମାଂଶୁ ବଳ, ଆରଏମ୍‌ଏସ୍ ନେତା ଶଶଧର ପାତ୍ରଙ୍କ ସମେତ ବହୁ ରାଜନେତା, ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶେଷଦର୍ଶନ କରିଥିଲେ। ପରେ ସୁକମଣୀଙ୍କ ପାର୍ଥିବ ଶରୀରକୁ ଏକ ବିରାଟ ପଟୁଆରରେ ସହର ପରିକ୍ରମା କରାଯାଇଥିଲା। ଦୁର୍ଗା ତନ୍ତୀଙ୍କ ସହ ସମାଜସେବୀ ଅଶୋକ କୁମାର ପଟ୍ଟନାୟକ ସୁକମଣୀଙ୍କ ପାର୍ଥିବ ଶରୀରକୁ କାନ୍ଧରେ ନେଉଥିବା ଦେଖିବାକୁ ମିଳିଥିଲା। ଶେଷରେ ବେଦବ୍ୟାସ ଠାରେ ଏକ ଶୋକାକୁଳ ପରିବେଶ ମଧ୍ୟରେ ସୁକମଣୀଙ୍କ ଅନ୍ତିମ ସଂସ୍କାର କରାଯାଇ ଥିଲା। ବିଧାୟକଙ୍କ ସାନଭାଇ ଅଜୟ କୁମାର ତନ୍ତୀ ମୁଖାଗ୍ନି ଦେଇଥିଲେ।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

**ବଣାଇଁ, ୨୧।୧୧(ସମିସ):** ବଣାଇଁ ବ୍ଲକ ରୁଗୁଡ଼ା ପଞ୍ଚାୟତର ଜନତା ହାଇସ୍କୁଲ ନିକଟସ୍ଥ ଖେଳପଡ଼ିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗୁରୁଣ୍ଡିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହାବିଲ ଖାଖାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଭାରେ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲେ ଯୋଗ ଦେଇଥିବାବେଳେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା ସନ୍ତୋଷ କୁମାର ପାଣିଗ୍ରାହୀ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା ଜିତାଂଶୁ ଶେଖର ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶକ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ହାଡିବନ୍ଧୁ ଭୋଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟ ଶଙ୍କର ଜୟପୁରିଆ, ସାଂସଦ ପ୍ରତିନିଧି ମନୋଜ କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟ ବୀର ବିଚିତ୍ର ସେନ ନାୟକ ପ୍ରମୁଖ ମଞ୍ଚାସିନ ଥିଲେ। ଅତିଥିମାନେ ମେଳାରେ ଥିବା ବିଭିନ୍ନ ବିଭାଗର ଷ୍ଟଲ୍ ଗୁଡିକୁ ପରିଦର୍ଶନ କରିଥିଲେ। ଅତିଥିଙ୍କ ଦ୍ୱାରା ସଫଳ ଚାଷୀଙ୍କୁ ମାନପତ୍ର, ଉତ୍ତରୀୟ ଓ ସିଲ୍ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହି ପ୍ରଦର୍ଶନୀ ମେଳା କାର୍ଯ୍ୟକ୍ରମରେ ବିଭାଗର ଅକ୍ଷୟ ସ୍ୱାଇଁ, ଲବଣୀଧର ଦେହୁରୀ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।



## ପୁରସ୍କାର ବିତରଣ ଓ ଜାତୀୟ ପାଠାଗାର ସପ୍ତାହ ଉଦ୍‌ଯାପିତ



ରାଉରକେଲା, ୨୧।୧୧(ସମିସ): ରାଉରକେଲା ଇସ୍ପାତ କାରଖାନା(ଆରଏସପି)ରେ ସପ୍ତାହବ୍ୟାପୀ ଜାତୀୟ ପାଠାଗାର ସପ୍ତାହ ପାଳନ ଉତ୍କଳମଣି ଗୋପବନ୍ଧୁ ଇସ୍ପାତ ପାଠାଗାରରେ ଆୟୋଜିତ ହୋଇଥିଲା। ଏହି ସମାରୋହରେ ସହର ସେବା ଓ ସିଏସଆର ବିଭାଗର ସିଜିଏମ ଟି.ଜି. କାନେକର ଅଧ୍ୟକ୍ଷତା କରି ସପ୍ତାହବ୍ୟାପୀ ଏହି ଉତ୍ସବ ପାଳନ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମାରୋହରେ ସହର ସେବା ବିଭାଗର ଜିଏମ ଡ. ନିବେଦିତା ରାୟ ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଓ ପାଠାଗାର କର୍ମଚାରୀ ଉପସ୍ଥିତ ଥିଲେ। କର୍ମଚାରୀ ଏବଂ ନିୟମିତ ପାଠକଙ୍କ ସମେତ ମୋଟ ୨୫ ଜଣ ଅଂଶଗ୍ରହଣକାରୀଙ୍କୁ ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀରେ କାହାଣୀ କଥନ, ପୁସ୍ତକ ଓ ଲେଖକଙ୍କ ଉପରେ ଆଧାରିତ କୁଇଜ୍ ଏବଂ କବିତା ଭଳି ବିଭିନ୍ନ ପ୍ରତିଯୋଗିତାରେ ପ୍ରଦର୍ଶନ ପାଇଁ ଟ୍ରଫି ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସାତ ଜଣ ପ୍ରତିଯୋଗିତାଗୁଡ଼ିକର ବିଚାରକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ କବିତା ବର୍ଗର ପୁରସ୍କାର ବିଜେତାମାନେ ସେମାନଙ୍କର କବିତା ପାଠ କରିଥିଲେ। ପୁରସ୍କାର ବିଜେତା, କର୍ମଚାରୀ ଏବଂ ପାଠାଗାର ପାଠକଙ୍କ ସମେତ ପ୍ରାୟ ୫୦ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। ଏସ୍.କେ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ନିବେଦିତା ରାୟ ପରିଚାଳନା କରିଥିଲେ।

## ୫ କୁଖ୍ୟାତ ଅପରାଧୀ ଗିରଫ

ରାଉରକେଲା, ୨୧।୧୧(ସମିସ): ଡକାୟତି ଯୋଜନା କରୁଥିବାବେଳେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ୫ ଜଣ କୁଖ୍ୟାତ ଅପରାଧୀଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଗୋପବନ୍ଧୁପାଲିର କରଣ କେରକେଟା (୨୬), ମହତାବ ରୋଡର ଏମଡି ଜଲିଲ (୩୦), ଆରଡିଏ ବିଲ୍ଡିଂର ଏମଡି ସାହିଦ (୧୯), ଧୋବୀଘାଟର ଶ୍ରବଣ କୁମାର ଓରଫ ସାୱନ୍ (୧୯) ଓ ମଧୁସୂଦନପାଲି ତେଲୁଗୁ ବସ୍ତିର ଟିଙ୍କୁ ସାହୁ (୨୦)।



ସେମାନଙ୍କ ଠାରୁ ଗୋଟିଏ ପିସ୍ତଲ, ୩ଟି ଖଣ୍ଡା ଓ ଭୁଜାଲି ଜବତ କରାଯାଇଛି। ବିର୍ସାମୁଣ୍ଡା ଆଥଲେଟିକ ଷ୍ଟାଡିୟମ୍ ଗେଟ୍ ନଂ ୨ ନିକଟରେ କିଛି ଯୁବକ ଏକାଠି ବସିଥିବା ସୂଚନା ମିଳିଥିଲା। ପାଟ୍ରୋଲିଂ ଦାୟିତ୍ୱରେ ଥିବା ଏସଆଇ ବି.ବି. ଖଟେଇ ନିଜ ଟିମ୍ ସହ ଚଢ଼ଉ କରିଥିଲେ। ପୁଲିସକୁ ଦେଖି ସମସ୍ତେ ଦୌଡ଼ି ପଳାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପୂର୍ବରୁ ବିଭିନ୍ନ ଥାନାରେ କରଣ ନାଁରେ ୧୧ଟି, ଜଲିଲ ନାଁରେ ୧୧ଟି, ସାହିଦ ନାଁରେ ୪ଟି, ସାୱନ ନାଁରେ ଗୋଟିଏ ଓ ଟିଙ୍କୁ ନାଁରେ ୧୦ଟି ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।


**SBI**

**ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/16 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ | 01.11.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ପରିଚାଳକ (ରିସ୍କ ବିଶେଷଜ୍ଞ - ମଡେଲ ରିସ୍କ ପରିଚାଳନା) | ଏମ୍‌ଏମ୍‌ଜିଏସ୍-III | 5 | 28 | 40 |
| ଉପପ୍ରାଧ୍ୟକ୍ଷ (ରିସ୍କ ବିଶେଷଜ୍ଞ - ମଡେଲ ରିସ୍କ ପରିଚାଳନା) | ଏମ୍‌ଏମ୍‌ଜିଏସ୍-II | 5 | 25 | 35 |

**ବିଜ୍ଞାପନ ସଂ. CRPD/SCO/2025-26/13 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | 01.11.2025 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| ସମ୍ପର୍କ ପରିଚାଳକ (ମ୍ୟୁଚୁଆଲ୍ ଫଣ୍ଡ) | 1 | 35 | 45 |
| ସମ୍ପର୍କ ପରିଚାଳକ (ବୀମା କ୍ଷେତ୍ର) | 1 | 35 | 45 |
| ସମ୍ପର୍କ ପରିଚାଳକ (ଷ୍ଟକ୍ ବ୍ରୋକରିଂ ଏବଂ ଏଫଆଇଆଇ/ଏଫପିଆଇ) | 3 | 35 | 45 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **https://sbi.bank.in/web/careers/current-openings** ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://bank.sbi/web/careers/post-your-query)** ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.11.2025 ରୁ 01.12.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 11.11.2025

**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**


### ମହାନଗର ନିଗମ ଓ ଇକୋମେଟ୍ରିକ୍ସ କନ୍‌ସଲ୍‌ଟାଣ୍ଟସ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

## ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ଷ୍ଟର୍ମୱାଟର୍ ଡ୍ରେନେଜ୍ ସିଷ୍ଟମ୍ ପ୍ରକଳ୍ପ

ରାଉରକେଲା, ୨୧।୧୧(ସମିସ)



ରାଉରକେଲା ସହରର ଡ୍ରେନେଜ୍ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ତଥା ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ସକାଶେ ଖୁବ୍‌ଶୀଘ୍ର ଷ୍ଟର୍ମୱାଟର ଡ୍ରେନେଜ୍ ସିଷ୍ଟମ୍ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏଥି ପୂର୍ବରୁ ପ୍ରକଳ୍ପର ମାଷ୍ଟର୍ ପ୍ଲାନ୍ ଓ ସବିଶେଷ ପ୍ରକଳ୍ପ ରିପୋର୍ଟ(ଡିପିଆର)ର ଆବଶ୍ୟକତା ଥିବାରୁ ଶୁକ୍ରବାର ରାଉରକେଲା ମହାନଗରନିଗମ ଓ ଇକୋମେଟ୍ରିକ୍ସ କନ୍‌ସଲଟାଣ୍ଟସ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଏହି କାର୍ଯ୍ୟକୁ ସଫଳତାର ସହ ସମ୍ପାଦନ କରିବା ପାଇଁ ରାଉରକେଲା ମହାନଗର ନିଗମ ଆୟୁକ୍ତ ଦୀନା ଦସ୍ତଗିରଙ୍କ ଅଧ୍ୟକ୍ଷତାରେ ସମସ୍ତ ଅଂଶୀଦାରମାନଙ୍କୁ ନେଇ ପ୍ରଥମ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅଧ୍ୟକ୍ଷତା କରି କମିଶନର ଦୀନା ଦସ୍ତଗିର୍ କହିଥିଲେ ଯେ, ସହରୀକରଣର ଦ୍ରୁତ ଅଭିବୃଦ୍ଧି, ଜଳବାୟୁର ପରିବର୍ତ୍ତନ, କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଧ୍ୟାନରେ ରଖି ସହରର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି କ୍ରମରେ ରାଉରକେଲା ସହରରେ ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆଣିବା ନିମନ୍ତେ 'ଷ୍ଟର୍ମ ୱାଟର ଡ୍ରେନେଜ୍ ସିଷ୍ଟମ୍' ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଥିବା ବେଳେ ତା' ପୂର୍ବରୁ ସମ୍ପୂର୍ଣ୍ଣ ପ୍ରକଳ୍ପର ମାଷ୍ଟର୍ ପ୍ଲାନର ମଧ୍ୟ ଆବଶ୍ୟକତା ରହିଛି। ସେହି ମାଷ୍ଟର୍ ପ୍ଲାନ୍ ଅନୁସାରେ ହିଁ ଡ୍ରେନ୍ ନିର୍ମାଣ କରାଯିବ। ଯାହା ଫଳରେ ଆଗାମୀ ଦିନରେ ରାଉରକେଲା ସହର ଜଳବନ୍ଦୀ ସମସ୍ୟାରୁ ମୁକ୍ତି ପାଇବ। ସେଥିପାଇଁ ଯେପରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମାଷ୍ଟର୍ ପ୍ଲାନ୍ ଓ ସବିଶେଷ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ହେବ, ସେ ଦିଗରେ ଧ୍ୟାନ ଦେବାକୁ ସ୍ୱାକ୍ଷରିତ ସଂସ୍ଥାକୁ କହିବା ସହ ଏଥିପାଇଁ ସମସ୍ତ ବିଭାଗର ସହଯୋଗ କାମନା କରିଥିଲେ। ମାଷ୍ଟର୍ ପ୍ଲାନ୍ ପ୍ରସ୍ତୁତ ନିମନ୍ତେ ସମ୍ପୃକ୍ତ ସଂସ୍ଥା ତରଫରୁ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ସର୍ଭେ ସମୟରେ ଜନବସତି, ରାସ୍ତାଘାଟ, ରେଲୱେ ଲାଇନ୍, ପାଇପ୍ ଲାଇନ୍ ପ୍ରଭୃତିକୁ ଧ୍ୟାନ ଦିଆଯାଇ ମାଷ୍ଟର୍ ପ୍ଲାନ୍ ପ୍ରସ୍ତୁତ କରାଯିବ। ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜଳ ନିଷ୍କାସନର ସ୍ଥାୟୀ ସମାଧାନ ସକାଶେ

### ଡ୍ରେନେଜ୍ ବ୍ୟବସ୍ଥା ଓ ଜଳବନ୍ଦୀ ସମସ୍ୟାର ହେବ ସମାଧାନ

ଜଳବାୟୁ ପ୍ରତିରୋଧୀ ଡ୍ରେନେଜ୍ ମାଷ୍ଟର୍ ପ୍ଲାନ୍ ପ୍ରସ୍ତୁତ କରାଯିବା ସହ ବର୍ତ୍ତମାନର ଡ୍ରେନେଜ୍ ସମସ୍ୟାକୁ ମଧ୍ୟ ବିଶେଷ ଧ୍ୟାନ ଦିଆଯିବ। ଏହି ସମନ୍ୱୟ ବୈଠକରେ ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକଙ୍କ ସହ ଜଳ ସମ୍ପଦ ବିଭାଗ, ରେଳବିଭାଗ, ୱାଟକୋ, ପୂର୍ତ୍ତ ବିଭାଗ, ବିଏସ୍‌ଏନ୍‌ଏଲ୍, ଗେଲ୍, ଆରଏସ୍‌ପି, ଏନ୍‌ଆଇଟି, ରାଉରକେଲା ମହାନଗର ନିଗମ ଓ ରାଉରକେଲା ସ୍ମାର୍ଟସିଟି ଲିମିଟେଡର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

# ଜାନୁଆରୀ ୫ରୁ ଖରିଫ୍ ଧାନ କ୍ରୟ ଆରମ୍ଭ





ଭଦ୍ରକ, ୨୧।୧୧(ସମିସ)

ଭଦ୍ରକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଜି ଅପରାହ୍ଣରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ (ଡିଏଲପିସି) ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ଜାନୁଆରୀ ୫ ତାରିଖରୁ ଜିଲ୍ଲାରେ ଖରିଫ୍ ଧାନ କ୍ରୟ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଛି। ଉକ୍ତ ବୈଠକରେ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ଜାନୁଆରୀ ୫ ତାରିଖରୁ ଜିଲ୍ଲାରେ ଖରିଫ୍ ଧାନକ୍ରୟ ବା ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ ହେବ। ଚଳିତ ବର୍ଷ ଧାନର ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୬୯ ଟଙ୍କା (ଜେନେରାଲ ଏଫଏକ୍ୟୁ) ଓ ୨୩୮୯ ଟଙ୍କା (ଗ୍ରେଡ 'ଏ') ସରକାର ଧାର୍ଯ୍ୟ କରିଛନ୍ତି।

ଜିଲ୍ଲାରେ ଏଥର ୨୨ ଜଣ ମିଲର୍ ଧାନ ସଂଗ୍ରହରେ ସାମିଲ ହେବେ। ସେହିଭଳି ଏ ବର୍ଷ ଖରିଫ୍ ଧାନକିଣାରେ ଜିଲ୍ଲାର ମୋଟ ୧୦୫ଟି ପଞ୍ଜିକୃତ ପ୍ୟାକ୍ସ (ସମବାୟ ସମିତି) ଓ ୫୦ଟି ପଞ୍ଜିକୃତ ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ମିଶାଇ ମୋଟ ୧୫୫ ଜଣ ଧାନ ସଂଗ୍ରହରେ ସାମିଲ ହେବେ। ଏହି ବୈଠକରେ ଚାଷୀଙ୍କୁ ଯେଉଁଳି କୌଣସି ପ୍ରକାର ଧାନ ବିକ୍ରି କିମ୍ବା ଅନ୍ୟ କିଛି ସମସ୍ୟାରେ ସମ୍ମୁଖୀନ ନ ହେବାକୁ ପଡ଼ିବ ଓ ବାହାରକୁ ଧାନ ଚୋରା ଚାଲାଣ ନ ହେବ, ସେ ନେଇ ଗୁରୁତ୍ୱାରୋପ କରାଯାଇଥିଲା।

ଭଦ୍ରକ ଜିଲ୍ଲାର ମୋଟ ୯୬ ହଜାର ୨୩୩ ଜଣ ପଞ୍ଜିକୃତ ଚାଷୀ ଧାନ ବିକ୍ରି କରିବେ। ସେହିଭଳି ଜିଲ୍ଲାରେ ଗତ ଖରିଫ୍ ଧାନ ସଂଗ୍ରହରେ ପ୍ରାୟ ୭୬ ପ୍ରତିଶତ ଧାନ ସଂଗ୍ରହ ହୋଇଥିବାବେଳେ ଅବଶିଷ୍ଟ ୨୪ ପ୍ରତିଶତ ଧାନ ମିଲରଙ୍କଠାରୁ ବକେୟା ରହିଛି। ତେଣୁ ଉକ୍ତ ବକେୟା ୨୪ ପ୍ରତିଶତ ଧାନକୁ ଆସନ୍ତା ଡିସେମ୍ବର ୩୧ ତାରିଖ ସୁଦ୍ଧା ପୈଠ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାଯାଇଛି। ସେହିଭଳି ଏଥର ଖରିଫ୍ ଧାନ କ୍ରୟରେ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାକୁ ୧୩ ଲକ୍ଷ ୩୦ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ (ଟର୍ଗେଟ) ଧାର୍ଯ୍ୟ କରାଯାଇଛି। ଆଜିର ଏହି ପ୍ରଥମ ଡିଏଲପିସି ବୈଠକରେ ସାଂସଦ ଅଭିମନ୍ୟୁ ସେଠୀ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଧାମନଗର ବିଧାୟକ ତଥା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କ ସମେତ ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଯୋଗାଣଧିକାରୀ ଅସିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲ୍ଲା ମିଲର୍ସ ସଂଘ ସଭାପତି ସନ୍ତୋଷ ଅଗ୍ରୱାଲା, ସମ୍ପାଦକ ଶେଖର ମହାପାତ୍ର, ଆରଏମସି ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା, ଚାଷୀ ପ୍ରତିନିଧି ଶଙ୍କର୍ଷଣ ଜେନା, ଉପେନ୍ଦ୍ର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ଏଫସିଆଇ ଏରିଆ ମ୍ୟାନେଜର, ଲିଡ୍ ବ୍ୟାଙ୍କ ମ୍ୟାନେଜର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଡିଆସିସି ପ୍ରମୁଖ ବହୁ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

- ୯୬ ହଜାର ୨୩୩ ପଞ୍ଜିକୃତ ଚାଷୀ ଧାନ ବିକିବେ
- ୨୨ ମିଲର୍ସ, ୧୦୫ ପ୍ୟାକ୍ସ ଓ ୫୦ ମହିଳା ଗୋଷ୍ଠୀ ସାମିଲ
- ପ୍ରଥମ ପର୍ଯ୍ୟାୟ ଟାର୍ଗେଟ ୧୩ ଲକ୍ଷ ୩୦ ହଜାର କ୍ୱିଣ୍ଟାଲ

## ରାମନାରାୟଣ ଉଚ୍ଚବିଦ୍ୟାଳୟରେ ଶିକ୍ଷକ, ପିଅନ ନିଯୁକ୍ତି

**ଦୋଳସାହି, ୨୧।୧୧(ସମିସ):** ତିହିଡ଼ି ବ୍ଲକ ଅଧୀନ ଦୋଳସାହି ପଞ୍ଚାୟତର ସର୍ବପୁରାତନ ଶିକ୍ଷାନୁଷ୍ଠାନ ରାମନାରାୟଣ ଉଚ୍ଚବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଲାଗି ରହିଥିଲା। ଏ ନେଇ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପାଇବା ଉକ୍ତ ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ଓ ପିଅନ ପଦବୀରେ ନିଯୁକ୍ତି ହୋଇଛି।

ସକାଳ ପ୍ରଭାବ

ସୂଚନା ମୁତାବକ, ଦୋଳସାହି ରାମନାରାୟଣ ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦବୀ ଖାଲିଥିବା ସହ ଶିକ୍ଷକ, ପିଅନ ପଦବୀକୁ ମିଶାଇ ମୋଟ ୮ଟି ପଦବୀ ଖାଲି ପଡ଼ିଥିଲା। ଏ ନେଇ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଅଫିସ ପକ୍ଷରୁ ପ୍ରଧାନଶିକ୍ଷକ ସମେତ ୫ଟି ପଦବୀ ପୂରଣ କରାଯାଇଥିବାବେଳେ ଗତ ସପ୍ତାହରେ ୨ଟି ପଦବୀ ପୂରଣ ହୋଇଛି। କଳା ବିଭାଗରେ ଶିକ୍ଷୟିତ୍ରୀ ପ୍ରିୟଙ୍କା ନାୟକ ଯୋଗଦାନ କରିଥିବାବେଳେ ବୈଶାଖୀ ସିଂ ପିଅନ ଭାବେ ଯୋଗ ଦେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏହି ବିଦ୍ୟାଳୟରେ ଜଣେ କିରାଣି ପଦବୀ ଖାଲି ପଡ଼ିଥିବବେଳେ ଖେଳ ପଡ଼ିଆର ପାଚେରି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବା ନେଇ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା



**ବନ୍ତ/ଆଗରପଡ଼ା, ୨୧।୧୧(ସମିସ):** ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ନେହେରୁ ନୋଡାଲ ଉଚ୍ଚ ବିଦ୍ୟାପୀଠରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଏକ ବିଜ୍ଞାନଭିତ୍ତିକ ସଭା ଆୟୋଜିତ ହୋଇଥିବାବେଳେ ଏହି ସଭାରେ ବିଦ୍ୟାପୀଠ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଜେନା ସଭାପତିତ୍ୱ କରିଥିବାବେଳେ ସେଣ୍ଡତିରା ବିଦ୍ୟାଳୟ ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରଭାସିନୀ ବିଶ୍ୱାଳ, ଦୋଳପଦୀ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ବିଶ୍ୱରଞ୍ଜନ ଦାଶ, ବିଜ୍ଞାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ବେହେରା, ସିଆରସିସି ପ୍ରଫୁଲ୍ଲ କୁମାର ଦାସ, ପରିଚାଳନା କମିଟି ସଭାପତି ପଞ୍ଚାନନ ଦାସ, ଶିକ୍ଷକ କରୁଣାକର ନାୟକ, ଶିକ୍ଷୟିତ୍ରୀ ନମିତା ଜେନା, ନିତୁସ୍ମିତା ଗିରି, ରତ୍ନମୟୀ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ୩୦ଟି ବିଜ୍ଞାନଭିତ୍ତିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିକ୍ଷକଶିକ୍ଷୟିତ୍ରୀ ବଳରାମ ଜେନା, ପ୍ରତାପ ରଞ୍ଜନ ପରିଡ଼ା, ମଧୁସ୍ମିତା ନାୟକ, ଡଲିରାଣୀ ଦାସ, ରତିକାନ୍ତ ରାୟ, ପ୍ରସନ୍ନ କୁମାର ଜେନା, ସ୍ମିତାଲି ମଧୁସ୍ମିତା ପଣ୍ଡା, ଯୋଗଦୀପ୍ତା ନାୟକ, ଶରତ ନାୟକ, ଜଗନ୍ନାଥ ପତି ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ରାଜ୍ୟ ଗୋଖା ମହାସଂଘର ଜିଲ୍ଲାସ୍ତରୀୟ ବୈଠକ




**ତିହିଡ଼ି, ୨୧।୧୧(ସମିସ):** ରାଜ୍ୟ ଗୋଖା ମହାସଂଘର ଜିଲ୍ଲାସ୍ତରୀୟ ବୈଠକ ତିହିଡ଼ି ବାରୁଣୀପୋଖରୀଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମହାସଂଘର ଜିଲ୍ଲା ସଭାପତି ଅଜୟ ମଲ୍ଲିକ ଅଧ୍ୟକ୍ଷତା କରିଥିବାବେଳେ ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକରେ ନେତୃତ୍ୱ ନେଉଥିବା ଅଭୟ ମଲ୍ଲିକ, ଶୁକଦେବ ମଲ୍ଲିକ, ଗଣେଶ ମଲ୍ଲିକ, ପ୍ରତାପ ଦାସ, ଖୋକେନ ଦାସ, ବିଦ୍ୟାଧର ଦାସ, ତାପସ ଦାସ ଓ ସାଗର ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ମହାସଂଘର ସାଂଗଠନିକ ଅଭିବୃଦ୍ଧି ନେଇ ଆଲୋଚନା ହେବା ସହ ମହାସଂଘର କର୍ମୀ ପରସ୍ପର ମଧ୍ୟରେ ସବୁ ହୀନମନ୍ୟତାକୁ ଭୁଲି ଏକତା ଓ ଭାତୃଭାବରେ ଆବଦ୍ଧ ହେବାକୁ ଆହ୍ୱାନ ଦିଆଯାଇଥିଲା। ସେହିପରି ଶିକ୍ଷା, ଚାକିରି ଓ ବ୍ୟବସାୟ ବାଣିଜ୍ୟ ଆଦି କ୍ଷେତ୍ରରେ ଗୋଖା ସମ୍ପ୍ରଦାୟର ଯୁବକମାନେ ଯେପରି ଆଗକୁ ବଢ଼ିବେ, ଆତ୍ମନିର୍ଭର ହୋଇପାରିବେ ସେଥିନେଇ ବୈଠକରେ ଆଲୋଚନା ହୋଇଥିଲା। ଶେଷରେ ସବୁଠି ପରିଷ୍କାର ପରିଚ୍ଛନ୍ନତା ରକ୍ଷା କରିବା ସହିତ ପରସ୍ପର ସହିତ ଶାନ୍ତି ଓ ସଦଭାବନା ପ୍ରତିଷ୍ଠା କରିବାକୁ ଆହ୍ୱାନ ଦିଆଯାଇ ବୈଠକ ସମାପିତ ହୋଇଥିଲା।

## ଦୁର୍ଘଟଣାରେ ଆହତ ନାବାଳିକାଙ୍କ ମୃତ୍ୟୁ

**ଭଣ୍ଡାରିପୋଖରୀ/ବାରିକପୁର, ୨୧।୧୧ (ସମିସ):** ଦୁର୍ଘଟଣାରେ ଗୁରୁତର ଆହତ ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ରାଢୋ ଗ୍ରାମର ବିଜୟ ସେନାପତିଙ୍କ କନ୍ୟା ଶିବାନୀ(୧୨)ଙ୍କ ମୃତ୍ୟୁ ଘଟିଛି। ଶିବାନୀ ଓ ତାଙ୍କ ସମ୍ପର୍କୀୟ ସାନଭାଇ ଗତ ୭ ତାରିଖ ଦିନ ବିଦ୍ୟାଳୟରୁ ଘରକୁ ଫେରୁଥିବାବେଳେ ଏକ କାର୍ ସେମାନଙ୍କୁ ଧକ୍କା ଦେଇଥିଲା। ଉଭୟଙ୍କୁ ଯାଜପୁର ମେଡିକାଲ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଶିବାନୀଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିବାବେଳେ ଗତକାଲି ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଶିବାନୀଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



## ଆଦର୍ଶ ଶିକ୍ଷୟିତ୍ରୀ ସୁକେଶିନୀ ପଣ୍ଡାଙ୍କ ସ୍ମୃତିସଭା

**ଅସୁରାଳୀ, ୨୧।୧୧(ସମିସ):** ମା' ବାସନ୍ତୀ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ଧୂଷୁରୀ ପଞ୍ଚାୟତ କାର୍ଯ୍ୟାଳୟରେ ଧୂଷୁରୀ ଅଞ୍ଚଳର ପ୍ରଥମ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷୟିତ୍ରୀ ତଥା ଧର୍ମପ୍ରାଣ ମହିଳା, ସୁକେଶିନୀ ସଦାନନ୍ଦ ମେମୋରିଆଲ ଫଣ୍ଡର ସଦସ୍ୟା ସ୍ୱର୍ଗତା ସୁକେଶିନୀ ପଣ୍ଡାଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ ଶିକ୍ଷାବିତ୍ ନିରୋଦ ବେହେରା, ସଭା ପରିଚାଳନା କରିଥିଲେ ସାହିତ୍ୟିକ ରବୀନ୍ଦ୍ର କୁମାର ବେହୁରିଆ। ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ବରିଷ୍ଠ ନେତା ଚତୁର୍ଭୁଜ ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମାୟାଧର ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧୂଷୁରୀ ମଣ୍ଡଳ ବିଜେପି ସଭାପତି ଅନିରୁଦ୍ଧ ସାହୁ, ଶିକ୍ଷାବିତ୍ ହେମନ୍ତ ସୂତାର, ଶିକ୍ଷାବିତ୍ ଶିବପ୍ରସାଦ ନାୟକ, ସମାଜସେବୀ କ୍ଷୀରୋଦ ଧଳ, ଅଜୟ ବଳ, ଶିକ୍ଷାବିତ୍ ସୁରେନ୍ଦ୍ର ରାଉତ, ତାରାକାନ୍ତ ଗୋସ୍ୱାମୀ, ନରେନ୍ଦ୍ର ଗୋସ୍ୱାମୀ, ସମାଜସେବୀ ବାସୁଦେବ ବେହେରା, ଦେବାନନ୍ଦ ହୋତା, ଶିବପ୍ରସାଦ ବିଶ୍ୱାଳ, ଫନି ଭୂଷଣ ମଲ୍ଲିକ, ପଣ୍ଡିତ ପ୍ରାଣବନ୍ଧୁ ସାଇନ୍ତ, ପର୍ଶୁରାମ ଓଝା ପ୍ରମୁଖ ଯୋଗଦେଇ ସ୍ୱର୍ଗତା ସୁକେଶିନୀ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ।




## ସତ୍ ସାହିତ୍ୟ ଓ କ୍ୟାଲେଣ୍ଡର ବଣ୍ଟନ



**ଭଦ୍ରକ, ୨୧।୧୧(ସମିସ):** ଭଦ୍ରକ ଶ୍ରୀଯୋଗ ବେଦାନ୍ତ ସେବା ସମିତି ପକ୍ଷରୁ ସଦସ୍ୟମାନେ ସତ ସାହିତ୍ୟ ଓ କ୍ୟାଲେଣ୍ଡର ବଣ୍ଟନ କରିଛନ୍ତି। ସନ୍ଥ ଶ୍ରୀ ଆଶାରାମଜୀ ବାପୁ ଅନୁପ୍ରାଣିତ ସମିତି ଦ୍ୱାରା ପ୍ରତ୍ୟେକ ବର୍ଷ ଏଭଳି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ସଦସ୍ୟମାନେ ଚରମ୍ପା ରେଳୱେ ଷ୍ଟେସନ, ଟ୍ୟାକ୍ସି ଷ୍ଟାଣ୍ଡ, ବସ୍‌ଷ୍ଟାଣ୍ଡ ଓ ଅନ୍ୟାନ୍ୟ ସ୍ଥାନରେ ୨୦୨୬ ମସିହା କ୍ୟାଲେଣ୍ଡର ବଣ୍ଟନ କରିଛନ୍ତି। ଏଥିସହ ବୈଦିକ ଜ୍ଞାନରେ ଭରପୂର ଅନେକ ସତ ସାହିତ୍ୟ ତଥା ଋଷି ପ୍ରସାଦ ଓ ଲୋକ କଲ୍ୟାଣ ସେତୁ ପତ୍ରିକା ବଣ୍ଟନ କରାଯାଇଛି। ଆଗକୁ ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସମିତି ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ସଦସ୍ୟ ଯୋଗ ଦେଇଥିଲେ।

## ଇ-ଶ୍ରମ କାର୍ଡରେ ବ୍ୟାପକ ତ୍ରୁଟି; ଛାତ୍ରଛାତ୍ରୀ ହନ୍ତସନ୍ତ

**ବାରିକପୁର, ୨୧।୧୧(ସମିସ):** ଯେଉଁ ବ୍ୟକ୍ତି ଇ-ଶ୍ରମ କାର୍ଡ କରିଥିଲେ ଏବେ ସେମାନେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି କାର୍ଡରେ ବ୍ୟାପକ ଅବ୍ୟବସ୍ଥା ରହିଥିବା ଯୋଗୁଁ ହିତାଧିକାରୀଙ୍କ ପାଠପଢୁଆ ପିଲା ନାନାଦି ହଇରାଣ ହେଉଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ବିଗତ ୬ ମାସ ମଧ୍ୟରେ ଅନେକ ଯୋଗ୍ୟ ବ୍ୟକ୍ତି ଇ-ଶ୍ରମ କାର୍ଡ ପାଇଛନ୍ତି। ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ପ୍ରଥମେ ହିତାଧିକାରୀଙ୍କ ନାମ ପଞ୍ଜୀକରଣ ହେବା ପରେ ଅନ୍ୟାନ୍ୟ ସଦସ୍ୟଙ୍କ ନାଁ ଏଥିରେ ଯୋଡ଼ାଯାଇଥିଲା। ହିତାଧିକାରୀଙ୍କ ପାଠପଢୁଆ ପୁଅଝିଅ ଅନଲାଇନରେ ଆଇ ସ୍କାନ୍ ଓ ନିଜ ନାମକୁ କାର୍ଡରେ ସଂଯୋଗ କରିଥିଲେ। ପରିତାପର ବିଷୟ ଅନେକ ଦିନ ଅତିବାହିତ ହୋଇଥିଲେ ସୁଦ୍ଧା ଏବେ ସରକାରୀ ଭାବେ ଆଧାର ଓ ରାସନ୍ କାର୍ଡ ସଂଯୋଗ ହୋଇନାହିଁ। ଫଳରେ ଡିଲର ପଏଣ୍ଟରେ ଆଇ ସ୍କାନ କରିଥିବା ଛାତ୍ରଛାତ୍ରୀଙ୍କ ଏଯାଏଁ ଅନଲାଇନରେ କାର୍ଡରେ ନାମ ଅଛି ବୋଲି ସୂଚିତ ହେଉନାହିଁ। ଫଳରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ସେମାନଙ୍କୁ ଯେଉଁ ସୁବିଧା ମିଳିବା କଥା, ତାହା ମିଳୁନାହିଁ। ଏଥିସହ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାରେ ମଧ୍ୟ ଶିକ୍ଷିତ ଯୁବକ/ଯୁବତୀ କାର୍ଡରେ ନାମ ସଂଯୋଗ ନ ଥିବା ଯୋଗୁଁ ହନ୍ତସନ୍ତ ହେଉଛନ୍ତି। ପ୍ରଶାସନିକ ସ୍ତରରେ ଏଭଳି ତ୍ରୁଟି ସୁଧାରିବା ପାଇଁ କେହି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଏଥିପାଇଁ ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହା ଉପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଥାଶୀଘ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି।




## ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

# ୨୬୫ ହିତାଧିକାରୀ ଚିହ୍ନଟ



**ବନ୍ତ/ଆଗରପଡ଼ା, ୨୧।୧୧(ସମିସ):** ବନ୍ତ ବ୍ଲକ ପଳସଗଡିଆସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫ଟି ବିଭାଗରେ ମୋଟ ୨୬୫ ଜଣଙ୍କୁ ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରେ ଶାରୀରିକ ଭିନ୍ନକ୍ଷମରେ ୯୭, ଦୃଷ୍ଟିବାଧିତ ଭିନ୍ନକ୍ଷମରେ ୩୩, ଶ୍ରବଣବାଧିତରେ ୪୩, ମସ୍ତିଷ୍କ ପକ୍ଷାଘାତ ବିଭାଗରେ ୬୨ ଓ ଶୂନରୁ ୧୪ ବର୍ଷ ବୟସ ସମସ୍ତ ପ୍ରକାର ଭିନ୍ନକ୍ଷମ ବିଭାଗରେ ୩୦ ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା। ସମସ୍ତ ଭିନ୍ନକ୍ଷମଙ୍କୁ ପରବର୍ତ୍ତୀ ଅବସ୍ଥାରେ ପ୍ରମାଣ ପତ୍ର ପ୍ରଦାନ କରାଯିବ। ଏ ଅବସରରେ ବିଡିଓ ସୀତାକାନ୍ତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ସାଂସଦ ପ୍ରତିନିଧି ସୁଧାଂଶୁ ଶେଖର ନାୟକ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗଣେଶ୍ୱର ସେଠୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ସରପଞ୍ଚ ରଜନୀ ସେଠୀ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗମାନେ କିପରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ, ସେନେଇ ସରକାର ସମସ୍ତ ବ୍ୟବସ୍ଥା କରିଛନ୍ତି ବୋଲି କହିଥିଲେ। ଶିକ୍ଷକ ସୁଧିର କୁମାର ବାରିକ ମଞ୍ଚ ସଂଯୋଜନା କରିଥିବାବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରକାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିର ପରିଚାଳନାରେ ପିଇଓ ରାଜେନ୍ଦ୍ର କୁମାର ଦାସ, ବ୍ଲକ ସାମାଜକ ସୁରକ୍ଷା ବିଭାଗ କର୍ମଚାରୀ ଲକିପ୍ରଭା ଜେନା, ପଦ୍ମିନୀ ସିଂହଙ୍କ ସମେତ ବିଭିନ୍ନ ପଞ୍ଚାୟତର ପିଇଓ, ଏଡିଇଓ, ଜିଆରଏସ ଓ ସମସ୍ତ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ବାରିକପୁର/ବାରିକପୁର, ୨୧।୧୧(ସମିସ):** ଭଣ୍ଡାରିପୋଖରୀ ରାମଚନ୍ଦ୍ରପୁର ପଞ୍ଚାୟତର ସମ୍ପୈଇସ୍ଥ ମୁରଲୀଧର ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦେବଦତ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଶିବିରକୁ ମୁଖ୍ୟଅତିଥି ସାଂସଦ ଅଭିମନ୍ୟୁ ସେଠୀ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ତହସିଲଦାର ରୋଜାଲିନ ବେହେରା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ସରପଞ୍ଚ ରେଣୁବାଳା ରାଉତ, ସମିତି ସଭ୍ୟା ବୈଜୟନ୍ତୀ ମୁଣ୍ଡା ପ୍ରମୁଖ ଯୋଗଦେଇ ଶିବିର ଆୟୋଜନ ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଗ୍ରାମାଞ୍ଚଳରେ ବିଭିନ୍ନ ବର୍ଗର ଭିନ୍ନକ୍ଷମଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସମସ୍ତ ଅତିଥି ମତବ୍ୟକ୍ତ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସାନ୍ତ୍ୱନା ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ଉକ୍ତ ଶିବିରରେ ଶ୍ରବଣବାଧିତ ୪୩, ଦୃଷ୍ଟିବାଧିତ ୫୦, ଶିଶୁ ରୋଗ ୩୪, ମାନସିକ ଅନଗ୍ରସର ତଥା ପକ୍ଷାଘାତ ୬୪ ଓ ଶାରୀରିକ ଭିନ୍ନକ୍ଷମ ଭାବେ ୧୫୪ ଜଣଙ୍କ ନାମ ପଞ୍ଜୀକରଣ ହୋଇଥିଲା। ଡାକ୍ତର ଉମାକାନ୍ତ ଜେନା, ଅଶୋକ ମିଶ୍ର, ବିଜୟ ପଣ୍ଡା, ମାନସ ରଞ୍ଜନ ବିଶ୍ୱାଳ, ରମାକାନ୍ତ ସାହୁ ସମସ୍ତ ଭିନ୍ନକ୍ଷମଙ୍କୁ ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଥିଲେ। ନାମ ପଞ୍ଜୀକରଣ କରିଥିବା ସମସ୍ତ ବର୍ଗର ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ୮/୧୦ ଦିନ ମଧ୍ୟରେ ପ୍ରମାଣପତ୍ର ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମକୁ ବ୍ଲକ କର୍ମଚାରୀ ପରିଚାଳନା କରିଥିଲେ।



## ଧାମନଗର ବ୍ଲକ୍‌ରେ ୧୭୫୫ ପ୍ରଧାନମନ୍ତ୍ରୀ ଆବାସ ଅସମ୍ପୂର୍ଣ୍ଣ

# ଡିସେମ୍ବର ପୂର୍ବରୁ କାମ ଶେଷ କରିବାକୁ ବ୍ଲକ୍ ପ୍ରଶାସନର ଚେତାବନୀ

ଧାମନଗର, ୨୧।୧୧(ସମିସ)



ଧାମନଗର ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମଏୱାଇ-ଗ୍ରାମୀଣ) ଅଧୀନରେ ଦିଆଯାଇଥିବା ୧୭୫୫ଟି ଆବାସ ଅସମ୍ପୂର୍ଣ୍ଣ ରହିଥିବା ଖବର ଚର୍ଚ୍ଚା ଜୋରଦାର ହୋଇଛି। ଆସନ୍ତା ଡିସେମ୍ବରରେ କେନ୍ଦ୍ର ସରକାରଙ୍କ ନୂତନ ଆବାସ ଆସିବା ପୂର୍ବରୁ ଏହି ଅସମ୍ପୂର୍ଣ୍ଣ ଘର ବ୍ଲକ ପାଇଁ ସମସ୍ୟା ସୃଷ୍ଟି କରିପାରେ ବୋଲି ପ୍ରଶାସନ ଆଶଙ୍କା କରୁଛି। ୨୦୧୬-୧୭ରୁ ୨୦୨୪-୨୫ ଅବଧି ମଧ୍ୟରେ ଧାମନଗର ବ୍ଲକର ୩୧ଟି ପଞ୍ଚାୟତରେ ମୋଟ ୧୭୫୫ ଆବାସ ଅପରିଣତ ରହିଥିବା ବିଡିଓ ସୂଚନା ଦେଇଛନ୍ତି। ଭଗବାନପୁର ଓ ଗୋବିନ୍ଦପୁର ପଞ୍ଚାୟତରେ ଅଧିକ ସଂଖ୍ୟକ ହିତାଧିକାରୀ ଘର କାମ କରି ନ ଥିବା ଚିହ୍ନଟ ହୋଇଛି। ଏହି ହିତାଧିକାରୀଙ୍କୁ ପ୍ରଥମ କିସ୍ତି ୨୦, ୦୦୦ ଟଙ୍କା ଆକାଉଣ୍ଟକୁ ଯାଇଥିବା ସତ୍ତ୍ୱେ କାମ ହୋଇ ନ ଥିବା ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି।

ପ୍ରତ୍ୟେକ ପଞ୍ଚାୟତରେ ପାଖାପାଖି ୫୦ରୁ ୭୦ଟି ଆବାସ ଅସମ୍ପୂର୍ଣ୍ଣ ରହିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସରକାରୀ ନିୟମ ଅନୁଯାୟୀ ପ୍ରଥମ କିସ୍ତି ପରେ ଘର ନିର୍ମାଣ କରିଥିବା ପ୍ରମାଣ ଦେଖାଇବା ଆବଶ୍ୟକ। ଏହା ନ ହେଲେ ପରବର୍ତ୍ତୀ କିସ୍ତି ବନ୍ଦ ହେବ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଆବାସ ସମ୍ପୂର୍ଣ୍ଣ କଲେ ଶେଷ କିସ୍ତି ମିଳିବ। ଏଥିସହ ଏନଆରଜିଏସ୍ ମଜୁରୀ ବାବଦକୁ ୨୦ ହଜାର ଟଙ୍କା ମିଳିବ। ତେବେ ଏଭଳି ନିୟମ ସତ୍ତ୍ୱେ ଧାମନଗର ବ୍ଲକରେ କାହିଁକି ହିତାଧିକାରୀ ଘର ନିର୍ମାଣ କରିପାରୁନାହାନ୍ତି, ତାହାର ତଦନ୍ତ ହେବା ଆବଶ୍ୟକ। ଡେରି ହେବା ନେଇ ପ୍ରଶାସନ ପକ୍ଷରୁ ବାରମ୍ବାର ନୋଟିସ, ଅଧିକାରୀ ପହଞ୍ଚି କାର୍ଯ୍ୟ ଶୀଘ୍ର କରିବାକୁ ଜଣାଉଥିଲେ ହେଁ ହିତାଧିକାରୀ କାର୍ଯ୍ୟ ଆରମ୍ଭ କରୁନାହାନ୍ତି। ଏ ନେଇ ଧାମନଗର ବିଡିଓ ବନବିହାରୀ ଦିନ୍ଦା କୁହନ୍ତି, ଡିସେମ୍ବର ମାସ ପୂର୍ବରୁ କାମ ଶେଷ କରିବାକୁ ବାରମ୍ବାର ଅନୁରୋଧ କରାଯାଉଛି। ନଚେତ୍ ନିୟମ ଅନୁଯାୟୀ ଟଙ୍କା ଫେରସ୍ତ ପାଇଁ ସରକାରୀ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ୨୨ରେ ସୋମନାଥ ଜ୍ୟୋତିର୍ଲିଙ୍ଗ ଦର୍ଶନ ମହୋତ୍ସବ

ବରଗଡ଼, ୨୧।୧୧(ସମିସ): ବରଗଡ଼ ଆର୍ଟ ଅଫ୍ ଲିଭିଂ ପରିବାର ଆନୁକୂଲ୍ୟରେ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପ୍ରାଙ୍ଗଣରେ ସୋମନାଥ ମହାଦେବଙ୍କ ପ୍ରାଚୀନ ତଥା ମୂଳ ଜ୍ୟୋତିର୍ଲିଙ୍ଗଙ୍କ ଦର୍ଶନ ମହୋତ୍ସବ ତଥା ରୁଦ୍ରାଭିଷେକ ଅନୁଷ୍ଠିତ ହେବାକୁ ଯାଉଛି। ଆର୍ଟ ଅଫ୍ ଲିଭିଂ ପକ୍ଷରୁ ୨୨ ତାରିଖ ସକାଳ ୮ ଟା ସମୟରୁ ୧ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଏହି ପବିତ୍ର ଓ ଦୁର୍ଲଭ ଦର୍ଶନ କରିପାରିବେ ବୋଲି ବରଗଡ଼ ଶାଖା ପକ୍ଷରୁ କୁହାଯାଇଛି। ଗୁଜୁରାଟ ସ୍ଥିତ ସୋମନାଥ ମନ୍ଦିରର ମୂଳ ଜ୍ୟୋତିର୍ଲିଙ୍ଗ ବରଗଡ଼କୁ ଆସିବ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ଦର୍ଶନ ପାଇଁ ରଖାଯିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଆଜିକୁ ଏକ ହଜାର ବର୍ଷ ତଳେ ବିଦେଶୀ ଆକ୍ରମଣକାରୀ ହୋଇଥିଲା। ବିଖଣ୍ଡିତ ଅଂଶକୁ ମହମ୍ମଦ ଗଜନୀ ଦ୍ୱାରା ମୂଳ ସୋମନାଥ ମନ୍ଦିର ତଥା ମୂଳ ଜ୍ୟୋତିର୍ଲିଙ୍ଗ ଧ୍ୱଂସ ହୋଇଥିଲା। ମୂଳ ଜ୍ୟୋତିର୍ଲିଙ୍ଗଙ୍କ ଅଂଶଗୁଡିକ ଅଗ୍ନିହୋତ୍ରୀ ପୂଜକମାନଙ୍କ ଦ୍ୱାରା ଗୋପନୀୟ ଭାବେ ସଂରକ୍ଷିତ ହୋଇରହିଥିଲା। ଗତ ୧୯୨୪ ଖ୍ରୀଷ୍ଟାବ୍ଦରେ ତତ୍କାଳୀନ କାଞ୍ଚି କାମକଟି ପୀଠ ଶଙ୍କରାଚାର୍ଯ୍ୟଙ୍କ ଭବିଷ୍ୟବାଣୀ ଓ ନିର୍ଦ୍ଦେଶ ଅନୁଯାୟୀ ୪୬ ଶହ ବର୍ଷ ପରେ ଅର୍ଥାତ୍ ୨୦୨୫ ମସିହାରେ ଏହି ଜ୍ୟୋତିର୍ଲିଙ୍ଗ ସମୂହକୁ ଅଗ୍ନିହୋତ୍ରୀ ସମାଜ ବିଶ୍ୱ ବରେଣ୍ୟ ସନ୍ଥ ତଥା ଆର୍ଟ ଅଫ୍ ଲିଭିଂ ଫାଉଣ୍ଡେସନର ସଂସ୍ଥାପକ ପରମପୂଜ୍ୟ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ହସ୍ତରେ ଅର୍ପଣ କରିଛନ୍ତି।

## ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ରକ୍ତଦାନ ଶିବିର



ପାଇକମାଲ, ୨୧।୧୧(ସମିସ): ପାଇକମାଲ ବ୍ଲକ ଛିନ୍ଦେଇକେଲାରେ ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ସତ୍ୟସାଇ ବାବାଙ୍କ ୧୦୦ ତମ ଜନ୍ମ ଦିବସରେ ସତ୍ୟସାଇ ମନ୍ଦିର ପରିସରରେ ଥିବା କଲ୍ୟାଣ ମଣ୍ଡପରେ ଆବାହକ ପତିତପାବନ ସାହୁଙ୍କ ନେତୃତ୍ୱରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପଦ୍ମପୁର ସମିତି ଆବାହକ କମଳାକାନ୍ତ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇ ପଦ୍ମପୁର ଡାକ୍ତରଖାନାକୁ ଦିଆଯାଇଥିଲା। ଶିବିରରେ ଭଜନ ମଣ୍ଡଳୀର ସୁଧାଂଶୁ ଶେଖର ସେଠ, ସୁରଥ ସାହୁ, ନିରୋଜ ସାହୁ, ସନ୍ତୋଷ ପାଢ଼ୀ, ହେମସାଗର ସାହୁ, ଫକୀର ମୋହନ ବାରିକ, ଗୀତା ସାହୁ, ବୀଣା ସାହୁ, ସୁଦାମ ଚରଣ ସାହୁ, ଶତ୍ରୁଘ୍ନ ସାହୁ, ଚନ୍ଦ୍ରମଣି ସାହୁ, ଶରତ ଚନ୍ଦ୍ର ହଂସ, ଅରୁଣା ସାହୁ, ଆକାଶ ସାହୁ, ରିଶବ ସାହୁ, ଆଦର୍ଶ ସାହୁ, ସତ୍ୟ ସାହୁ, ବିନୟ ସାହୁ, ସୁନିଲ ସାହୁ, ରାଜା ସାହୁ, ଦୀପକ ସାହୁ, ପିଣ୍ଟୁ ସାହୁ, ଯତୀନ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ପିପ୍ଲାନୀ ସ୍ୱୀଟ୍ସ ଓ ନିଷ୍ଠା ପକ୍ଷରୁ ରକ୍ତଦାନ ଶିବିର

● ୪୪ ୟୁନିଟ୍ ରକ୍ତ ସଂଗୃହୀତ



ବରଗଡ଼, ୨୧।୧୧(ସମିସ): ବରଗଡ଼ର ପ୍ରସିଦ୍ଧ ମିଠା ଦୋକାନ ପିପ୍ଲାନି ସ୍ୱିଟ୍ସର ମାଲିକ ଅର୍ଜୁନ ପିପ୍ଲାନୀଙ୍କ ଜନ୍ମ ଦିନ ଅବସରରେ ତାଙ୍କ ମିଠା କାରଖାନା ତେଲେନ ଟିକ୍ରା, ବରଗଡ଼ଠାରେ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଅର୍ଜୁନ ପିପ୍ଲାନି, ତାଙ୍କ ଧର୍ମପତ୍ନୀ, ତାଙ୍କ ଦୁଇ ପୁଅ ରୋହିତ ପିପ୍ଲାନୀ, ଗୌତମ ପିପ୍ଲାନୀ, ଘନିଷ୍ଠ ବନ୍ଧୁ ରାମ ନିବାସ ଅଗ୍ରୱାଲ ନିମନ୍ତ୍ରିତ ଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପିପ୍ଲାନି ସ୍ୱିଟ୍ସରେ କାମ କରୁଥିବା କର୍ମଚାରୀଙ୍କ ସହଯୋଗରେ ଏହି ଶିବିରରୁ ସର୍ବମୋଟ ୪୪ ୟୁନିଟ ରକ୍ତ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ଆଶିଷ କିରଣ ମହାପାତ୍ର ଓ ନିଷ୍ଠା ପରିବାରର ସଦସ୍ୟ ସଦସ୍ୟାଙ୍କ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା। ପିପ୍ଲାନି ସ୍ୱିଟ୍ସକୁ ଶିବିର ଆୟୋଜନ ପାଇଁ ନିଷ୍ଠା ପରିବାର ତରଫରୁ ଏକ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ପଦ୍ମପୁର, ୨୧।୧୧(ସମିସ): ଶୁକ୍ରବାର ପଦ୍ମପୁର ବ୍ଲକ ସର୍ଗିବାହାଲ ସରସ୍ୱତୀ ଶିଶୁ ମନ୍ଦିରଠାରେ ୧୭ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଇଚ୍ଛାପାଲି ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ସୁମନ୍ତ ପଧାନ ଯୋଗଦେଇ ଧ୍ୱଜାରୋହଣ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପରିଚାଳନା ସମିତିର ସଭାପତି ମୁରଲିଧର ସାହୁ ଓ ସମ୍ପାଦକ ପ୍ରହଲ୍ଲାଦ ସାହୁ ଉପସ୍ଥିତ ଥିଲେ। ୧୨୫ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପରିଚାଳନା ସମିତିର ଉପସଭାପତି ପ୍ରେମାନନ୍ଦ ବାରିକ ଭାରତୀୟ ସଂସ୍କୃତି ଓ ପରମ୍ପରା ବିଷୟରେ ଶିଶୁଙ୍କର ବିକାଶ ଓ ଖେଳ, ବ୍ୟାୟାମର ଉପରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ପ୍ରହଲ୍ଲାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶାରୀରିକ ପ୍ରମୁଖ ବିଶ୍ୱଜିତ ବରିହା ବିଭିନ୍ନ ପ୍ରତିଯୋଗିତାର ସୂଚନା ଦେଇଥିଲେ।

### ମନଇଚ୍ଛା ମଣ୍ଡି ଖୋଲିବାକୁ ଚାଷୀଙ୍କ ବିରୋଧ

# ଗୋଡ଼ଭଗା ମଣ୍ଡିରେ ଗଦାକଲେ ୨୯୩୬ ବସ୍ତା ଧାନ

ବରଗଡ଼, ୨୧।୧୧(ସମିସ)



ଆଗାମୀ ୨୮ ତାରିଖରେ ଜିଲ୍ଲାର ଧାନ ସଂଗ୍ରହ ହେବାକୁ ଥିବାବେଳେ ସପ୍ତାହେ ପୂର୍ବରୁ ଗୋଡ଼ଭଗା ମଣ୍ଡିକୁ ଅଣସରକାରୀ ଭାବେ ୨ ହଜାର ୯୩୬ ପାକେଟ୍ ଧାନ ଚାଷୀ ଆଣିଥିବା ଦେଖିବାକୁ ମିଳିଛି। ଏହାଛଡ଼ା ଅତାବିରା ମୁଖ୍ୟ ମଣ୍ଡିକୁ ୨ ହଜାର ପାକେଟ୍, ନିୟନ୍ତ୍ରିତ ବଜାର କମିଟି ଅଧୀନସ୍ଥ ବିଭିନ୍ନ ମାର୍କେଟ ୟାର୍ଡ, କ୍ରୟକେନ୍ଦ୍ରକୁ ଚାଷୀ ଧାନ ଆଣିଛନ୍ତି। ଏହାଦ୍ୱାରା ୨୮ ତାରିଖ ମଣ୍ଡି ଖୋଲିବା ଦିନ ବେଳକୁ ଆର୍‌ଏମ୍‌ସି ସାରା ଲକ୍ଷଲକ୍ଷ ବସ୍ତା ଧାନ ପଡ଼ିଯାଇଥିବା ଆଶଙ୍କା କରାଯାଇଛି। ଗୋଡ଼ଭଗା, ଅତାବିରା, ଗୌରଟିକ୍ରା ଭଳି ଆଗୁଆ ଚାଷ ହେଉଥିବା ମଣ୍ଡିଗୁଡ଼ିକରେ ୪୦ରୁ ୫୦ ହଜାର ପଡ଼ିଯିବାର ଆଶଙ୍କା ରହିଛି। ୨୨ ତାରିଖରୁ ହେବାକୁ ଥିବା ଲଘୁଚାପ ବର୍ଷା ଯୋଗୁଁ ଚାଷୀମାନେ ଧାନ ଅମଳ କରି ମଣ୍ଡିକୁ ଧାନ ଆଣି ସୁରକ୍ଷିତ ରଖିବା ପାଇଁ ଆପ୍ରାଣ ଉଦ୍ୟମ କରୁଛନ୍ତି। ଗୋଡ଼ଭଗା ମାର୍କେଟ୍ ୟାର୍ଡରେ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ପକ୍ଷରୁ ବିଧିବଦ୍ଧ ଭାବେ ଏହାର ଅନୁକୂଳ କରାଯାଇଛି। ପାଖାପାଖି ୨୨ ଜଣ ଚାଷୀ ଟ୍ରାକ୍ଟର ଟ୍ରଲିରେ ଧାନ ଆଣିଥିଲେ। କୃଷକ ସଂଗଠନର ବ୍ଲକ ସଭାପତି ବୀରେନ୍ଦ୍ର କର ପକ୍ଷରୁ ଧାନ ଆଣିଥିବା କୁଜାପାଲି ଗ୍ରାମର ଟିକେଶ୍ୱର ସାହୁ, ନୂଆଁ ଖଇରପାଲିର ଭି. ପାପା ରାଓଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆସନ୍ତାକାଲିଠାରୁ ସମସ୍ତ ମଣ୍ଡିରେ ବହୁ ପରିମାଣରେ ଧାନ ଚାଷୀମାନେ ଆଣିବାର ସମ୍ଭାବନା ରହିଛି। ଧାନ ସଂଗ୍ରହ ପାଇଁ ପ୍ରଶାସନ ଉପଯୁକ୍ତ ଦିନ ଆରମ୍ଭ ନ କରି ନିଜ ମନଇଚ୍ଛା ମଣ୍ଡି ଖୋଲା ଦିନ ଧାର୍ଯ୍ୟକୁ ଚାଷୀମାନେ ପ୍ରତ୍ୟାଖ୍ୟାନ କରି ଏକ ପ୍ରକାର ଖୋଲା ଚ୍ୟାଲେଞ୍ଜ ଦେଇ ମଣ୍ଡିରେ ଧାନ ପକାଇଛନ୍ତି। ଏହାଦ୍ୱାରା ଆଗକୁ ମଣ୍ଡିରେ ପଡ଼ିଥିବା ଧାନକୁ କିଣିବା ପ୍ରଶାସନ ପାଇଁ ବଡ ଚ୍ୟାଲେଞ୍ଜ ହେବ ବୋଲି ଆଶଙ୍କା କରାଯାଉଛି।

## ଡିସେମ୍ବର ୨୦ରେ ପୁରୀରେ ହେବ ଜାତୀୟ ଡୁମାଲ ଦିବସ

ବରଗଡ଼, ୨୧।୧୧(ସମିସ): ପୁରୀ ୟୁଥ ହଷ୍ଟେଲଠାରେ ମା' ମାହେଶ୍ୱରୀ ସଂସ୍କୃତି ପରିଷଦ ତରଫରୁ ଆସନ୍ତା ଡିସେମ୍ବର ୨୦ ତାରିଖରେ ଜାତୀୟ ଡୁମାଲ ଦିବସ ପାଳନ କରାଯିବ। ଏନେଇ ଏକ ସାମ୍ବାଦିକ ସମ୍ମିଳନୀ କରି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ଡୁମାଲ ଜାତିର ଐତିହ୍ୟ, ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ କରିବା ସହ ଜାତିର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗୋପାଳନ, ବାଣିଜ୍ୟ, ସାମ୍ବିଧାନିକ ଅଧିକାର, ରାଜନୈତିକ ଅଧିକାର ହାସଲ କରିବା ପାଇଁ ପ୍ରୟାସ ରହିବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ସାମ୍ବାଦିକ ସମ୍ମିଳନୀରେ ମା' ମାହେଶ୍ୱରୀ ସଂସ୍କୃତି ପରିଷଦର କୋଷାଧ୍ୟକ୍ଷ ଚୈତନ୍ୟ କର୍ଣ୍ଣ, ସମ୍ପାଦକ ହୀରା ମହାକୁର, ଉପଦେଷ୍ଟା ତଥା ପୂର୍ବତନ ରାଜ୍ୟ ପରିଷଦର କୋଷାଧ୍ୟକ୍ଷ ମୁରଲୀ ଧର ପାତ୍ର ଯୋଗଦେଇଥିଲେ। ଏହି ଅବସରରେ ମାହେଶ୍ୱରୀ ସଂସ୍କୃତି ନାମରେ ଏକ ସ୍ମରଣିକା ପୁସ୍ତକ ଉନ୍ମୋଚନ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ପୁରୀରେ ଡୁମାଲମାନେ ଜଗନ୍ନାଥଙ୍କ ପ୍ରଥମ ସେବକ ଥିଲେ। ଏକଦା ଶ୍ରୀମନ୍ଦିରକୁ କ୍ଷୀର, ଦହି ଯୋଗାଉଥିଲେ। ଏହି କିମ୍ବଦନ୍ତୀକୁ ପ୍ରମାଣିତ କରିବା ପାଇଁ ଏକ ଆଲୋଚନା ଚକ୍ର ଆୟୋଜନ କରିବା ସହିତ ପୁରୀ ଓ ଭୁବନେଶ୍ୱରରେ ଡୁମାଲ ଭବନ ନିର୍ମାଣ ନିମନ୍ତେ ଜମି ଓ ଅନୁଦାନ ପାଇବାକୁ ସରକାରଙ୍କ ପାଖରେ ଆବେଦନ କରିବା ପାଇଁ ସ୍ଥିର ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଣ୍ଟାମାଳ



ବିଧାୟକ କହେଁଇ ଚରଣ ଡାଙ୍ଗ, ମୁଖ୍ୟ ଆଲୋଚକ ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ର ଓ ଚେନ୍ନାଇ ବେଦ ବିଶ୍ୱବିଦ୍ୟାଳୟର କୁଳପତି ଡ. ହରିହର କାନୁନଗୋ ଯୋଗ ଦେବାକୁ ସ୍ୱୀକୃତି ଦେଇଥିବା ସମ୍ମିଳନୀରେ ସୂଚାଯାଇଛି।

## ଆକାଶ ଛୁଆଁ ପରିବା ଦର; ସବୁ ୬୦ ପାର୍



ପଦ୍ମପୁର, ୨୧।୧୧(ସମିସ): ମାର୍ଗଶୀର ମାସ ଶେଷ ହେବାକୁ ଥିବା ବେଳେ ପରିବା ଦର ଏବେ ବି ଆକାଶ ଛୁଆଁ ରହିଛି। ସମସ୍ତ ପରିବାର ଦର ୬୦ ପାର୍ ରହିଛି। ଫୁଲ କୋବି କିଲୋ ୧୦୦, ବିନ୍ସ ୮୦, ବାଇଗଣ ୬୦ ରହିଛି। ସପ୍ତାହ ତଳେ ଟମାଟୋ କିଲୋ ୩୦ରୁ ୪୦ ଟଙ୍କା ଥିବା ବେଳେ ଏବେ ୫୦ ଟଙ୍କା ପାର କରିଛି। ସିମ୍ବ କିଲୋ ୧୦୦, ଭେଣ୍ଡି କିଲୋ ୮୦ ଟଙ୍କା ରହିଛି। ସେହିପରି ମଟର ୧୨୦ ଟଙ୍କା ରହିଛି। ପରିବାର ଦର ଗରିବ ଓ ମଧ୍ୟବିତ୍ତ ଶ୍ରେଣୀକୁ ଅତିଷ୍ଠ କରିଛି। ତେବେ ପାଗର ବ୍ୟତିକ୍ରମ ସହିତ ଦୀର୍ଘ ଦିନ ଧରି ବର୍ଷା ଲାଗି ରହିଥିବାରୁ ଚଳିତ ବର୍ଷ ପରିବା ଅମଳ ବିଳମ୍ବିତ ହୋଇଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଥିବା କୁହାଯାଉଛି। ଅନ୍ୟ ମାସରେ ଖାଉଟି ପଡୋଶୀ ରାଜ୍ୟର ପରିବା ଉପରେ ନିର୍ଭର କରୁଥିବା ବେଳେ ନଭେମ୍ବର ମାସରୁ ଫେବୃଆରୀ, ମାର୍ଚ୍ଚ ଯାଏଁ ସ୍ଥାନୀୟ ଅଞ୍ଚଳରେ ମାଖନ, ଟମାଟୋ, କୋବି, ପୋଟଲ ପ୍ରାୟ ସବୁ ପରିବା ଅମଳ ହୋଇଥାଏ। ମାତ୍ର ଚଳିତ ବର୍ଷ ସ୍ଥାନୀୟ ଚାଷୀ ପରିବା ଉତ୍ପାଦନ ବିଳମ୍ବିତ କରିଥିବାରୁ ଦର କମୁନଥିବା ବ୍ୟବସାୟମାନେ କହିଛନ୍ତି।

## ବୀରତା ଦିବସ ପାଇଁ ଆଦିବାସୀ ମହାସଂଘର ପ୍ରସ୍ତୁତି

ଭେଡେନ, ୨୧।୧୧(ସମିସ): ଭେଡେନ୍ ବ୍ଲକ ଲୁହାଖଣ୍ଡି ଗ୍ରାମ ପଞ୍ଚାୟତ ବରପଦର ଗ୍ରାମର ବାବା କପିଳେଶ୍ୱର ମନ୍ଦିରଠାରେ ବୀରତା ଦିବସ ପାଳନ ଅବସରରେ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ପକ୍ଷରୁ ଏକ



ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭେଡେନ୍ ବ୍ଲକ ସଭାନେତ୍ରୀ ପ୍ରେମସିଲା ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବ୍ଲକସ୍ତରୀୟ ଏକ ପ୍ରସ୍ତୁତି ବୈଠକରେ ଘେଁସ ଗ୍ରାମର ସହୀଦ ବୀର ମାଧୋ ସିଂ ଏବଂ ତାଙ୍କରି ଚାରି ପୁତ୍ର ହଟ୍ଟେ ସିଂ, କୁଞ୍ଜଲ ସିଂ, ଅଏରୀ ସିଂ, ବୈରୀ ସିଂ ଇଂରେଜମାନଙ୍କ ସହିତ ଲଢ଼େଇରେ ସହୀଦ ହୋଇଥିବାରୁ ପ୍ରତ୍ୟେକ ବର୍ଷ ଫାସୀ ଦିବସର ସ୍ମୃତି ଉଦ୍ଦେଶ୍ୟରେ ବୀରତା ଦିବସ ଭାବେ ପଶ୍ଚିମ ଓଡ଼ିଶା ଆଦିବାସୀ ସଂଘ କରି ଆସୁଛି। ଚଳିତ ବର୍ଷ ମଧ୍ୟ ଆସନ୍ତା ଡିସେମ୍ବର ୩୧ତାରିଖ ଘେଁସ ଗ୍ରାମରେ ୧୬୮ତମ ବୀରତା ଦିବସ ପାଳନ କରାଯିବ ବୋଲି କୁହାଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ଭେଡେନ ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତରୁ ଆଦିବାସୀ ମହିଳା ଓ ପୁରୁଷମାନେ ବହୁତ ସଂଖ୍ୟାରେ ଘେଁସ ଗ୍ରାମରେ ଯୋଗଦେବାକୁ କୁହାଯାଇଥିଲା। ମୁଖ୍ୟଅତିଥି ଭାବରେ ସଂଘର ପ୍ରତିଷ୍ଠାତା ଗୋବର୍ଦ୍ଧନ ଭୋଏ ଯୋଗଦେଇଥିଲେ। ଜିଲ୍ଲା ସଭାପତି ଗୋବିନ୍ଦ ବରିହା, ଜିଲ୍ଲା ସମ୍ପାଦକ ତ୍ରିଲୋଚନ ଭୁଏ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଭେଡେନ ବ୍ଲକର ସଦାନନ୍ଦ ବରିହା, ପାଣ୍ଡବ ଭୋଇ, ନାରୀନେତ୍ରୀ ନିରି ଭୁଏ, ଗୁଲାପି ଭୁଏ, ଗହଲ ଭୁଏ, ରୀନା ବରିହା ଏବଂ ଭେଡେନ ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତରୁ ଆଦିବାସୀ ମହିଳା ଓ ପୁରୁଷମାନେ ଯୋଗଦେଇଥିଲେ। ସଭା ଶେଷରେ ସଦାନନ୍ଦ ବରିହା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବରଗଡ଼ ଧନୁଯାତ୍ରା; ବସୁଦେବ ଭୂମିକାରେ ମନୋଜ

ପାଇକମାଲ, ୨୧।୧୧(ସମିସ): ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ ଛିନ୍ଦେଇକେଲା ଗାଁର ଯୁବକ ମନୋଜ କୁମାର ସାହୁ ପୁଣି ଚଳିତ ବର୍ଷ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାରେ ବସୁଦେବ ଭୂମିକାରେ ଅଭିନୟ କରିବେ। ଗତବର୍ଷ ବସୁଦେବ ଭୂମିକାରେ ଦର୍ଶକଙ୍କ ମନ ଜିଣି ପାରିଥିଲେ। ଚଳିତ ବର୍ଷ ପାଇଁ ମଧ୍ୟ ଚୟନ ପ୍ରକ୍ରିୟାରେ ସେ ମନୋନୀତ ହୋଇଛନ୍ତି। ଏନେଇ ମନୋଜକୁ ବିଭିନ୍ନ ଅଞ୍ଚଳରୁ ଶୁଭେଚ୍ଛାର ସୁଅ ଛୁଟିଛି। ଶ୍ରୀ ସାହୁ ଜଣେ ଦୁଃଖ ଭରା ଅଭିନୟ କଳାକାର ଭାବରେ ବେଶ ଜଣାଶୁଣା। ଛାତ୍ର ଜୀବନରୁ ସେ ଜଣେ କଳାକାର, କଳାପ୍ରେମୀ, ଲେଖକ, ନିର୍ଦ୍ଦେଶକ ଅଟନ୍ତି। ତାଙ୍କର ନିଖୁଣ ଅଭିନୟରେ ରହିଛି ଦାରୁଣ ବେଦନାର ଦୃଶ୍ୟ। ଏକ ଛୋଟିଆ ମଞ୍ଚରୁ ଯାଇ ଏବେ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଖୋଲାମଞ୍ଚରେ ଅଭିନୟ କରିବା ମୋ ଗାଁ ମାଟି ତଥା ଅଞ୍ଚଳ ପାଇଁ ଗର୍ବର ବିଷୟ ବୋଲି ଶ୍ରୀ ସାହୁ କହିଛନ୍ତି।



## ଶିଶୁ ବିଦ୍ୟାମନ୍ଦିରରେ 'ଶିଶୁ ଟିଏ ଗଛ ଟିଏ' କାର୍ଯ୍ୟକ୍ରମ

ପଦ୍ମପୁର, ୨୧।୧୧(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଦ୍ମପୁରରେ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚ, ବରଗଡ଼ ଆନୁକୂଲ୍ୟରେ 'ଶିଶୁଟିଏ ଗଛଟିଏ, ସାରା ଜୀବନର ସାଥୀ ସିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ପୃଥ୍ୱୀରାଜ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପଦ୍ମପୁର ବନାଞ୍ଚଳ ଅଧିକାରୀ ରମେଶ ସାହୁ ଓ ସମ୍ମାନିତ ଅତିଥି ଭାବେ ମୀନକେତନ ସାହୁ ଯୋଗ ଦେଇଥିଲେ। ବିଶ୍ୱ ଉତ୍ତାପନକୁ ନିୟନ୍ତ୍ରଣ ଓ ଏକ ସୁରକ୍ଷିତ ଭବିଷ୍ୟତ ନିର୍ମାଣ ତଥା ଆଗାମୀ ପିଢ଼ିର ସୁରକ୍ଷା ନିମିତ୍ତ ବୃକ୍ଷରୋପଣ, ଜଙ୍ଗଲ ସଂରକ୍ଷଣ ସମ୍ପର୍କିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଉପସ୍ଥିତ ଅରୁଣ ଶ୍ରେଣୀର ଶିଶୁ ମାନଙ୍କୁ ୬୦ଟି ଅଶୋକ ଚାରା ପ୍ରଦାନ କରାଯାଇଥିଲା। ଦିବା ପର୍ଯ୍ୟାୟ ପ୍ରମୁଖ ମୁଦିରଥ ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ବାଟିକା ପ୍ରମୁଖ ସୁଜାତା ତ୍ରିପାଠୀ ସଭା ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।



## ମାତୃପୁରୀରେ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ଅତାବିରା, ୨୧।୧୧(ସମିସ): ଲାଦରପାଲିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ' ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତାବିରା ସ୍କୁଲ ସ୍ପୋର୍ଟସ ଆସୋସିଏସନର ସମ୍ପାଦକ ସୁଦୀପ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ବଭ୍ରୁବାହନ ମିଶ୍ରଙ୍କ ପରିଚାଳନାରେ ଲାଦରପାଲି ହନୁମାନ ମନ୍ଦିରରୁ ଏକ ଭବ୍ୟ ମଶାଲ ଶୋଭାଯାତ୍ରା ହୋଇଥିଲା। କ୍ରୀଡ଼ା ଉତ୍ସବରେ ୯ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଭିନ୍ନ ବର୍ଗରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିଲେ। କ୍ରୀଡା ବିଭାଗ ମୁଖ୍ୟ ଗଜିନ୍ଦ୍ର ବାଗଙ୍କ ନେତୃତ୍ୱରେ ଶିକ୍ଷାକେନ୍ଦ୍ରର ହରିବୋଲ ଅଦାବର୍, ସରୋଜ ରଥ, ଯତୀନ୍ଦ୍ର ପ୍ରଧାନ, ନିରଞ୍ଜନ ପଶାୟେତ, ସୁନୀଲ ଖମାରୀ, ରତନ ଦୀପ, ଆଲୋକ ପଧାନ, ସୁଦୀପ, ଯୁଗଳ, ମିନତୀ, ଜୟଶ୍ରୀ, ଲୋପାମୁଦ୍ରା ପ୍ରଧାନ, ଗିରିଜା ସାହୁ, ସୁମି, ଅମ୍ରିତା, ଧର୍ମ, ମାନସ, ହେମାନନ୍ଦ, ଝସକେତନ, ମିଲନିକା ନନ୍ଦ, ସରିତା ପ୍ରଧାନ, ପରିଚାଳନା କମିଟିର ସଭାପତି ଶେଷଦେବ ନାୟକ, ଉପସଭାପତି ଅରୁଣ ହୋତା, ସହ ସମ୍ପାଦକ ଶରତ ପ୍ରଧାନ, ଅନୁଷ୍ଠାନର ସମସ୍ତ ଭାଇ ଅପା ସହଯୋଗ କରିଥିଲେ।



### ସର୍ବଭାରତୀୟ ବନ ଖେଳକୁଦ ପ୍ରତିଯୋଗିତା

# ବନରକ୍ଷୀ କ୍ଷୀରାବ୍ଧି ସେଠଙ୍କୁ ୩ ବ୍ରୋଞ୍ଜ

ଅମ୍ବାଭୋନା, ୨୧।୧୧(ସମିସ)



ଉତ୍ତରାଖଣ୍ଡର ଡେରାଡୁନଠାରେ ଅନୁଷ୍ଠିତ ୨୮ ତମ ସର୍ବାଭାରତୀୟ ବନ ଖେଳକୁଦ ପ୍ରତିଯୋଗିତାରେ ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡର ଲଖନପୁର ବନାଞ୍ଚଳର ବନରକ୍ଷୀ କ୍ଷୀରାବ୍ଧି ସେଠ ତିନୋଟି ବ୍ରୋଞ୍ଜ ପଦକ ହାସଲ କରି ସମ୍ବଲପୁର ସର୍କଲ ତଥା ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ପାଇଁ ଗୌରବ ଆଣିଦେଇଛନ୍ତି। ଶ୍ରୀମତୀ ସେଠ ସନ୍ତରଣ ପ୍ରତିଯୋଗିତା ୫୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ, ୫୦ ମିଟର ଫ୍ରୀ ଷ୍ଟାଇଲ, ୫୦ ମିଟର ବେକ୍ ଷ୍ଟ୍ରୋକରେ ଭାଗ ନେଇ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେ ତାଙ୍କ କାର୍ଯ୍ୟକ୍ଷେତ୍ର ଲଖନପୁର ଫେରିବା ପରେ ଲଖନପୁର ବନାଞ୍ଚଳ ତରଫରୁ ତାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ଉତ୍ସବରେ ଲଖନପୁର ରେଞ୍ଜର ସହାୟକ ବନସଂରକ୍ଷକ ଦିଲ୍ଲୀପ ଧଳ, ଲଖନପୁର ବନପାଳ ସଞ୍ଜୀବ କୁମାର ପଣ୍ଡା, ଉତ୍ତମ ବନପାଳ ସଞ୍ଜୟ କୁମାର ପାତ୍ର, ଖଜୁରିଆ ବନପାଳ ଭୁବନେଶ୍ୱର ମୁଦୁଲୀ, ଝଗଡ଼ବେହେରା ବନପାଳ ସୁନୀଲ କୁମାର ନାଏକ, ସମ୍ବରଧରା ବନପାଳ ଲକ୍ଷ୍ମଣ ମୁଣ୍ଡାଙ୍କ ସମେତ ରେଞ୍ଜର ସମସ୍ତ ବନରକ୍ଷୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ସଫଳତା ପରେ ସମଗ୍ର ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ଅମ୍ବାଭୋନା, ୨୧।୧୧(ସମିସ): ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକ ପରିସରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ବିଶେଷ ଅତିଥି ଭାବେ ସାଂସଦ ପ୍ରତିନିଧି ଗୁନାରୁ ପଧାନ, ବ୍ଲକ ଅଧ୍ୟକ୍ଷ କାର୍ତ୍ତି ଚନ୍ଦ୍ର ଦୁଆନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ଲଳିତ ବାଗ, ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ଡ. ନିଗମାନନ୍ଦ ପାଢ଼ି, ସହକାରୀ ମତ୍ସ୍ୟ ଅଧିକାରୀ ରୋଶନ କୁମାର ସେଠ, ଆଠା ଅଧ୍ୟକ୍ଷ ରମେଶ ନାୟକ ପ୍ରମୁଖ ଅଧିକାରୀ ଓ ଅତିଥିମାନେ ଯୋଗଦେଇଥିଲେ। ସଭା ପରିଚାଳନା ଅବସରପ୍ରାପ୍ତ ପ୍ରାଣୀଧନ ନିରୀକ୍ଷକ ନରେନ୍ଦ୍ର ପଣ୍ଡା କରିଥିଲେ। ମେଳାରେ ବିଭିନ୍ନ ବିଭାଗ ତରଫରୁ ଷ୍ଟଲ ଖୋଲାଯାଇଥିଲା। ଶ୍ରୀ ଅନ୍ନ ଅଭିଯାନରେ ମାଣ୍ଡିଆ ଖାଦ୍ୟ ଉତ୍ସବ, ମିଶନ ଶକ୍ତି ତରଫରୁ ମାଣ୍ଡିଆ ତିଆରି ବିଭିନ୍ନ ସାମଗ୍ରୀ, ଗୋସମ୍ପଦ ବୀମା ଯୋଜନା, କାମଧେନୁ ଯୋଜନା, ଗୋବନ୍ଧ୍ୟାକରଣ ଓ କୃମିନାଶକ ଶିବିର, ସମଲେଶ୍ୱରୀ ଦୁଗ୍ଧ ଉତ୍ପାଦନ ସଂଘ, ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା, ଗ୍ଲୋବାଲ ଅଞ୍ଜଳି ଆକ୍ୱା ଷ୍ଟୋର, ସାଇ ଇଣ୍ଟରପ୍ରାଇଜେସ, ପିଏମ୍ କିଷାନ, ସିଏମ୍ କିଷାନ, କୃଷକ ରେଜିଷ୍ଟ୍ରେସନ, ଆଇସିଡିଏସ, ଉଦ୍ୟାନ କୃଷି ଓ ସୁଭଦ୍ରା ଆଦି ବିଭାଗ ତରଫରୁ ଷ୍ଟଲ ଖୋଲାଯାଇଥିଲା।



## ବିଶ୍ୱ ମତ୍ସ୍ୟ ଦିବସ

# ଚାଷୀଙ୍କ ଆତ୍ମନିର୍ଭରଶୀଳତା ଓ ଉତ୍ପାଦନ ବୃଦ୍ଧିକୁ ଗୁରୁତ୍ୱ



କେନ୍ଦୁଝର, ୨୧।୧୧(ସମିସ): କେନ୍ଦୁଝର ମତ୍ସ୍ୟ ଅଧିକାରୀଙ୍କ ତାଲିମଗୃହରେ ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୧୩ଟି ବ୍ଲକରୁ ମତ୍ସ୍ୟ ଚାଷୀ, ମତ୍ସ୍ୟ ଉଦ୍ୟୋଗୀ, ମାଛ ଜାଆଁଳ ଉତ୍ପାଦନକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଯୋଗ ଦେଇଥିଲେ। କେନ୍ଦୁଝର ଜିଲ୍ଲା ମତ୍ସ୍ୟ ବିଭାଗର ଉପ ନିର୍ଦ୍ଦେଶକ ପ୍ରମୋଦ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ସେନାପତି, ସମ୍ମାନିତ ଅତିଥିଭାବେ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୌମେନ୍ଦ୍ର ପାଣିଗ୍ରାହୀ, ଅବସରପ୍ରାପ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ ଅରବିନ୍ଦ ଦାସ, ମତ୍ସ୍ୟ ବିଶେଷଜ୍ଞ ଦିଲ୍ଲୀପ ରାଉତରାୟ, ସିଡିଭିଓ କାର୍ଯ୍ୟାଳୟର ପ୍ରାଣୀ ଚିକିତ୍ସାଧିକାରୀ ପ୍ରତୀକ କୁମାର ପହି, କେନ୍ଦୁଝର ଅତିରିକ୍ତ ମତ୍ସ୍ୟ ଅଧିକାରୀ ଉମେଶ ଧରୁଆ ଯୋଗ ଦେଇଥିଲେ। ତେଲକୋଇ ସହକାରୀ ମତ୍ସ୍ୟ ଅଧିକାରୀ ବାଲ୍ମିକୀ ପାତ୍ର, ରବିନ୍ଦ୍ର ମାରାଣ୍ଡି, ନିହାର ରଞ୍ଜନ ନାୟକ, ଦିବ୍ୟଜ୍ୟୋତି ମହାନ୍ତ, ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟିକା ସସ୍ମିତା ନାୟକ, ସ୍ୱପ୍ନାପ୍ରୀତି ସିଂ, ତନୁଶ୍ରୀ ବେହେରା, ଅରୁଣ ପାତ୍ର, କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟିକା ଭାଗ୍ୟବାନ ଲେଙ୍କା, ସୁଶୀଲ ନାୟକ, ରଞ୍ଜନ ପାତ୍ର, ସଂଜୟ ନାୟକ ତଥା ଅନ୍ୟାନ୍ୟ ବ୍ଲକସ୍ତରୀୟ ଅଧିକାରୀ ସହଯୋଗ କରିଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ ବିରେନ ନାୟକ ମଞ୍ଚ ପରିଚାଳନା କରିଥିଲେ। ସଫଳ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଟଣା ବ୍ଲକର ମା' ସରସ୍ୱତୀ ବିଶ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଘଟଗାଁ ବ୍ଲକର ସୁବାସଚନ୍ଦ୍ର ମିଶ୍ରଙ୍କୁ ସମ୍ମାନିତ କରାଯାଇଛି।

# ଗୋନାସିକା କେନ୍ଦୁଝର ମହୋତ୍ସବ ପ୍ରସ୍ତୁତି



କେନ୍ଦୁଝର, ୨୧।୧୧(ସମିସ): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲରେ ଜିଲ୍ଲାପାଳ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଗୋନାସିକା କେନ୍ଦୁଝର ମହୋତ୍ସବ-୨୦୨୫ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଂସଦ ଅନନ୍ତ ନାୟକ, ପୌରାଧ୍ୟକ୍ଷା ନିକୁ ସାହୁ, ଅତିରିକ୍ତ ଜିଲ୍ଲାପାଳ ମଦରଧର ମହାଳିକ, ରବୀନ୍ଦ୍ର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କୁମାର ନାଗଭୂଷଣ, ପିଏ ଆଇଟିଡିଏ ଶିବଶଙ୍କର ମିଶ୍ର ଏବଂ ଅନ୍ୟ ଜିଲ୍ଲା ଅଧିକାରୀ ଏହି ଜିଲ୍ଲାସ୍ତରୀୟ ସାଂସ୍କୃତିକ ମହୋତ୍ସବ ପାଇଁ ବ୍ୟବସ୍ଥାକୁ ଚୂଡ଼ାନ୍ତ କରିବା ପାଇଁ ଆଲୋଚନା କରିଥିଲେ। ସାଂସ୍କୃତିକ ଦଳଗୁଡ଼ିକୁ ପ୍ରାୟୋଜିତ କରିବାକୁ ଅନୁରୋଧ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ବଲିଉଡ ଓ ଓଲିଉଡର ପ୍ରତିଷ୍ଠିତ କଳାକାରଙ୍କ ସହିତ କେନ୍ଦୁଝରର ଆଦିବାସୀ ଏବଂ ସ୍ଥାନୀୟ ଲୋକ କଳାକାରଙ୍କୁ ମଧ୍ୟ ନିମନ୍ତ୍ରଣ କରାଯିବ। ମିନି-ମାରାଥନ/ସାଇକ୍ଲୋଥନ, ଫୁଡ୍‌କୋର୍ଟ, କବି ସମ୍ମିଳନୀ, ପୁସ୍ତକ ମେଳା, ଫୁଲସଜ୍ଜା, ପ୍ରଦର୍ଶନୀ ଏବଂ ଟେଣ୍ଟ, ଆଲୋକ ଏବଂ ସୁରକ୍ଷା ସମେତ ଭିତ୍ତିଭୂମିର ସମୀକ୍ଷା କରାଯାଇଥିଲା। ସର୍ବୋତ୍ତମ ପ୍ରଦର୍ଶନକାରୀ ଷ୍ଟଲଗୁଡ଼ିକୁ ସମ୍ମାନିତ କରିବା ଏବଂ ଟ୍ରଫି, ସ୍ମାରକୀ ପ୍ରସ୍ତୁତ କରିବା ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ଉଦ୍‌ଘାଟନର ଏକ ଅଂଶ ଭାବରେ ଆନନ୍ଦପୁର, ଘଟଗାଁ, ଗୋନାସିକା, ବଳଦେବଜୀଉ ମନ୍ଦିର ଏବଂ ଚମ୍ପୁଆରୁ ମଶାଲ ରାଲି ପ୍ରସ୍ତାବ ଦିଆଯାଇଥିଲା। ମହୋତ୍ସବ ସମୟରେ ଜିଲ୍ଲା ପ୍ରଶାସନ ଏବଂ ନାଗରିକ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ ଆୟୋଜନ କରାଯିବ। ସମନ୍ୱୟ ପାଇଁ ବିଭିନ୍ନ କମିଟି ଗଠନ କରିବାର ପ୍ରସ୍ତାବ ଦିଆଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ପରିଚାଳନା କରିଥିଲେ।

## ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏକତା ପଦଯାତ୍ରା



**ଆନନ୍ଦପୁର, ୨୧।୧୧ (ସମିସ):** ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଆନନ୍ଦପୁର ଉପଖଣ୍ଡ ପ୍ରଶାସନ ତରଫରୁ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଛି। ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭକରି ପ୍ରଶାସନିକ ଅଧିକାରୀ, କର୍ମଚାରୀ ଓ ରାଜନେତା ସାମିଲ ହୋଇଥିଲେ। ସକାଳୁ ଘସିପୁରା ଝାଡେଶ୍ୱର ସ୍କୁଲଠାରେ ସମସ୍ତେ ଏକତ୍ରିତ ହେବାପରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ତେଲକୋଇ ବିଧାୟକ ଫକୀର ଚରଣ ନାୟକ, ଉପଜିଲ୍ଲାପାଳ ନୀଳମାଧବ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ଘସିପୁରାରୁ ବାହାରିଥିବା ଏହି ପଦଯାତ୍ରା ଶାଳପଡା ଦେଇ ସହର ପରକ୍ରମା କରି ଆନନ୍ଦପୁର ବିଏନ୍. ହାଇସ୍କୁଲ ଓ ପରେ ଆସି ଆନନ୍ଦପୁର ଷ୍ଟାଡିୟମଠାରେ ପହଞ୍ଚିଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ବେଳେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ମରୈଗାଁ ହାଇସ୍କୁଲରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



ହାଟଡ଼ିହୀ,୨୧।୧୧(ସମିସ): ହାଟଡ଼ିହୀ ଶିକ୍ଷା ସର୍କଲ ଅଧୀନ ମରୈଗାଁ ସରକାରୀ ହାଇସ୍କୁଲରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମରୈଗାଁ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସଞ୍ଜିତା ବେଗମ୍ ସଭାପତିତ୍ୱ କରିଥିଲେ। ଉଦଘାଟନୀ ଉତ୍ସବରେ ହାଟଡ଼ିହୀ ବିଡିଓ ରଞ୍ଜନ ପରିଡ଼ା ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ହାଟଡ଼ିହୀ ବିଇଓ ରାଜୀବ ଦଳେଇ, ସମ୍ମାନିତ ଅତିଥି ଭାବେ ଏବିଇଓ ପ୍ରମୋଦ ନାୟକ, ପୂର୍ଣ୍ଣଚନ୍ଦ୍ର ଜେନା, ନନ୍ଦିପଦା ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି, ଓଷ୍ଟା ସଭାପତି ରଞ୍ଜନ ଘଡେଇ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରତ୍ନାକର ପଣ୍ଡା, ମରୈଗାଁ ସରପଞ୍ଚ ସତ୍ୟଭାମା ଜେନା, ଏସଏମସି ଅଧ୍ୟକ୍ଷ ଶରତ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଦେବାଶିଷ ସୌଭାଗ୍ୟରଞ୍ଜନ ବାରିକ ଅତିଥି ପରିଚୟ କରାଇବା ସହ ମୁଖ୍ୟ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ୧୨୦ଟି ପ୍ରକଳ୍ପ ନେଇ ଏହି ବୈଜ୍ଞାନିକ ମେଳାରେ ନିଜର ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। କଲ୍ୟାଣୀ ଜେନା, ସୁଚରିତା ବେହେରା ସହଯୋଗ କରିଥିଲେ। ବିଚାରକ ଭାବେ ଲକ୍ଷ୍ମୀନାରାୟଣ ହାଇସ୍କୁଲ ରାମଚନ୍ଦ୍ରପୁରରୁ ଶତ୍ରୁଘନ ସାହୁ, ଜନମଙ୍ଗଳ ହାଇସ୍କୁଲ କେଶଦୁରାପାଳରୁ ପ୍ରକାଶ କୁମାର ପଣ୍ଡା, ଆଶାମଣି ଉଚ୍ଚ ବିଦ୍ୟାପୀଠ କୁଣ୍ଡି ମହାନ୍ତିପଡ଼ାରୁ ସଞ୍ଜୟକୃଷ୍ଣ ମହାପାତ୍ର, ସିଦ୍ଧେଶ୍ୱର ନୋଡାଲ ସ୍କୁଲ ବାସୁଦେବପୁରରୁ ପ୍ରମୋଦ କୁମାର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷକ ପିଣ୍ଟୁକୁମାର ଦାସ ଓ ମରୈଗାଁ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସଞ୍ଜିତା ବେଗମ୍ ପ୍ରକଳ୍ପଗୁଡ଼ିକର ନିରୀକ୍ଷଣ କରିଥିଲେ। ୧ମ ସ୍ଥାନରେ ମିଠିଗାଁ ଉପ୍ରା ବିଦ୍ୟାଳୟର ବିଶ୍ୱଜିତ ସେଠୀ, ୨ୟ ସ୍ଥାନରେ ମରୈଗାଁ ହାଇସ୍କୁଲର ଆଶୁତୋଷ ଦାସ, ୩ୟ ସ୍ଥାନରେ ଆଦିତ୍ୟ ନାୟକ ଛେନପଦି ଉପ୍ରା ବିଦ୍ୟାଳୟ, ୪ର୍ଥ ସ୍ଥାନରେ ସୁନ୍ଦରାପାଳ ଆଦର୍ଶ ବିଦ୍ୟାଳୟର ପାୟଲ ସା, ୫ମ ସ୍ଥାନରେ ସୋସୋ ବିକେ ହାଇସ୍କୁଲର ପ୍ରୀତିରାଜ ରାଉତ, ୬ଷ୍ଠ ସ୍ଥାନରେ ଲିପ୍ସାରାଣୀ ରାଉତ ଆଶାଦେବୀ ହାଇସ୍କୁଲ ଜମ୍ବିରା, ୭ମ ସ୍ଥାନରେ ରୁଦ୍ରଜିତ ଜେନା ପଞ୍ଚାୟତ ହାଇସ୍କୁଲ ଶାସଙ୍ଗରୁ ମନୋନୀତ ହୋଇଛନ୍ତି। ସମାପନ ସମାରୋହରେ ମୁଖ୍ୟଅତିଥି ଭାବେ ହାଟଡ଼ିହୀ ବିଇଓ ରାଜୀବ ଦଳେଇ, ମୁଖ୍ୟବକ୍ତା ଭାବେ ଓଷ୍ଟା ସଭାପତି ରଞ୍ଜନ ଘଡ଼େଇ, ସମ୍ମାନିତ ଅତିଥି ଭାବେ ଏବିଇଓ ପ୍ରମୋଦ ନାୟକ, ପୂର୍ଣ୍ଣଚନ୍ଦ୍ର ଜେନା, ପ୍ରାକ୍ତନ ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ତ୍ରିପାଠୀ, ଏସଏମସି ଅଧ୍ୟକ୍ଷ ଶରତ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ସିଆରସିସି ସତ୍ୟନାରାୟଣ ଗିରି, ଆଲୋକ ନାଥ, ଅଞ୍ଜନ ଦାସ, ଆକାଶ ସାହୁଙ୍କ ସମେତ ଶିକ୍ଷକ ଶିବସୁନ୍ଦର ସାହୁ, ସ୍ୱର୍ଣ୍ଣପ୍ରଭା ମଲ୍ଲିକ, ରିତା ଦାସ, ମେନକା ମଞ୍ଜରୀ ମଲ୍ଲିକ, ଗୀତାରାଣୀ ସେଠୀ, ଗୀତାଞ୍ଜଳି ମଲ୍ଲିକ, ରଞ୍ଜନ ପଣ୍ଡା, ଦିଗମ୍ବର କୁଅଁର, ରଘୁନାଥ ଓଝା, ସୌଦାମିନୀ ଜେନା, ରଞ୍ଜନ ଜେନା, ଚିନ୍ମୟୀ ଖମାରୀ ପରିଚାଳନା କରିଥିଲେ। ବିଦ୍ୟାଳୟର ସହାୟକ ନରେନ୍ଦ୍ର ପ୍ରସାଦ ଜେନା ଓ କର୍ମଚାରୀ ଘନଶ୍ୟାମ ସାହୁ ସହଯୋଗ କରିଥିଲେ।

## ପଦ୍ମପୁର ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



କେନ୍ଦୁଝର,୨୧।୧୧(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ହୃଷୀକେଶ ସାହୁଙ୍କ ସଭାପତିତ୍ୱରେ ଉତ୍ସବରେ ମୁଖ୍ୟଅତିଥି ଭାବେ ରୋଟାରୀୟାନ ଇଂ ବସନ୍ତ ଦାନୀ, ସମ୍ମାନିତ ଅତିଥି ପଦ୍ମପୁର ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ରାମକୃଷ୍ଣ ସାହୁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଭିନ୍ନ କ୍ରୀଡ଼ାରେ ୨୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବାଳକ ବିଭାଗରେ କୁଳମଣି ଜେନା, ବାଳିକାରେ ଫୁଲମଣି ମାଝୀ ଚାମ୍ପିଅନ ହୋଇଥିଲେ। ଅଧ୍ୟାପକ ରାମଶଙ୍କର ସାହୁ, ପ୍ରସନ୍ନ ପ୍ରଧାନ, ରଘୁନାଥ ମହାନ୍ତ, ଗୋଲକ ବିହାରୀ ସାହୁ, ପ୍ରକାଶ ପ୍ରଧାନ, ହରେରାମ ମାଝୀ, ଅଭୟ ଦେହୁରୀ, ସତ୍ୟବ୍ରତ ସାହୁ, ତାପସ ଜେନା, ଅଜିତ ସାହୁ, ଦୀପକ ଚାୱଡା, ଅଧ୍ୟାପିକା ସୌମ୍ୟାରାଣୀ ପୃଷ୍ଟି, ବିନ୍ଦୁସ୍ମିତା ପାତ୍ର, ଅର୍ପିତାରାଣୀ ମହାନ୍ତି ସମେତ କର୍ମଚାରୀ ହରିହର ମହାନ୍ତ, ସୁବୋଧ ସାହୁ, ସୁରେନ୍ଦ୍ର ସାହୁ, ରସରଞ୍ଜନ ରଣା, ପରମେଶ୍ୱର ଦେହୁରୀ, ମହେନ୍ଦ୍ର ସାହୁ, ଶିବ ସାମଲ, ଗୁରୁବାରୀ କାରୁଆ ସହଯୋଗ କରିଥିଲେ। ଅଧ୍ୟାପକ ସୁରେଶଚନ୍ଦ୍ର ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିବାବେଳେ କ୍ରୀଡ଼ା ବିଭାଗ ଉପସଭାପତି ଅଧ୍ୟାପକ ସନତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଡିଏଭି ଓଏମ୍‌ସି ପବ୍ଲିକ ସ୍କୁଲରେ ସାରସ୍ୱତ ସମ୍ମେଳନ

ଯୋଡ଼ା, ୨୧।୧୧(ସମିସ): ଯୋଡା ବ୍ଲକ୍ ଅନ୍ତର୍ଗତ ଜିଲିଙ୍ଗସ୍ଥ ଡିଏଭି ଓମ୍‌ସି ପବ୍ଲିକ ସ୍କୁଲ ଆନୁକୂଲ୍ୟରେ 'ରିଡ୍ ଟୁ ଲିଡ୍' ଥିମ୍‌କୁ ନେଇ ଏକ ସାରସ୍ୱତ ସମ୍ମେଳନ ଅନୁଷ୍ଠିତ ହୋଇଛି। ବିଶିଷ୍ଟ ଶିକ୍ଷାବିତ୍ ତଥା ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ଇଂରାଜୀ ଭାଷା ସାହିତ୍ୟର ପ୍ରାଧ୍ୟାପକ ଡକ୍ଟର ମାନସ ରଞ୍ଜନ ପଣ୍ଡା, ଯୋଡା ମହିଳା ମହାବିଦ୍ୟାଳୟର ଇଂରାଜୀ ଭାଷା ସାହିତ୍ୟର ଅଧ୍ୟାପକ ବିଭୂତି ଭୂଷଣ ମହାନ୍ତି ଏବଂ ଅବସରପ୍ରାପ୍ତ ଶିକ୍ଷକ ତଥା ବିଶିଷ୍ଟ ସାହିତ୍ୟ ସମାଲୋଚକ ଅର୍ଦ୍ଧାଂଶୁ ଶେଖର ପାଢୀ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। 'ସାହିତ୍ୟ ସମାଜର ଦର୍ପଣ ଓ ସମାଜ ପାଇଁ ଅସ୍ତ୍ର' ଶୀର୍ଷକ ବିଷୟରେ ଆଲୋଚନା ସହ ସାରଗର୍ଭକ ବକ୍ତୃତା ଏବଂ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। ପ୍ରସନ୍ନ କୁମାର ପ୍ରଧାନ, ବି. ନୀରଜା, ଗୀତା କୁମାରୀ, ସତ୍ୟପ୍ରକାଶ ଦାଶ, ସୁଶ୍ରୀ ଶୋଭା ପୁନ୍, ବିଦ୍ୟାଳୟର ବରିଷ୍ଠ ଶିକ୍ଷକଶିକ୍ଷୟିତ୍ରୀ ସଞ୍ଚାଳନ କରିଥିଲେ। ବିଦ୍ୟାଳୟର ଛାତ୍ରୀ ଅଦିତି ସାମନ୍ତରାୟ ଓ ସୃଷ୍ଟି ସମୀକ୍ଷା ପାତ୍ର ପୁସ୍ତକ ସମୀକ୍ଷା ପ୍ରତିଯୋଗିତାରେ, ନୁପୂର ପ୍ରିୟଦର୍ଶିନୀ ଓ ନିର୍ମଳା ବାରିକ କବିତା ଆବୃତ୍ତି ପ୍ରତିଯୋଗିତାରେ, ବୈଷ୍ଣବୀ ପ୍ରଧାନ ଓ ହର୍ଷରାଜ ପାତ୍ର ଗଳ୍ପ କଥନ ପ୍ରତିଯୋଗିତାରେ ଏବଂ ସୁଶ୍ରୀ ଶୁଭଲକ୍ଷ୍ମୀ ମିଶ୍ର ଓ ହିମାଂଶୁ ବେହେରା ରାଇମ୍ସ ଆବୃତ୍ତି ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ଶିକ୍ଷକ ସଂଜୟ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା





**ଚମ୍ପୁଆ, ୨୧।୧୧(ସମିସ):** ନେହରୁ ଷ୍ଟାଡିୟମରେ ଚମ୍ପୁଆ ଶିଶୁ ବିଦ୍ୟାମନ୍ଦିରର ୪୧ତମ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚମ୍ପୁଆ ତହସିଲଦାର ସଜତ ମାର୍କୀ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ କ୍ରୀଡ଼ାର ମହତ୍ତ୍ୱ ବିଷୟରେ ଅବଗତ କରିଥିଲେ। ସମ୍ପାଦକ ଭୋଳାନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଯୁଗ୍ମ ସମ୍ପାଦକ ଅରୁଣ କୁମାର ନାଏକ ମଞ୍ଚାସୀନ ଥିଲେ। ପ୍ରଧାନଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାସ୍କରଚନ୍ଦ୍ର ମହାକୁଡ଼ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏନ୍‌ସିସି ଶିକ୍ଷକ ବସନ୍ତ କୁମାର ମହାନ୍ତ ଓ କ୍ରୀଡା ଶିକ୍ଷକ ଉମେଶଚନ୍ଦ୍ର ମହାନ୍ତ, ଚିତ୍ତରଞ୍ଜନ ମହାନ୍ତ, ନିର୍ମଳଚନ୍ଦ୍ର ମହାନ୍ତ, ତ୍ରିବେଣୀ ପାତ୍ର ତଥା ସମସ୍ତ ଆଚାର୍ଯ୍ୟଆଚାର୍ଯ୍ୟା ଓ ସେବକସେବିକା ସହଯୋଗ କରିଥିଲେ। ଅରୁଣ ଶ୍ରେଣୀଠାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୯୩ଟି ଇଭେଣ୍ଟରେ ମୋଟ ୮୪୨ ଜଣ ଛାତ୍ରଛାତ୍ରୀ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ।

**ଆନନ୍ଦପୁର:** ଆନନ୍ଦପୁର ଶିଶୁ ବିଦ୍ୟାମନ୍ଦିରର ୩୪ତମ ବାର୍ଷିକ କ୍ରୀଡ଼ା ଆନନ୍ଦପୁରସ୍ଥ ଷ୍ଟାଡିୟମ୍ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଦକ୍ଷ ଫୁଟବଲ୍ ଖେଳାଳି ମୁରଲୀଧର ମିଶ୍ର ଓ ଗଗନ ବିହାରୀ ସିଂ ଏହାକୁ ଉଦଘାଟନ କରିଥିଲେ। ପରିଚାଳନା ସମିତିର ସମ୍ପାଦକ ଗୋବିନ୍ଦ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ତୃପ୍ତିରାଣୀ ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶାରୀରିକ ପ୍ରମୁଖ ହେମନ୍ତ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ। ଅହଲ୍ୟା ଗୁରୁମା କାର୍ଯ୍ୟ ପରିଚାଳନା କରିଥିଲେ। ସଭାପତି ଉଷାରାଣୀ ଜେନା, ଉପସଭାପତି ଜଗନ୍ନାଥ ସିଂ, କୋଷାଧ୍ୟକ୍ଷ ଦିଲ୍ଲୀପ ପାତ୍ର, ପୂର୍ବତନ ଗୁରୁଜୀ ବସନ୍ତ କୁମାର ସାହୁ ସହଯୋଗ କରିଥିଲେ। ଖେଳଗୁଡ଼ିକ ହରେକୃଷ୍ଣ ଗୁରୁଜୀ, ପଙ୍କଜ ଗୁରୁଜୀ, ଯୁଧିଷ୍ଠିର ଗୁରୁଜୀ, ବିଷ୍ଣୁପ୍ରିୟା ଗୁରୁମା, କିରଣ ଗୁରୁମା, ବଳରାମ ଗୁରୁଜୀ, ମାନସୀ ଗୁରୁମା ଓ ପ୍ରାତଃ ପର୍ଯ୍ୟାୟ ଦିବା ପର୍ଯ୍ୟାୟର ସମସ୍ତ କାର୍ଯ୍ୟ ଗୁରୁଜୀଗୁରୁମା, ସେବକସେବିକା ନିର୍ବାହ କରିଥିଲେ।

**କେନ୍ଦୁଝର:** କେନ୍ଦୁଝର ସଦର ବ୍ଲକ ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା ମହାଲକ୍ଷ୍ମୀ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକ ଏବିଇଓ ମାସନଚନ୍ଦ୍ର ମିଶ୍ର ଏହାକୁ ଉଦଘାଟନ କରିଥିଲେ। ବିଭିନ୍ନ ଖେଳରେ ୧୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ପରିଚାଳନା ସଭାପିତି ଆଖଣ୍ଡଳ ବାରିକ, ସମ୍ପାଦକ ଜନ୍ମେଜୟ ସାହୁ, କୋଷାଧ୍ୟକ୍ଷ ଶଶିକାନ୍ତ ମହାନ୍ତ, ପ୍ରଧାନଆଚାର୍ଯ୍ୟ ନିରଞ୍ଜନ ସାହୁ ମଞ୍ଚାସୀନ ଥିଲେ। ଗୁରୁଜୀ ଫକିର ମହାନ୍ତ, ଦିବ୍ୟଲୋଚନ ମହାନ୍ତ, ସୀତାରାମ ମଲ୍ଲିକ, ପ୍ରମୋଦ ରାଉତ, ଗୋଲକ ଦେହୁରୀ, ସୁରେଶ ଷଡଙ୍ଗୀ, ଇଶ୍ୱରଚନ୍ଦ୍ର ସର୍ଦ୍ଦାର, ଅର୍ଜୁନଚରଣ ସାହୁ, ସୁଶାନ୍ତ ଖଟୁଆ, ସହଦେବ ସାହୁ, ଗୁରୁମା ବିନତା ସାହୁ, ରେଣୁବାଳା ସାହୁ, ରେବତୀ ସାହୁ, ପଦ୍ମିନୀ ସାହୁ, ଅନୁପମା ସାହୁ, ଅଞ୍ଜଳି ସାହୁ, ସ୍ନେହଲତା ବେହେରା, ସରୋଜିନୀ ବେହେରା, ସାଗରିକା ସାହୁ, ଅନିତା ସାହୁ, ଗାୟତ୍ରୀ ମହାନ୍ତ, ବୀଣାପାଣି ଗିରି, ଚିନ୍ମୟୀରାଣୀ ପ୍ରଧାନ, ମୀନା ପାତ୍ର, ଦୀପାରାଣୀ ସାହୁ, ସୁଦିପା ସାହୁ, ଚିନ୍ମୟୀ ପ୍ରଧାନ, ସ୍ମୃତିସ୍ମିତା ସାହୁ, ମିତାରଣୀ ଦାସ, ରଶ୍ମିତା ସାହୁ, ଶୈଳବାଳା ସାହୁ, ସ୍ନେହଲତା ମହାନ୍ତ ସମେତ ସେବକ ସନ୍ତୋଷ ସାହୁ, କାଳୀଚରଣ ଦେହୁରୀ, ସେବିକା ସବିତା ଦେହୁରୀ, ଗୀତା କାରୁଆ ସହଯୋଗ କରିଥିଲେ।

## ଟ୍ରକ୍ ଧକ୍କାରେ କାର୍ ଚୁର୍‌ମାର
## ବର୍ତ୍ତିଗଲେ ଚାଳକ ଓ ମାଲିକ

ହାଟଡ଼ିହୀ,୨୧।୧୧(ସମିସ): କେନ୍ଦୁଝର ଜିଲ୍ଲା ୨୦ ନମ୍ବର ଜାତୀୟ ରାଜପଥର କୋଳିମାଟି ନିକଟରେ ଘଟିଛି କାର ଦୁର୍ଘଟଣା। କାରକୁ ଏକ ୧୬ ଚକିଆ ଟ୍ରକ ଧକ୍କା ଦେଇଛି। ହାଟଡ଼ିହୀ ବ୍ଲକ ଓରାଳି ଗ୍ରାମର ବିନୟ ଦାସ କେନ୍ଦୁଝରରେ ଟ୍ରେଜେରୀ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ଶୁକ୍ରବାର ସକାଳୁ କର୍ମସ୍ଥଳୀକୁ ଯିବା ବାଟରେ ଘସିପୁରା ଥାନା କୋଳିମାଟି ନିକଟରେ ଏକ ଆଇରନ



ବୋଝେଇ ୧୬ଚକିଆ ଟ୍ରକ ତାଙ୍କର ଓଡି ୦୨-ସିଡ଼ି-୮୭୫୩ ନମ୍ବର କାରଟିକୁ ସମ୍ମୁଖରୁ ପିଟିଥିଲା। ଏହି ଦୁର୍ଘଟଣାରେ ବିନୟ ଓ ତାଙ୍କ ଡ୍ରାଇଭର ସାମାନ୍ୟ ଆହତ ହୋଇ ନିଶ୍ଚିତ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦୁର୍ଘଟଣାରେ କାରଟି ଚୁରମାର ହୋଇ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ୨୦ନମ୍ବର ଜାତୀୟ ରାଜପଥରେ କୌଣସି ସୂଚନାଫଳକ ନଦେଇ ରାସ୍ତା ନିର୍ମାଣ କରୁଥିବା ଠିକାସଂସ୍ଥା ଗୋଟିଏ ପାର୍ଶ୍ୱ ରାସ୍ତା ବନ୍ଦ ରଖିବା ଫଳରେ ଦୈନିକ ଏଭଳି ଭୟଙ୍କର ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି।

● ବେଆଇନ ବାଲି ଚୋରାଚାଲାଣ

# ୨ ହାଇୱା, ୨ ଟ୍ରାକ୍ଟର ଜବତ

ତୁରୁମୁଙ୍ଗା, ୨୧।୧୧(ସମିସ): ତୁରୁମୁଙ୍ଗା ଥାନା ୪୯ ନମ୍ବର ଜାତୀୟ ରାଜପଥର ଝାରବେଡ଼ା ଛକ ନିକଟରୁ ଶୁକ୍ରବାର ଭୋରରୁ ୨ ବାଲି ବୋଝେଇ ହାଇୱା ସହ ଦୁଇଟି ଟ୍ରାକ୍ଟରକୁ ଜବତ କରାଯାଇଛି। ଉଭୟ ଗାଡ଼ିରେ ବେଆଇନ ଭାବରେ ବାଲି ଚୋରା ଚାଲାଣ ହେଉଥିବା ବେଳେ ପୁଲିସ ରାତ୍ରକାଳୀନ ଚଢ଼ଉ କରି କାଗଜପତ୍ର ଯାଞ୍ଚ କରିଥିଲା। ବାଲି ଚୋରା ଚାଲାଣ ବେଆଇନ ହେଉଥିବା ଜଣାପଡିବା ପରେ ପୁଲିସ ଉଭୟ ଦୁଇ ଗାଡ଼ିକୁ ଜବତ କରିଛି। ଗୋଟିଏ ଗାଡିର ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପୁଲିସ ଆଉ ଏକ ଡ୍ରାଇଭରକୁ ଅଟକ ରଖିଛି। ତୁରୁମୁଙ୍ଗା ଥାନା ଏଏସଆଇ ସାୟଦ ସଲିମ ହୁସେନଙ୍କ ସହ ଅନ୍ୟ କର୍ମଚାରୀ ସାମିଲ ଥିଲେ। ସେହିପରି ପାଟଣା ଥାନା ଏସଆଇ ଲକ୍ଷଣ ମାଝୀ ଗଦଗଦି ନିକଟରୁ ୨ ଟି ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି ଗାଡି ମାଲିକଙ୍କ ନାମରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛନ୍ତି।

## ବ୍ଲକ୍‌ସ୍ତରୀୟ ଖେଳକୁଦ ପ୍ରତିଯୋଗିତା



**ବାଲିବନ୍ଧ, ୨୧।୧୧(ସମିସ):** ଝୁମ୍ପୁରା ବ୍ଲକ ବାଲିବନ୍ଧ ଖେଳପଡ଼ିଆଠାରେ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ କାର୍ଯ୍ୟକ୍ରମ ଅନ୍ତର୍ଗତ "ମୋ ଭାରତ' କେନ୍ଦୁଝର ପ୍ରଯୋଜିତ ଗଜାନନ ଯୁବକ ସଂଘ ତରଫରୁ ବିଭିନ୍ନ ଗ୍ରାମର ପ୍ରତିଯୋଗୀଙ୍କୁ ନେଇ ଦୁଇ ଦିନ ଧରି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ବାଲିବନ୍ଧ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ କଳାକର ମହାନ୍ତ, ସମ୍ମାନିତ ଅତିଥି ବାଲିବନ୍ଧ ଆରଆଇ ନିବେଦିତା ନାୟକ ଯୋଗ ଦେଇଥିଲେ। କବାଡ଼ି, ଖୋଖୋ, ସଟପୁଟ, ବ୍ୟାଡମିଣ୍ଟନ, ୱେଟ୍ ଲିଫ୍ଟିଂ, ତୀରନ୍ଦାଜ, ମ୍ୟୁଜିକ ଚେୟାର, ସାଇକଲ ଏବଂ ଲୋକାଲ ଖେଳ ଚକି ଇତ୍ୟାଦି ଖେଳ ହୋଇଥିଲା। ଖେଳ ଶିକ୍ଷକ ବାସୁଦେବ ପ୍ରଧାନ ଉକ୍ତ ସମସ୍ତ ଖେଳକୁ ପରିଚାଳନା କରିଥିଲେ। ଉତ୍ତୀର୍ଣ୍ଣ ଖେଳାଳିଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଯୁବକ ସଂଘର ସଭାପତି ଅଭିଷେକ ପ୍ରଧାନ, ଭରତ, ମଳୟ, ହିତେଶ, ବାବୁଲି, ତୁଷାର, ଦୀପକ, ଡେନିସ, ତାପସ, ରାଜା, ହାବଲୁ, ମିଥୁନ, ଟିକଲୁ, ଶୁଭମ, ପପୁ, ଶିବୁ ସହଯୋଗ କରିଥିଲେ।

## ବାତୋ ବ୍ରାହ୍ମଣୀଦେବୀ ମନ୍ଦିରରେ ସ୍ମୃତିସଭା

ଆନନ୍ଦପୁର, ୨୧।୧୧ (ସମିସ): ଘସିପୁରା ବ୍ଲକ ବାତୋ ପଞ୍ଚାୟତ ନିକଟସ୍ଥ ଅତା ଗ୍ରାମର ବ୍ରାହ୍ମଣୀଦେବୀ ମନ୍ଦିର ପରିସରରେ ମନ୍ଦିରର ବରିଷ୍ଠ କର୍ମୀ ସ୍ୱର୍ଗତ ଅଞ୍ଜନା ନାଥଙ୍କ ଏକାଦଶ କ୍ରିୟା ଅବସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମା' ବ୍ରାହ୍ମଣୀ ଦେବୀ ଭଜନ ପରିବାରର ବହୁ ସଦସ୍ୟ ଓ ସଦସ୍ୟା ଯୋଗଦାନ କରିଥିଲେ। ତାଙ୍କ ଆତ୍ମାର ସଦଗତି ନିମନ୍ତେ ସମୂହ ଦୀପଦାନ କରିଥିଲେ। ବାବାଜୀ ପଣ୍ଡା, ଚନ୍ଦନ ନାଥ, ଶଙ୍କର୍ଷଣ ବେହେରା, ମେନକା ପାଗଳ, ରଶ୍ମିରାଣୀ ପାଗଳ, କୁନଲତା ନାଥ, ବିନିରାଣୀ ନାଥ, ଭବାନୀ ପାଗଳ, ଝିଲିରାଣୀ ପାଗଳ, ହବିରାଣୀ ନାଥ, ଦୀପ୍ତିମୟୀ ନାଥ, ତୃପ୍ତିମୟୀ ନାଥ ସହଯୋଗ କରିଥିଲେ।

# ସହାୟତା ପାଇଁ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଦୃଷ୍ଟିହୀନ ବନମାଳି




ଚମ୍ପୁଆ,୨୧।୧୧(ସମିସ): ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ଝୁମ୍ପୁରା ବ୍ଲକ ବାଲିବନ୍ଧ ପଞ୍ଚାୟତର ଦୁଧକୁଣ୍ଡି ଗ୍ରାମର ଦୃଷ୍ଟିହୀନ ବନମାଳି ଶୁକ୍ରବାର ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କୁ ଭେଟି ସହାୟତା ଦାବି କରିଛନ୍ତି। ଗାଡ଼ି ଚାଳକ ବନମାଳି ଦୀର୍ଘ ୧୫ ବର୍ଷ ହେବ ୨ ଚକ୍ଷୁ ହରାଇ ଏକପ୍ରକାର ଅସହାୟ ଜୀବନ ବିତାଉଛନ୍ତି। ପେଟ ଚାଖଣ୍ଡକ ପାଇଁ ଝୁମ୍ପୁରା, ରିମୁଳି ଓ ଚମ୍ପୁଆ ସପ୍ତାହିକ ହାଟରେ ଭିକ୍ଷାବୃତ୍ତିକୁ ଆପଣାଇ ନେଇଥିବା କହିଛନ୍ତି। ଦୁଧକୁଣ୍ଡି ଗ୍ରାମର ମଧୁ ନାଏକଙ୍କ ପୁଅ ବନମାଳି ଛୋଟ ବେଳୁ ଜେନେତେନେ ପ୍ରକାରଣ ଦୋକାନଗୁଡିକରେ କାମ କରି ନିଜକୁ ପ୍ରତିପୋଷଣ କରିଆସୁଥିବା ବେଳେ ଅଧିକ ରୋଜଗାର କରିବା ପାଇଁ ସେ ଯୋଡାରେ ଦୋକାନଗୁଡିକରେ କାମ କରୁକରୁ ଗାଡିର ହେଲପର ଭାବରେ କାମ ଆରମ୍ଭ କରିଥିଲେ। ଝାଡଖଣ୍ଡ ଅଞ୍ଚଳର ରିନା ନାଏକଙ୍କୁ ବିବାହ କରି ସୁଖରେ ସଂସାର ଚଳେଇ ଆସୁଥିଲେ। ପରେ ଜଣେ ଡ୍ରାଇଭର ଭାବରେ ଗାଡି ଚଳାଉଥିବା ସମୟରେ ତାଙ୍କ ଦୃଷ୍ଟି ଶକ୍ତି ହ୍ରାସ ହେବାକୁ ଲାଗିଲା। ଏନେଇ ସେ ବିଭିନ୍ନ ସ୍ଥାନରେ ଚକ୍ଷୁ ବିଶେଷଜ୍ଞଙ୍କୁ ଦେଖାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନଥିଲା। ଫଳରେ ୨ ଚକ୍ଷୁକୁ ହରାଇ ବନମାଳି ଘରେ ପଡି ରହିଥିବା ବେଳେ ସ୍ତ୍ରୀ ରିନା ନାଏକ ୩ ଛୁଆଙ୍କୁ ଧରି ପଳାଇଯାଇଥିଲେ। ଅନ୍ଧତ୍ୱର କଷ୍ଟ ସହିତ ଅନାହାରର ଜ୍ୱାଳାରେ ଛଟପଟ ହେଉଥିବା ବନମାଳି ଶେଷରେ ଭିକ୍ଷାବୃତ୍ତିକୁ ଆପଣାଇ ନେଇଥିଲେ। ସେ ଝୁମ୍ପୁରା, ଚମ୍ପୁଆ ଓ ରିମୁଳି ସପ୍ତାହିକ ହାଟଗୁଡିକରେ ଭିକ୍ଷାବୃତ୍ତି କରି ନିଜକୁ ପ୍ରତିପୋଷଣ କରିଆସୁଥିଲେ। ଦେଢ ବର୍ଷ ତଳେ ନିକଟସ୍ଥ ଗ୍ରାମର ଗୋଟାଏ ଆଖି ହରାଇଥିବା ତାରା ନାଏକଙ୍କୁ ସେ ଦ୍ୱିତୀୟ ବିବାହ କରିଥିଲେ। ପୂର୍ବରୁ ତାରା ନାଏକଙ୍କ ପୁଅ ଓ ଝିଅ ଥିବା ବେଳେ ସମସ୍ତଙ୍କୁ ବନମାଳି ଆପଣାଇ ନେଇଥିଲେ। ବର୍ତ୍ତମାନ ବନମାଳିଙ୍କ ତିନି ମାସର ଏକ ଶିଶୁକନ୍ୟା ଟିକିଲି ନାଏକ ସମେତ ଏକାଠି ରହୁଥିବା ବେଳେ ତାରା ନାଏକଙ୍କ ସହାୟତାରେ ସେ ଚଳପ୍ରଚଳ କରୁଛନ୍ତି। ମାତ୍ର ତାରା ନାଏକ କିମ୍ବା ତାଙ୍କ ତିନି ଶିଶୁର ଜନ୍ମ ପ୍ରମାଣପତ୍ର ଓ ଆଧାର ପ୍ରମାଣପତ୍ର ନଥିବାରୁ କେବଳ ବନମାଳିକୁ ଛାଡି ଏମାନଙ୍କ ଭିତରେ ୪ ଜଣଙ୍କୁ ସରକାରଙ୍କ ପକ୍ଷରୁ ମିଳୁଥିବା ୫ କି.ଗ୍ରା ଚାଉଳ ଆଜିପର୍ଯ୍ୟନ୍ତ ମିଳିପାରିଲା ନାହିଁ। ଏପରିକି ଦୁଇ ଛୁଆ ଶିବ ନାଏକ ଓ ଗୀତା ନାଏକ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟ ଯାଉ ନଥିବା ବନମାଳି ସୂଚନା ଦେଇଛନ୍ତି। ଏନେଇ ଉପଜିଲାପାଳ ତୁରନ୍ତ ପଦକ୍ଷେପ ଗ୍ରହହଣ କରିବା ସହିତ ଆଧାର ଓ ଜନ୍ମ ପ୍ରମାଣପତ୍ର ବ୍ୟବସ୍ଥା କରିବା ପାଇଁ ସେ ଉପଜିଲାପଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉପଜିଲ୍ଲାପଳ ଶ୍ରୀ ପରିଡା କହିଛନ୍ତି ଯେ ପ୍ରଥମେ ଏମାନଙ୍କ ଜନ୍ମ ପ୍ରମାଣପତ୍ର, ବାସିନ୍ଦା ପ୍ରମାଣପତ୍ର ଓ ଆଧାର ପ୍ରମାଣପତ୍ର ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ପରେ ଶିବ ନାଏକ ଓ ଗୀତା ନାଏକଙ୍କୁ ସ୍ଥାନୀୟ ବିଦ୍ୟାଳୟରେ ଥଇଥାନ କରାଯିବ।





# ଐତିହ୍ୟସ୍ଥଳୀରେ ନୂଆ ଧାରା

# ପର୍ଯ୍ୟଟକ କମ୍; ଫଟୋ ସୁଟ୍ ପାଇଁ ବେଶୀ



ଭୁବନେଶ୍ୱର, ୨୧।୧୧(ସମିସ): ବର୍ତ୍ତମାନ ରାଜଧାନୀରେ ଆରମ୍ଭ ହେଲାଣି ପର୍ଯ୍ୟଟନର ଋତୁ। ସେଥିପାଇଁ ରାଜଧାନୀର ପ୍ରମୁଖ ଐତିହ୍ୟସ୍ଥଳୀ ଗୁଡିକରେ ଭିଡ ପରିଲକ୍ଷିତ ହେଉଛି। ହେଲେ ଏହାରି ମଧ୍ୟରେ ଗତ କିଛିବର୍ଷ ହେଲା ଆଉ ଏକ ଟ୍ରେଣ୍ଡ ବା ଚାହିଦା ମଧ୍ୟ ଦେଖିବାକୁ ମିଳୁଛି। ପର୍ଯ୍ୟଟକଙ୍କ ଅପେକ୍ଷା ଅଧିକ ଲୋକେ ଫାଟୋ ସୁଟ୍ ପାଇଁ ଏଠାରେ ଭିଡ଼ ଜମାଉଥିବା ଲକ୍ଷ୍ୟ କରାଯାଉଛି।

ବିଶେଷକରି ଏବେ ପ୍ରି ୱେଡିଙ୍ଗ ଫଟୋ ସୁଟ୍ ପାଇଁ ଏହିସବୁ ସ୍ଥାନରେ ଭିଡ ବଢ଼ୁଛି। ବିଶେଷକରି ବିନ୍ଦୁସାଗର, ଦେବୀ ପାଦହରା ପୁଷ୍କରିଣୀ, କର୍ଜନ ମଣ୍ଡପ, ରାଜାରାଣୀ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ଧଉଳି, ଉଦୟଗିରି ଏବଂ ଖଣ୍ଡଗିରି, ଭାସ୍କରେଶ୍ୱର ମନ୍ଦିର ଆଦି ସ୍ଥାନରେ ଏବେ ଫଟୋ ସୁଟ୍ ପାଇଁ ଲୋକଙ୍କ ସଂଖ୍ୟା ବଢ଼ୁଛି। ଆଗରୁ କେବଳ କଲେଜ ପିଲାଙ୍କ ଫଟୋ ସହ ଭିଡିଓ ଓ ରିଲ୍ସ ପାଇଁ ଏହିସବୁ ସ୍ଥାନକୁ ବାଛୁଥିଲେ। ହେଲେ ଏଥିରେ ପ୍ରି ୱେଡିଙ୍ଗ ଫଟୋସୁଟ୍ ମଧ୍ୟ ସାମିଲ ହେଲାଣି। ଏପରିକି ଗୁଗଲରେ ମଧ୍ୟ ରାଜଧାନୀର ପ୍ରମୁଖ ପ୍ରି ୱେଡିଙ୍ଗ୍ ଫଟୋ ସୁଟ୍ ସ୍ଥାନ ଖୋଜିଲେ ଉପରୋକ୍ତ ସ୍ଥାନଗୁଡିକ ହିଁ ପ୍ରଥମେ ଦେଖିବାକୁ ମିଳୁଛି। ବିଶେଷକରି ବାହାରକୁ ଯିବାରେ, ଟ୍ରାଭେଲ ଖର୍ଚ୍ଚ, ବୁକିଂ ଆଦିରେ ପଇସା ଖର୍ଚ୍ଚ ମଧ୍ୟ ଏଠାରେ କରିବାକୁ ପଡ଼ି ନ ଥାଏ। ଏଠାରେ ସେସବୁର ଆବଶ୍ୟକତା ନଥାଏ ବୋଲି କିଛି ଜଣ ମତ ଦେଇଥିଲେ। ପୂର୍ବରୁ ରିଲ୍ସ ସ୍ପଟ ପାଲଟିଥିବା ଏହି ଐତିହ୍ୟସ୍ଥଳୀରେ ଏବେ ଫଟୋ ସୁଟ୍ ପାଇଁ ଚାହିଦା ବଢ଼ିଛି। ବର୍ତ୍ତମାନ ବାହାଘର ସିଜିନ୍ ଆରମ୍ଭ ହୋଇଥିବାରୁ ଏହି ସ୍ଥାନଗୁଡିକରେ ଭିଡ଼ ମଧ୍ୟ ବଢ଼ୁଛି। ଏହି ଐତିହ୍ୟସ୍ଥଳୀଗୁଡିକର ଆକର୍ଷଣୀୟ କାରୁକାର୍ଯ୍ୟ ଯୋଗୁଁ ଲୋକ ଏହାକୁ ବାଛୁଛନ୍ତି। ଗୋଟିଏ ଦିନରେ ପାଖିପାଖି ୪ ରୁ ୫ ଯୋଡି ପ୍ରି ୱେଡିଙ୍ଗ ଫଟୋ ସୁଟ୍ ପାଇଁ ଆସୁଥିବା କହିଛନ୍ତି ମୁକ୍ତେଶ୍ୱର ମନ୍ଦିରର ଜଣେ କର୍ମଚାରୀ।

## କାହାମୁହଁରେ କେଉଁ କଥା

ବର୍ତ୍ତମାନ ସମୟରେ ଓଡ଼ିଶାର କଳା, ସଂସ୍କୃତି କେବଳ ରାଜ୍ୟ ନୁହଁ ରାଜ୍ୟ ବାହାରେ ବି ପରିଚିତ ହେଲାଣି। ତେବେ ଫଟୋସୁଟ୍ ପାଇଁ ଅନ୍ୟ କୌଣସି ହୋଟେଲ କିମ୍ବା ରାଜ୍ୟ ବାହାରକୁ କାହିଁକି ବାଛିବା। ବାହାରକୁ ଯିବାରେ, ଟ୍ରାଭେଲ ଖର୍ଚ୍ଚ, ବୁକିଂ ଆଦିରେ ପଇସା ଖର୍ଚ୍ଚ ମଧ୍ୟ ଏଠାରେ କରିବାକୁ ପଡ଼ି ନ ଥାଏ।

**ଅଭିନାଶ ମିଶ୍ର, ଭୁବନେଶ୍ୱର**

ଓଡ଼ିଶାର କାରୁକାର୍ଯ୍ୟ ମତେ ପ୍ରଥମରୁ ହିଁ ଆକର୍ଷିତ କରିଥାଏ। ରାଜଧାନୀ ହେଉଛି ପୁରାତନ ମନ୍ଦିରଗୁଡିକର ଗନ୍ତାଘର। ମୁଁ ପୂର୍ବରୁ ଅନେକଥର ଏସବୁ ସ୍ଥାନକୁ ଆସିଛି, ହେଲେ ଏପରି ମୋର ଏକ ସ୍ମରଣୀୟ ଦିନକୁ ସବୁବେଳେ ମନେ ରଖିବାକୁ ଚାହେଁ। ସେଥିପାଇଁ ମୁକ୍ତେଶ୍ୱର ମନ୍ଦିର ଏବଂ ବିନ୍ଦୁସାଗରକୁ ଫଟୋସୁଟ୍ ପାଇଁ ବାଛିଛି।

**ସ୍ନେହପ୍ରଭା ରାୟ, କଟକ**




# 'ପଦ୍ମ ଜିନ୍ ବ୍ୟାଙ୍କ' ଉଦ୍‌ଘାଟିତ

ଭୁବନେଶ୍ୱର, ୨୧।୧୧(ସମିସ): ଛତାବର ସ୍ଥିତ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ କୃଷି ମହାବିଦ୍ୟାଳୟର କୃଷି ଗବେଷଣା କେନ୍ଦ୍ର ଦ୍ୱାରା ଏକ 'ପଦ୍ମ ଜିନ୍ ବ୍ୟାଙ୍କ' ଉଦ୍‌ଘାଟନ କରାଯାଇଛି। ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଏବଂ କୃଷି ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ତଥା ଉଦ୍ଭିଦ ଶରୀରତତ୍ତ୍ୱ ବିଭାଗର ବିଭାଗୀୟ ମୁଖ୍ୟ ଡ. ସରୋଜ କୁମାର ମହାନ୍ତି ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ପଦ୍ମ ଜିନ ବ୍ୟାଙ୍କରେ ଓଡ଼ିଶାର ୨୪ ପ୍ରକାରର ନିଜସ୍ୱ ଜିନୋଟାଇପ୍ ସହ ଅନ୍ୟ ରାଜ୍ୟ ତଥା ଦେଶ ବିଦେଶର କିସମ ଉପରେ ଗବେଷଣା କରାଯିବ। ଓଡ଼ିଶା ମାଟି ଓ ପବନ ପାଇଁ ଅଧିକ କିସମ ତଥା ରୋଗ, ପୋକ ପ୍ରତିରୋଧକ କିସମ ଚିହ୍ନଟ ଏବଂ ତା'ର ଶଙ୍କରୀକରଣ କରି ନୂତନ କିସମ ଉଦ୍ଭାବନ



କରାଯିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ପୁଷ୍ପ ଓ ଭୂପୃଷ୍ଠ ଦୃଶ୍ୟ ଉଦ୍ୟାନ ବିଭାଗର ବିଭାଗୀୟ ମୁଖ୍ୟ ଡ. ଶଶୀକଳା ବେଉରା, ପ୍ରଫେସର ଫାର୍ମ ଡ. ମଧୁସୂଦନ ବେହେରା, ସହଯୋଗୀ ପ୍ରଫେସର ଡ. ଶୈଳେନ୍ଦ୍ରୀ କୁମାରୀ ପାତ୍ର, ସହକାରୀ ପ୍ରଫେସର ଡ. ଅଭିନାଶ ପଟ୍ଟନାୟକ, ଲକ୍ଷ୍ମୀ ପ୍ରସନ୍ନା, ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର



ଭୁବନେଶ୍ୱର, ୨୧।୧୧(ସମିସ): ବୀଣାପାଣି ମହାନ୍ତିଙ୍କ ୯୦ତମ ଜନ୍ମତିଥିରେ 'ଓଡ଼ିଶା ଲେଖକ ସମବାୟ ସମିତି'ର ସଭାପତି ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ ସମବାୟ ସମତିର ସଭାଗୃହରେ ଅନୁଷ୍ଠିତ ବୀଣାପାଣି ଗଳ୍ପମାନସ ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିମାନେ ବୀଣାପାଣି ମହାନ୍ତିଙ୍କ ସାମାଜିକ ପ୍ରତିବଦ୍ଧତା ଉପରେ ଆଲୋଚନା କରି ତାଙ୍କର ପୁରୁଷପ୍ରଧାନ ସମାଜରେ ନାରୀକୁ ଶକ୍ତିଶାଳୀ କରି ଗଢ଼ି ତୋଳିବାର ବିଭିନ୍ନ ଗଳ୍ପ ଉପରେ ଆଲୋଚନା କରିଥିଲେ। ତାଙ୍କର ଗଳ୍ପ 'ନାଉଗଛ ଓ 'ପାଟଦେଇ' ଉପରେ ବିଶେଷ ଆଲୋଚନା କରାଯାଇଥିଲା। ସଭାରେ ବିଶିଷ୍ଟ ପ୍ରଶାସକ ଡ. ଅଲେଖ ଚନ୍ଦ୍ର ପଢ଼ିଆରୀ, ସାହିତ୍ୟକ ମନୋଜ କୁମାର ଜେନା, ବିମଳା ସିଂହ, ନିଶାକର ରାଉତ, ମିନତୀ ଷଡ଼ଙ୍ଗୀ ଓ ଶ୍ରୀବତ୍ସ ପ୍ରସାଦ ମହାପାତ୍ର ଅଂଶଗ୍ରହଣ କରିଥିଲେ। 'ଲେଖକ ସମବାୟ ସମିତି'ର ଉପସଭାନେତ୍ରୀ ଡ. ପ୍ରେମଲତା ଦେବୀ ତାଙ୍କ ସାହିତ୍ୟ ଉପରେ ବିକ୍ଷିପ୍ତ ଆଲୋଚନା କରିଥିଲେ ଓ ସମାଜ ସଂସ୍କାର ତାଙ୍କର ମୂଳ ଲକ୍ଷ୍ୟ ଥିଲା ବୋଲି ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରୁ ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସଭ୍ୟ କୈଳାଶ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## କଳାକୃତିର ପ୍ରତିଷ୍ଠା ଉତ୍ସବ

# ଧୁଙ୍ଗୁରୀ ପାହାଡ଼ ତଳେ...

ଭୁବନେଶ୍ୱର, ୨୧।୧୧(ସମିସ): କଳା ଓ ସାଂସ୍କୃତିକ ପତ୍ରିକା 'କଳାକୃତି'ର ୧୫ତମ ପ୍ରତିଷ୍ଠା ଉତ୍ସବ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ନୃତ୍ୟଶାଳା ଅନୁଷ୍ଠାନ ଦ୍ୱାରା ପ୍ରକାଶିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଶୀ ନୃତ୍ୟ ମଙ୍ଗଳାଚରଣରୁ ଆରମ୍ଭ ହୋଇଥିଲା। ଏହି ନୃତ୍ୟର ମୂଳ ସଂରଚନା କରିଥିଲେ ପଦ୍ମଶ୍ରୀ ପଙ୍କଜ ଚରଣ ଦାସ। ପରବର୍ତ୍ତୀ ନୃତ୍ୟ ଥିଲା ସ୍ଥାୟୀନୃତ୍ୟ। ନୃତ୍ୟ ସଂରଚନା ପଦ୍ମଶ୍ରୀ ପଙ୍କଜ ଚରଣ ଦାସ କରିଥିବା ବେଳେ



ନିର୍ଦ୍ଦେଶନା ଦେଇଥିଲେ ଗୁରୁ ଅଶୋକ କୁମାର ଘୋଷାଲ। ପରେ ପରେ ଗୁରୁ ତଥା ନୃତ୍ୟଶିଳ୍ପୀ ବନ୍ଦିତା ଘୋଷାଲ ଏକକ ନୃତ୍ୟାଭିନୟ ପରିବେଷଣ କରିଥିଲେ। ପୁରାତନ ରଚନା କୁଞ୍ଜେ ମୁରଲୀ ବାଜୁଛି... ଗୀତରେ ରାଧାକୃଷ୍ଣଙ୍କ ଶାଶ୍ୱତ ପ୍ରେମକୁ ପ୍ରତିବାଦିତ କରିଥିଲେ। ପରେ ଲୋକନୃତ୍ୟ କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟ ଗୀତରେ ଛୋଟ ଛୋଟ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଆଦିବାସୀ ନୃତ୍ୟ ପରିବେଶିତ ହୋଇଥିଲା। ଶିଳ୍ପୀମାନେ ଆଦିବାସୀ ପରମ୍ପରା ଓ ସଂସ୍କୃତିର ମହାନୀୟତାକୁ ନୃତ୍ୟରେ ମଞ୍ଚରେ ପ୍ରଦର୍ଶନ କରିବାର ପ୍ରୟାସ କରିଥିଲେ। ପାହାଡ ପର୍ବତ ଘେରା ପରିବେଶ ସହ ଅତୁଟ ବନ୍ଧନ ଥିବା ଜୀବନ ଚଳଣୀ ଓ ଗ୍ରାମ୍ୟ ପରମ୍ପରାର ସଂସ୍କୃତି ଏହି ନୃତ୍ୟରେ ଦୃଷ୍ଟିଗୋଚର ହୋଇଥିଲା। କାର୍ଯ୍ୟକ୍ରମକୁ ଗୁରୁ ପ୍ରଦୀପ ଦାସ ପରିଚାଳନା କରିଥିଲେ। ପ୍ରତିଷ୍ଠା ଉତ୍ସବରେ ଅତିଥି ଭାବେ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ନାଟ୍ୟ ନିର୍ଦ୍ଦେଶକ ଲାଲାବିରେନ ରାୟ, ଓଡିଶୀ ନୃତ୍ୟଶିଳ୍ପୀ ପ୍ରିୟମ୍ବଦା ରାୟ, ଗୁରୁ ଅଶୋକ କୁମାର ଘୋଷାଲ ଉପସ୍ଥିତ ଥିଲେ।

# ଟିଲ୍ ବ୍ଲୁ ରଙ୍ଗରେ ରଙ୍ଗୀନ ହେଲା ଶାନ୍ତିସ୍ତୂପ

ଭୁବନେଶ୍ୱର, ୨୧।୧୧(ସମିସ): ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ର ସର୍ଭାଇକାଲ୍ କର୍କଟ ଦୂରୀକରଣ ପାଳନର ୫ମ ବର୍ଷ ଉପଲକ୍ଷେ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ସହ ଟିଲ୍ ବ୍ଲ୍ୟୁ ରଙ୍ଗରେ ଆଲୋକୀକରଣ କରାଯାଉଛି। ସେହିକ୍ରମରେ ଶୁକ୍ରବାର କ୍ରିଆ ଫାଉଣ୍ଡେସନ୍ ପକ୍ଷରୁ ଧଉଳିଗିରିରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଧଉଳି ଶାନ୍ତିସ୍ତୂପକୁ ଟିଲ୍ ବ୍ଲ୍ୟୁ ରଙ୍ଗରେ ଆଲୋକିତ କରାଯାଇଥିଲା। ଏହି ରଙ୍ଗଟି ସଚେତନତା, ଆଶା ଓ ସର୍ଭାଇକାଲ୍ କର୍କଟ ବିରୁଦ୍ଧରେ ମିଳିତ ପଦକ୍ଷେପର ପ୍ରତୀକ ହୋଇଥିବାରୁ ଏହି ରଙ୍ଗ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଛି। ତେବେ ଭାରତୀୟ ମହିଳାମାନଙ୍କ ମଧ୍ୟରେ ଦ୍ୱିତୀୟ ସର୍ବାଧିକ ଦେଖାଯାଉଥିବା ସର୍ଭାଇକାଲ୍ କର୍କଟ ରୋଗରେ ବର୍ଷକୁ ପ୍ରାୟ ୭୭, ୫୦୦ ମହିଳାଙ୍କ ଜୀବନ ଯାଉଛି। ଏହି ରୋଗର ୬୦ ପ୍ରତିଶତରୁ ଅଧିକ କେସ୍ ଗୁରୁତର ଅବସ୍ଥାରେ ଚିହ୍ନଟ ହେଉଛି। ତେଣୁ ଏହି ରୋଗକୁ ଟୀକାକରଣ ଦ୍ୱାରା ମୂଳପୋଛ କରାଯିବାକୁ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ୨୦୩୦ ସୁଦ୍ଧା ୧୫ବର୍ଷ ବୟସର ୯୦ ପ୍ରତିଶତ ବାଳିକା ବା ଝିଅଙ୍କୁ ଏଚ୍‌ପିଭି



ଟିକାକରଣ, ୩୫ ଓ ୪୫ ବର୍ଷ ବୟସର ୭୦% ମହିଳାଙ୍କ ସ୍କ୍ରିନିଂ ଓ ଚିହ୍ନଟ କରାଯାଇ ଚିକିତ୍ସା ମାଧ୍ୟମରେ ଏହି ରୋଗକୁ ମୂଳପୋଛ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଲକ୍ଷ୍ୟ ରଖିଥିବା ଫାଉଣ୍ଡେସନ୍ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଲିଲି ଜେନାମଣି, ଡ. ଦୀପକ ରାଉତରାୟ, ଡ. ଭାଗ୍ୟଲକ୍ଷ୍ମୀ ନାୟକଙ୍କ ସମେତ ଇନଟାକର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଦଲାଲ୍‌ଙ୍କ କବ୍‌ଜାରେ ଶୈଶବ

ଭୁବନେଶ୍ୱର, ୨୧।୧୧(ସମି): ପାଠ ପଢ଼ା ବୟସରେ ଜୀବନ ବିତୁଛି ରୋଷେଇ ଘରେ ତ ଆଉ ହାକାର ବିଭିନ୍ନ ହୋଟେଲର ପାକଶାଳାରେ। ସେହିପରି କେତେକ ଇଟା ଭାଟି ଭିତରେ ନିଜର ଭିବଷ୍ୟତକୁ ଜାଳି ଦେଉଛନ୍ତି ତ କେହି ରେଳ ଷ୍ଟେସନରେ ଭିକ୍ଷାବୃତ୍ତି କରିବାକୁ ବାଧ ହେଉଛନ୍ତି। ସଚେତନତାର ଘୋର ଅଭାବ ଓ ସରକାର ଉଦାସିନତା ଅଭାବରୁ ଆସନ୍ତା କାଲିର ଭବିଷ୍ୟତ କୁହାଯାଉଥିବା ଶିଶୁମାନେ ଶ୍ରମିକ ପାଲଟିଛନ୍ତି। ସେହିପରି ପରିବାର ଆର୍ଥିକ ଚାପ ଯୋଗୁଁ ମଧ୍ୟ ଏଭଳି ପଥକୁ ଆପଣାଉଛନ୍ତି କୁନି କୁନି ପିଲାମାନେ। ଫଳସ୍ୱରୂପ, ଦିନକୁ ଦିନ ଉତ୍କଟ ରୂପ ନେଉଛି ଶିଶୁ ଶ୍ରମିକଙ୍କ ସ୍ଥିତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉପାନ୍ତ ଅଞ୍ଚଳରୁ ଅଭିଭାବକଙ୍କୁ ଅର୍ଥ ପ୍ରଲୋଭନ ଦେଖାଇ ଗରିବ ଶିଶୁମାନଙ୍କୁ ଆଣି ଦଲାଲ୍ ମାନେ ରାଜଧାନୀରେ ବିଭିନ୍ନ କାମରେ ନିୟୋଜିତ କରୁଛନ୍ତି। ତେବେ ଚାଇଲ୍ଡ ଲେବର ପ୍ରୋହିବିସନ୍ ଆକ୍ଟ-୨୦୧୬ ନିୟମକୁ ଉଲ୍ଲଙ୍ଘନ କରାଯାଉଥିଲେ ମଧ୍ୟ ସରକାରୀ ସ୍ତରରେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନଥିବା ସହ ଏହା ପଛରେ ରହିଥିବା ମାଷ୍ଟରମାଇଣ୍ଡକୁ ଧରିବାରେ ପ୍ରଶାସନ ବିଫଳ ହୋଇଥିବା କୁହାଯାଉଛି।

ସୂଚନା ଅନୁସାରେ, ରାଜଧାନୀର କିଛି ଦଲାଲ୍ ମାନେ ରାଜ୍ୟର ବିଭିନ୍ନ ସ୍ଥାନରୁ ଶିଶୁମାନଙ୍କୁ ଆଣି ରାଜଧାନୀରେ ହୋଟେଲ, ଗ୍ୟାରେଜ୍‌ରେ ନିଯୁକ୍ତି କରାଇବା ସହ ଭିକ୍ଷାବୃତ୍ତିରେ ମଧ୍ୟ ବ୍ୟବହାର କରୁଛନ୍ତି। ପ୍ରତିଦିନ ଗରିବ ଅସହାୟ ପିଲାମାନଙ୍କୁ ଇଟାଭାଟି, ଖଣିଖାଦନ, ହୋଟେଲ କିମ୍ବା ବଡ଼ବଡ଼ିଆଙ୍କ ଘରେ



■ କାଗଜ କଲମରେ 'ଚାଇଲ୍ଡ ଲେବର୍ ପ୍ରୋହିବିସନ୍ ଆକ୍ଟ-୨୦୧୬'

ଖଟାଉଛନ୍ତି। ଏପଟେ ପିଲାମାନଙ୍କୁ ପାଠପଢ଼ା ପ୍ରତି ଆକୃଷ୍ଟ କରିବାକୁ ସରକାରୀ ବିଦ୍ୟାଳୟ ଗୁଡ଼ିକରେ ମାଗଣାରେ ୟୁନିଫର୍ମ, ପାଠ୍ୟ ଉପକରଣ ସାଙ୍ଗକୁ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ପୁଷ୍ଟିକର ଖାଦ୍ୟ ମଧ୍ୟ ଯୋଗାଇ ଦିଆଯାଉଛି। ଏସବୁ ପରେ ମଧ୍ୟ ପାଠ ପଢ଼ିବା ବଦଳରେ ବିଭିନ୍ନ କ୍ଷେତ୍ରରେ ଶ୍ରମିକ ପାଲଟୁଛନ୍ତି ହଜାର ହଜାର ଶିଶୁ। ଉଦାହରଣ ସ୍ୱରୂପ ନିୟମିତ ଭାବେ ରାଜଧାନୀରୁ ଉଦ୍ଧାର ହେଉଛନ୍ତି ଶିଶୁ ଶ୍ରମିକ। ତେବେ ୨୦୨୪(ମାର୍ଚ୍ଚ)-୨୫(ମାର୍ଚ୍ଚ) ବର୍ଷରେ କେବଳ ଖୋର୍ଦ୍ଧା ଜିଲ୍ଲାରୁ ୯୫ଜଣ ଶିଶୁ ଶ୍ରମିକ ଉଦ୍ଧାର ହୋଇଥିବା ସୂଚନା ରହିଛି। ସେମାନଙ୍କ ମଧ୍ୟରେ ୭୦ଜଣ ନାବାଳକ ରହିଥିବା ବେଳେ ୨୫ଜଣ ନାବାଳିକା ରହିଛନ୍ତି। ଏଥିମଧ୍ୟରୁ ୬୦ଟି କେସ୍ ର ଏଫଆଇଆର ହୋଇଥିବା ବେଳେ ୨୮ଟି ଜିଡି(ଜେନେରାଲ ଡାଏରୀ) ରହିଛି। ସେହିପରି ୨୦୨୫ ମସିହା ଏପ୍ରିଲ ମାସରୁ ଏପର୍ଯ୍ୟନ୍ତ ୬୩ଜଣ ଶିଶୁ ଶ୍ରମିକ ଉଦ୍ଧାର ହୋଇଥିବା ସୂଚନା ରହିଛି। ୨୦୨୩-୨୪ ବର୍ଷରେ ୫୩ ଜଣ ଶିଶୁ ଶ୍ରମିକ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ୩୧ଜଣ ମାଲିକଙ୍କ ନାଁରେ ଏଫଆଇଆର୍ ହୋଇଥିବା ବେଳେ ୪ଟି ଜିଡି ହୋଇଛି। ତେବେ ଏହି ଶିଶୁ ଶ୍ରମିକ ମାନେ ବିଭିନ୍ନ ହୋଟେଲ, ବାବୁ ଘରେ କାମ କରୁଥିବା ସମୟରେ ଉଦ୍ଧାର ହୋଇଥିବା ଜଣାପଡ଼ିଛି। ଦାରିଦ୍ର୍ୟର କଷାଘାତରେ ସନ୍ତୁଳିତ ହୋଇ ବାପା ମା ଗାଁ ଛାଡିଥିବା ବେଳେ ପିଲାମାନେ ବିଦ୍ୟାଳୟ ଛାଡ଼ି ଶିଶୁ ଶ୍ରମିକ ଭାବରେ ନିୟୋଜିତ ହୋଇଥିବାର ସୂଚନା ମିଳିଛି। ଏହି ସମସ୍ତ ପିଲାଙ୍କୁ ଶିଶୁ କଲ୍ୟାଣ ସମିତିରେ ଉପସ୍ଥିତ କରାଯାଇ ଓପନ ସେଲଟର ମାନଙ୍କରେ ରଖାଯାଇ କାଉନସେଲିଂ କରାଯାଇଛି। ୨୦୨୩-୨୪

## ବର୍ଷକରେ ଖୋର୍ଦ୍ଧା ଜିଲ୍ଲାରୁ ୯୫ ଶିଶୁ ଶ୍ରମିକ ଉଦ୍ଧାର

ବର୍ଷରେ ଖୋର୍ଦ୍ଧା, ପୁରୀ ଏବଂ ନୟାଗଡ଼ ଜିଲ୍ଲାରୁ ନିୟମିତ ଏଭଳି ଶିଶୁ ଶ୍ରମିକଙ୍କୁ ଉଦ୍ଧାର କଯାଇଛି। ଏନେଇ ଚାଇଲ୍‌ଡଲାଇନ୍‌ର ନିର୍ଦ୍ଦେଶକ ବେଣୁଧର ସେନାପତି କହିଛନ୍ତି ଯେ, ଚାଇଲ୍ଡ ଲେବର ପ୍ରୋହିବିସନ୍ ଆକ୍ଟ-୨୦୧୬ କଡ଼ାକଡ଼ି ଭାବେ ଲାଗୁ କରାଯାଉନାହିଁ। ଏହାସହ ଶିଶୁ ଚାଲାଣ କ୍ଷେତ୍ରରେ ମଧ୍ୟ ୩୭୦ ଧାରାରେ କେସ୍ କରାଯାଇପାରିବ। ଉକ୍ତ କେସ୍ ଗୁଡ଼ିକ ତଦାରଖ କରିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରତି ଜିଲ୍ଲାରେ ଆଣ୍ଟି ହ୍ୟୁମାନ୍ ଟ୍ରାଫିକିଂ ସେଲ୍‌ଫ ଗଠନ ହୋଇଛି। ସରକାରଙ୍କ ବିଦ୍ଧିବଦ୍ଧ ଭାବେ ସମସ୍ତ କାଯ୍ୟ କରିଥିଲେ ମଧ୍ୟ ଏହା ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ପଞ୍ଚାୟତ, ବ୍ଲକ ଏବଂ ଜିଲ୍ଲା ସ୍ତରରୁ ପ୍ରତି ଶିଶୁଙ୍କ ସଂଖ୍ୟା ଗଣନା କରାଗଲେ ସଠିକ୍ ତଥ୍ୟ ରହିବ। ଏହାସହ ଯେଉଁମାନେ ବିଭିନ୍ନ ଅଞ୍ଚଳରୁ ଶିଶୁ ଚାଲାଣ କରୁଛନ୍ତି ଉକ୍ତ ରାକେଟ୍‌କୁ ଧରିବା ସହ କଡାଦଣ୍ଡ ବିଧାନରେ ଦଣ୍ଡିତ ଏବଂ ଯେଉଁମାନେ ନିଜ ଘରେ କିମ୍ବା ହୋଟେଲରେ ପିଲାମାନଙ୍କୁ କାମ କରାଉଛନ୍ତି ସେମାନଙ୍କୁ ପାଇଁ ମଧ୍ୟ ଦଣ୍ଡବିଧାନ ମଧ୍ୟ କଠୋର କରାଯିବା ଆବଶ୍ୟକତା ରହିଛି ବୋଲି ଶ୍ରୀ ସେନାପତି କହିଛନ୍ତି।

# ହାଇଟେକ୍ ଫିଜିଓଥେରାପି କଲେଜର ସ୍ନାତକ ଉତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର, ୨୧।୧୧(ସମିସ): ହାଇଟେକ୍ କଲେଜ ଅଫ୍ ଫିଜିଓଥେରାପିରେ ସିନାପ୍ସ୍ ୨୦୨୫ର ୧୫ତମ ସ୍ନାତକ ଏବଂ ୧୦ମ ସ୍ନାତକୋତ୍ତର ଉତ୍ସବ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଗୃହ ନିର୍ମାଣ ଓ ସହରାଞ୍ଚଳ ବିକାଶ କ୍ୟାବିନେଟ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ବିଦ୍ୟାର୍ଥୀମାନେ ସେବାକୁ ନିଜ ଜୀବନର ପ୍ରଥମ ବ୍ରତ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ହାଇଟେକ୍ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ବିଦ୍ୟାର୍ଥୀମାନଙ୍କ ଜୀବନ ସଦାସର୍ବଦା ସବୁ ଜାଗାରେ ଆଦର ହୋଇ ଦେଶ, ଜାତି ଓ ରାଷ୍ଟ୍ର ପାଇଁ ସେବା ଯୋଗାଇବାକୁ ଉପଦେଶ ଦେଇଥିଲେ। ଏଥିରେ ହାଇଟେକ୍ ଗ୍ରୁପ୍‌ର ସିଇଓ ତଥା ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ, ମେଡିକାଲ ସୁପରିଟେଣ୍ଡେପ୍ରଫେସର ଡ. ରବୀନ୍ଦ୍ରନାଥ ବେହେରା, ଡିନ୍ ଏଣ୍ଡ ଡାଇରେକ୍ଟର ଏକାଡେମିକ୍ ପ୍ରଫେସର୍ ଡ. ରାଧାମାଧବ ତ୍ରିପାଠୀ, ମୁଖ୍ୟବକ୍ତା ଭାଇସ୍-ଚାନ୍ସେଲର ପ୍ରଫେସର୍ ଡ. କୁମରବର ଦାସ, ହାଇଟେକ୍ କଲେଜ ଅଫ୍ ଫିଜିଓଥେରାପର ଡିନ୍ ଏଣ୍ଡ ଡାଇରେକ୍ଟର ଡ. ଅମଲେନ୍ଦୁ ଚୌଧୁରୀ, ପ୍ରିନ୍ସିପାଲ ପ୍ରଫେସର୍ ଡ. ଦୀପକ ସାମନ୍ତରାୟ, ହାଇଟେକ୍ +୨ ମହାବିଦ୍ୟାଳୟ ପ୍ରିନ୍ସିପାଲ ପ୍ରଫେସର୍ ଡ. ଚିରଞ୍ଜନ ସାହୁ ଯୋଗ ଦେଇଥିଲେ।

# ଏସ୍‌କେ ରହମନ ପେଟ୍ରୋଲ ପମ୍ପ ତରଫରୁ ସମ୍ବର୍ଦ୍ଧନା




ଭୁବନେଶ୍ୱର, ୨୧।୧୧(ସମିସ): ଏସ୍‌କେ ରହମନ ଏବଂ ଏସ୍.ଏଫ୍. ରହମନ ପେଟ୍ରୋଲପମ୍ପ ତରଫରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିପିସିଏଲ୍‌ର ମ୍ୟାନେଜର ହିତେଶ୍ୱର ବୋରୋ, ସୌମ୍ୟ ଜନ୍ୟ, ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ପଦାଧିକାରୀ ସମ୍ମାନିତ ଅତିଥିଭାବରେ ଯୋଗ ଦେଇଥିଲେ। ପେଟ୍ରୋଲ ପମ୍ପର ସତ୍ତ୍ୱାଧିକାରୀ ସେକ୍ ହତୁଦୂର ରହମନ୍, ସେକ୍ ସମସୁର ରହମନ ଏବଂ ସେକ୍ ସକିଲୁର ରହମନ ଯୋଗ ଦେଇଥିଲେ। ଗ୍ରାହକମାନଙ୍କୁ ପେଟ୍ରୋଲ ପମ୍ପରେ କିଭଳି ସୁବିଧା, ସୁଯୋଗ ଓ ଯୋଜନା ପ୍ରଦାନ କରାଯାଉଛି ସେ ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଇଥିଲା। ଏହି ସଭାରେ ବନ୍ଧୁ ଭାବେ ଗ୍ୟାରେଜ୍ ଗ୍ରାହକ, ଟ୍ରାନ୍ସପୋର୍ଟ ଗ୍ରାହକ, ମାର୍ବଲ ଡିଲର, ଟ୍ରକ୍ ମାଲିକ୍ ସଂଘ, ଅଟୋମୋବାଇଲ୍ ଡିଲର, କାର୍ ସୋରୁମ୍ ମାଲିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପେଟ୍ରୋଲ ପମ୍ପର ସର୍ବୋତ୍ତମ ସେଲସ୍ ମ୍ୟାନ୍ ଭାବରେ ୭ଜଣଙ୍କୁ ଉତ୍ତମ ବ୍ୟବହାର, ପରିଚ୍ଛନ୍ନତା, ତୁରନ୍ତ ସେବା, ସମୟାନୁବର୍ତ୍ତିତ କ୍ଷେତ୍ର ପାଇଁ ଉପହାର ପ୍ରଦାନ କରାଯାଇଥିଲା। ଏହି ପେଟ୍ରୋଲ ପମ୍ପ ୫୦ ବର୍ଷ ପୂର୍ତ୍ତି କରିଛି। ଏଥିରେ କର୍ମଚାରୀ ଜାକିର ଖାନ୍, ସାନ୍ତନୁ ପାଣି, ପ୍ରମୋଦ କିଶୋର ପରିଡ଼ା, ହୃଷୀକେଶ ପ୍ରଧାନ, ବାସୁଦେବ ପରିଡ଼ା, ପ୍ରତାପ ଓଝା ପ୍ରମୁଖ ପରିଚାଳନା କରିଥିଲେ।

# ପଦ୍ମଭୂଷଣ ପଟ୍ଟାଭିରାମଶାସ୍ତ୍ରୀ ସ୍ମାରକୀ ବକ୍ତୃତା



ଭୁବନେଶ୍ୱର, ୨୧।୧୧(ସମିସ): ତିରୁପତି ରାଷ୍ଟ୍ରିୟ ସଂସ୍କୃତବିଶ୍ୱବିଦ୍ୟାଳୟ ପ୍ରଥମ କୁଳାଧିପତି ମହାମହୋପାଧ୍ୟାୟ ପଦ୍ମବିଭୂଷଣ ପଟ୍ଟାଭିରାମ ଶାସ୍ତ୍ରୀଙ୍କର ୩୩ତମ ପୁଣ୍ୟତିଥି ଅବସରରେ ସ୍ମାରକୀ ବକ୍ତୃତା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜି.ଏସ୍.ଆର୍ କୃଷ୍ଣମୂର୍ତ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ 'ପୁଷ୍ଟିମାର୍ଗ ଓ ବିଶ୍ୱଶାନ୍ତି' ବିଷୟରେ ବକ୍ତୃତା ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରଥମ କୁଳାଧିପତି ପଦ୍ମବିଭୂଷଣ ଡ. ପଟ୍ଟାଭିରାମଶାସ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବେଦାନ୍ତ ବିଭାଗର ଅଧ୍ୟକ୍ଷ ପ୍ରଫେସର ବିଶ୍ୱନାଥନ୍ ସ୍ୱାଗତ ଭାଷଣ ଦେଇଥିଲେ।

# ଲାଇଭଲିହୁଡ୍ ଅଲଟର୍‌ନେଟିଭ୍ ପକ୍ଷରୁ କର୍ମଶାଳା



ଭୁବନେଶ୍ୱର, ୨୧।୧୧(ସମିସ): ଏମଆଇସିଏମ୍ ଭୁବନେଶ୍ୱରଠାରେ ଫାର୍ମର ପ୍ରଡ୍ୟୁସର କମ୍ପାନୀ ତଥା ଏଫପିଓମାନଙ୍କ ଦ୍ୱାରା ଦୁଇ ଦିନିଆ କର୍ମଶାଳା ଆୟୋଜିତ ହୋଇଛି। ଏହି କର୍ମଶଳା ଲାଇଭଲିହୁଡ ଅଲଟରନେଟିଭ ଦ୍ୱାରା ଜନସେବା କେନ୍ଦ୍ର (କମନ ସର୍ଭିସ୍ ସେଣ୍ଟର)ର ସହଭାଗିତାରେ ଏବଂ ଏନଏଏଫଇଡି, ଏଚ୍‌ଡିଏଫସି ବ୍ୟାଙ୍କ ଏବଂ ଏମଆଇସିଏମର ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ୧୪ଜିଲ୍ଲା ଓ ୪୧ବ୍ଲକର ୪୧ଏଫପିଓ ପ୍ରତିନିଧି ଯୋଗ ଦେଇଛନ୍ତି। ଏହି କର୍ମଶାଳାରେ ଜନସେବା କେନ୍ଦ୍ରକୁ ଇ-ଗଭର୍ଣ୍ଣାସ ଯୋଜନା ସହ ସାମିଲ କରାଯାଇ କିଭଳି ଗ୍ରାମୀଣ ସ୍ତରରେ ଲୋକେ ଅଧିକ ଉପକୃତ ହେବେ ସେ ନେଇ ଆଲୋଚନା ହୋଇଥିଲା। ଗ୍ରାମୀଣ ଅଞ୍ଚଳରେ ଜନସେବା କେନ୍ଦ୍ରେ ସାଧାରଣ ଲୋକଙ୍କ ପାଇଁ ବହୁ ଉପକାରରେ ଆସିଥାଏ। ଏହି ଯୋଜନା ମାଧ୍ୟମରେ କୃଷକମାନେ ଅଧିକ ସଶକ୍ତ ହେବେ। ସେମାନଙ୍କର କୃଷି ବ୍ୟବସାୟରେ ଉନ୍ନତି ଆସିବା ସହ ବହୁ ସୁବିଧା ମିଳିବା ସହ ଉଭୟ ସାମାଜିକ ଏବଂ ଆର୍ଥିକ ସ୍ତରରେ ସେମାନେ ସଶକ୍ତ ହୋଇ ପାରିବେ। ଆଗାମୀ ଦିନରେ ମଧ୍ୟ ଏ ଦିଗରେ ବିଶେଷ ଭାବରେ ଏଥିରେ ଆଲୋଚନା ହେବ। କାର୍ଯ୍ୟକ୍ରମରେ ଅତିଥି ଭାବେ ଆଇଏଫଏସ ସଞ୍ଜୀବ ପଣ୍ଡା, ନାଫେଡ୍‌ର ରାଜ୍ୟ ମୁଖ୍ୟ ଅନିନ୍ଦିତା ଗୁହା, ସିଏସ୍‌ସିର ମୁଖ୍ୟ ମଦନ ମୋହନ ରାଉତ ଯୋଗ ଦେଇଥିଲେ। ପରେ ପରେ ଷ୍ଟୋରୀ ଟେଲିଙ୍ଗ ବା କାହାଣୀ ମାଧ୍ୟମରେ ମୀରା ଝାଞ୍ଜା ଦାସ ବିଭିନ୍ନ ଗ୍ରୁପ ଆକ୍ଟିଭିଟିସ କରାଇଥିଲେ।

**BEST OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

# ରାଜପଥ ନିର୍ମାଣ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

ଅନୁଗୋଳ,୨୧।୧୧(ସମିସ): ତାଳଚେର ଦେଇ ଯାଇଥିବା ଦୁର୍ଘଟଣାବହୁଳ ଜାତୀୟ ରାଜପଥ ନଂ-୧୪୯ ର ତାଳବେଡ଼ା ଛକରୁ ବଅଁରପାଳ ଛକ ପର୍ଯ୍ୟନ୍ତ ଓସାରିଆ ରାସ୍ତାର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ କରିବାକୁ ବିଭିନ୍ନ ପଞ୍ଚାୟତବାସୀ ଅନୁଗୋଳ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ତାଳଚେର ମ୍ୟୁନିସିପାଲିଟି ଅଞ୍ଚଳ ଓ ବିଭିନ୍ନ ପଞ୍ଚାୟତ ଯଥା-ଗୁରୁଜାଙ୍ଗ, କଣ୍ଡାଳ, ସନ୍ଥପଡ଼ା, ବନ୍ତୋଲ, ଜଗନ୍ନାଥପୁର, ଗୁରୁଜାଙ୍ଗୁଲି, ଭୋଗବେରେଣୀ, ଗୋଟମରାର ସମସ୍ତ ସଚେତନ ନାଗରିକ ଲିଖିତ ଅଭିଯୋଗ କରିଛନ୍ତି ଯେ ବଅଁରପାଳଠାରୁ ତାଳଚେର ବ୍ଲକ ତାଳବେଡ଼ା ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଦୈନିକ ସଡ଼କ ଦୁର୍ଘଟଣା ଘଟି ବହୁ ମୂଲ୍ୟବାନ ଧନଜୀବନ ନଷ୍ଟ ହେଉଛି । ଯାହାକି ଏ ଅଞ୍ଚଳ ପାଇଁ ଅତ୍ୟନ୍ତ ଭୟାବହ ପରିସ୍ଥିତି ଓ ଚିନ୍ତାଜନକ ହୋଇପଡ଼ିଛି । ଗତ ୨୫ ବର୍ଷ ମଧ୍ୟରେ ଏହି ଜାତୀୟ ରାଜପଥରେ ଦୁର୍ଘଟଣାରେ ୧ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲାଣି । ଦୈନନ୍ଦିନ ଛୋଟ ବଡ଼ ଦୁର୍ଘଟଣା ଘଟି ଚାଲିଛି । ପ୍ରତ୍ୟେକ ଦିନ ଜାତୀୟ ରାଜପଥରେ ହଜାର ହଜାର ଭାରୀଯାନ ଚଳାଚଳ କରିବା ଦ୍ୱାରା ରାସ୍ତା ଖାଲଖମା ଓ ଧୂଳିଧୂଆଁରେ ପରିପୂର୍ଣ୍ଣ ହୋଇ ଲୋକଙ୍କୁ ଅକଥନୀୟ ଦୁର୍ଦ୍ଦଶା ଦେଉଛି । ବହ୍ଲର ଛକରୁ ଚାଇଁପାଳ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଏ ବିଷୟରେ ପୂର୍ବରୁ ମଧ ବାରମ୍ବାର ଦାବି ସତ୍ତ୍ୱେ ଆଜିପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ତୁରନ୍ତ ସମସ୍ୟା ସମାଧାନ କରା ନ ଗଲେ ବାଧ ହୋଇ ଅଞ୍ଚଳବାସୀ ଆସନ୍ତା ଡିସେମ୍ବର ପ୍ରଥମ ସପ୍ତାହର ଯେକୌଣସି ଦିନ ରାଜପଥ ଅବରୋଧ କରି ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ଦାବିପତ୍ର ପ୍ରଦାନ ବେଳେ ବିଜୟ ପ୍ରଧାନ, ଶୁଭେନ୍ଦୁ ରଥ, ସୁଶାନ୍ତ ମହାନ୍ତି, ବିଭୂତି ପରିଡ଼ା, ସୁଶାନ୍ତ ସାମଲ, ପ୍ରତାପ ସାମଲ, ରମାକାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।



## ବଅଁରପାଳ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା



ବଅଁରପାଳ,୨୧।୧୧(ସମିସ): ବଅଁରପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୯ତମ ବାର୍ଷିକ ଖେଳକୁଦ ସମାରୋହ ସ୍ଥାନୀୟ ପିବିକେ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଉଦ୍‌ଘାଟିତ ହୋଇଛି । ବିଦ୍ୟାଳୟ ସଭାପତି ସତ୍ୟବାନ ବରାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଅଁରପାଳ ତହସିଲଦାର ସୁଶାନ୍ତ କୁମାର ମିଶ୍ର, ସମ୍ମାନିତ ଅତିଥିଭାବେ ବିଡିଓ ଲୋଚନ ଦାସ, ପିବିକେ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପବିତ୍ର ମୋହନ ପ୍ରଧାନ, ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ଅଖିଳ କୁମାର ମହାପାତ୍ର ଓ ଯୁଗ୍ମ ସମ୍ପାଦକ ସୁମନ୍ତ କୁମାର ସାମଲ ମଞ୍ଚାସୀନ ଥିଲେ । ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ବରିଷ୍ଠ ଆଚାର୍ଯ୍ୟ ତନ୍ମୟ କୁମାର ନାଥ ମଞ୍ଚ ପରିଚାଳନା କରିଥିଲେ । କ୍ରୀଡ଼ା ପ୍ରମୁଖ ହେମପ୍ରଭା ସାମଲଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା ।

## କଣିହାଁରେ ସାଂସଦ ଖେଳ ମହୋତ୍ସବ ଉଦଘାଟିତ



କଣିହାଁ,୨୧।୧୧(ସମିସ): କଣିହାଁ କଲେଜ ଖେଳପଡ଼ିଆରେ ଗୁରୁବାର ସାଂସଦ ଖେଳ ମହୋତ୍ସବ ଉଦଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଆଶୋକ ମହାନ୍ତି, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି, କଣିହାଁ ବିଇଓ ପ୍ରିୟରଞ୍ଜନ ପ୍ରଧାନ, କଣିହାଁ ଯୁକ୍ତଦୁଇ କଲେଜ ଅଧକ୍ଷ ଡ. ନାରାୟଣ ଦାସ, ଯୁକ୍ତ ତିନି ଅଧକ୍ଷ ମନୋଜ କୁମାର ସ୍ୱାଇଁ, ପିଏମଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ସିଦ୍ଧି ପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ଦୌଡ଼, ଖୋଖୋ ଆଦି ବିଭିନ୍ନ ଖେଳ ପ୍ରତିଯୋଗିତା କରାଯାଇଥିଲା । ଏଥିରେ ବ୍ଲକର ୩୫ ଉଚ୍ଚ ବିଦ୍ୟାଳୟର ୭ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଖେଳ ଶିକ୍ଷକ ଭାଗୀରଥି ସାହୁ ମଞ୍ଚ ପରିଚାଳନା, ଶିକ୍ଷକ ସିଦ୍ଧି ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ଏବିଇଓ ସୁଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ତେବେ କଣିହାଁ ପଞ୍ଚାୟତରେ ଏହି ଖେଳ ମହୋତ୍ସବ ହେଉଥିବା ବେଳେ ସରପଞ୍ଚ ରଞ୍ଜିତା ବେହେରାଙ୍କୁ ନିମନ୍ତ୍ରଣ କରାଯାଇ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି ।

## କଣିହାଁରେ କଳାକାରଙ୍କ ଦ୍ୱାରା ଶିଶିର ମହୋତ୍ସବ


କଣିହାଁ,୨୧।୧୧(ସମିସ): ରାଜ୍ୟ ସରକାରଙ୍କ ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତାଳଚେର ପକ୍ଷରୁ ବୁଧବାର କଣିହାଁ ବ୍ଲକ ପଥରମୁଣ୍ଡା ଜଗନ୍ନାଥ ମନ୍ଦିର ନିକଟ ପଡ଼ିଆରେ ଶିଶିର ମହୋତ୍ସବ ପାଳିତ ହୋଇଛି । ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ସମ୍ମାନିତ ଅତିଥି ଭାବେ କଣିହାଁ ସରପଞ୍ଚଙ୍କ ପ୍ରତିନିଧି ଦେବେନ୍ଦ୍ର ବାରିକ, ଶ୍ରମ ଅଧିକାରିଣୀ ପ୍ରିୟମ୍ବଦା ସ୍ୱାଇଁ, ଶ୍ରମ ଅଧିକାରୀ ସନ୍ଦୀପ ସାହୁ, ଅତିରିକ୍ତ ଶ୍ରମ ଅଧିକାରିଣୀ ଦୀପ୍ତିମୟୀ ସାହୁ, ଜିଲ୍ଲା କଳାକାର ସାମ୍ମୁଖ୍ୟ ସଭାପତି ଡ. ନବଘନ ସାମଲ, ଉପସଭାପତି ଶାନ୍ତିଲତା ଦାସ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ୩୬୨ ଜଣ କଳାକାରଙ୍କୁ ଜୀବନବୀମା ପରିଚୟପତ୍ର ପ୍ରଦାନ କରାଯାଇଥିଲା । ଏହି ଯୋଜନା ଅନୁଯାୟୀ ଜଣେ କଳାକାରଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ୪ ଲକ୍ଷ ଟଙ୍କା, ଆହତ ହେଲେ ୧୮ରୁ ୪୦ ହଜାର ଟଙ୍କା ଏବଂ ସ୍ୱାଭାବିକ ମୃତ୍ୟୁ ହେଲେ ୨ ଲକ୍ଷ ଟଙ୍କା ବୀମାରାଶି ମିଳିବ ବୋଲି କୁହାଯାଇଛି । ଏହା ଦେୟମୁକ୍ତ ପଞ୍ଜୀକରଣ ସହ ପ୍ରତି ୩ବର୍ଷରେ ଦେୟମୁକ୍ତ ନବୀକରଣ ବ୍ୟବସ୍ଥା ରହିଛି । କଳାକାର ସହାୟତା ରାଶି ସହ ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ଆର୍ଥିକ ସହାୟତା ରାଶି ସରକାର ବୃଦ୍ଧି କରନ୍ତୁ ବୋଲି ବିଧାନସଭାରେ ଉପସ୍ଥାପନା କରିବାକୁ ବିଧାୟକଙ୍କୁ ସଭାପତି ସାମଲ ଅନୁରୋଧ କରିଥିଲେ । ଏଥିରେ ପାଲା, ଦଣ୍ଡ, ପାଇକ ଆଖଡ଼ା, ଖଞ୍ଜଣି, ଭଜନ, ସଂକୀର୍ତ୍ତନ ଆଦି ବିଭିନ୍ନ ଲୋକକଳା ଦଳ ଯୋଗଦେଇ କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ । ୩୭ ଦଳର ୪୦୦ରୁ ଊର୍ଦ୍ଧ୍ୱ କଳାକାର ଅଂଶଗ୍ରହଣ କରିଥିଲେ । ନୟନ ଦେହୁରୀ, ଜଗାକିଶୋର ଦାସ, କୃଷ୍ଣାନନ୍ଦ ସାମଲ, ପ୍ରଶାନ୍ତ ମହାନ୍ତି, ବିଜୟ ସାହୁ, ଛବିଳ ସାହୁ, ମଲ୍ଲି ସାହୁ, ଅନିତା ପ୍ରଧାନ, କରୁଣାକର ସେଠୀ ପ୍ରମୁଖ କଳାକାର ସହଯୋଗ କରିଥିଲେ ।



### କଳାକାର ଜୀବନବୀମା ପରିଚୟପତ୍ର ପ୍ରଦାନ

## ଶକ୍ତି ଶ୍ରୀକ୍ଷେତ୍ରରେ ଦେବ ଦୀପାବଳି

ତାଳଚେର,୨୧।୧୧(ସମିସ): ତାଳଚେର ବ୍ଲକ ସାଉଥବଳଣ୍ଡାସ୍ଥିତ ଶକ୍ତି ଶ୍ରୀକ୍ଷେତ୍ରରେ ଦେବ ଦୀପାବଳି ଉତ୍ସବ ପାଳିତ ହୋଇଛି । ଏମ୍‌ସିଏଲ୍‌ରେ କାର୍ଯ୍ୟରତ ସମସ୍ତ ଶ୍ରମିକ ସଙ୍ଗଠନ, କର୍ମଚାରୀ, ଆଞ୍ଚଳବାସୀ ଓ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସହଯୋଗରେ ୨୧ ହଜାର ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଉତ୍ସବରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି ଶବ୍ଦରେ ମନ୍ଦିର ପରିବେଶ ଆଧ୍ୟାତ୍ମିକମୟ ହୋଇ ଉଠିଥିଲା । ଛୋଟ ପିଲାମାନଙ୍କୁ ନେଇ ନୃତ୍ୟାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୁନି କଳାକାରମାନେ ଓଡ଼ିଶୀ, ଭାରତନାଟ୍ୟମ୍, ଦେବଦାସୀ ଆଦି ପାରମ୍ପରିକ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ମନ୍ଦିର ବେଢ଼ାରେ ଦୀପ ପ୍ରଜ୍ୱଳନ ପାଇଁ ୨୦୦୦ରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଏମସିଏଲ୍ ସୁରକ୍ଷା ବାହିନୀ, ଅଗ୍ନିସୁରକ୍ଷା ବାହିନୀ ଓ ଆମ୍ବୁଲାନ୍ସ ମୁତୟନ କରାଯାଇଥିଲା ।



## କିଶୋର କିଶୋରୀଙ୍କ ସୃଜନଶୀଳତା କାର୍ଯ୍ୟକ୍ରମ




କିଶୋରନଗର,୨୧।୧୧(ସମିସ): କିଶୋରନଗର ମହିଳା ଶିଶୁ ବିକାଶ କାର୍ଯ୍ୟାଳୟ ସଭାଗୃହରେ ଆଦଭିକା ଯୋଜନା ଅଧୀନରେ କିଶୋର କିଶୋରୀଙ୍କ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରର କିଶୋର କିଶୋରୀମାନେ ନିଜ ଦକ୍ଷତା, ସୃଜନଶୀଳତା ଓ ଆତ୍ମବିଶ୍ୱାସ ଦ୍ୱାରା ମଞ୍ଚକୁ ଆଲୋକିତ କରିଥିଲେ । ସିଡିପିଓ ଆରତୀ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡିଓ ସୁବ୍ରତ ବେହେରା, ସମ୍ମାନିତ ଅତିଥି ଭାବେ ବିଆରସିସି ଜବାହରଲାଲ ପ୍ରଧାନ, ବ୍ଲକ ଉପାଧକ୍ଷ ଲବକୁମାର ପ୍ରଧାନ, ଆଇସିଡିଏସ ସୁପରଭାଇଜର ସୁସ୍ମିତା ସାହୁ ଯୋଗଦେଇଥିଲେ । କିଶୋର କିଶୋରୀମାନଙ୍କ ସଶକ୍ତୀକରଣ, ନେତୃତ୍ୱ କୁଶଳତା ବିକାଶ ଓ ଟାଲେଣ୍ଟ ଉଭାସିତ କରିବା ପାଇଁ ଏକ ପ୍ରମୁଖ ମଞ୍ଚ ପ୍ରଦାନ କରିବାରେ ସହାୟକ ହେବ ବୋଲି ସିଡିପିଓ ସିଂହ ପ୍ରକାଶ କରିଛନ୍ତି । ଏହି ଅବସରରେ କୁନି ଛାତ୍ରଛାତ୍ରୀ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ । ଏଥିରେ ଅଙ୍ଗନବାଡ଼ି କର୍ମୀ, ଆଇସିଡିଏସ ସିପି ସଞ୍ଜୀବ କୁମାର ସାହୁ, ଋଷଭ କୁମାର ସାହୁ, ରାଜେଶ ଦେହୁରିଆ, ସିଦ୍ଧାନ୍ତ କାନ୍ଧିଆ ସହଯୋଗ କରିଥିଲେ ।

## ଟାଟା ଷ୍ଟିଲ ମେରାମଣ୍ଡଳୀ ତରଫରୁ ସ୍ୱଚ୍ଛତା ଅଭିଯାନ

ଢେଙ୍କାନାଳ,୨୧।୧୧(ସମିସ): ଟାଟା ଷ୍ଟିଲ ମେରାମଣ୍ଡଳୀ ଓ ଟାଟା ଷ୍ଟିଲ ଫାଉଣ୍ଡେସନ ମିଳିତ ସହଯୋଗରେ କପିଳାସଠାରେ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଛି । ଏଥିରେ ପ୍ରାୟ ୨୫୦ କର୍ମଚାରୀ ସାମିଲ ହୋଇଥିଲେ । କପିଳାସ ମନ୍ଦିର ଫାଟକରୁ ଆରମ୍ଭ କରି ମୁଖ୍ୟ ରାସ୍ତାରେ ସଫେଇ କରାଯାଇଥିଲା । ୨ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ପ୍ଲାଷ୍ଟିକ ଓ କଠିନ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଥିଲା । କପିଳାସ ବନ ବିଭାଗ କର୍ମଚାରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ ।



## ତ୍ରୟୋବିଂଶ ବାର୍ଷିକ ଖେଳକୁଦ ସମାରୋହ



ଗଁଦିଆ,୨୧।୧୧(ସମିସ): ଗଁଦିଆପାଟଣା ସରସ୍ୱତୀ ଶିଶୁବିଦ୍ୟମନ୍ଦିରର ତ୍ରୟୋବିଂଶ ବାର୍ଷିକ ଖେଳକୁଦ ପ୍ରତିଯୋଗିତା ଦୁଇଦିନ ଧରି ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଛି । ଛାତ୍ରଛାତ୍ରୀଙ୍କୁ ନେଇ ଭିନ୍ନ ଭିନ୍ନ ବର୍ଗରେ ପ୍ରତିଯୋଗିତା ହୋଇଥିଲା । ଦୋଡ଼କୁଦ, ଫିଙ୍ଗା, ଅଖାଦୌଡ଼, ଅଙ୍କକଷା ଦୌଡ଼, ସଙ୍ଗୀତ ଚୌକି, ବାଧ ଦୌଡ଼ି ଆଦି ପ୍ରତିଯୋଗିତାରେ ମୋଟ ୪୮୭ ଶିଶୁ ଅଂଶଗ୍ରହଣ କରିଥିଲେ । ସଭାପତି ଅମ୍ବୁଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ପୋରୁହଖୋଜ ସରପଞ୍ଚ ରତିକାନ୍ତ ସାହୁ ମୁଖ୍ୟଅତିଥି, ସମ୍ପାଦକ ଛାୟାକାନ୍ତ ସାହୁ, ପ୍ରଧାନ ଆଚାର୍ଯ୍ୟା ଇନ୍ଦୁଲତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ବିଦ୍ୟାଳୟର କ୍ରୀଡ଼ା ପ୍ରମୁଖ ଶାନ୍ତନୁ କୁମାର ନାୟକ, ବରିଷ୍ଠ ଆଚାର୍ଯ୍ୟ ଅଭୟ କୁମାର ନାୟକ, ଆଚାର୍ଯ୍ୟ ସୁପ୍ରିୟା ପ୍ରଧାନ, ନିରୁପମା ରାଉତ, ବେବି ସାହୁଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।

■ ଆକ୍ଟିଭ ମିଡିଆ ୟୁଥ କ୍ଲବ

## ବିଜୟ ସଭାପତି, ଜିତେନ୍ ସମ୍ପାଦକ

କଣିହାଁ,୨୧।୧୧(ସମିସ): କଣିହାଁ ବ୍ଲକ ଆକ୍ଟିଭ ମିଡିଆ ୟୁଥ କ୍ଲବର ସାଙ୍ଗଠନିକ ବୈଠକ ଶୁକ୍ରବାର ବିଜୁଗୋଳ ପଞ୍ଚାୟତ ଭୈରବୀ ପୀଠରେ ଅନୁଷ୍ଠିତ ହୋଇଛି । ବୈଠକରେ ବରିଷ୍ଠ ସାମ୍ବାଦିକ ସୁବାସ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ଅନୁଷ୍ଠାନର ନୂତନ ସଭାପତି ଭାବେ ବିଜୟ କୁମାର ବେହେରା ଓ ସମ୍ପାଦକ ଭାବେ ଜିତେନ୍ କୁମାର ସାହୁଙ୍କୁ ସର୍ବସମତି କ୍ରମେ ଚୟନ କରାଯାଇଛି । ଏଥିରେ ସାମ୍ବାଦିକ ସଂଘର ବାର୍ଷିକ ଆୟବ୍ୟୟ ବିବରଣୀ ଉପସ୍ଥାପନ କରାଯାଇଥିଲା । ଆଗାମୀ ଦିନରେ ଲୋକଙ୍କ ବିଭିନ୍ନ ସମସ୍ୟା ଓ ସରକାରଙ୍କ ବିଫଳତା ସଫଳତାକୁ ପ୍ରସାରପ୍ରଚାର କରିବାକୁ ନୂତନ ସଭାପତି ବେହେରା ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବଳଭଦ୍ର ନାଏକ, ଦୁଷ୍ମନ୍ତ ବେହେରା, ଅମର ସିଂଦେଓ, ମନୋଜ କୁମାର ସାହୁ, ସୁନୀଲ କୁମାର ପାଣି, ଚନ୍ଦନ କୁମାର ପାଣି, ସର୍ବେଶ୍ୱର ନାଏକ, ବାବୁଲି କୁମାର ଖିଲାରଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ ।



## ଶିଶୁ ବିଦ୍ୟାମନ୍ଦିରରେ ଖେଳକୁଦ ସମାରୋହ

ତାଳଚେର,୨୧।୧୧(ସମିସ): ତାଳଚେର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୨ତମ କ୍ରୀଡ଼ା ମହୋତ୍ସବ ବୁଧବାରଠାରୁ ଆରମ୍ଭ ହୋଇ ଶୁକ୍ରବାର ଉଦଯାପିତ ହୋଇଛି । କଙ୍କିଳି ଡାଲୁଦରି ଖେଳପଡ଼ିଆରେ ଅନୁଷ୍ଠିତ ଏହି କ୍ରୀଡ଼ା ପ୍ରତିଯୋଗିତାରେ ବିଦ୍ୟାଳୟର ୮୦୦ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଉପଖଣ୍ଡ କ୍ରୀଡ଼ା ସଂସଦ ସମ୍ପାଦକ ପେସ୍କାର ଗଡ଼ନାୟକ ଯୋଗଦେଇ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ଉଦଯାପନୀ ଉତ୍ସବରେ ତାଳଚେର ପୌର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହା ଯୋଗଦେଇ ଶିଶୁମାନଙ୍କୁ ଦେଶ ସେବାରେ ନିଜକୁ ଉତ୍ସର୍ଗ କରିବା ପାଇଁ ପରାମର୍ଶ ଦେବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବାବୁଲି ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଶାସକ ଚନ୍ଦନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ମୁଖ୍ୟ ପ୍ରଶାସକ ପ୍ରତାପ ଚନ୍ଦ୍ର ଦେହୁରୀଙ୍କ ମାର୍ଗଦର୍ଶନ ଓ ପ୍ରଶାସକ ଗଣେଶ ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ ଗୁରୁଜୀ/ ଗୁରୁମା ସହଯୋଗ କରିଥିଲେ ।



# ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ଅନୁଗୋଳ,୨୧।୧୧(ସମିସ): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ସ୍ଥାନୀୟ ପିଟିସି ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ "ପରିବେଶ ପାଇଁ ପୋଷଣୀୟ ଜୀବନଶୈଳୀ' ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି । ୮ ବ୍ଲକରୁ ମନୋନୀତ ୧୧୨ ପ୍ରକଳ୍ପର ନିର୍ମାତା ଓ ମାର୍ଗଦର୍ଶକ ଶିକ୍ଷକ ଓ ଶିକ୍ଷୟିତ୍ରୀ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦେଇଥିଲେ । ଉଦଘାଟନୀ ସମାରୋହରେ ଜିଲ୍ଲାପାଳ ଅବଦଲ ମହମ୍ମଦ ଅଖତର୍ ମୁଖ୍ୟଅତିଥି ଓ ସିଏସଆଇଆରଆଇଏମଏମଟି ଭୁବନେଶ୍ୱରର ତିନି ଯୁବ ବୈଜ୍ଞାନିକ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ସାହୁ ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ କହିଲେ ଯେ ପ୍ରତ୍ୟେକ ଛାତ୍ରଛାତ୍ରୀ ସ୍ୱତନ୍ତ୍ର ଏବଂ ସମାଜରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଅଧିକ ବହି ପଢ଼ିବା ଓ ନିଜ ବୁଦ୍ଧିର ଅଧିକରୁ ଅଧିକ ପ୍ରୟୋଗ କରି ସମସ୍ୟା ସମାଧାନ କରିବା ଉପରେ ଯଥେଷ୍ଟ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ । ଡ. ସନ୍ତୋଷ କୁମାର ବେହେରା, ଡ. ମାୟାଧର ଦେବତା, ଡ .ଅଜିତ ପାଣିଗ୍ରାହୀ ସେମାନଙ୍କ ଅଭିଭାଷଣରେ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି, ପରିବେଶର ସୁରକ୍ଷା ତଥା ଟିଟା ନିୟମର ଉପଯୋଗିତା ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ । ପ୍ରତିଭାଗୀଙ୍କ ସହ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅତିଥି ବୈଜ୍ଞାନିକ ଶିକ୍ଷକ ତଥା ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ । ମାଧପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟନ୍ତ ମାହର ଧନ୍ୟବାଦ ଅର୍ପଣ କରିଥିଲେ । ଅତିଥିମାନେ ପ୍ରକଳ୍ପ ପରିଦର୍ଶନ କରିଥିଲେ । ବିଚାରକ ରୂପେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗ ଅଧାପକ ଦୀପାଂଶୁ ଶେଖର ସାହୁ, ଜନତା ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ଅଧାପକ ଅସିତ୍ କୁମାର ଜେନା, ଅବସରପ୍ରାପ୍ତ ବିଇଓ ଅଞ୍ଜଳିପ୍ରିୟା ପ୍ରଧାନ, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଦିବାକର ପ୍ରଧାନ ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ । ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112



# ଖାକିରେ ଦାଗ; ବର୍ଷକରେ ୬ ଗିରଫ

## ରାତାରାତି କୋଟିପତି ହେବାର ସ୍ୱପ୍ନ

ଭୁବନେଶ୍ୱର, ୨୧।୧୧(ସମିସ): ଖାକିରେ ଲାଗୁଛି ଦାଗ। ଲାଜରେ ମୁଣ୍ଡ ନଇଁ ଯାଉଛି ସେତେବେଳେ, ଯେତେବେଳେ ଖାକି ପୋଷାକ ପିନ୍ଧା ମଣିଷଟି କେତେବେଳେ ଠକେଇ କରୁଛି। କେତେବେଳେ ହତ୍ୟା ଆଉ ବଳାତ୍କାର ଲିପ୍ତ ରହୁଛି। ପୁଣି କେତେବେଳେ ବିହାର ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ପ୍ରତାରଣା କରୁଛି। ଆଉ କେତେବେଳେ ଲାଞ୍ଚ ନେଇ ଥାନା ଭିତରୁ ଗିରଫ ହେଉଛନ୍ତି। ରାଜଧାନୀରେ ଖାକିର ଏହି ଦାଗ ବଢ଼ିବାରେ ଲାଗିଛି। ଯାହା ଏକ ସଭ୍ୟ ସମାଜ ପାଇଁ ଚିନ୍ତାର କାରଣ ପାଲଟିଲାଣି। ରାଜ୍ୟ ସାର ବହୁ ଘଟଣା ଘଟୁଥିଲା ବେଳେ ୧୧ ମାସ ମଧ୍ୟରେ କେବଳ ରାଜଧାନୀରେ ହତ୍ୟା, ବଳାତ୍କାର, ଠକେଇ, ଲାଞ୍ଚ ନେବା ଅଭିଯୋଗରେ ୫ ଜଣ ପୁଲିସ ବାବୁ ଗିରଫ ହେଲେଣି।

କମିସନରେଟ୍ ପୁଲିସର ନାରା ହେଉଛି ଉଇ କେୟାର ଉଇ ଡେୟାର। ହେଲେ ଏଥିରେ କାମ କରୁଥିବା କିଛି କର୍ମଚାରୀ ଏହି ନାରାକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେଉଛନ୍ତି। ଦିନ ଦ୍ୱିପହରେ ରକ୍ତ ମୁଖା ହୋଇଯାଉଛନ୍ତି। ଆତଙ୍କ ଖେଳାଉଛନ୍ତି। ଯେଉଁଥିପାଇଁ ପୁଲିସ ବିଭାଗର ମୁଣ୍ଡ ତଳକୁ ହୋଇଯାଉଛି। ଏଭଳି କର୍ମଚାରୀଙ୍କ ସଂଖ୍ୟା ଏବେ ଦିନକୁ ଦିନ ବଢ଼ିବାରେ ଲାଗିଛି।

ପୂର୍ବରୁ ପୁଲିସ ଚାକିରିରେ ଲିପ୍ତ ଥିବା ବ୍ୟକ୍ତିମାନେ ଅନ୍ୟ କୌଣସି ବିବାଦରେ ପଡୁ ନ ଥିଲେ। ଦରମା ଟଙ୍କାରେ ସୀମିତ ରହୁଥିଲେ। ହେଲେ ଏବେ ସେମାନଙ୍କ ମୁଣ୍ଡରେ ରାତାରାତି କୋଟିପତି ହେବାର ନିଶା ଘାରିଛି। ଟଙ୍କା ପାଇଁ ତଳସ୍ତରକୁ ଖସିଯିବାକୁ ପଛାଉ ନାହାନ୍ତି। ନିଜ ଚାକିରି ଚାଲିଯିବାର ଭୟ ରହୁନାହିଁ। ଚାକିରି ଗଲେ ପଛେ ଯାଉ କିନ୍ତୁ ସହଜରେ ଟଙ୍କା ରୋଜଗାର ହେଉ। ଅନ୍ୟପକ୍ଷରେ ଏମାନେ ବିଭାଗରେ ରହି କାଇଦା ପାଇ ଗଲେଣି। ସିଷ୍ଟମ୍‌କୁ କିଭଳି ବୋକା ବାନଇ ହେବ। କାହାକୁ ଧରିଲେ କାର୍ଯ୍ୟାନୁଷ୍ଠାନ ହେବ ନାହିଁ। ସବୁ କିଛି ଜାଣି କରୁଛନ୍ତି ଅପରାଧ। କେତେବେଳେ ଧରାପଡୁଛନ୍ତି। ବହୁ ସମୟରେ ଖସି ଯାଉଛନ୍ତି।



### ବୀମା ଟଙ୍କା ପାଇଁ ଦୁଇପତ୍ନୀଙ୍କୁ ହତ୍ୟା

କମିସନରେଟ୍ ପୁଲିସର ମୁଖ୍ୟାଳୟରେ କାମ କରୁଥିଲେ କନ୍‌ଷ୍ଟେବଳ ଦୀପକ ରାଉତ୍। ସେ ବୀମା ଟଙ୍କା ହାତେଇବାକୁ ଗୋଟିଏ ନୁହେଁ ଦୁଇ ଜଣ ପତ୍ନୀଙ୍କୁ ହତ୍ୟା କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଗତ ସେପ୍ଟେମ୍ବର ମାସରେ ବୀମା ଟଙ୍କା ହାସଲ କରିବାକୁ ଦ୍ୱିତୀୟ ପତ୍ନୀ ତଥା ଟ୍ରାଫିକ୍ କନ୍‌ଷ୍ଟେବଳ ଶୁଭମିତ୍ରାଙ୍କୁ ତଣ୍ଟି ଚିପି ହତ୍ୟା କରିବା ପରେ ଘଟଗାଁ ନିକଟରେ ଥିବା ଏକ ଜଙ୍ଗଲରେ ପୋତି ଦେଇଥିଲେ। ଓଲଟା ଭଲଲୋକି ଦେଖାଇ ପୁଲିସ ଆଗରେ ପତ୍ନୀ ନିଖୋଜ ହେବାର କୁମ୍ଭିର କାନ୍ଦଣା କାନ୍ଦି ଥିଲେ। ଶୁଭମିତ୍ରାଙ୍କ ମର୍ଡର ମିଷ୍ଟ୍ରି ଖୋଲିଲା ପରେ ଜଣାପଡ଼ିଥିଲା ଯେ ଦୀପକ ପ୍ରଥମ ପତ୍ନୀଙ୍କୁ ମଧ୍ୟ ରହସ୍ୟମୟ ଭାବେ ମୃତ୍ୟୁ ହୋଇଥିଲା। ପରବର୍ତ୍ତି ସମୟରେ ପ୍ରଥମ ପତ୍ନୀଙ୍କ ମୃତ୍ୟୁ ଘଟଣାରେ ପୁଲିସ ହତ୍ୟା ମାମଲା କରିଥିଲା। ସିଷ୍ଟମ୍‌ରେ ରହି ଜଣେ ମହିଳାଙ୍କୁ ହତ୍ୟା କରି କିପରି ଖସି ହେବ ସେ ଜାଣି ଯାଇଥିଲେ।

### ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ଏଏସ୍‌ବି ଯବାନ ଗିରଫ

ପୁଲିସ ବିଭାଗରେ କାମ କରୁଥିଲେ। ସେହି ପୁଲିସ ବିଭାଗର ଚାକିରିକୁ କିପରି ବିକ୍ରି କରିବା ଷଡ଼ଯନ୍ତ୍ର ରଚିଥିଲେ। ରାତାରାତି ବଡ଼ଲୋକ ହେବା ନିଶାରେ ଧରାପଡ଼ିଗଲେ। ସେ ହେଲେ ଏସ୍‌ଏସ୍‌ବି ଯବାନ ବିଶ୍ୱ ରଞ୍ଜନ ବେହେରା। ଏସ୍‌ଆଇ ଚାକିରି ବିକ୍ରି ରାକେଟ୍‌ର ସେ ଜଣେ ସଦସ୍ୟ ଥିଲେ ବୋଲି କ୍ରାଇମ୍‌ବ୍ରାଞ୍ଚ କହିଥିଲା। ଏହି ଅଭିଯୋଗରେ ତାଙ୍କୁ ଗିରଫ ବି କରିବା। ସେ ନିଜ ବର୍ଦ୍ଦିରେ ତ ଦାଗ ଲାଗଇଥିଲେ ବର୍ଦ୍ଦି ତିଆରି ପାଇଁ ପ୍ରସ୍ତୁତ ହେଉଥିବା ପରୀକ୍ଷାକୁ ବି କଳଙ୍କିତ କରିଥିଲେ।

### ଭରତପୁର ଥାନା ଘଟଣା ପୁଲିସ ପାଇଁ ନିନ୍ଦା

ସାରା ରାଜ୍ୟକୁ ନିନ୍ଦିତ କରିଥିଲା ଭରତପୁର ଥାନା ଘଟଣା। ଏଠାରେ ଜଣେ ସେନାଅଧିକାରୀ ଏବଂ ତାଙ୍କ ବାନ୍ଧବୀଙ୍କୁ ପୁଲିସ ନିର୍ଯ୍ୟାତନା ଦେଇଥିଲା। ମାଡ ମାରିଥିଲା ଏବଂ ଗୁପ୍ତାଙ୍ଗ ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଯାହା ଜାତୀୟସ୍ତରରେ କମିସନରେଟ୍ ପୁଲିସକୁ ନିନ୍ଦିତ କରିଥିଲା। ଏହି ଘଟଣା ୩ ଜଣ ପୁଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଥିଲା।

### ଦୁଷ୍କର୍ମ ଅଭିଯୋଗରେ ମହିଳା ଥାନାରେ ବନ୍ଧା ହୋଇଥିଲେ ଆଇଆଇସି

ପୁଲିସର ଜଣେ ମହିଳା ଏସ୍‌ଆଇଙ୍କୁ ବଳାତ୍କାର ଏବଂ ଗର୍ଭନଷ୍ଟ କରିବା ଅଭିଯୋଗରେ ବନ୍ଧା ହୋଇଥିଲେ ଆଇଆଇସି ଯସବନ୍ତ ଆଚାର୍ଯ୍ୟ। ବହୁ ମହିଳା ସକ୍ରାନ୍ତ ମାମଲାରେ ସେ ବହୁ ଲୋକଙ୍କୁ ବାନ୍ଧି ଥିଲା ବେଳେ ନିଜେ ଭୁବନେଶ୍ୱର ମହିଳା ଥାନାରେ ବନ୍ଧା ହୋଇଥିଲେ। ମହିଳା ଏସ୍‌ଆଇଙ୍କ ସହ ସେ ବିହାର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଗର୍ଭନଷ୍ଟ କରିବାକୁ ବାଧ କରିଥିଲେ। ମହିଳା ଏସ୍‌ଆଇ ସେ ପୂର୍ବରୁ ବିବାହିତ ଜାଣିବା ପରେ ଥାନାକୁ ଆସିଥିଲେ। ଲଭ-ସେକ୍ସ-ଧୋକାରେ ଫସିଥିବା ଏହି ଆଇଆଇସି ବର୍ଦ୍ଦିକୁ କଳଙ୍କିତ କରିଥିଲେ।

### ଥାନା ଭିତରେ ଲାଞ୍ଚ ନେଉଥିଲେ ଏଏସ୍‌ଆଇ

ଏକ ଜମି ବାଡ଼ି ବିବାଦରେ ଗୋଟିଏ ପକ୍ଷକୁ ଧମକାଇ ତାଙ୍କ ଠାରୁ ଥାନା ଭିତରେ ଲାଞ୍ଚ ନେଉଥିଲା ବେଳେ ଧରାପଡ଼ିଯାଇଥିଲେ ବାଲିଅନ୍ତା ଏଏସ୍‌ଆଇ ସୋମନାଥ ପଲେଇ। ଭିଜିଲାନ୍ସ ତାଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ଥାନା ଭିତରୁ ଗିରଫ କରିଥିଲା।

### ବଦନାମ ହେଉଛି ପୁଲିସ ବିଭାଗ

କାଣ୍ଡ ଭିଆଉଛନ୍ତି ମାତ୍ର କିଛି କର୍ମଚାରୀ। ହେଲେ ବଦ୍‌ନାମ୍ ହେଉଛି ସମ୍ପୂର୍ଣ୍ଣ ପୁଲିସ ବିଭାଗ। ପୁଲିସର ଇଜ୍ଜତ ତଳେ ପଡୁଛି। ଖାକି ପ୍ରତି ଲୋକଙ୍କ ଭିତରେ ଥିବା ସମ୍ମାନ କମୁଛି। ବହୁ ପୁଲିସ କର୍ମଚାରୀ ନିଜ ଜୀବନକୁ ବାଜି ଲଗାଇ ଅପରାଧୀଙ୍କୁ ଧରୁଛନ୍ତି। ସଚ୍ଚୋଟ୍ ହୋଇ ଦରମା ଟଙ୍କାରେ ବଞ୍ଚୁଛନ୍ତି। ହେଲେ କିଛି କର୍ମଚାରୀଙ୍କ କାରନାମା

## ୨୦ ଲକ୍ଷ ଟଙ୍କା ଠକେଇ; ହାବିଲଦାର୍ ଗିରଫ

ଭୁବନେଶ୍ୱର, ୨୧।୧୧(ସମିସ): ଖାକିକୁ ବାନ୍ଧିଲା ଖାକି। ଜମି ଦେବା ବାହାନାରେ ଟଙ୍କା ଠକେଇ ଅଭିଯୋଗରେ ସ୍ପେଶାଲ ସିକ୍ୟୁରିଟି ବାଟାଲିଅନ ହାବିଲଦାରଙ୍କୁ ଗିରଫ କରିଛି ସହିଦ୍ ନଗର ଥାନା ପୁଲିସ। ଗିରଫ ହାବିଲଦାର ଜଣଙ୍କ ହେଲେ କଟକ ଜିଲ୍ଲା ୪୨ମୌଜା ଥାନା ଧୂଳିସର ଗ୍ରାମର ସଚିତ୍ର ସେନାପତି। ସଚିତ୍ରଙ୍କୁ ଗିରଫ କରିବା ପରେ କୋର୍ଟଚାଲଣ କରାଯାଇଛି। ଏନେଇ ଅବସରପ୍ରାପ୍ତ ପୁଲିସ କର୍ମଚରୀ ସୁରଥ ଚନ୍ଦ୍ର ବାହୁବଳେନ୍ଦ୍ର ତାଙ୍କ ବିରୋଧରେ ଅଭିଯୋଗ କରିଥିଲେ।

ପୁଲିସ ସୂଚନା ମୁତାବକ, ସଚିତ୍ର ଭୁବନେଶ୍ୱର ସ୍ଥିତି ଏସ୍‌ଏସ୍‌ବି ବାଟାଲିଅନ୍‌ରେ ହାବିଲଦାର ଭାବେ ନିଯୁକ୍ତି ପାଇଥିଲେ। ସେ ବିଭିନ୍ନ ଥାନା ଅଞ୍ଚଳରେ ଥିବା ପିସିଆର୍‌ରେ କାମ କରୁଥିଲେ। ଏବେ ସେ ଭରତପୁର ଥାନା ଅଞ୍ଚଳରେ ଥିବା ପିସିଆର୍‌ରେ କାମ କରୁଥିଲେ। ତ୍ରିଶୁଳିଆରେ ଜମି ଦେବାକୁ କହି ଅବସରପ୍ରାପ୍ତ ପୁଲିସ କର୍ମଚାରୀଙ୍କୁ ଟାର୍ଗେଟ କରୁଥିଲେ। ତ୍ରିଶୁଳିଆରେ ବହୁ ବିଲଡ଼ର ସହ ତାଙ୍କ ପରିଚୟ ରହିଛି। ଏହାସହ ସେ ମଧ୍ୟ ନିଜେ ସେଠାରେ ଜମି ବ୍ୟବସାୟ କରୁଛନ୍ତି। ଏଣୁ କମ୍ ଟଙ୍କାରେ ଜମି ଦୋବର ପ୍ରଲୋଭନ ଦେଖାଉଥିଲେ। ଏଭଳି କହି ନିଜ ଜାଲରେ ଫସାଉଥିଲେ।

ନଭେମ୍ବର ୨୦୨୨ ମାସରେ ସଚିତ୍ର ତ୍ରିଶୁଳିଆରେ ପ୍ଲଟ୍ କିଣାଇ ଦେବାକୁ କହି ସୁରଥଙ୍କ ଠାରୁ ମୋଟ ୨୦ ଲକ୍ଷ ଟଙ୍କା ନେଇଥିଲେ। ପ୍ଲଟ୍ ରେଜିଷ୍ଟ୍ରି କାର୍ଯ୍ୟ ଶୀଘ୍ର ସମ୍ପନ୍ନ କରାଯିବ ବୋଲି ଆଶ୍ୱାସନ ଦେଇଥିଲେ। ଅଭିଯୋଗକାରୀ ସଞ୍ଚୟ ଏବଂ ବ୍ୟକ୍ତିଗତ ଋଣରୁ ଟଙ୍କା ବ୍ୟବସ୍ଥା କରି ଦୁଇଟି କିସ୍ତିରେ ତାଙ୍କୁ ଟଙ୍କା ଦେଇଥିଲେ। କିନ୍ତୁ ଟଙ୍କା ପାଇବା ପରେ ପ୍ରତିଶ୍ରୁତି ଅନୁସାରେ ବିକ୍ରୟ ଡିଡ୍ କାର୍ଯ୍ୟକାରୀ କରି ନ ଥିଲେ। ବାରମ୍ବାର ଅନୁରୋଧ ସତ୍ତ୍ୱେ ଟଙ୍କା ବି ଫେରସ୍ତ କରି ନ ଥିଲେ। ଏନେଇ ଅଭିଯୋଗକାରୀ ବେଣ୍ଟକାର ଥାନାରେ ଅଭିଯୋଗ କରିଥିଲେ। ଟଙ୍କା ଫେରସ୍ତ କରିବା ପାଇଁ ଏକ ଲିଖିତ ପ୍ରତିଶ୍ରୁତି ଦେଇଥିଲେ।

- ଅବସରପ୍ରାପ୍ତ ପୁଲିସ କର୍ମଚାରୀଙ୍କୁ ଟାର୍ଗେଟ
- ଶସ୍ତାରେ ଜମି କିଣାଇଦେବାକୁ ଦେଇଥିଲା ପ୍ରତିଶ୍ରୁତି
- ଦୁଇବର୍ଷ ଧରି ସେ ଚାକିରିରେ ଅନୁପସ୍ଥିତ ଥିଲେ



ଯାହା ସମ୍ବନ୍ଧରେ ବେଣ୍ଟକାର ଥାନାରେ ତିନୋଟି ଷ୍ଟେସନ୍ ଡାଏରୀ ଏଣ୍ଟ୍ରି କରାଯାଇଥିଲା। ଟଙ୍କା ଫେରସ୍ତ କରିବା ପାଇଁ ଅଭିଯୁକ୍ତ ପ୍ରତ୍ୟେକ ୧୦ ଲକ୍ଷ ଟଙ୍କାର ଦୁଇଟି ଏସବିଆଇ ଚେକ୍ ମଧ୍ୟ ହସ୍ତାନ୍ତର କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଅଭିଯୋଗକାରୀ ଜାଣିପାରିଥିଲେ ଯେ ସେହି ଆକାଉଣ୍ଟଗୁଡିକରେ ପର୍ଯ୍ୟାପ୍ତ ବାଲାନ୍ସ ନ ଥିଲା। ଏଣୁ ସେ ପୁଣି ସହିଦ ନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ସେ ସମାନ ଉପାୟରେ ଅନ୍ୟ ଲୋକଙ୍କଠାରୁ ବି ଟଙ୍କା ନେଇଥିବା ତଦନ୍ତରୁ ଜଣାପଡ଼ିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସେ ଜଣେ ପୁଲିସ କର୍ମଚାରୀ। ଗତ ୨ ବର୍ଷଧରି ସେ ଅନାଧିକୃତ ଭାବେ ଚାକିରିରୁ ଅନୁପସ୍ଥିତ ରହିଥିବାରୁ ପୁଲିସ ବିଭାଗ ପକ୍ଷରୁ ତାଙ୍କୁ ନିଲମ୍ବନ କରାଯାଇଛି।



## ୮୪୦ ଲିଟର ମଦ ଜବତ, ୫ ଗିରଫ

ଭୁବନେଶ୍ୱର, ୨୧।୧୧(ସମିସ): ଅବକାରୀ ବିଭାଗ ପକ୍ଷରୁ ଭୁବନେଶ୍ୱରରେ ବିଭିନ୍ନ ସ୍ଥାନରେ ମଦ ଚଢଉ କରାଯାଇ ୮୪୦ ଲିଟର ମଦ ଜବତ କରାଯାଇଛି ଏବଂ ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ବିଭାଗର ଫ୍ଲାଇଂ ସ୍କାଡ ପକ୍ଷରୁ ଏହି ଚଢଉ କରାଯାଇଥିଲା। ଏନେଇ ୫ଟି ଭିନ୍ନଭିନ୍ନ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମଞ୍ଚେଶ୍ୱରର ସୋମନାଥ ଭୋଇ, ଚନ୍ଦ୍ରଶେଖରପୁର ଅଞ୍ଚଳର ଗଣେଶ ପୂର୍ତ୍ତି, ତୁର୍କି କେରାଇ, ଇନ୍‌ଫୋସିଟି ଅଞ୍ଚଳର ପି. ଲକ୍ଷ୍ମୀଧର ଏବଂ ବିତି ହାଂସଦା।

### ବିଡିଏର ୧୫୧ତମ କର୍ତ୍ତୃପକ୍ଷ ବୈଠକ

# ଏକାମ୍ର ରେସିଡେନ୍ସିରେ ୭୦୦ ପରିବାର ପାଇଁ ଘର


ଭୁବନେଶ୍ୱର, ୨୧।୧୧(ସମିସ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ୧୫୧ତମ କର୍ତ୍ତୃପକ୍ଷ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଡିଏ ଅଧ୍ୟକ୍ଷ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆଜି ବସିଥିବା ବିଡିଏର ୧୫୧ତମ ବୈଠକରେ ସୁବୁଦ୍ଧିପୁରଠାରେ ବିଡିଏ ନିର୍ମିତ ଏକାମ୍ର ରେସିଡେନ୍ସି ଆବାସ ପ୍ରକଳ୍ପର ଘୋଷଣର ନିଷ୍ପତ୍ତି ନିଆଯାଇଛି। ଏଥିରେ ମୋଟ ୭୦୪ ପରିବାରକୁ ସୁଲଭ ଦରରେ ଘର ଯୋଗାଇବାକୁ ଘୋଷଣା କରିଛନ୍ତି ବିଭାଗୀୟ ମନ୍ତ୍ରୀ। ବୈଠକରେ ବିଡିଏର ବହୁ ପ୍ରତିକ୍ଷିତ ପ୍ରମୁଖ ଆବାସ ପ୍ରକଳ୍ପ ମଧ୍ୟରୁ ଗୋଟିଏ ଏକାମ୍ର ରେସିଡେନ୍ସି ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛି। ଦ୍ରୁତ ଗତିରେ ବିକାଶଶୀଳ ସୁବୁଦ୍ଧିପୁର ଅଞ୍ଚଳରେ ଅବସ୍ଥିତ ଏକାମ୍ର ରେସିଡେନ୍ସିକୁ ଆଧୁନିକ, ସୌନ୍ଦର୍ଯ୍ୟପୂର୍ଣ୍ଣ ଭାବରେ ମନୋରମ ବାସସ୍ଥାନ ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି। ୭.୩୬ ଏକର ଜାଗାରେ ବିସ୍ତୃତ ଏହି ପ୍ରକଳ୍ପରେ ତିନିଟି ଟାୱାର (ବି+ଜି+୧୨ ମହଲା)ରେ ୪୧୬ଟି ଦୁଇ ଶୟନ କକ୍ଷ (୨ ବିଏଚକେ)ଓ ୨୮୮ଟି (୩ବିଏଚକେ) ତିନି ଶୟନକକ୍ଷ ବିଶିଷ୍ଟ ଫ୍ଲାଟ ରହିଛି। ପ୍ରକଳ୍ପରେ କମ୍ୟୁନିଟି ହଲ, ରୁଫଟପ୍ ସୁଇମିଂ ପୁଲ, ୱାକିଂ ଟ୍ରାକ, ବାଣିଜ୍ୟିକ ଅଞ୍ଚଳ, ଶିଶୁ ଖେଳପଡ଼ିଆ, ଫିଟନେସ ସେଣ୍ଟର, ସୌର ପ୍ୟାନେଲ ଜୋନ, ସୁନ୍ଦର ଲ୍ୟାଣ୍ଡସ୍କେପ୍ ଖୋଲା ଜାଗା ବ୍ୟବସ୍ଥା ରହିଛି। ସେହିଭଳି ଏଥିରେ ୧୦୦ ଫୁଟ୍ ଚଉଡ଼ା ଆପ୍ରୋଚ୍ ରୋଡ୍ ଏବଂ ପର୍ଯ୍ୟାପ୍ତ ବେସମେଣ୍ଟ ପାର୍କିଂ ସୁବିଧା ଯୋଗୁଁ ଏହା ଅଧିକ ସୁବିଧାଜନକ ହୋଇଛି। ଏହା ବିଡିଏର ଉଚ୍ଚମାନର ସହର ଜୀବନଶୈଳୀ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଘର ଆବଣ୍ଟନର ପଦ୍ଧତି ଖୁବ୍ ଶୀଘ୍ର ଚୂଡ଼ାନ୍ତ ହେବ। ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟ ରାଜଧାନୀରେ ନିଜସ୍ୱ ଘର ରଖିବା ଲୋକଙ୍କ ମହତ୍ୱାକାଂକ୍ଷା ପୂରଣ କରିବ। ପ୍ରକଳ୍ପରେ ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇସାରିଛି ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି। ଏହା ବ୍ୟତୀତ ବୈଠକରେ ନୀଳାଦ୍ରୀ ବିହାରର ଶନି ମନ୍ଦିରରୁ ଶୈଳଶ୍ରୀ ବିହାରର ଡିଏଭି ସ୍କୁଲ ରୋଡ଼ ଯାଏ ସିଡିପି ରୋଡ଼ (ସମନ୍ୱିତ ଉନ୍ନୟନ ଯୋଜନା) ନିର୍ମାଣ, ଗୁରୁ କେଳୁଚରଣ ପାର୍କ ସ୍କୋୟାରରୁ ପଟିଆ ରେଳ ଷ୍ଟେସନ ଯାଏ ୪୫ ମିଟର ଚଉଡ଼ା ସିଡିପି ରୋଡ଼, ନୂଆଗାଁ-କଟେନି ରୋଡ଼କୁ ଟିପି-୦୮ ଦେଇ ଯାଉଥିବା ରୋଡ଼ ସହିତ ସଂଯୋଗକାରୀ ସିଡିପି ରୋଡ଼ (ସମନ୍ୱିତ ଉନ୍ନୟନ ଯୋଜନା) ନିର୍ମାଣ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ଜଟଣୀ ପୌର ପରିଷଦ ଅଧ୍ୟକ୍ଷ ଅନନ୍ତ ବେହେରା, ଖୋର୍ଦ୍ଧା ପୌର ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀ ମହାନ୍ତି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ରାଜସ୍ୱ ଆୟୁକ୍ତ (କେନ୍ଦ୍ରୀୟ ବିଭାଗ, କଟକ) ଗୁହା ପୁନମ ତାପସ କୁମାର, ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା, ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

### ୪୧୬ ଟୁ ବିଏଚ୍‌କେ, ୨୮୮ ଥ୍ରି ବିଏଚ୍‌କେ ପାଇଁ ଯୋଜନା



ମଡେଲ

## ଲିଙ୍ଗରାଜଙ୍କ ୧ ଘଣ୍ଟା ନିତି ବିଳମ୍ବ



ଭୁବନେଶ୍ୱର, ୨୧।୧୧ (ସମିସ): ଶ୍ରୀଲିଙ୍ଗରାଜଙ୍କର ଶୁକ୍ରବାର ମନ୍ଦିର ପହୁଡ଼ ଖୋଲିବା ପରେ ମଙ୍ଗଳ ଆଳତି ୧ ଘଣ୍ଟା ବିଳମ୍ବ ହୋଇଥିଲା। ଦିଅଁଙ୍କର ନିତି କରିବା ପାଇଁ ଯଦିବା ପାଳିଆ ସେବାୟତ ପହଞ୍ଚିଥିଲେ ହେଲେ ଚଢେଇତି ଓ ମନ୍ଦିର ନିତି ସୁପରଭାଇଜର ପହଞ୍ଚି ନ ଥିଲେ। ଏହାକୁ ଦେଖି ପାଳିଆ ସେବାୟତ ମାନେ କ୍ଷୋଭ ପ୍ରକାଶ କରିଥିଲେ। ୧ଘଣ୍ଟା ପରେ ଚଢେଇତି ଓ ସୁପରଭାଇଜର ପହଁଚିବା ପରେ ଦିଅଁଙ୍କର ନିତି ଆରମ୍ଭ ହୋଇଥିଲା ଏହିପରି ଦିଅଁଙ୍କର ସକାଳଧୂପ ଚାଲିଥିବା ସମୟରେ ଗର୍ଭଗୃହରେ ମହାସୁଆର ସେବାୟତ ଭୋଗ ଆଣିବା ବେଳେ ଝୁଣ୍ଟି ପଡ଼ିଥିଲେ ଏବଂ ମହାପ୍ରଭୁଙ୍କ ଉପରେ ଭୋଗ ଛିଟିକି ପଡ଼ିବା ସହ ସେ ନିଜେ ମଧ୍ୟ ତଳେ ପଡ଼ିଯାଇଥିଲା ଫଳରେ ଦିଅଁଙ୍କର ବେଶ ମାରା ହୋଇଥିଲା। ପରେ ଦିଅଁଙ୍କର ବେଶ ଓଲାଗି ହୋଇ ମହାସ୍ନାନ କରାଯାଇ ଅନ୍ୟାନ୍ୟ ନିତୀ ବଢ଼ିଥିଲା।

## ନାମ ଫଳକରେ ପିଟି ବାଇକ୍ ଚାଳକ ମୃତ

ଯାଁଳା, ୨୧।୧୧(ସମିସ): ଏୟାରଫିଲ୍ଡ ଥାନା ପଞ୍ଚୁପଲ୍ଲୀ ଜାମୁକୋଳି ରାସ୍ତାରେ ଏକ ନାମ ଫଳକରେ ପିଟି ଜଣେ ମୋଟରସାଇକଲ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି।ମୃତକ ଜଣକ ହେଲେ ଖଣ୍ଡଗିରି ଥାନା ବାହାଦଲପୁରର ସୁଧିର ଦାସଙ୍କ ପୁଅ ପ୍ରକାଶ ଦାସ (୨୪)।

ମିଳିଥିବା ସୂଚନା ଅନୁସାରେ ପ୍ରକାଶ ତାଙ୍କର ଜଣେ ସାଙ୍ଗଙ୍କ ସହ ପଞ୍ଚୁପଲ୍ଲି ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘରକୁ ମୋଟରସାଇକଲ ଯୋଗେ ଆସିଥିଲେ। ପଞ୍ଚୁପଲ୍ଲୀ ଜାମୁକୋଳି ରାସ୍ତାରେ ଫେରିବା ବେଳେ କୌଣସି କାରଣରୁ ମୋଟର ସାଇକଲଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ନାମ ଫଳକରେ ପିଟି ହୋଇଯାଇଥିଲା। ଫଳରେ ପ୍ରକାଶ ଓ ତାଙ୍କ ସାଙ୍ଗ ଗାଡିରୁ ଛିଟିକି ପଡ଼ିଥିଲେ। ପ୍ରକାଶଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ନିକଟରେ କାମ କରୁଥିବା କିଛି ସ୍ଥାନୀୟ ଲୋକ ଗୁରୁତର ଆହତ ଦ୍ୱୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ। କିନ୍ତୁ ଡାକ୍ତର ପ୍ରକାଶଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବର ପାଇ ଏୟାରଫିଲ୍ଡ ଥାନା ପହଞ୍ଚି ମୃତକଙ୍କ ଶବ ଜବତ କରିବା ସହ ଆଜି ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି।

## କଳିଙ୍ଗ ପୁସ୍ତକ ମେଳା ଉଦ୍‌ଘାଟିତ




ଭୁବନେଶ୍ୱର, ୨୧।୧୧(ସମିସ): ୨୮ତମ କଳିଙ୍ଗ ପୁସ୍ତକ ମେଳା ସ୍ଥାନୀୟ ପ୍ରଦର୍ଶନୀ ପଡ଼ିଆ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଲେଖକ ଦେବାଶିଷ ମହାପାତ୍ର ଯୋଗ ଦେଇଥିଲେ। ଏହି ଉପଲକ୍ଷେ ସାହିତ୍ୟ ଓ ଗବେଷଣା କ୍ଷେତ୍ରରେ ଡ. କୃଷ୍ଣକେଶବ ଷଡ଼ଙ୍ଗୀ, ବୈଦ୍ୟୁତିକ ଗଣମାଧ୍ୟମ କ୍ଷେତ୍ରରେ ଉତ୍କର୍ଷତା ପାଇଁ ରାଧାମାଧବ ମିଶ୍ର, ଶିକ୍ଷାଦାନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଡ. ପଲି ପଟ୍ଟନାୟକଙ୍କୁ 'ଚଳିତ ବର୍ଷ କଳିଙ୍ଗ ପୁସ୍ତକମେଳା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଚଳିତ ବର୍ଷ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୨୦୦ ପ୍ରକାଶକ, ପୁସ୍ତକ ବିକ୍ରେତା, ବିତର୍କ, ଶିକ୍ଷାନୁଷ୍ଠାନ ଓ ଅନ୍ୟାନ ଅନୁଷ୍ଠାନ ଯୋଗ ଦେଇଛନ୍ତି। ଏହି ମେଳା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଅପରାହ୍ଣ ୨ ଟାରୁ ରାତି ୯ ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ନିମନ୍ତେ ଖୋଲା ରହିବ। ପ୍ରତି ସନ୍ଧ୍ୟାରେ ପୁସ୍ତକ ମେଳାର ମୁଖ୍ୟ ମଞ୍ଚରେ ଶିଶୁ ମାନଙ୍କ ମଧ୍ୟରେ ପ୍ରତିଯୋଗିତା, ସାରସ୍ୱତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ପ୍ରାରମ୍ଭରେ ସମ୍ପାଦିକା ରେଣୁକା ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକମ୍ରରେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/16 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ | 01.11.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ପରିଚାଳକ (ରିସ୍କ ବିଶେଷଜ୍ଞ - ମଡେଲ ରିସ୍କ ପରିଚାଳନା) | ଏମ୍‌ଏମ୍‌ଜିଏସ୍-III | 5 | 28 | 40 |
| ଉପପ୍ରାଧକ୍ଷ (ରିସ୍କ ବିଶେଷଜ୍ଞ - ମଡେଲ ରିସ୍କ ପରିଚାଳନା) | ଏମ୍‌ଏମ୍‌ଜିଏସ୍-II | 5 | 25 | 35 |

**ବିଜ୍ଞାପନ ସଂ. CRPD/SCO/2025-26/13 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | 01.11.2025 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| ସମ୍ପର୍କ ପରିଚାଳକ (ମ୍ୟୁଚୁଆଲ୍ ଫଣ୍ଡ) | 1 | 35 | 45 |
| ସମ୍ପର୍କ ପରିଚାଳକ (ବୀମା କ୍ଷେତ୍ର) | 1 | 35 | 45 |
| ସମ୍ପର୍କ ପରିଚାଳକ (ଷ୍ଟକ୍ ବ୍ରୋକରିଂ ଏବଂ ଏଫଆଇଆଇ/ଏଫପିଆଇ) | 3 | 35 | 45 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.11.2025 ରୁ 01.12.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 11.11.2025
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

● -ପୀତବାସ ହତ୍ୟା ମାମଲା

## ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡ ପରେ ଜେଲ୍‌କୁ ଫେରିଲେ ୪ ଅଭିଯୁକ୍ତ

ବ୍ରହ୍ମପୁର,୨୧।୧୧(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୁଲିସ ଗୁରୁବାର ଅଭିଯୁକ୍ତ କୁରୁପତି ଭୂୟାଁ, ଚିଣ୍ଟୁ ପ୍ରଧାନ, ଉମା ବିଷୋୟୀ ଓ ଯୋଗୀ ରାଉତଙ୍କୁ ୨ଦିନିଆ ରିମାଣ୍ଡରେ ନେଇ ଜେରା ମୁହାଁମୁହିଁ ଜେରା କରିଥିଲା। ଶୁକ୍ରବାର ସନ୍ଧ୍ୟାରେ ଉପରୋକ୍ତ ୪ଅଭିଯୁକ୍ତଙ୍କୁ ପୁଲିସ କୋର୍ଟରେ ହାଜର କରି ପୁଣି ଜେଲକୁ ପଠାଇଦେଇଛି। ପୂର୍ବରୁ ୬ରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ଜେରା କରିଥିଲା ପୁଲିସ। ଗୁରୁବାର ପୁଣି ଏହି ୪ଜଣ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ପୁଲିସ ଜେରା କରିଥିଲା।



ବୈଦ୍ୟନାଥପୁର ଥାନାରେ ଏସପି ଡ଼ା ସର୍ବଣା ବିବେକ ଏମ ଦିର୍ଘ ସମୟ ଧରି ସମସ୍ତ ଅଭିଯୁକ୍ତଙ୍କୁ ମୁହାଁମୁହିଁ ଜେରା କରିଥିଲେ। ଏପରିକି ଅଭିଯୁକ୍ତମାନଙ୍କ ବୟାନକୁ ପୁଲିସ ଭିଡ଼ିଓ ରେକର୍ଡିଂ କରି ରଖିଥିବା ଜଣାପଡିଛି। ଜେରା ଓ ତଦନ୍ତର ଗ୍ରଗତି ପରେ ପୁଲିସ ହାତରେ କିଛି ନୂଆ ତଥ୍ୟ ଲାଗିଥିବା ସୂଚନା ମିଳିଛି। ମିଳିଥିବା ତଥ୍ୟ ଆଧାରରେ ପୁଲିସ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି।

## ଦୁଷ୍କର୍ମ ମାମଲା; ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍

ବ୍ରହ୍ମପୁର,୨୧।୧୧(ସମିସ): ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାରଣା କରି ସ୍ୱତନ୍ତ୍ର ପୋକସୋ କୋର୍ଟ ଜଜ୍ ପ୍ରଣତୀ ପଟ୍ଟନାୟକ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଯୁବକ ଜଣକ ଆସିକା ଥାନା ଅଞ୍ଚଳର କୃଷ୍ଣ ନାୟକ (୨୭)। ଜେଲ ଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ଦେବାକୁ ଓ ଜରିମାନା ଅନାଦାୟ ଅଧିକ ୧୧ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ କୋର୍ଟ ନିର୍ଦ୍ଦେଶ ରହିଛି। ସେହିପରି ପୀଡ଼ିତାଙ୍କୁ ୧୦ଲକ୍ଷ ୫୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ଆଇନସେବା ପ୍ରାଧିକରଣ ସଚିବଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୨୩ରେ ଆସିକା ଥାନା ଅନ୍ତର୍ଗତ ଏକ ଗାଁରେ ବାହାଘର ଶୋଭାଯାତ୍ରା ଚାଲିଥିବାବେଳେ ଜନୈକା ନାବାଳିକାଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଅଭିଯୁକ୍ତ କୃଷ୍ଣ ନାୟକ ଘରେ ପଶି ଦୁଷ୍କର୍ମ କରିଥିଲା। ରାତିରେ ଭୋଜି ଖାଇସାରି ପରିବାର ଲୋକେ ଘରକୁ ଫେରି ଝିଅ କାନ୍ଦୁଥିବା ଦେଖି ପଚାରିବାରୁ ଝିଅ ସବୁକଥା କହିଥିଲା। ଏନେଇ ତାଙ୍କ ମା' ଆସିକା ଥାନାରେ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ କ୍ରିଷ୍ଣା ନାଇକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାର ବିଚାରଣା ବେଳେ ୧୪ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଶୁକ୍ରବାର ରାୟ ପ୍ରକାଶ ବେଳେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରଧୀନ ବନ୍ଦୀ ଥିବା ଅଭିଯୁକ୍ତ କ୍ରିଷ୍ଣାକୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀଙ୍କ ବୟାନ ଓ ପ୍ରମାଣ ଆଧାରରେ କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମାମଲା ପରିଚାଳନା କରିଥିଲେ।

## ଯୁବକଙ୍କ ଆତ୍ମହତ୍ୟା

ବ୍ରହ୍ମପୁର,୨୧।୧୧(ସମିସ): ନିମଖଣ୍ଡି ଥାନା ଅନ୍ତର୍ଗତ ସଂଜୀବନୀ ବିହାରର ଜଣେ ଯୁବକ ବେକରେ ଚୁନି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଯାଜପୁର ଅଞ୍ଚଳର ନିଶିକାନ୍ତ ବିଶ୍ୱାଳ (୩୫)। ନିମଖଣ୍ଡି ପୁଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପଞ୍ଚନାମା ଓ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ନିଶିକାନ୍ତ କିଛିବର୍ଷ ଧରି ବ୍ରହ୍ମପୁରରେ ପରିବାର ସହ ହର୍ଷବିହାର ନିକଟସ୍ଥ ସଂଜୀବନୀ ବିହାରରେ ଭଡ଼ାଘରେ ରହୁଥିଲେ। ନିଶିକାନ୍ତ ଆସ୍କାରୋଡରେ ଥିବା ସ୍ୱୟଂ ହୋଣ୍ଡା ମୋଟର୍ସରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ଗୁରୁବାର ରାତିରେ ବାପା ନରୋତ୍ତମ ବିଶ୍ୱାଳ ପୁଅ ନିଶିକାନ୍ତଙ୍କୁ ଫୋନ କରିଥିଲେ ହେଁ ସେ ଉଠାଇନଥିଲେ। ଗୃହମାଲିକ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଘରର କବାଟ ଭାଙ୍ଗି ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା।



## ମାର୍‌ପିଟ ମାମଲାରେ ଜଣେ ଗିରଫ

ବ୍ରହ୍ମପୁର,୨୧।୧୧(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ତରେଇ ଗଉଞ୍ଜୁ ଗ୍ରାମରେ ଗୁରୁବାର ସକାଳେ ସମ୍ପର୍କୀୟଙ୍କ ମଧ୍ୟରେ ଗଣ୍ଡଗୋଳ ମାମଲାରେ ପୁଲିସ ଶୁକ୍ରବାର ଜଣକୁ ଗିରଫ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ତରେଇ ଗଉଞ୍ଜୁ ଗ୍ରାମର ଦୀପକ ବେହେରା। ଗୁରୁବାର ସକାଳେ ହୃଷୀକେଶ ବେହେରା ଘରକୁ ଫେରୁଥିବା ବେଳେ ତାଙ୍କର ପୁରୁଣା ଘର ନିକଟରେ ଦୀପକଙ୍କ ସମେତ ୪ଜଣ ସଂଘବଦ୍ଧ ଆକ୍ରମଣ କରିଥିଲେ। ହୃଷୀକେଶଙ୍କ ପତ୍ନୀ ଆରତୀ ବେହେରା ଗୋପାଳପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ୪ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ପରେ ଅଭିଯୁକ୍ତ ଦୀପକକୁ ଗିରଫ କରି କୋର୍ଟଚାଲାଣ କରିଛି।

### ପୂର୍ଣ୍ଣ ଉପସ୍ଥାନ ବିଶିଷ୍ଟ ବିଇଏମ୍‌ସି ବୈଠକ

# ଭତ୍ତା ପ୍ରଦାନରେ ଅବହେଳା ଓ ପାତରଅନ୍ତରକୁ ନେଇ ହୋହଲ୍ଲା

ବ୍ରହ୍ମପୁର,୨୧।୧୧(ସମିସ)



ବ୍ରହ୍ମପୁର ମହାନଗର ନିଗମର ଗୁରୁତ୍ୱପୂର୍ଣ୍ଣ କର୍ପୋରେସନ ବୈଠକ ମେୟର ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୪୨କର୍ପୋରେଟର ବିଶିଷ୍ଟ ନିଗମର ଏହି ବୈଠକ ବିଭିନ୍ନ କାରଣରୁ ବିଳମ୍ବରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ କର୍ପୋରେଟରଙ୍କ ପୂର୍ଣ୍ଣ ଉପସ୍ଥାନ ଦେଖିବାକୁ ମିଳିଥିଲା। ଗତ ସେପ୍ଟେମ୍ବର ୨୬ତାରିଖରେ ହୋଇଥିବା ପୂର୍ବ ବୈଠକର ନିଷ୍ପତ୍ତିକୁ ଦୃଢ଼ୀକରଣ ପରେ ଗତ ଅକ୍ଟୋବର ୧୦ରେ ଅନୁଷ୍ଠିତ ନିଗମର ୩ଟି ଷ୍ଟାଣ୍ଡିଂ କମିଟି ପକ୍ଷରୁ ସୁପାରିସ ହୋଇଥିବା ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ହିତାଧିକାରୀଙ୍କ ଭତ୍ତା ପ୍ରଦାନରେ ବ୍ୟାପକ ଅନିୟମିତତା ଓ ଅବହେଳା ନେଇ ହୋହଲ୍ଲା ହୋଇଥିଲା।

ପୂର୍ବରୁ ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ୧୨ଶହ ଟଙ୍କା ଭତ୍ତା ଠିକ୍‌ଭାବେ ମିଳୁନଥିବା ବେଳେ ବର୍ତ୍ତମାନ ବର୍ଦ୍ଧିତ ୩୫ଶହ ଟଙ୍କାକୁ ନେଇ ବଢ଼ିଛି ସମସ୍ୟା। ସେପଟେ ମୃତ ହିତାଧିକାରୀଙ୍କ ସ୍ଥାନରେ ନୂତନ ହିତାଧିକାରୀଙ୍କୁ ତାଲିକାଭୁକ୍ତ କରାଯାଉନଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ପରେ ଜିଲ୍ଲା ଅଧିକାରୀଙ୍କ ଉପସ୍ଥିତିରେ ସମାଧାନର ପନ୍ଥା ବାହାର କରି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ମତ ରଖିଥିଲେ।

ନିର୍ଦ୍ଧାରିତ ସମୟରେ ନିଗମର ସମସ୍ତ ୧୦ଟି ଷ୍ଟାଣ୍ଡିଂ କମିଟିର ବୈଠକ ହେଉନଥିବା ବେଳେ ହାତଗଣତି କିଛି କମିଟିର ବୈଠକ ହେଉଛି। ଏପରିକି ବୈଠକରେ କ'ଣ ଆଲୋଚନା ହେଉଛି ସେନେଇ ମଧ୍ୟ କର୍ପୋରେଟରଙ୍କୁ ଅବଗତ କରାଯାଉନଥିବା ଅଭିଯୋଗ ହୋଇଥିଲା। ସହରରେ ଲଗାଯାଉଥିବା କମ୍ କ୍ଷମତା ବିଶିଷ୍ଟ ଏଲଇଡି ଷ୍ଟ୍ରିଟ ଲାଇଟ ବଦଳରେ ୯୦ୱାଟ୍ ଲାଇଟ୍ ଲଗାଇବାକୁ ପ୍ରସ୍ତାବ ଦିଆଯାଇଥିଲା। ପ୍ରତି ୱାର୍ଡରେ ଅନ୍ୟୁନ ୧୦ଟି ଲେଖାଏଁ ଲାଇଟ ଲଗାଇବାକୁ ସହମତି ପ୍ରକାଶ ପାଇଥିଲା। ଅନେକ ପ୍ରକଳ୍ପ କାମ ଠିକାଦାର ନିର୍ଦ୍ଧାରିତ ସମୟରେ ଶେଷ କରୁନଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ନିଆଯାଇଛି। ନିଗମ ବୈଠକରେ ସହରରେ ଥିବା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ରହିବା ନିୟମକୁ ଖିଲାପ କରି କେହି ଉପସ୍ଥିତ ରହୁନଥିବାରୁ ନିଷ୍ପତ୍ତି ନେବାରେ ସମସ୍ୟା ସୃଷ୍ଟି ହେଉଛି। ଏଭଳି ସ୍ଥିତିକୁ ନେଇ ଗୃହରେ ସଦସ୍ୟମାନେ ବିରକ୍ତି ପ୍ରକାଶ କରିବା ସହ ବିଭାଗୀୟ ଅଧିକାରୀଙ୍କୁ ନୋଟିସ ଜାରି କରିବାକୁ ଦାବି କରାଯାଇଥିଲା। ସେହିଭଳି ବୈଠକରେ ଖୋଦ୍ ନିଗମର କିଛି ଅଧିକାରୀ ଅନୁପସ୍ଥିତ ରହୁଥିବା ବେଳେ ଯେଉଁମାନେ ଉପସ୍ଥିତ ରହୁଛନ୍ତି ସେମାନେ କୌଣସି ଆଗୁଆ ପ୍ରସ୍ତୁତି ନକରି ଆସୁଥିବା ଜଣାପଡିଛି। ଏଥିପାଇଁ ମଧ୍ୟ ବିଭାଗୀୟ ମୁଖ୍ୟଙ୍କୁ ତାଗିଦ କରାଯାଇଥିଲା। ସହରର ବିଭିନ୍ନ ୱାର୍ଡରେ ଥିବା ବିଇଏମସିର ନିଜସ୍ୱ ରାସ୍ତା ଓ ଜମିକୁ ଜବରଦଖଲ ମୁକ୍ତ କରିବାକୁ ଦାବି ହୋଇଥିଲା। ଦିର୍ଘ ୯ ମାସ ଧରି ନିଗମରେ ଗୋଟିଏ ମଧ୍ୟ ଟେଣ୍ଡର ହୋଇନଥିବା ବିଷୟକୁ ନେଇ ଖୋଦ ନିଗମର ପବ୍ଲିକ ୱାର୍କସ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ତଥା ବରିଷ୍ଠ କର୍ପୋରେଟର ଟି. ତ୍ରିପତି ପାତ୍ର କ୍ଷୋଭ ପ୍ରକାଶ କରିଥିଲେ।

ବିଭିନ୍ନ ଘରୋଇ ବିଜ୍ଞାପନ ସଂସ୍ଥା ନିକଟରୁ ବକେୟା ଦେୟ ଆଦାୟ ପାଇଁ ଦୁଇଟି ସ୍ୱତନ୍ତ୍ର କମିଟି ଗଠିତ କରାଯାଇଛି। ବିଇଏମସି କାର୍ଯ୍ୟାଳୟ ଓ ସହରର ପ୍ରମୁଖ ୧୦ଟି ସ୍ଥାନରେ ଉପଲବ୍ଧ ସିଟି ୱାଇଫାଇର ରକ୍ଷଣାବେକ୍ଷଣା ପାଇଁ ୱିଫି ଇଣ୍ଟରନେଟ ଘରୋଇ ସଂସ୍ଥା ଜରିଆରେ ବିଇଏମସିର ବାର୍ଷିକ ୪୮ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ଜଣାପଡିଛି। ତେବେ ଦୀର୍ଘବର୍ଷ ଧରି ବିଇଏମସି ଯୋଗାଇ ଆସୁଥିବା ଏଭଳି ସୁବିଧା ଦ୍ୱାରା ସହରବାସୀ କିମ୍ବା ନିଗମ କର୍ମଚାରୀ ଉପକୃତ ହେଉନଥିବା ଅଭିଯୋଗ କରି ସଂପୃକ୍ତ ଘରୋଇ ସଂସ୍ଥାକୁ ପ୍ରବଳ ବିରୋଧ କରିଥିଲେ ଅଧିକାଂଶ କର୍ପୋରେଟର। ଯାହାକୁ ନେଇ ଉକ୍ତ ଟେଣ୍ଡରକୁ ବାତିଲ କରିବାକୁ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା। ସହରରେ ୩ଟି ପ୍ରମୁଖ ସ୍ଥାନରେ ଅର୍ଥାତ୍ ଗାନ୍ଧିନଗର ଛକରେ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତି ନିକଟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଥିବା ୱାଟର ଫାଉଣ୍ଟେନ ଠାରେ ଶହୀଦ ଲକ୍ଷ୍ମଣ ନାୟକ ଓ ଗୋପାଳପୁର ଓଭର ବ୍ରିଜରୁ ଆମ୍ବପୁଆ ପାଶ୍ୱର୍ରାସ୍ତାରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ ଦେଇଥିବା ପ୍ରସ୍ତାବ ପାରିତ କରାଯାଇଥିଲା। ତେବେ

- ସିଟି ୱାଇଫାଇ' ବାବଦରେ ବାର୍ଷିକ ୪୮ ଲକ୍ଷ ଖର୍ଚ୍ଚକୁ ବିରୋଧ; ଟେଣ୍ଡର ରଦ୍ଦ
- ବିଇଡିଏ ସହାୟତାରେ ସ୍ଥାପିତ ହେବ ୩ ମହାପୁରୁଷଙ୍କ ପ୍ରତିମୂର୍ତ୍ତି
- ୯ ମାସ ଧରି ହୋଇନି କୌଣସି ଟେଣ୍ଡର, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷଙ୍କ କ୍ଷୋଭ
- ବୈଠକରେ ଅନୁପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ଜାରିହେବ ନୋଟିସ୍

ଏହିକାର୍ଯ୍ୟ ବିଇଡିଏ ସମ୍ପାଦନ କରିବାକୁ ନିଗମ ଆୟୁକ୍ତଙ୍କୁ କାର୍ଯ୍ୟଭାର ପ୍ରଦାନ କରାଯାଇଥିଲା।

ଘରୋଇ ବାସଗୃହ ଭଳି ସହରର ଆପାର୍ଟମେଣ୍ଟରୁ ଅଳିଆ ସଂଗ୍ରହ ପାଇଁ ସମାନ ଭାବେ ମାସିକ ୩୦ଟଙ୍କା ଦେୟ ସଂଗ୍ରହ କରିବାକୁ ନିଷ୍ପତ୍ତି ହୋଇଥିବା ବେଳେ ୧୧ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃନିଯୁକ୍ତି ସମ୍ପର୍କିତ ପ୍ରସ୍ତାବକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ବୈଠକରେ ମେୟର ଓ କମିଶନରଙ୍କ ସମେତ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ବିଧାୟକଙ୍କ ପ୍ରତିନିଧି ଅଶୋକ ଶୁକ୍ଳ, ମନ୍ତ୍ରୀଙ୍କ ପ୍ରତିନିଧି ଶିବ ନାୟକ ଓ ସାଂସଦଙ୍କ ପ୍ରତିନିଧି ବାଳକୃଷ୍ଣ ସାମନ୍ତରାୟ, ଡେପୁଟି କମିଶନର ଆଶିର୍ବାଦ ପରିଡା, କଲ୍ୟାଣୀ ସଂଘମିତ୍ରା, ସିଟି ଇଂଜିନିୟର ମନୋଜ ପାତ୍ର ପ୍ରମୁଖଙ୍କ ସହିତ ସମସ୍ତ କର୍ପୋରେଟର ଓ ନିଗମ ଅଧିକାରୀ ଉପସ୍ଥିତ ଥିଲେ।

## ଟିକେଟ ବାତିଲ ପରେ ବି ଟଙ୍କା ଫେରାଉନି ରେଳବିଭାଗ

### ଖାଉଟି ଅଦାଲତର ଆଶ୍ରୟ ନେବାକୁ ଯାତ୍ରୀଙ୍କ ଚେତାବନୀ

ବ୍ରହ୍ମପୁର,୨୧।୧୧(ସମିସ): ଟ୍ରେନ ସଂରକ୍ଷଣ ଟିକେଟ ବାତିଲ କଲେ ଟଙ୍କା ଫେରାଇବାର ନିୟମ ରହିଛି। ତେବେ ଜଣେ ଯାତ୍ରୀ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାତ୍ରା କରିବାକୁ ସଂରକ୍ଷଣ ଟିକେଟ ବୁକିଂ କରିଥିଲେ। କୌଣସି କାରଣରୁ ଯାତ୍ରା ବାତିଲ ସହ ପୂର୍ବରୁ ବୁକିଂ କରିଥିବା ସଂରକ୍ଷଣ ଟିକେଟକୁ ବାତିଲ କରିଥିଲେ। ସମସ୍ତ ନିୟମ ମୁତାବକ ଯାତ୍ରୀ ଜଣକ ଟିକେଟ ଫେରସ୍ତ ପ୍ରକ୍ରିୟା କରିଥିଲେ ହେଁ ଦୀର୍ଘଦିନ ହେଲା ତାଙ୍କ ଟିକେଟ ବାବଦ ଟଙ୍କା ଫେରି ପାଇନଥିବା ଅଭିଯୋଗ କରିଛନ୍ତି। ଯାହାକୁ ନେଇ ସେ ବ୍ରହ୍ମପୁର ରେଳଷ୍ଟେସନ ମ୍ୟାନେଜରଙ୍କ ସମେତ ଅନ୍ୟ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ନିରାଶ ହେବାରୁ ଖାଉଟୀ ଅଦାଲତ ଆଶ୍ରମ ନେବାକୁ ପ୍ରସ୍ତୁତ ହେଉଛନ୍ତି। ସୂଚନାଯୋଗ୍ୟ ଯେ, ଗତ ସେପ୍ଟେମ୍ବର ୧୯ରେ ବ୍ରହ୍ମପୁର ବିଜିପୁର ଲକ୍ଷ୍ମୀସାହି ନିବାସୀ ପ୍ରଦୀପ କୁମାର ନାୟକ(୬୩) କଣ୍ଟାବାଞ୍ଜିଠାରୁ ସୀମାଞ୍ଚଳ ଯିବାକୁ କୋବ୍ରା ଏକ୍ସପ୍ରେସରେ ସ୍ଲିପର ଶ୍ରେଣୀରେ ୪ଜଣ ଯାତ୍ରୀଙ୍କ ନିମନ୍ତେ ସଂରକ୍ଷଣ ଟିକେଟ ବୁକିଂ କରିଥିଲେ। କୋ÷ଣସି କାରଣରୁ ସେପ୍ଟେମ୍ବର ୩୦ତାରିଖରେ ଉକ୍ତ ଟିକଟକୁ ବାତିଲ କରିଥିଲେ। ସଂରକ୍ଷଣ ଟିକେଟ ବୁକିଂ ସମୟରେ ଯାତ୍ରୀ ଜଣକ ଟିକେଟ କାଉଣ୍ଟରରେ ଡ଼େବିଟ କାଡର୍ ଜରିଆରେ ଟଙ୍କା ପୈଠ କରିଥିବାରୁ ଯାତ୍ରୀଙ୍କ ଆକାଉଣ୍ଟରେ ହିଁ ବାତିଲ ଟିକେଟର ଅବଶିଷ୍ଟ ଟଙ୍କା ପୈଠ ହେବ ବୋଲି ଟିକେଟ କାଉଣ୍ଟରରେ ତାଙ୍କୁ କୁହାଯାଇଥିବା ପ୍ରଦୀପ କହିଛନ୍ତି। କିନ୍ତୁ ଟଙ୍କା ଫେରସ୍ତ ନମିଳିବାରୁ ସେ ବ୍ରହ୍ମପୁର ରେଳଷ୍ଟେସନ ଟିକେଟ କାଉଣ୍ଟର ନିକଟକୁ ଯାଇ ସମସ୍ୟା ସମ୍ପର୍କରେ ଅବଗତ କରିବା ସହ ଆବଶ୍ୟକ ମୁତାବକ ସମସ୍ତ ପ୍ରମାଣପତ୍ର ସହ ନିଜ ଆକାଉଣ୍ଟ ଷ୍ଟେଟମେଣ୍ଟ ପ୍ରଦାନ କରିଥିଲେ। ଏହାପରେ ମଧ୍ୟ ଟଙ୍କା ନମିଳିବାରୁ ବ୍ରହ୍ମପୁର ଷ୍ଟେସନ ମ୍ୟାନେଜରଙ୍କୁ ଜଣାଇଥିଲେ। ରେଳବିଭାଗ ପକ୍ଷରୁ ତାଙ୍କ ଟଙ୍କା ଫେରସ୍ତ ହୋଇଥିବା କୁହାଯାଇଥିବା ବେଳେ ୨ମାସ ପରେ ମଧ୍ୟ ଯାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଆସିନଥିବା ଯାତ୍ରୀ ପ୍ରଦୀପ ନାୟକ କହିଛନ୍ତି। ସମସ୍ୟାର ସମାଧାନ ନହେଲେ ସେ ଖାଉଟି ଅଦାଲତର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି।

## ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କବାଡ଼ି ପ୍ରତିଯୋଗିତା; ଗଞ୍ଜାମକୁ ସଫଳତା



ବ୍ରହ୍ମପୁର,୨୧।୧୧(ସମିସ): ସୁନ୍ଦରଗଡ଼ ସ୍ଥିତ ବଣାଇଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କବାଡ଼ି ପ୍ରତିଯୋଗିତାରେ ଗଞ୍ଜାମ ଜିଲ୍ଲାକୁ ମିଶ୍ରିତ ଫଳାଫଳ ମିଳିଛି। ୧୭ବର୍ଷରୁ କମ୍ ବରିଷ୍ଠ ବାଳକ ଟିମ୍ ଚାମ୍ପିଅନ ହୋଇଥିବା ବେଳେ ବାଳିକା ଟିମ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ବାଳକ ଦଳ ସୁନ୍ଦରଗଡ଼କୁ ୨୩-୪୬ ପଏଣ୍ଟରେ ପରାସ୍ତ କରି ବିଜେତା ହୋଇଥିବାବେଳେ ବାଳିକା ଦଳ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ସମ୍ବଲପୁରଠାରୁ ୪ ପଏଣ୍ଟରେ ପରାସ୍ତ ହୋଇ ଉପବିଜେତା ହୋଇଥିବା ଶିକ୍ଷା ପ୍ରସାଶନ ପକ୍ଷରୁ ସୂଚନା ମିଳିଛି। ଦଳରେ ସମୀର ବେହେରା, ଅନିଲ ସ୍ୱାଇଁ, ବର୍ଷାରାଣୀ ରଥ ପ୍ରମୁଖ ଟିମ୍ ସହ ଗସ୍ତ କରିଥିଲେ। ବିଜୟୀ ଦଳକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ରେଳବାଇ ସିଗ୍‌ନାଲ୍ ରୁମ୍‌ରେ ଅଜଗର

ବ୍ରହ୍ମପୁର,୨୧।୧୧(ସମିସ): ଆମ୍ବପୁଆ ରେଳବାଇ ଫାଟକ ସିଗ୍‌ନାଲ ରୁମ୍‌ରୁ ୭ ଫୁଟର ଅଜଗର ଉଦ୍ଧାର ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ଆମ୍ବପୁଆ ଆୟକର ଅଫିସ ନିକଟରେ ଥିବା ରେଳବାଇ ଫାଟକ ଆଗରେ ଏକ ବିରାଟକାୟ ସାପ ବୁଲୁଥିଲା। ସାପଟି ଫାଟକ କର୍ମଚାରୀ ରହୁଥିବ ଘର ସମ୍ମୁଖରେ ଏକ ଲୁହା ପାଇପ୍ ମଧ୍ୟରେ ପଶି ଯାଇଥିଲା। ସେଠାରେ କାର୍ଯ୍ୟରତ ବିଶ୍ୱନାଥ ଦାସ ସାପଟିକୁ ଦେଖି ସ୍ନେକ ହେଲ୍‌ପଲାଇନ୍‌କୁ ଯୋଗାଯୋଗ କରିଥିଲେ। ସ୍ନେକ ହେଲ୍‌ପ ଲାଇନ୍ ସଦସ୍ୟ ସନ୍ଦୀପ ସେଠୀ ପହଞ୍ଚି ପ୍ରାୟ ଦେଢ଼ ଘଣ୍ଟାର ଉଦ୍ୟମ ପରେ ଅଜଗରକୁ ଉଦ୍ଧାର କରିଥିଲେ। ସାପକୁ ବ୍ରହ୍ମପୁର ବନାଞ୍ଚଳ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା। ଶୁକ୍ରବାର ଏହାକୁ ସଂରକ୍ଷିତ ଜଙ୍ଗଲରେ ଛଡ଼ା ଯାଇଥିବା ବନପାଳ ସୋମନାଥ ମଲ୍ଲିକ କହିଛନ୍ତି।



## ୨୩ରେ ଜୁନିଅର ଖୋ-ଖୋ ଦଳ ଚୟନ

ବ୍ରହ୍ମପୁର,୨୧।୧୧(ସମିସ): ନଭେମ୍ବର ୨୬ରୁ ଡ଼ିସେମ୍ବର ୧ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଜୁନିୟର ଖୋ ଖୋ ଚାମ୍ପିୟନସିପ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିନିମନ୍ତେ ଡିଏଭି ସ୍କୁଲରେ ଚଳିତ ମାସ ୨୩ରେ ଗଞ୍ଜାମ ଜିଲ୍ଲା ଜୁନିଅର ଦଳ ନିମନ୍ତେ ଚୟନ ଶିବିର ଅନୁଷ୍ଠିତ ହେବ। ଇଚ୍ଛୁକ ଖେଳାଳି ନିଜ କୀଟ, ଆଧାର କାର୍ଡ ଓ ବୟସ ପ୍ରମାଣ ପତ୍ର ସହ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ଉପ ସଭାପତି କେଦାର ଚୌଧୁରୀଙ୍କୁ ଯୋଗାଯୋଗ କରିବା ପାଇଁ ସଂଘର ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

## ଗେଷ୍ଟହାଉସ୍‌ରୁ ତାମିଲନାଡୁର ୨ ଗଞ୍ଜେଇ ଚାଲାଣକାରୀ ଗିରଫ

ବ୍ରହ୍ମପୁର,୨୧।୧୧(ସମିସ): ସ୍ଥାନୀୟ ଅଶୋକନଗର ସ୍ଥିତ ଏକ ଘରୋଇ ଗେଷ୍ଟହାଉସରୁ ପୁଲିସ ଗଞ୍ଜେଇ ଜବତ କରିବା ସହ ତାମିଲନାଡୁର ୨ଜଣ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ତାମିଲନାଡୁ ତ୍ରିଭରାମ ଥାନା ମିନାକ୍ଷୀପୁରମ୍‌ର ସୂର୍ଯ୍ୟ ପ୍ରକାଶ ଏମ (୨୫) ଓ ସୋମନାରୁ କମ୍ବାଟ୍ରୋର ଥାନା ଭଲାର ନଗରର ମୁଥୁ କୁମାର ଏସ୍ (୨୩)।

ଏହି ଦୁଇଜଣ ବ୍ରହ୍ମପୁରରେ ପହଞ୍ଚି ଗଜପତି ଓ କନ୍ଧମାଳ ଜିଲ୍ଲାର କିଛି ଗଞ୍ଜେଇ ବ୍ୟବସାୟୀଙ୍କ ସହ ଯୋଗାଯୋଗ କରିଥିଲେ। ପରେ ସେମାନଙ୍କ ନିକଟରେ ଗଞ୍ଜେଇ ପହଁଞ୍ଚିଥିଲା। ସୂଚନା ପାଇ ବୈଦ୍ୟନାଥପୁର ଥାନା ଅଧିକାରୀ ସୁଚିତ୍ରା ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ଟିମ ଚଢ଼ଉ କରି ଏକ ରୁମରୁ ପ୍ରାୟ ସାଢେ ୨କିଲୋ ଓଜନର ଗଞ୍ଜେଇ ଜବତ କରିବା ସହ ସୂର୍ଯ୍ୟପ୍ରକାଶ ଓ ମୁଥୁ କୁମାରକୁ ଗିରଫ କରି କୋର୍ଟଚାଲାଣ କରିଛି। ଏସଆଇ ମାନସ ରଞ୍ଜନ ସାହୁ ମାମଲାର ତଦନ୍ତ କରୁଥିବା ବେଳେ ଗିରଫ ଯୁବକମାନଙ୍କୁ କିଏ ଏବଂ କେଉଁଠାରୁ ଗଞ୍ଜେଇ ଯୋଗାଇଥିଲା ତାହା ସ୍ପଷ୍ଟ ହୋଇନାହିଁ। ତେବେ ପୂର୍ବରୁ ମଧ୍ୟ ଗିରଫ ଯୁବକ ଦ୍ୱୟ ଅନେକ ଥର ବ୍ରହ୍ମପୁରରୁ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ କରିଥିବା ତଦନ୍ତ ବେଳେ ଜଣାପଡିଛି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/16 (ନିୟମିତ ପଦବୀ)

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ | 01.11.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ପରିଚାଳକ (ରିସ୍କ ବିଶେଷଜ୍ଞ - ମଡେଲ ରିସ୍କ ପରିଚାଳନା) | ଏମ୍ଏମ୍‌ଜିଏସ୍-III | 5 | 28 | 40 |
| ଉପପ୍ରାଧ୍ୟକ୍ଷ (ରିସ୍କ ବିଶେଷଜ୍ଞ - ମଡେଲ ରିସ୍କ ପରିଚାଳନା) | ଏମ୍ଏମ୍‌ଜିଏସ୍-II | 5 | 25 | 35 |

ବିଜ୍ଞାପନ ସଂ. CRPD/SCO/2025-26/13 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | 01.11.2025 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| ସମ୍ପର୍କ ପରିଚାଳକ (ମ୍ୟୁଚୁଆଲ୍ ଫଣ୍ଡ) | 1 | 35 | 45 |
| ସମ୍ପର୍କ ପରିଚାଳକ (ବୀମା କ୍ଷେତ୍ର) | 1 | 35 | 45 |
| ସମ୍ପର୍କ ପରିଚାଳକ (ଷ୍ଟକ୍ ବ୍ରୋକରିଂ ଏବଂ ଏଫଆଇଆଇ/ଏଫପିଆଇ) | 3 | 35 | 45 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.11.2025 ରୁ 01.12.2025 ପର୍ଯ୍ୟନ୍ତ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 11.11.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ବିଇଏମ୍‌ସିର ଦୃଷ୍ଟି ଆଢୁଆଳରେ ଶତାୟୁ ସାଧନା ପାଠାଗାର

ବ୍ରହ୍ମପୁର,୨୧।୧୧(ସମିସ)



ସହରରେ ଥିବା ବିଭିନ୍ନ ପୌର ପାଠାଗାର ବା ପଠନାଗାରକୁ ବିଇଏମସି ପରିଚାଳନା କରୁଛି। ଆବଶ୍ୟକତା ଦୃଷ୍ଟିରୁ ଅନେକର ପୁନରୁଦ୍ଧାର ଓ ଉନ୍ନତିକରଣ କରି ଇ-ଲାଇବ୍ରେରୀରେ ମଧ୍ୟ ରୁପାନ୍ତରଣ କରାଯାଇଛି। ଫଳରେ ପାଠାଗାରକୁ ଯାଇ ପଢିବା ପ୍ରତି ସହରରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଆଗ୍ରହ ବେଶ ବୃଦ୍ଧି ପାଇପାରିଛି। ତେବେ ଏଭଳି ପରିସ୍ଥିତିରେ ବ୍ରହ୍ମପୁର ମହାନଗର ନିଗମର ନଜର ଆଢୁଆଳରେ ରହିଯାଇଛି ସହରର ବହୁ ପୁରାତନ ତଥା ଶତାୟୁ 'ସାଧନା' ପାଠାଗାର। ହିଲପାଟଣା ସ୍ଥିତ ନେହେରୁ ପାର୍କ ସମ୍ମୁଖରେ ଥିବା ଏହି ପାଠାଗାର ପୂର୍ବରୁ ପାର୍କ ମଧ୍ୟରେ ଥିଲା। ପ୍ରଥମେ ଏହା ଏକ ଘରୋଇ ବା ବ୍ୟକ୍ତିଗତ ବ୍ୟବସ୍ଥାରେ ପ୍ରତିଷ୍ଠା ହୋଇଥିବା ବେଳେ ପରବର୍ତ୍ତି ସମୟରେ ଏହା ବିଇଏମସି ଅଧିନକୁ ଆସି ପାର୍କ ସମ୍ମୁଖରେ ସରକାରୀ ଜମିରେ ପ୍ରତିଷ୍ଠା କରାଯାଇଥିଲା। ପାଠାଗାରର ପୁନଃରୁଦ୍ଧାର ଓ ରୁପାନ୍ତିକରଣ ପାଇଁ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ହାତପାଣ୍ଠିରୁ ମିଳିଥିବା ୧୦ଲକ୍ଷ ଟଙ୍କା ଆର୍ଥିକ ଅନୁଦାନରେ ନୂତନ କୋଠାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଉକ୍ତ ଟଙ୍କା ପ୍ରକଳ୍ପ ପାଇଁ ସମୁଦ୍ରକୁ ଶଙ୍ଖେ ହୋଇଥିବାରୁ ନିର୍ମାଣ କାର୍ଯ୍ୟ ଦୀର୍ଘ ୩ବର୍ଷ ଧରି ଅଧପନ୍ତରିଆ ଭାବେ ପଡ଼ିରହିଛି। ଉକ୍ତ ଜମିରେ କେବଳ ୨୦ରୁ ଉର୍ଦ୍ଧ୍ୱ କଂକ୍ରିଟ ପିଲର ଠିଆ ହୋଇରହିଛି। ସମ୍ପୃକ୍ତ ଅଞ୍ଚଳରେ ବହୁ ଶିକ୍ଷାନୁଷ୍ଠାନ ଥିବାରୁ ଏହି ପୁରାତନ ପାଠାଗାର ଉପରେ ବହୁ ଛାତ୍ରଛାତ୍ରୀ ଓ ବରିଷ୍ଠ ନାଗରିକ ନିର୍ଭର କରୁଥିଲେ। ତେବେ ବର୍ତ୍ତମାନ ପରିସ୍ଥିତିରେ ସମସ୍ତେ ଏଥିରୁ ବଞ୍ଚିତ ହୋଇଛନ୍ତି। ପାଠାଗାରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଥିବାବେଳେ ସ୍ଥାନୀୟ ୩୦ନମ୍ବର କର୍ପୋରେଟର ମମତା କୁମାରୀ ପାତ୍ର ଏନେଇ ମେୟର ସଂଘମିତ୍ରା ଦଳେଇ ଓ କମିଶନର ପ୍ରଥମେଷ ଅରବିନ୍ଦ ରାଜେସିର୍କେଙ୍କୁ ଅନୁରୋଧ କରିଛନ୍ତି। ପାଠାଗାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପୁନଃ କାର୍ଯ୍ୟକ୍ଷମ ହେଲେ ସଞ୍ଚଳବାସୀ ବେଶ ଉପକୃତ ହୋଇପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଶ୍ରୀକ୍ଷେତ୍ର ସିଟି

୨୧/୧୧/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୫୪,୭୮୭/- ସୁନା: ୦୦.୦୨୦ ଗ୍ରାମ୍ ରୁପା: ୩୧.୦୦୦ ଗ୍ରାମ୍





## ସିଂହଦ୍ୱାରରେ ଚମତ୍କାରିତା, ଦିବ୍ୟାଙ୍ଗ ଭକ୍ତଙ୍କୁ ସାହା ମହାପ୍ରଭୁ

ପୁରୀ,୨୧ା୧୧(ସମିସ): ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦେଖିବାକୁ ମିଳିଛି ଚମତ୍କାରିତା। ଜଣେ ଦିବ୍ୟାଙ୍ଗ ମହିଳା ଭକ୍ତଙ୍କୁ ସାହା ହୋଇଛନ୍ତି ମହାପ୍ରଭୁ। ଶୁକ୍ରବାର ପୂର୍ବାହ୍ନରେ ଜଣେ ଦିବ୍ୟାଙ୍ଗ ମହିଳା ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। ସେ ଗୁରୁଣ୍ଡି ଗୁରୁଣ୍ଡି ମନ୍ଦିରକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ତାଙ୍କ ମନରେ ଦୃଢ ବିଶ୍ୱାସ ରହିଥିଲା ଯେ ମୁଁ ଯେମିତି ହେଲେ ମହାପ୍ରଭୁଙ୍କ ଦର୍ଶନ କରିବି। କିନ୍ତୁ ସିଂହଦ୍ୱାର ଗୁମୁଟ, ବାଇଶିପାହାଚ ଏବଂ ସାତପାହଚ ଦେଇ କିଭଳି ଜଣେ ଦିବ୍ୟାଙ୍ଗ ମହିଳା ମହାପ୍ରଭୁଙ୍କ ଦର୍ଶନ କରିବେ ତାହା ନିଶ୍ଚିତ କାଠିକାର ପାଠ। ଏମିତି ବି ମନ୍ଦିରରେ ଏବେ ପ୍ରବଳ ଭିଡ଼ ହେଉଛି। କିନ୍ତୁ ଯାହାର ମନ ଯେଡେ ତା'ର ପ୍ରଭୁ ସେଡେ। ଭକ୍ତ ଭଗବାନଙ୍କ ମଧ୍ୟରେ କେବଳ ଭକ୍ତିଭାବ ହିଁ ମିଳନର ମାଧ୍ୟମ ପାଲଟିଥାଏ। ହଠାତ୍ ସିଂହଦ୍ୱାର ଗୁମୁଟରେ ଦେଖିବାକୁ ମିଳିଥିଲା ନିଆରା ଦୃଶ୍ୟ। ମହିଳା ଜଣଙ୍କ ଗୁମୁଟକୁ ଗୁରୁଣ୍ଡି ଗୁରୁଣ୍ଡି ପ୍ରବେଶ କରୁଥିବା ବେଳେ ହଠାତ୍ ଜଣେ ଯୁବକ ପହଞ୍ଚି ତାଙ୍କୁ ଟେକି ଟେକି ଶ୍ରୀମନ୍ଦିର ଭିତରକୁ ନେଇଥିଲେ। ସତେ ଯେମିତି ମହାପ୍ରଭୁ କାହାକୁ ପଠେଇଲେ ତାଙ୍କୁ ଦର୍ଶନ କରାଇଦେବାକୁ। ଯୁବକ ଜଣଙ୍କ ତାଙ୍କୁ ବାଇଶିପାହଚ ଦେଇ ଦର୍ଶନ ଲାଗି ମନ୍ଦିର ଭିତରକୁ ଟେକି ଟେକି ନେଇଥିଲେ। ଏହି ଦୃଶ୍ୟକୁ ଦେଖି ସମସ୍ତେ ମହାପ୍ରଭୁଙ୍କର ଏହା ଚମତ୍କାରିତା ନୁହେଁ ତ ଆଉ କ'ଣ ବୋଲି ପରସ୍ପର କଥା ହେଉଥିଲେ।



## ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ସଂଶୋଧନ ହେବ ଶ୍ରୀମନ୍ଦିର ଆଇନ

ପୁରୀ, ୨୧ା୧୧ (ସମିସ): ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏକାଧିକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବୈଠକ ଶେଷରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ବିସ୍ତୃତ ଭାବେ ସୂଚନା ପ୍ରଦାନ କରିଥିଲେ। ଡ. ପାଢୀ କହିଥିଲେ, ପରିଚାଳନା କମିଟି ବୈଠକ ପୂର୍ବରୁ ୧୪ଟି ସବ୍ କମିଟି ବୈଠକ ଶେଷ ହୋଇଥିଲା। ତେଣୁ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ବାହାର ରତ୍ନଭଣ୍ଡାର ଦ୍ୱାର ରୁପା ଛାଉଣୀ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିପରି ଶ୍ରୀମନ୍ଦିର ଆଇନକୁ ସଂଶୋଧନ କରାଯିବ। ଏ ନେଇ ରାଜ୍ୟ ସରକାରଙ୍କ ଅନୁମୋଦନକୁ ଅପେକ୍ଷା କରାଯାଇଛି। ଶ୍ରୀମନ୍ଦିର ଭିତରକୁ ଗୁପ୍ତ କ୍ୟାମେରା, ମୋବାଇଲ ଫୋନ୍, ମନ୍ଦିର ଉପରେ ଡ୍ରୋନ ଉଡାଣ ସହ ଫଟୋ ଏବଂ ଭିଡ଼ିଓ ଉତ୍ତୋଳନ କରାଯାଉଛି। ଶ୍ରୀମନ୍ଦିର ଆଇନରେ ଏଥିପାଇଁ କଠୋର ଦଣ୍ଡବିଧାନ ନ ଥିବାରୁ ଏହାକୁ ଗୁରୁତର ସହ ଗ୍ରହଣ କରାଯାଇଛି। ଶ୍ରୀମନ୍ଦିର ଆଇନରେ ସଂଶୋଧନ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ରାଜ୍ୟ ସରକାର ଏହାକୁ ଅନୁମୋଦନ କରିବା ପରେ ଏଥିପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଛି।

ସେହିପରି ଦିବ୍ୟାଙ୍ଗମାନେ ଯେପରି ସୁବିଧାରେ ଦର୍ଶନ ପାଇପାରିବେ ତା' ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ ସମୟରେ ଇସ୍କନ ଅଦିନିଆ ରଥଯାତ୍ରା କରୁଥିବାରୁ ଏହାକୁ ନେଇ ଭକ୍ତ, ସେବାୟତଙ୍କ ଭିତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ପରିଚାଳନା କମିଟି ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା କରାଯାଇଛି। ଇସ୍କନ ଭାରତ ଏବଂ ଭାରତ ବାହାରେ ତିଥିରେ ସ୍ନାନଯାତ୍ରା କରିବାକୁ ସହମତି ପ୍ରକାଶ କରି ଲିଖିତ ଭାବେ ଜଣାଇଛି। କିନ୍ତୁ ଭାରତ ବାହାରେ ବିଭିନ୍ନ ସମୟରେ ରଥଯାତ୍ରା କରୁଛି, ଯାହା କଦାପି ଗ୍ରହଣୀୟ ନୁହେଁ। ଏହା ଶ୍ରୀମନ୍ଦିର ପରମ୍ପରା ବିରୋଧୀ ଏବଂ ଶାସ୍ତ୍ର ସମ୍ମତ ନୁହେଁ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

ସେହିପରି ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନର ଜଗନ୍ନାଥ ବଲ୍ଲଭର ସୁପରିଚାଳନା ଏବଂ ଆୟ ବୃଦ୍ଧି ପାଇଁ ଯୋଜନା କରାଯାଉଛି। ଓବିସିସି କାମ ସାରି ହସ୍ତାନ୍ତର କଲେ ମନ୍ଦିର ପ୍ରଶାସନ ନିଜେ ଏହାର ପରିଚାଳନା କରିବ। ଏଠାରେ ଯେ କୌଣସି କାର୍ଯ୍ୟ ପାଇଁ ହାତଲେଖା ରସିଦ୍ ଦିଆଯାଉଛି। ଏହା ବଦଳରେ ତାହାକୁ କମ୍ପ୍ୟୁଟରୀକରଣ କରାଯିବ। ଶ୍ରୀମନ୍ଦିର ଆଦର୍ଶ ଗୁରୁକୂଳ ପ୍ରତିଷ୍ଠା ଏବଂ ବିଭିନ୍ନ ପ୍ରକଳ୍ପ ଯେପରି କି ଗୁଣ୍ଡିଚା ମନ୍ଦିର, ରଘୁନନ୍ଦନ ଲାଇବ୍ରେରୀ ସଂକ୍ରାନ୍ତରେ ମଧ୍ୟ ଆଲୋଚନା କରାଯାଇଛି। ଡିଜିଟାଲ ହୁଣ୍ଡି ମାଧ୍ୟମରେ ଦାନ ସଂଗ୍ରହ ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପୁରୀବାସୀ ଯେପରି ସହଜରେ ଶ୍ରୀମନ୍ଦିରକୁ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିବେ ସେ ନେଇ ଏବେ ସହରବାସୀ ଏକାଠି ହୋଇଛନ୍ତି। ଏହି ପ୍ରସଙ୍ଗ ପରିଚାଳନା କମିଟି ବୈଠକରେ ଉଠିଥିଲା। ଏହା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ଏଥିପାଇଁ ସ୍ୱତନ୍ତ୍ର ଗାଇଡ୍ ଲାଇନ ପ୍ରସ୍ତୁତ କରାଯିବ। ପୁରୀ ସହରବାସୀ ଯେପରି ଶୃଙ୍ଖଳିତ ଦର୍ଶନ କରିପାରିବେ ସେ ନେଇ ଜିଲ୍ଲାପାଳ, ଏସ୍‌ପି ବିଭିନ୍ନ ନିଯୋଗ ସହ ଆଲୋଚନା କରି ନିଷ୍ପତ୍ତି ନେବେ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢୀ କହିଛନ୍ତି।

- ଇସ୍କନ ସ୍ନାନଯାତ୍ରା ପାଇଁ ରାଜି, ଭାରତ ବାହାରେ ରଥଯାତ୍ରା ନେଇ ଅରାଜି
- ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନର ପରିଚାଳନା କରିବ ଶ୍ରୀମନ୍ଦିର ପ୍ରଶାସନ
- ପୁରୀବାସୀଙ୍କ ସ୍ୱତନ୍ତ୍ର ଶ୍ରୀମନ୍ଦିର ପ୍ରବେଶ ନେଇ ଜିଲ୍ଲାପାଳ, ଏସ୍‌ପିଙ୍କୁ ଦାୟିତ୍ୱ

## ଜାତୀୟ ଅଡିଟ୍ ସପ୍ତାହ ପାଳିତ

# ଅନିୟମିତତାରୁ ନିବୃତ୍ତ ନ ରହିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ



ପୁରୀ,୨୧ା୧୧(ସମିସ): ଜାତୀୟ ଅଡିଟ ସପ୍ତାହ ପାଳନ ଅବସରରେ ସ୍ଥାନୀୟ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଓଡ଼ିଶା ପ୍ରଧାନ ମହାଲେଖାକାର କାର୍ଯ୍ୟାଳୟ ସହଯୋଗରେ ସରକାରୀ ପାଣ୍ଠିରେ ଆର୍ôଥକ ଅନିୟମିତତା ଓ ତାହାର ନିରାକରଣ ଉପରେ ଏକ ଆଲୋଚନାଚକ୍ର ସ୍ଥାନୀୟ ସଦ୍‌ଭାବନା ଗୃହଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ମହାଲେଖାକାର ଡି. ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଉପ ମହାଲେଖାକାର ମନୋଜ ଏକ୍କା, ନିର୍ଦ୍ଦେଶକ ବିଭ୍ରାଂଶୁ ଶେଖର ନାୟକ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଡେପୁଟି କଲେକ୍ଟର ଆଦ୍ୟାଶା ରଥ ଯୋଗଦେଇଥିଲେ। ବରିଷ୍ଠ ଲେଖାଧିକାରୀ ପ୍ରବୀର କୁମାର ସାମଲ, ବରିଷ୍ଠ ଲେଖା ପରୀକ୍ଷକ ରାଜ କିଶୋର ମହାପାତ୍ର ସରକାରୀ ପାଣ୍ଠିର ଆର୍ôଥକ, ଅନିୟମିତତା ଓ ଏହାର ନିରାକାରଣ ଉପରେ ଆଲୋକପାତ କରିଥିଲେ। ପ୍ରଧାନ ମହାଲେଖାକାର ଶ୍ରୀ ସାହୁ ତାଙ୍କ ବକ୍ତବ୍ୟରେ ସରକାରୀ ପାଣ୍ଠି ଦାୟିତ୍ୱରେ ଥିବା କିଛି ଅଧିକାରୀ ନିକଟରେ କୋଟି କୋଟି ଟଙ୍କାର ଅନିୟମିତତା କରିଥିବା ଏଜିଙ୍କ ଦୃଷ୍ଟିକୁ ଆସିଛି। ଏପରି କି ଅନୁଗୋଳ ଜିଲ୍ଲାର ଜଣେ କର୍ମଚାରୀ ମାସକୁ ୧୪ ଲକ୍ଷ ଟଙ୍କା ଡିଏ ବାବଦରେ ସରକାରୀ ଅର୍ଥ ଆତ୍ମସାତ୍ କରୁଥିଲେ, ଯାହାକି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଦରମାଠାରୁ ମଧ୍ୟ ଅଧିକ। ଏହିଭଳି ବହୁ କେସ୍ ଏଜିଙ୍କ ସ୍କାନରରେ ଧରାପଡିଛି। ଅନ୍‌ଲାଇନ ଯୁଗରେ ଏଭଳି ଅର୍ଥ ଆତ୍ମସାତକୁ ନୂତନ ଭାବେ କାର୍ଯ୍ୟକାରୀ କୃତିମ ବୁଦ୍ଧିମତା ବଳରେ ଧରାଯିବ, ଯେଉଁମାନେ ଏହିଭଳି ଅନିୟମିତତା କାର୍ଯ୍ୟରୁ ନିବୃତ ନ ହେଲେ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ସରକାରଙ୍କୁ ଲେଖାଯିବ। ଅନ୍ୟମାନଙ୍କ ମଧ୍ୟରେ ଉପ ମହାଲେଖାକାର ସଞ୍ଜୟ କୁମାର, ବିକାଶ କୁମାର ଓ ଭୀମଲେଶ କୁମାର ଯୋଗ ଦେଇଥିଲେ। ବରିଷ୍ଠ ଲେଖାଧିକାରୀ ଭି. ଆନନ୍ଦ ଭଟ୍ଟ ସ୍ୱାଗତ ଭାଷଣ ଦେଇଥିବାବେଳେ କୃଷ୍ଣଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅପରାହ୍ନରେ ପୁରୀ ସମୁଦ୍ର କୂଳରେ ବାଲୁକା ଶିଳ୍ପୀ ସନ୍ତୋଷ କୁମାର ନାୟକଙ୍କ ଦ୍ୱାରା ବାଲୁକା କଳାକୁ ପ୍ରଧାନ ମହାଲେଖାକାର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସହକାରୀ ଆୟୁକ୍ତ ପୁରୁଷୋତ୍ତମ ବଳ, ଦୁର୍ଗାଶଙ୍କର ପରିଡା, ରାଜେଶ ସିଂହ ଓ ଦୀପ୍ତି ରଞ୍ଜନ ରାଏ ପରିଚାଳନା କରିଥିଲେ। ପୁରୀ ଅଫିସ କାର୍ଯ୍ୟାଳୟରେ ଅନୁଷ୍ଠିତ ରଙ୍ଗୋଲି ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ଅଡିଟ୍ ମହାଲେଖାକାର ପ୍ରତ୍ୟକ୍ଷ କରିବା ସହ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କଳା କାରୁକାର୍ଯ୍ୟକୁ ପ୍ରଶଂସା କରିଥିଲେ।

## ସ୍ୱଚ୍ଛ ମାଛ ବଜାର ଉଦ୍‌ଘାଟିତ

ପୁରୀ,୨୧ା୧୧(ସମିସ): ବିଶ୍ୱ ମତ୍ସ୍ୟ ଦିବସ ଅବସରରେ ଶୁକ୍ରବାର ବହୁ ପ୍ରତିକ୍ଷୀତ ପୁରୀ ଜିଲ୍ଲା ସ୍ୱଚ୍ଛ ମାଛ ବଜାର ଉଦ୍‌ଘାଟିତ ହୋଇଛି। ତାଳବଣିଆସ୍ଥିତ ଏହି ସ୍ୱଚ୍ଛ ମାଛ ବଜାରକୁ ଭର୍ଚୁଆଲ ମାଧ୍ୟମରେ ମତ୍ସ୍ୟ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ଉଦ୍‌ଘାଟନ କରିଛନ୍ତି। ପୁରୀ ସହରବାସୀ ତଥା ପୁରୀ ଆସୁଥିବା ପର୍ଯ୍ୟଟକଙ୍କୁ ଏକ ସୁନ୍ଦର ସ୍ୱଚ୍ଛ ପରିବେଶ ଭିତରେ ମଧୁର ମାଛ, ଲୁଣି ମାଛ ସହିତ ଚିଲିକା ମାଛ ଏଠାରୁ ପାଇପାରିବେ। ଏହି ଉଦ୍‌ଘାଟନୀ ଉତ୍ସବରେ ଅନ୍ୟତମ ଅତିଥି ଭାବେ ପୁରୀ ପୌରସଂସ୍ଥା ଏନ୍‌ଫୋର୍ସମେଣ୍ଟ ଅଧିକାରୀ ସ୍ୱାଧୀନ ବିଶ୍ୱାଳ, ସାମୁଦ୍ରିକ ମତ୍ସ୍ୟ ଗବେଷଣା କେନ୍ଦ୍ର ପୁରୀର ବରିଷ୍ଠ ବୈଜ୍ଞାନିକ ଜ୍ଞାନରଞ୍ଜନ ଦାସ, ଅତିରିକ୍ତ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ରାଉଳ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅଜୟ କୁମାର ବସ୍ତିଆ, ପୁରୀ ଜିଲ୍ଲା ମତ୍ସ୍ୟଜୀବୀ ୟୁନିୟନ ସଭାପତି ବାବୁଲା ପ୍ରସାଦ, ଜିଲ୍ଲା ଡିପିଏମ୍ ପରାମର୍ଶଦାତା ସିଦ୍ଧାର୍ଥ ରାୟ ଯୋଗଦେଇ ଉପସ୍ଥିତ ମତ୍ସ୍ୟଜୀବୀମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେବା ସହିତ କିଭଳି ଭାବେ ଏହି ସ୍ୱଚ୍ଛ ମାଛ ବଜାର ସୁନ୍ଦର ଭାବେ ପରିଚାଳିତ ହେବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ମତ୍ସ୍ୟ ସମବାୟ ୟୁନିୟନ୍ କର୍ମକର୍ତ୍ତାମାନଙ୍କୁ ଜିଲ୍ଲା ମତ୍ସ୍ୟ ବିଭାଗ ତରଫରୁ ସମ୍ବର୍ଦ୍ଧିତ କରାଯାଇ ଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ସହକାରୀ ମତ୍ସ୍ୟଜୀବୀ ଅଧିକାରୀ ସଂଘମିତ୍ରା ପାଣି ପରିଚାଳନା କରିଥିଲେ।




## ୪୩ ଗ୍ରାମ୍ ବ୍ରାଉନସୁଗର ଜବତ, ୪ କୋର୍ଟଚାଲାଣ

ପୁରୀ,୨୧ା୧୧(ସମିସ): ପୁରୀ ଜିଲ୍ଲାରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ 'ଅପରେଶନ ଚକ୍ର' ଜାରି ରହିଛି। ବିଶେଷକରି ବ୍ରାଉନସୁଗର, ଗଞ୍ଜେଇ କାରବାର କରୁଥିବା ଅଭିଯୁକ୍ତଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି ପୁଲିସ। ଯେଉଁମାନେ ଏହି କାରବାରରେ ସମ୍ପୃକ୍ତ ସେମାନଙ୍କ ପୁରୁଣା ତଥ୍ୟକୁ ଖୋଜି ଧରପଗଡ଼କୁ ଜୋର୍‌ଦାର କରାଯାଉଛି। ପୁରୀ ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ଲକିଂ, ଚେକିଂ ଚାଲିଛି। ଏହି କ୍ରମରେ ପୁରୀ ସଦର ଥାନା ପୁଲିସକୁ ମିଳିଛି ବିଶେଷ ସଫଳତା। ୪୩ ଗ୍ରାମ୍ ବ୍ରାଉନସୁଗର ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସମୁଦ୍ରକୂଳ ଥାନା ଧୋବାସାହି ଷ୍ଟେଶନ ରୋଡର ଟୁଟୁନା ବେହେରା, ସମଙ୍ଗରା ନୂଆସାହିର ଧୀରଜ ସ୍ୱାଇଁ ଓ ଅଜୟ ଦାସ, ପୁରୀ ସଦର ଥାନା ପିଳିପିଳା ଗ୍ରାମର ବିଜୟ କୁମାର ରାଉତ। ଏଥିରେ ଆଉ ୨ ଜଣ ନାବାଳକ ମଧ୍ୟ ଧରାପଡିଛନ୍ତି। ଏ ନେଇ ପୁଲିସ ଏକ ମାମଲା (ନଂ.୭୧୦/୨୫) ରୁଜୁ କରି ୪ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି।

ଗୁରୁବାର ଅପରାହ୍ନ ସାଢେ ୩ଟା ସମୟରେ ବିଶେଷ ସୂତ୍ରରୁ ଖବର ପାଇ ସଦର ଥାନା ପୁଲିସ ମାଳତୀପାଟପୁର ଓଭରବ୍ରିଜ୍ ନିକଟରୁ ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ପଲିଥିନ ଜରିରେ ଥିବା ବ୍ରାଉନସୁଗର ଜବତ କରିଥିଲା। ଏଥିରେ ବ୍ରାଉନସୁଗର ୪୩ ଗ୍ରାମ୍ ରହିଥିବା ବେଳେ ଜରି ଓଜନ ୧.୨୭ ଗ୍ରାମ୍‌କୁ ମିଶାଇ ମୋଟ ୪୪.୨୭ ଗ୍ରାମ୍ ଜବତ କରିଥିଲା ପୁଲିସ। ଏଥିସହ ଦୁଇଟି ବାଇକ୍, ୭ଟି ମୋବାଇଲ ଫୋନ ଏବଂ ପ୍ୟାକ୍ ଥିବା ୩ଟି ଏୟାରଟେଲ ୫ଜି ସିମ୍ ମଧ୍ୟ ସେମାନଙ୍କଠାରୁ ଜବତ ହୋଇଥିଲା।

## ୨୩ରେ ସିନିୟର ଷ୍ଟେଟ୍ ସଫ୍ଟବଲ ଚାମ୍ପିୟନଶିପ୍ ପାଇଁ ଖେଳାଳି ଚୟନ

ପୁରୀ,୨୧ା୧୧(ସମିସ): ପୁରୀ ଜିଲ୍ଲା ସଫ୍ଟବଲ ଆସୋସିଏଶନ ଆନୁକୂଲ୍ୟରେ ୨୪ ତମ ସିନିୟର ଷ୍ଟେଟ୍ ସଫ୍ଟବଲ ଚାମ୍ପିୟନଶିପ୍ ପାଇଁ ଆସନ୍ତା ୨୩ ତାରିଖରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସକାଳ ୯ଟାରେ ଚୟ ଶିବିର ଅନୁଷ୍ଠିତ ହେବ। ଏଥିରେ ପୁରୀ ଜିଲ୍ଲା, ପୁରୀ ସଦର ଓ ବିଭିନ୍ନ କ୍ଲବରେ ସଫ୍ଟବଲ ଖେଳୁଥିବା ପୁରୁଷ ଓ ମହିଳାମାନେ ଅଂଶଗ୍ରହଣ କରିପାରିବେ। ଚୟନକର୍ତ୍ତାଙ୍କ ଦ୍ୱାରା ୧୨ଜଣ ପୁରୁଷ ଓ ୧୨ଜଣ ମହିଳାଙ୍କୁ ମନୋନୀତ କରାଯିବ, ଯେଉଁମାନେ ଆସନ୍ତା ୨୪ତମ ସିନିୟର ଷ୍ଟେଟ ସଫ୍ଟବଲ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ। ଏହି ଚୟନ ପ୍ରକ୍ରିୟାରେ ଭାଗ ନେବା ପାଇଁ ସମସ୍ତ ଖେଳାଳି ନିଜର ଆଧାରକାର୍ଡ ସହିତ ୨ଟି ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଉପସ୍ଥିତ ହେବେ। ସକାଳ ୯ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଡକ୍ୟୁମେଣ୍ଟ ଭେରିଫିକେସନ୍ ଓ ଏହାପରେ ଚୟନ ପ୍ରକ୍ରିୟା କରାଯିବ। ସବିଶେଷ ବିବରଣୀ ପାଇଁ ଜିଲ୍ଲା ସଫ୍ଟବଲ ସମ୍ପାଦକ ରଞ୍ଜନ କୁମାର ରଥ (୭୦୦୮୪୭୭୧୦୦) ଙ୍କୁ ଯୋଗାଯୋଗ କରିବା ପାଇଁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

## ମହାପ୍ରଭୁଙ୍କୁ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ପୁରୀ,୨୧ା୧୧(ସମିସ): ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଅଠରନଳାଠାରୁ ଶୋଭାଯାତ୍ରାରେ ଶ୍ରୀମନ୍ଦିର ନିକଟକୁ ଅଣାଯାଇଥିଲା। ଦଳୀୟ ନେତାଙ୍କ ସହିତ ସେବାୟତ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ। ସେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବା ସହ ବିହାର ନିର୍ବାଚନ ସଫଳତା ନେଇ ମହାପ୍ରଭୁଙ୍କ ଆଶୀର୍ବାଦ ନେଇଥିଲେ। ଏଥିସହ ସେ ଓଡ଼ିଶାର ବିକାଶ ପାଇଁ ମଧ୍ୟ ପ୍ରାର୍ଥନା କରିଥିଲେ। ବେଢା ପରିକ୍ରମା କରି ମା ବିମଳା, ମା' ମହାଲକ୍ଷ୍ମୀଙ୍କ ସହ ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ପରେ ଦକ୍ଷିଣ ଦ୍ୱାରସ୍ଥିତ ଏଏସ୍‌ଆଇ କାର୍ଯ୍ୟାଳୟକୁ ଯାଇ ଶ୍ରୀମନ୍ଦିର ମରାମତି ସଂକ୍ରାନ୍ତରେ ଅନୁଧାନ କରିଥିଲେ। ଅରୁଣ ସ୍ତମ୍ଭ ନିକଟରେ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ କେନ୍ଦ୍ରମନ୍ତ୍ରୀ। ଦର୍ଶନ ପରେ ସେ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ବିହାରବାସୀ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଅତୁଟ ବିଶ୍ୱାସ, ଭରସା, କେନ୍ଦ୍ର ସରକାରଙ୍କ ଲୋକପ୍ରିୟ ଯୋଜନା ଓ ନୀତିଶ କୁମାରଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁ ଆଶୀର୍ବାଦ କରିଛନ୍ତି। ୨୦ ବର୍ଷ ଧରି ବିହାରର ଯୁବକ, ଛାତ୍ର, ମହିଳା ସବୁ ବର୍ଗର ଲୋକେ ଆଶୀର୍ବାଦ କରିଛନ୍ତି। ରାହୁଲ ଗାନ୍ଧୀଙ୍କ ମତିଭ୍ରମ ହୋଇଛି। ସେ ଦେଶରେ ବୈଦେଶିକ ଷଡଯନ୍ତ୍ର କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ। କଂଗ୍ରେସ ଦେଶରେ ବିଭାଜନ ରାଜନୀତି କରୁଛି। ମହାପ୍ରଭୁଙ୍କ କୋହିନୂର୍ ହୀରା ଫେରି ଆସିବା ପାଇଁ ଉଦ୍ୟମ ହେବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି ଧର୍ମେନ୍ଦ୍ର।



## କୁମାର ଉତ୍ସବ ସମିତି ପକ୍ଷରୁ ଦେବ ଦୀପାବଳି

ପୁରୀ,୨୧ା୧୧(ସମିସ): କୁମାର ଉତ୍ସବ ସମିତି ପକ୍ଷରୁ ସିଂହଦ୍ୱାର ନିକଟରେ ଦେବ ଦୀପାବଳି ଅବସରରେ ସମୂହ ପ୍ରଦୀପ ପ୍ରଜ୍ୱଳନ କରାଯାଇଛି। ସମିତିର ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଇଂ. ରାଜେଶ ମିଶ୍ର, ଅମରେନ୍ଦ୍ର ପାଇକରାୟ, ଶ୍ରୀକାନ୍ତ ମହାନ୍ତି, ସୁକାନ୍ତ ପଣ୍ଡା, ନୃତ୍ୟ ଗୁରୁ ରାଜେଶ କୁମାର ସାହୁ ଓ ମୀରା ଦାସ, ଗୌରୀଶଙ୍କର ସାମନ୍ତରାୟ, ମଳୟ ଗଜେନ୍ଦ୍ର, ପ୍ରମୋଦ ପଟ୍ଟନାୟକ, ନିଗମ ପାତ୍ର, ଶୁଭେନ୍ଦୁ ମହାପାତ୍ର, ଚନ୍ଦନ ସାହୁ, ଜ୍ୟୋତିର୍ମୟୀ ପଣ୍ଡା, ପପି ସାହୁ, ନିରୋଜ ମହାନ୍ତି, ଦେବରାଜ ଦାସ, ମାନସ ପଟ୍ଟନାୟକ, କ୍ଷୀରୋଦ ଦାଶ, ଦେବୀପ୍ରସାଦ ମିଶ୍ର, ସୌମ୍ୟରଞ୍ଜନ ନାୟକ, ରାକେଶ ସାହୁ, ଅମିତ ସାମନ୍ତରାୟ, ସନ୍ତୋଷ ବେହେରା ପ୍ରମୁଖ ସଦସ୍ୟା ସଦସ୍ୟ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରାଇ ସମଗ୍ର ପରିସରକୁ ଦେବଲୋକର ମହିମାରେ ଆଲୋକିତ କରିଥିଲେ। ସମିତି ସଦସ୍ୟ ଚନ୍ଦନ କୁମାର ସାହୁଙ୍କ ଦ୍ୱାରା ଦେବ ଦୀପାବଳି ଅବସରରେ ମୁରୁଜରେ ଏକ ଭବ୍ୟ ରଙ୍ଗୋଲି ପ୍ରସ୍ତୁତ କରାଯାଇଥିଲା।




# ସରିଲା ଦେବ ଦୀପାବଳି ଉତ୍ସବ

ପୁରୀ,୨୧ା୧୧(ସମିସ): ଶ୍ରୀମନ୍ଦିରରେ ଶେଷ ହୋଇଛି ଦେବ ଦୀପାବଳି ଉତ୍ସବ। ଶୁକ୍ରବାର ମାର୍ଗଶୀର ଶୁକ୍ଳ ପ୍ରତିପଦା ତିଥିରେ ବସୁଦେବ ଓ ଦେବକୀ, ନନ୍ଦ ଓ ଯଶୋଦା, ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାଙ୍କୁ ଦୀପଦାନ କରିଛନ୍ତି ମହାପ୍ରଭୁ। ସନ୍ଧ୍ୟାଧୂପ ପରେ ଦେବ ଦୀପାବଳି ନୀତି ଆରମ୍ଭ ହୋଇଥିଲା। ସିଂହାସନ ତଳେ ପାଣି ପଡିବା ପରେ ଚାଉଳରେ ଗଛ ତିଆରି କରାଯାଇଥିଲା। ଏହାପରେ ଦକ୍ଷିଣୀଘରୁ ମଦନମୋହନ ଭିତର ସିଂହାସନକୁ ବିଜେ କରିଥିଲେ। ପ୍ରସାଦ ଲାଗି ପରେ ତିନିଜଣ ପୂଜାପଣ୍ଡା ଚାଉଳ ଗଛକୁ ସଂସ୍କାର କରି ପାଣି ଛଡାଇଥିଲେ। ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ଆଜ୍ଞାମାଳ ପାଇ ଜୟ ବିଜୟ ଦ୍ୱାର ଭିତର ପାଖେ ଠିଆ ହୋଇଥିଲେ। ପାଳିଆ ପଡିଆରୀ ଜୟ ବିଜୟ ଦ୍ୱାର ଫିଟାଇଥିଲେ। ମହାଜନ ସେବକ ଠାକୁରଙ୍କୁ ଝୁଲଣ ମଣ୍ଡପ ତଳେ ଥିବା ବିମାନରେ ବିଜେ କରାଇଥିଲେ। ବିମାନବଡୁ ସେବକମାନେ ବିମାନକୁ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରାଇଥିଲେ। ସେଠାରେ କାଠ ଭଦ୍ରାସନ ଉପରେ ଠାକୁର ବସିବା ପରେ ଚାଉଳରେ ଗୋଟିଏ ଗଛ ନିର୍ମାଣ କରାଯାଇ ଦୀପ ବସାଯାଇଥିଲା। ମୁଦିରସ୍ତ ପ୍ରସାଦ ଲାଗି କଲା ପରେ ପୂଜାପଣ୍ଡା ଗଛକୁ ସଂସ୍କାର କରି ପାଣି ଛଡାଇଥିଲେ। ବନ୍ଦାପନା ସରିବା ପରେ ଠାକୁର ବଡ଼ଦେଉଳକୁ ବିଜେ କରିଥିଲେ। ଏହି ଅବସରରେ ଠାକୁରଙ୍କ ଶ୍ରାଦ୍ଧ ବେଶ ଅନୁଷ୍ଠିତ ହୋଇଥିଲା।

ସୂଚନାଯୋଗ୍ୟ, ଶ୍ରୀମନ୍ଦିରରେ ଦେବ ଦୀପାବଳି ନୀତି ମାର୍ଗଶୀର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ତିନିଦିନ ଧରି ପାଳିତ ହୋଇଥାଏ। ଚତୁର୍ଦ୍ଦଶୀରେ ସତ୍ୟଯୁଗୀୟ ମାତାପିତା ଅଦିତି ଓ କଶ୍ୟପଙ୍କୁ, ଅମାବାସ୍ୟାରେ କୌଶଲ୍ୟା ଓ ଦଶରଥଙ୍କୁ ଶ୍ରାଦ୍ଧ ଦେଇଥିବା ବେଳେ ମାର୍ଗଶୀର ଶୁକ୍ଳ ପ୍ରତିପଦା ଅର୍ଥାତ୍ ଶୁକ୍ରବାର ନନ୍ଦ ଓ ଯଶୋଦା, ବସୁଦେବ ଓ ଦେବକୀ, ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାଙ୍କୁ ଶ୍ରାଦ୍ଧ ଦେଇଛନ୍ତି।



## ଉତ୍ସବ ଦେଖିଲେ ବିଦେଶୀ ନାଗରିକ

ଶ୍ରୀମନ୍ଦିରରେ ଦେବ ଦୀପାବଳି ଉତ୍ସବ ତିନିଦିନ ଧରି ପାଳିତ ହୋଇଛି। ଏହି ଅବସରରେ ଶ୍ରୀମନ୍ଦିରକୁ ଦୀପମାଳାରେ ସୁସଜ୍ଜିତ କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ଦେବ ଦୀପାବଳି ଉତ୍ସବ ପାଳନ କରାଯାଇଥିବା ବେଳେ ସିଂହଦ୍ୱାରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡ ଦୀପ ଆଲୋକରେ ଝଲସି ଉଠିଥିଲା। ଇଣ୍ଡିଆ ଜାପାନ ଫ୍ରେଣ୍ଡଶିପ ସେଣ୍ଟର ପକ୍ଷରୁ ବିଦେଶୀ ପର୍ଯ୍ୟଟକମାନଙ୍କୁ ନେଇ ଏହି ଉତ୍ସବରେ ସାମିଲ କରାଯାଇଥିଲା। ସେମାନେ ସିଂହଦ୍ୱାର ସମ୍ମୁଖ ଓ ବଡ଼ଦାଣ୍ଡରେ ସୁସଜ୍ଜିତ ଦୀପ ଆଲୋକମାଳାକୁ ବୁଲି ଦେଖିଥିଲେ। ଦେବ ଦୀପାବଳି ଉତ୍ସବ ସମ୍ପର୍କରେ ସେଣ୍ଟରର ସଭାପତି ଶ୍ରୀମନ୍ତ କୁମାର ଦାଶ ଜାପାନ ଭାଷାରେ ବିସ୍ତୃତ ଭାବେ ଅବଗତ କରିଥିଲେ। ସେମାନେ ଏକ ସମୟରେ ଲକ୍ଷେ ଦୀପ ଜଳୁଥିବା ଦେଖି ଅତ୍ୟନ୍ତ ଖୁସି ପ୍ରକଟ କରିଥିଲେ। ଅନ୍ୟପକ୍ଷରେ ବିଦେଶୀ ପର୍ଯ୍ୟଟକମାନଙ୍କୁ ଶ୍ରୀମନ୍ଦିର ପ୍ରବେଶ ବାରଣ ରହିଥିବାରୁ ପୂର୍ବରୁ ସିଂହଦ୍ୱାର ସମ୍ମୁଖରେ ଥିବା ରଘୁନନ୍ଦନ ଲାଇବ୍ରେରୀ କୋଠା ଉପରେ ଚଢି ଶ୍ରୀମନ୍ଦିର ଦୃଶ୍ୟକୁ ଉପଭୋଗ କରୁଥିଲେ। କିନ୍ତୁ ବର୍ତ୍ତମାନ ସେ ସୁଯୋଗ ନାହିଁ। ଯଦି ବିଦେଶୀ ନାଗରିକଙ୍କ ଲାଗି ଶ୍ରୀମନ୍ଦିର ନିକଟରେ ଏକ ୱାଚ୍ ଟାୱାରର ବ୍ୟବସ୍ଥା ହୋଇପାରିଲେ ସେମାନେ ଖୁସି ହୁଅନ୍ତେ ବୋଲି ଶ୍ରୀ ଦାଶ ମତବ୍ୟକ୍ତ କରିଛନ୍ତି।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/16 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ | 01.11.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ପରିଚାଳକ (ରିସ୍କ ବିଶେଷଜ୍ଞ - ମଡେଲ ରିସ୍କ ପରିଚାଳନା) | ଏମ୍‌ଏମ୍‌ଜିଏସ୍-III | 5 | 28 | 40 |
| ଉପପ୍ରାଧ୍ୟକ୍ଷ (ରିସ୍କ ବିଶେଷଜ୍ଞ - ମଡେଲ ରିସ୍କ ପରିଚାଳନା) | ଏମ୍‌ଏମ୍‌ଜିଏସ୍-II | 5 | 25 | 35 |

**ବିଜ୍ଞାପନ ସଂ. CRPD/SCO/2025-26/13 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | 01.11.2025 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| ସମ୍ପର୍କ ପରିଚାଳକ (ମ୍ୟୁଚୁଆଲ୍ ଫଣ୍ଡ) | 1 | 35 | 45 |
| ସମ୍ପର୍କ ପରିଚାଳକ (ବୀମା କ୍ଷେତ୍ର) | 1 | 35 | 45 |
| ସମ୍ପର୍କ ପରିଚାଳକ (ଷ୍ଟକ୍ ବ୍ରୋକରିଂ ଏବଂ ଏଫଆଇଆଇ/ଏଫପିଆଇ) | 3 | 35 | 45 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **https://sbi.bank.in/web/careers/current-openings** ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://bank.sbi/web/careers/post-your-query)** ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.11.2025 ରୁ 01.12.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 11.11.2025

**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**





# ଟ୍ରେନ୍‌ରେ ଲୁଟିଥିବା ଦୁଇ ମହିଳା ଗିରଫ

କଟକ,୨୧।୧୧(ସମିସ): ଟ୍ରେନ୍‌ରେ ଚଢ଼ି ଯାତ୍ରୀଙ୍କୁ ଲୁଟ୍‌ପାଟ୍ କରୁଥିବା ଦୁଇ ପେସାଦାର ମହିଳା ଲୁଟେରାଙ୍କୁ କଟକ ଆରପିଏଫ୍ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ତେଲିଆ ଗାଁର ବବିନା ସାହୁ ଏବଂ କୁଆଖିଆ ଥାନା ଅଧୀନରେ ଥିବା ଶ୍ରୀବନ୍ଧପୁର ଗାଁର ପୂଜା ବଳ (୨୩)। ସେମାନଙ୍କ ନିକଟରୁ ଦୁଇଟି ଚୋରା ମୋବାଇଲ୍ ଉଦ୍ଧାର କରାଯାଇଛି। ଶୁକ୍ରବାର ସକାଳ ପ୍ରାୟ ସାଢ଼େ ୯ଟାରେ କଟକ ରେଳ ଷ୍ଟେସନର ୩ ନମ୍ବର ପ୍ଲାଟଫର୍ମରେ ବାଙ୍ଗିରିପୋଷୀ ଏକ୍ସପ୍ରେସ ଆସି ଲାଗିଥିଲା। ଏହି ସମୟରେ ଉକ୍ତ ଟ୍ରେନରୁ ଦୁଇ ଜଣ ମହିଳା ତରବରିଆ ଭାବେ ଓହ୍ଲାଇ ଷ୍ଟେସନ ବାହାରକୁ ଯାଉଥିବା ବେଳେ ପ୍ଲାଟଫର୍ମରେ ପାଟ୍ରୋଲିଂ କରୁଥିବା ଆରପିଏଫ୍ କର୍ମଚାରୀଙ୍କ ସନ୍ଦେହ ହୋଇଥିଲା। କର୍ମଚାରୀମାନେ ମହିଳାଦ୍ୱୟଙ୍କୁ ଅଟକାଇ ପଚରାଉଚରା କରିଥିଲେ। ଉଭୟ ଟ୍ରେନ୍‌ରେ କଟକ ଆସିଥିବା କହିଥିଲେ ହେଁ ଟିକେଟ୍ ଦେଖାଇ ପାରି ନ ଥିଲେ କିମ୍ବା କଟକ ଆସିବାର ସଠିକ୍ କାରଣ ଦର୍ଶାଇ ପାରି ନ ଥିଲେ। ଏହାପରେ ଉଭୟଙ୍କୁ ଆରପିଏଫ୍ ପୋଷ୍ଟକୁ ନେଇ ତଲାସି ନିଆଯିବା ପରେ ସେମାନଙ୍କ ପାଖରୁ ଦୁଇଟି ମୋବାଇଲ୍ ମିଳିଥିଲା। ପରେ ଜେରା ବେଳେ ଉଭୟେ ଉକ୍ତ ଦୁଇଟି ମୋବାଇଲ୍‌କୁ ବାଙ୍ଗିରିପୋଷୀ ଏକ୍ସପ୍ରେସ୍ ଟ୍ରେନ୍‌ରୁ ଚୋରାଇଥିବା ସ୍ୱୀକାର କରିଥିଲେ। ପୂର୍ବରୁ ଗତ ସେପ୍ଟେମ୍ବର ୨୮ ତାରିଖରେ ମଧ୍ୟ ସେମାନେ ଅନୁରୂପ ଘଟଣା ଘଟାଇ ଧରାପଡ଼ିଥିଲେ। ଅଭିଯୁକ୍ତଙ୍କ ସହିତ ଜବତ ମୋବାଇଲ୍‌କୁ ଜିଆର୍‌ପି ଜିମା ଦିଆଯାଇଛି ଏବଂ ଦୁଇ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି ବୋଲି ଆରପିଏଫ୍ ଅଧିକାରୀ ରାଜସିଂହ ମଲ୍ଲିକ ସୂଚନା ଦେଇଛନ୍ତି।

### ପଞ୍ଜୀକରଣ ଅପେକ୍ଷାରେ ୯୦ ହଜାର ବରିଷ୍ଠ ନାଗରିକ

# ତ୍ରୁଟିପୂର୍ଣ୍ଣ ପୋର୍ଟାଲ୍ ହୋଇପାରୁନି ସ୍ୱାଭାବିକ

କଟକ,୨୧।୧୧(ସମିସ): ଦୀର୍ଘ ଦେଢ଼ ବର୍ଷ ହେବ ୯୦ହଜାର ବରିଷ୍ଠ ନାଗରିକ ପଞ୍ଜୀକରଣ କରିବା ପାଇଁ ଅପେକ୍ଷାରେ ରହିଛନ୍ତି। ସହରରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା ନିମନ୍ତେ କମିସନରେଟ୍ ପୁଲିସ ପକ୍ଷରୁ ଗଠନ କରାଯାଇଥିବା ଅନେକ ଯୋଜନା ଫଳପ୍ରଦ ହେଉନାହିଁ। ବିଶେଷ କରି ବରିଷ୍ଠ ନାଗରିକଙ୍କ ସୁରକ୍ଷା ସେଲ୍ ଏବେ ସ୍ଥାଣୁ ପାଲଟିଛି। ସହରରେ କେଉଁ ବରିଷ୍ଠ ନାଗରିକ ଏକୁଟିଆ ରହୁଛନ୍ତି, କାହାର କେଉଁ ପ୍ରକାର ସମସ୍ୟା ରହିଛି ଓ ସମସ୍ତେ ସୁରକ୍ଷିତ ଅଛନ୍ତି କି ନାହିଁ, ଏଭଳି ସମସ୍ତ ତଥ୍ୟ ସଂଗ୍ରହ କରି ବରିଷ୍ଠ ନାଗରିକଙ୍କ ସୁରକ୍ଷା ନିମନ୍ତେ ୬ ବର୍ଷ ପୂର୍ବେ ଯୋଜନା ଆରମ୍ଭ କରିଥିଲା କମିଶନରେଟ୍ ପୁଲିସ। ଏଥିପାଇଁ ଥାନାସ୍ତରରେ ବରିଷ୍ଠ ନାଗରିକ ସୁରକ୍ଷା ସେଲ୍ ଗଠନ କରାଯାଇ ଜଣେ ଏସ୍ଆଇ ପାହ୍ୟା କର୍ମଚାରୀଙ୍କୁ ନୋଡାଲ୍ ଅଫିସର ଭାବେ ନିଯୁକ୍ତି ଦିଆଯାଇଥିଲା। ପ୍ରତ୍ୟେକ ଥାନାରେ ଏହି ନୋଡାଲ୍ ଅଫିସରଙ୍କ ଦ୍ୱାରା ବରିଷ୍ଠ ନାଗରିକଙ୍କ ସୁରକ୍ଷା ଯାଞ୍ଚ କରାଯିବାର ନିର୍ଦ୍ଦେଶ ରହିଥିଲା। ହେଲେ ଏହି ଯୋଜନା ଅଳ୍ପ କିଛି ମାସ ସ୍ୱାଭାବିକ ଢଙ୍ଗରେ ଚାଲି ଏବେ ସ୍ଥାଣୁ ପାଲଟି ଯାଇଛି। କୌଣସି ଥାନାରେ ଏହି ସେଲ୍ ଠିକ୍ ଭାବେ କାର୍ଯ୍ୟକ୍ଷମ ହେଉ ନାହିଁ। ସହରର ଥାନା ଗୁଡ଼ିକରେ ମାତ୍ର ୫ହଜାର ବରିଷ୍ଠ ନାଗରିକ ସେମାନଙ୍କ ନାଁ ଏବଂ ବ୍ୟକ୍ତିଗତ ତଥ୍ୟକୁ ପଞ୍ଜିକରଣ କରିଥିବା ବେଳେ ଏବେ ୯୦ହଜାର ବରିଷ୍ଠ ନାଗରିକ ସେମାନଙ୍କ ପଞ୍ଜିକରଣ ଆଦୌ କରି ପାରୁ ନଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଏ ସମ୍ପର୍କରେ ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ପ୍ରଶ୍ନ କରିବାରୁ ସେ କହିଛନ୍ତି, ବରିଷ୍ଠ ନାଗରିକଙ୍କ ପଞ୍ଜିକରଣ ଯେହେତୁ ଅନଲାଇନ୍‌ରେ ହେଉଥିଲା ଟେକ୍ନିକାଲ୍ ଏରର୍ ତଥା ବୈଷୟିକ ଜ୍ଞାନକୌଶଳରେ ତ୍ରୁଟି ଯୋଗୁଁ କିଛି ଦିନ ହେବ ଏହି କାର୍ଯ୍ୟ ବନ୍ଦ ରହିଥିଲା। ଖୁବଶୀଘ୍ର ଆଇଟି ଟିମ୍ ଡକାଯାଇ, ବରିଷ୍ଠ ନାଗରିକଙ୍କ ନିମନ୍ତେ ପଞ୍ଜିକରଣ ହେଉଥିବା ପୋର୍ଟାଲ୍‌କୁ ସଜଡା ଯିବ। ଏହା ସ୍ୱାଭାବିକ କରିହେବ। ଥାନାରେ ବରିଷ୍ଠ ନାଗରିକ ସେଲ୍ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଛି। ଯଦି କୌଣସି ଥାନା ଏହି ସେଲ୍‌କୁ କାର୍ଯ୍ୟକ୍ଷମ ନକରନ୍ତି ତେବେ ଏ ଦିଗରେ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ମତ ରଖିଛନ୍ତି।

ପ୍ରକାଶ ଥାଉ କି, କମିସନରେଟ୍ ପୁଲିସ ୬ଟି ସର୍ତ୍ତାବଳୀ ବରିଷ୍ଠ ନାଗରିକଙ୍କ ସୁରକ୍ଷା ନିମନ୍ତେ ଜାରି କରିଥିଲା। ପୁଲିସର ସହାୟତାରେ ବରିଷ୍ଠ ନାଗରିକଙ୍କୁ ସୁରକ୍ଷା ପ୍ରଦାନ କରାଯିବା, ସେମାନଙ୍କ ନିରାପତ୍ତା ଓ ସୁରକ୍ଷାର ପାଇଁ ବିଭିନ୍ନ ଦିଗ ଉପରେ ପୁଲିସ ନଜର ରଖିବା, ସେମାନେ ନିଜର ବ୍ୟକ୍ତିଗତ ସମସ୍ୟା ଏବଂ ପାରିବାରିକ ସମସ୍ୟା ପୁଲିସକୁ ଜଣାଇବା, ପ୍ରତ୍ୟେକ ଦିନ ପୁଲିସ ସେମାନଙ୍କ ସହିତ ଫୋନ୍ ମାଧ୍ୟମରେ କିମ୍ବା ଗୃହ ପରିଦର୍ଶନ କରି ଖବର ବୁଝିବା ଏବଂ ପଡ଼ୋଶୀ ଓ ସମ୍ପର୍କୀୟଙ୍କ ସହିତ ପୁଲିସ ଯୋଗସୂତ୍ର ରଖିବା ଆଦି ୬ଟି ସର୍ତ୍ତାବଳୀକୁ ସ୍ଥାନୀୟ ଥାନାର ନୋଡାଲ୍ ଅଫିସର ଗୁରୁତ୍ୱ ଦେବେ। ହେଲେ ମହାନଗରର କୌଣସି ଥାନାରେ ଏଗୁଡ଼ିକ ଉପରେ ଆଦୌ ଧ୍ୟାନ ଦିଆଯାଉ ନଥିବା ଅଭିଯୋଗ ଉଠିଛି। ଅନ୍ୟପକ୍ଷରେ ୨୦୧୮ ମସିହା ସେପ୍ଟେମ୍ବର ୧୭ ତାରିଖରେ ତତ୍କାଳୀନ ପୁଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା ପୁଲିସ ମୁଖ୍ୟାଳୟରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଏଥିରେ ଉଲ୍ଲେଖଥିଲା ଯେ, ଏକୁଟିଆ ରହୁଥିବା ବରିଷ୍ଠ ନାଗରିକଙ୍କ ନାମ ପୁଲିସ ପଞ୍ଜୀକରଣ କରିବା ବାଧ୍ୟତାମୂଳକ। ହେଲେ ଏସବୁ କ୍ଷେତ୍ରରେ ପୁଲିସ ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି। ଥାନା ସ୍ତରରେ ବରିଷ୍ଠ ନାଗରିକଙ୍କ ସହିତ ପୁଲିସ ୩ମାସରେ ଥରେ ବୈଠକ କରିବା ଜରୁରୀ। ଏଥି ପ୍ରତି ଧ୍ୟାନ ଦିଆଯାଉ ନାହିଁ। ଥାନା ପକ୍ଷରୁ ବରିଷ୍ଠ ନାଗରିକ ଭାବେ କୌଣସି ପ୍ରକାର ସୁବିଧା ସହଯୋଗ ମିଳୁନାହିଁ। କେବଳ ସେ ନୁହଁନ୍ତି, ସହରର ଅଧିକାଂଶ ବରିଷ୍ଠ ନାଗରିକ ବଡ଼ ଅସହାୟ ଅବସ୍ଥାରେ ରହିଛନ୍ତି। ଏ କ୍ଷେତ୍ରରେ ପୁଲିସ ଅଧିକ ଯତ୍ନଶୀଳ ହେବାକୁ ଦାବି ଉଠିଛି।

# ବେଆଇନ ବିଦ୍ୟୁତ ସଂଯୋଗ କାଟିବାରୁ ଅଫିସରେ ଭଙ୍ଗାରୁଜା

କଟକ,୨୧।୧୧(ସମିସ): ବେଆଇନ ଭାବେ ନିଆଯାଇଥିବା ବିଦ୍ୟୁତ ସଂଯୋଗକୁ ବିଦ୍ୟୁତ ବିଭାଗ କର୍ମଚାରୀମାନେ କାଟିଦେବାରୁ ଉତ୍ତ୍ୟକ୍ତ ହୋଇ ଲୋକେ ଉନ୍ମତ୍ତକାଣ୍ଡ ଭିଆଇଛନ୍ତି। ଶୁକ୍ରବାର ଦିନ ସମୟରେ ଏକାଧିକ ଲୋକ ମହାନଦୀ ବିହାର ଜଷ୍ଟିସ୍ ଛକରେ ଥିବା ବିଦ୍ୟୁତ ଅଫିସରେ ପଶି ଅଧିକାରୀ ଓ କର୍ମଚାରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଭଙ୍ଗାରୁଜା କରିଛନ୍ତି। ଏନେଇ ଚାଉଳିଆଗଞ୍ଜ ଥାନାରେ ଏତଲା ଦାୟର ହୋଇଛି। ସୂଚନା ଅନୁଯାୟୀ, ନେହେରୁପଲ୍ଲୀ ଅଞ୍ଚଳର ଜଣେ ବ୍ୟକ୍ତି ହୁକ୍ ପକାଇ ବେଆଇନ ଭାବେ ବିଦ୍ୟୁତ ସଂଯୋଗ ନେଇଥିବାରୁ ବିଦ୍ୟୁତ ବିଭାଗ ପକ୍ଷରୁ ନିକଟରେ ତାଙ୍କର ଲାଇନ୍ କାଟି ଦିଆଯାଇଥିଲା। ଏହି ଘଟଣାକୁ ନେଇ କ୍ରୋଧାନ୍ୱିତ ହୋଇ ସମ୍ପୃକ୍ତ ବ୍ୟକ୍ତି ଶୁକ୍ରବାର ଅଞ୍ଚଳର ପ୍ରାୟ ୧୫ରୁ ୨୦ ଜଣ ଲୋକଙ୍କୁ ଧରି ମହାନଦୀ ବିହାର ଜଷ୍ଟିସ୍ ଛକରେ ଥିବା ବିଦ୍ୟୁତ ବିଭାଗ ଅଫିସରେ ପହଞ୍ଚିଥିଲେ। ପ୍ରଥମେ ସେମାନେ ଅଫିସ୍ ଗେଟ୍ ସମ୍ମୁଖରେ ଛିଡ଼ା ହୋଇ କର୍ମଚାରୀମାନଙ୍କୁ ଗାଳିଗୁଲଜ କରିଥିଲେ। କିଛି କର୍ମଚାରୀ ବୁଝାସୁଝା କରିବାକୁ ଆସିବାରୁ ଉତ୍ତ୍ୟକ୍ତ ଲୋକମାନେ ଧମକଚମକ ଦେବା ସହ ଅଫିସ୍ ଭିତରେ ଧସେଇ ପଶି ପ୍ରାୟ ଅଧ ଘଣ୍ଟା ଧରି ଭଙ୍ଗାରୁଜା କରି ଉତ୍ପାତ ଚଳାଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସ ଆସିବାରୁ କିଛି ଲୋକ ଖସି ପଳାଇଥିଲେ, କିନ୍ତୁ ଜଣଙ୍କୁ ପୁଲିସ ଧରିବାରେ ସଫଳ ହୋଇଥିଲା। ବିଦ୍ୟୁତ ବିଭାଗ ସବ୍-ଡିଭିଜନ୍-୨ର ଏସ୍‌ଡିଓ ସ୍ମୃତିରଞ୍ଜନ ପ୍ରଧାନ ଏନେଇ ଚାଉଳିଆଗଞ୍ଜ ଥାନାରେ ଏତଲା ଦାୟର କରିଛନ୍ତି। ଅଭିଯୁକ୍ତଙ୍କ ମଧ୍ୟରୁ ଅନେକଙ୍କର ବେଆଇନ ବିଦ୍ୟୁତ ସଂଯୋଗ କଟା ଯାଇଥିବାରୁ ସେମାନେ ପ୍ରତିଶୋଧ ପରାୟଣ ହୋଇ ଏକାଠି ହୋଇ ଏହି ଗଣ୍ଡଗୋଳ କରିଥିବା ଜଣାପଡ଼ିଛି। ପୁଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ପୁରୁଷ ବନ୍ଧ୍ୟାକରଣରେ ପୁରୁଷତ୍ୱ ନଷ୍ଟ ହୁଏ ନାହିଁ




ଭୁବନେଶ୍ୱର, ୨୧।୧୧(ସମିସ): ପୁରୁଷ ବନ୍ଧ୍ୟାକରଣରେ କୌଣସି ପୁରୁଷର ପୁରୁଷତ୍ୱ ନଷ୍ଟ ହୁଏ ନାହିଁ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ଶୁକ୍ରବାର ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ତରଫରୁ ଗୀତଗୋବିନ୍ଦ ସଦନରେ 'ପୁରୁଷ ବନ୍ଧ୍ୟାକରଣ ପକ୍ଷ-୨୦୨୫' ଆୟୋଜନ କରାଯାଇଥିଲା। ଏହି ଅବସରରେ ପୁରୁଷ ବନ୍ଧ୍ୟାକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ମଧ୍ୟରେ ସ୍ୱତନ୍ତ୍ର ସଚିବ ଡ. ବିଜୟ ମହାପାତ୍ର, ଡ. ଜିତେନ୍ଦ୍ର ମୋହନ ବେବର୍ତ୍ତା, ଡ. ମୁରଲିଧର ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ।

## 'ଲୀଳାବତୀସ ଡଟର୍ସ'ର ଓଡ଼ିଆ ଇ-ଭର୍ସନ ଉନ୍ମୋଚିତ

ଭୁବନେଶ୍ୱର, ୨୧।୧୧(ସମିସ):ପ୍ରଫେସର ରୋହିଣୀ ଗଡ଼ବୋଲେ ଓ ପ୍ରଫେସର ରାମ ରାମସ୍ୱାମୀଙ୍କ ଦ୍ୱାରା ଅନୁଦିତ ପୁସ୍ତକ 'ଲିଳାବତୀସ ଡଟର୍ସ: ଦ ୱିମେନ୍ ସାଇଣ୍ଟିଷ୍ଟସ ଅଫ୍ ଇଣ୍ଡିଆ'ର ଓଡ଼ିଆ ଓ କନ୍ନଡ ଭାଷାରେ ଇ-ଭର୍ସନ୍ ଉନ୍ମୋଚିତ ହୋଇଯାଇଛି। ତିରୁପତି ଠାରେ ଅନୁଷ୍ଠିତ ଇଣ୍ଡିଆନ ଏକାଡେମୀ ଅଫ୍ ସାଇନ୍ସ, ବେଙ୍ଗାଲୁରୁର ୯୧ତମ ବାର୍ଷିକ ଅଧିବେଶନରେ ଓଡ଼ିଆ ଓ କନ୍ନଡ ଭାଷାରେ ପୁସ୍ତକର ଇ-ଭର୍ସନ୍‌କୁ ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସର ପ୍ରଫେସର ରାଘବନ ଭର୍ଦରାଜନ ଉନ୍ମୋଚନ କରିଛନ୍ତି। ଓଡ଼ିଆ ଭାଷାରେ 'ଲୀଳାବତୀଙ୍କ ଶତେକ କନ୍ୟା' ନାମକ ଏହି ପୁସ୍ତକକୁ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ନଚିକେତା କେ. ଶର୍ମା ଓ ଡ. ଦୀପକ କେ. ପଟ୍ଟନାୟକ ଅନୁବାଦ କରିଛନ୍ତି। ଏହି ଉପଲକ୍ଷେ ପ୍ରଫେସର ଶର୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ରାଜ୍ୟ ଗ୍ରନ୍ଥାଗାରରେ ମହତାବଙ୍କ ଜୟନ୍ତୀ




ଭୁବନେଶ୍ୱର, ୨୧।୧୧(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଶୁକ୍ରବାର ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ଗ୍ରନ୍ଥାଗାରର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଅନୁଜା ତାରିଣୀ ମିଶ୍ର ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ମହତାବଙ୍କ ସ୍ମୃତିଚାରଣ କରିଥିଲେ। ଏହି ଉପଲକ୍ଷେ ଗ୍ରନ୍ଥାଗାରରେ ଏକ ସାଧାରଣ ସଭା ଓ ମହାତାବଙ୍କ ଜୀବନୀକୁ ଆଧାର କରି ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

## ଶିଶୁ ସାହିତ୍ୟିକ କାଞ୍ଚନବାଳା ସାମନ୍ତରାୟଙ୍କ ପରଲୋକ



ଭୁବନେଶ୍ୱର, ୨୧।୧୧(ସମିସ): କାଞ୍ଚନ ପବ୍ଲିକେସନ୍‌ର ପ୍ରକାଶକ ତଥା ବିଶିଷ୍ଟ ଶିଶୁ ସାହିତ୍ୟିକ ଦେବରାଜ ସାମନ୍ତରାୟଙ୍କ ଧର୍ମପତ୍ନୀ କାଞ୍ଚନବାଳା ସାମନ୍ତରାୟଙ୍କ ଗୁରୁବାର ପରଲୋକ ହୋଇଛି। ତାଙ୍କର ପ୍ରାୟ ୩୦ରୁ ଅଧିକ ଶିଶୁ ସାହିତ୍ୟ ପ୍ରକାଶ ପାଇଥିବାବେଳେ ସେ ଶିଶୁଙ୍କ ଅତି ପରିଚିତ ହୋଇପାରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପାଖରେ ସ୍ୱାମୀଙ୍କ ସହିତ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ନାତୁଣି ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ବିଧାନସଭା ପରିସରରେ ମହତାବଙ୍କୁ ଶ୍ରଦ୍ଧାଞ୍ଜଳି ଜୟନ୍ତୀ



ଭୁବନେଶ୍ୱର, ୨୧।୧୧(ସମିସ): ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଅବସରରେ ବିଧାନସଭା ପରିସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ମନ୍ତ୍ରୀ ଓ ବିଧାୟକ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାନସଭାର ଗବେଷଣା ଶାଖା ପକ୍ଷରୁ ଡ. ହରେକୃଷ୍ଣ ମହତାବଙ୍କ ଜୀବନୀ ଉପରେ ପ୍ରକାଶିତ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଶେଷରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁଶ୍ରୀ ରୋଜାଲିନ ସାହୁ ସଂଯୋଜନା କରିଥିଲେ।

### 'ମିଡିଆ-୫.୦' ଉଦ୍‌ଘାଟିତ

## 'ବ୍ୟକ୍ତିଗତ ଗୋପନୀୟତାକୁ ପ୍ରଭାବିତ କରୁଛି କୃତ୍ରିମ ବୁଦ୍ଧିମତ୍ତା'




ଭୁବନେଶ୍ୱର, ୨୧।୧୧(ସମିସ): ଇନଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ (ଆଇଏମ୍‌ଏସ୍), କିଟ୍ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର ପକ୍ଷରୁ 'ମିଡିଆ-୫.୦' କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଏହି ତିନିଦିନିଆ ସମ୍ମିଳନୀରେ କର୍ଣ୍ଣାଟକର କୋପାଲ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବି.କେ. ରବି ଯୋଗଦେଇ ମାନବର ବିନା ହସ୍ତକ୍ଷେପରେ କୃତ୍ରିମ ବୁଦ୍ଧିମତ୍ତା ଅନେକ ତଥ୍ୟ ବିତରଣ କରୁଥିବାରୁ ବ୍ୟକ୍ତିଗତ ଗୋପନୀୟତା ଉପରେ ପ୍ରଭାବ ପକାଉଥିବା କହିଛନ୍ତି। ସେହିପରି ଭୁବନେଶ୍ୱର ଆଇଆଇଟିର ଏଆଇ ଓ ଏଚ୍‌ପିସି ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ଅଶ୍ୱିନୀ କୁମାର ନନ୍ଦ ଏବଂ ଆସାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରୋ ଭାଇସ୍-ଚାନ୍ସେଲର ଡ. କେଭି. ନାଗରାଜ ପ୍ରମୁଖ ଯୋଗଦେଇ 'ଡିଜିଟାଲ୍ ଯୋଗାଯୋଗ' ଉପରେ ନିଜର ମତ ଉପସ୍ଥାପନ କରିଛନ୍ତି। ଏହାସହ କୃତ୍ରିମ ବୁଦ୍ଧିମତା, ମେସିନ ଲର୍ଣ୍ଣିଙ୍ଗ, ଇଣ୍ଟରନେଟ ଅଫ୍ ଥିଙ୍ଗସ୍ ଓ ଭର୍ଚୁଆଲ୍ ରିଅଲିଟି ଆଦି ନୂତନ ଜ୍ଞାନ କୌଶଳ ସମ୍ପର୍କରେ ମଧ୍ୟ ଆଲୋଚନା ହେବା ସହ ଡିଜିଟାଲ ମିଡିଆର ଭବିଷ୍ୟତ ପାଇଁ ଏକ ରୋଡମ୍ୟାପ ପ୍ରସ୍ତୁତ ପାଇଁ ଗୁରୁତ୍ୱାରୋପ କରାଯାଇଛି। ଏହି ଅବସରରେ ତ୍ରିପୁରା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଭି.ଏଲ୍. ଧାରୁରକରଙ୍କୁ ସମ୍ବାଦିକତା ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜୀବନବ୍ୟାପି ସାଧନା ପୁରସ୍କାର ପ୍ରଦାନ କରାଯାଇଛି।

## ବିର୍ସାଙ୍କ ଜୟନ୍ତୀରେ ଏବିଭିପି ପକ୍ଷରୁ ଗଣଦୌଡ଼

ଭୁବନେଶ୍ୱର, ୨୧।୧୧ (ସମିସ): ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଏକ ଗଣ ଦୌଡ଼ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ମହାନଗର ନିଗମ ଶାଖା ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରଦର୍ଶନୀ ପଡ଼ିଆ ଠାରୁ ଆରମ୍ଭ ହୋଇ ମାଷ୍ଟର କ୍ୟାଣ୍ଟିନ ପର୍ଯ୍ୟନ୍ତ ଚାଲିଥିଲା। ମାଷ୍ଟରକ୍ୟାଣ୍ଟିନ ଠାରେ ଅନୁଷ୍ଠିତ ସାଧାରଣ ସଭାରେ ବିର୍ସା ମୁଣ୍ଡାଙ୍କ ତ୍ୟାଗ, ତପସ୍ୟା, ବଳିଦାନ ଓ ବୀରତ୍ୱ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଛନ୍ତି। ଏବିଭିପିର ଅଖିଳ ଭାରତୀୟ ଜନଜାତି ପ୍ରମୁଖ ପ୍ରମୋଦ ରାଉତଙ୍କ ସମେତ ରାଜ୍ୟ ସଭାପତି ଗାର୍ଗୀ ବାନାର୍ଜି, କ୍ଷେତ୍ରୀୟ ସହ ସଂଗଠନ ମନ୍ତ୍ରୀ ତ୍ରୈଲୋଚନ ସାହୁ ଓ ଓଡ଼ିଶା ଜନଜାତି ପ୍ରମୁଖ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ବିର୍ସା ମୁଣ୍ଡାଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିଛନ୍ତି।

## ନାଗରିକ ସଙ୍ଗଠନ ପକ୍ଷରୁ ରୌପ୍ୟ ଜୟନ୍ତୀ ଲୋଗୋ ଉନ୍ମୋଚିତ

ଭୁବନେଶ୍ୱର, ୨୧।୧୧(ସମିସ): ଭିଏସ୍‌ଏସ୍ ନଗର ବରିଷ୍ଠ ନାଗରିକ ମଞ୍ଚକୁ ୨୫ ବର୍ଷ ପୂର୍ତ୍ତି ଅବସରରେ ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଆସନ୍ତା ୨୩ ତାରିଖ ରବିବାର ବରିଷ୍ଠ ନାଗରିକ ମଞ୍ଚର ରୌପ୍ୟ ଜୟନ୍ତୀ ପାଳନ କରାଯିବ। ଏହି ଅବସରରେ ଅନୁଷ୍ଠାନର ପ୍ରଥମ ସାଧାରଣ ସମ୍ପାଦକ ତଥା ସଭାପତି କୃପାସିନ୍ଧୁ ସାହୁ, ଉପସଭାପତି ଇଂ ସୁରେଶ କର, ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମାଙ୍କ ଦ୍ୱାରା ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ଲୋଗୋ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଭାପତି ଶ୍ରୀ ସାହୁ କହିଥିଲେ ଯେ, ଭିଏସ୍‌ଏସ୍ ନଗର ବରିଷ୍ଠ ନାଗରିକ ମଞ୍ଚ କେବଳ ଓଡ଼ିଶାର ପ୍ରଥମ ବରିଷ୍ଠ ନାଗରିକ ମଞ୍ଚ ନୁହେଁ, ଏହା ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ ସହ ରାଜ୍ୟର ଅନ୍ୟ ବରିଷ୍ଠ ନାଗରିକ ସଙ୍ଗଠନ ଗୁଡ଼ିକ ପାଇଁ ପ୍ରେରଣାର ଉତ୍ସ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଭ୍ରମରବର ପ୍ରଧାନ, ସମ୍ପାଦକ ଶିତଳ ଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ଏସ୍ ନରସିଂହ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଧିବାସୀଙ୍କ ଜୀବନ ଜୀବିକା ସଂକ୍ରାନ୍ତ ଆଲୋଚନା

ଭୁବନେଶ୍ୱର, ୨୧।୧୧(ସମିସ): ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ ମାଧ୍ୟମରେ କରାଯାଇଥିବା ଜୀବନ ଜୀବିକା, ସାମୂହିକ ଉନ୍ନୟନ ଓ ଭବିଷ୍ୟତ କାର୍ଯ୍ୟକ୍ରମ" ଶୀର୍ଷକ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ତତ୍ତ୍ୱାବଧାନରେ ଏବଂ ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି ଦ୍ୱାରା ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇ ଯାଇଛି। ଏହି କର୍ମଶାଳାର ମୁଖ୍ୟ ଅତିଥି ଭାବେ ତଥା ଓଡ଼ିଶା ସରକାରଙ୍କ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀର ମୁଖ୍ୟ ସୁରେଶ ପନ୍ତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ପ୍ରେମ କୁମାର ଝା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ଓ ସଦସ୍ୟ ସଚିବ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ବୋର୍ଡ ଉମା ନନ୍ଦୁରୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତିର ପ୍ରକଳ୍ପ ନିର୍ଦ୍ଦେଶକ ଡ. କେ. ମୁରୁଗେସନ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ବିଶ୍ୱ ମତ୍ସ୍ୟ ଦିବସ

# ଶ୍ରେଷ୍ଠ ହେବାକୁ ହେଲେ, ଆମକୁ ଆତ୍ମନିର୍ଭର ହେବାକୁ ପଡ଼ିବ: ମନ୍ତ୍ରୀ



ଭୁବନେଶ୍ୱର, ୨୧।୧୧(ସମିସ): ମତ୍ସ୍ୟଚାଷ କ୍ଷେତ୍ରରେ ଆମ ପାଖରେ ବିପୁଳ ସମ୍ଭାବନା ରହିଛି। ଓଡ଼ିଶାରେ ୫୭୪.୭ କିମି ସୁଦୀର୍ଘ ଉପକୂଳ, ୪.୧୮ ଲକ୍ଷ ହେକ୍ଟର ଖାରିଜଳକ୍ଷେତ୍ର, ୭.୧୨ ଲକ୍ଷ ହେକ୍ଟର ମଧୁର ଜଳକ୍ଷେତ୍ର (ନଦୀ, ଜଳଭଣ୍ଡାର ଓ ପୋଖରୀ ଇତ୍ୟାଦି) ମତ୍ସ୍ୟ ସମ୍ପଦ ପାଇଁ ଅମୂଲ୍ୟ ବରଦାନ। ଏହାର ସଦୁପଯୋଗ କରି ଆଗକୁ ବଢ଼ିବା ପାଇଁ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବିଶ୍ୱ ମତ୍ସ୍ୟ ଦିବସ ଅବସରରେ ଆହ୍ୱାନ ଦେଇଥିଲେ। ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ-୨୦୨୫ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସେ ଏହା କହିଛନ୍ତି। ସେ ଆହୁରି ମଧ୍ୟ କହିଥିଲେ କି ଶ୍ରେଷ୍ଠ ହେବାକୁ ହେଲେ, ଆମକୁ ଆମନିର୍ଭର ହେବାକୁ ପଡ଼ିବ। ଏହି ଅବସରରେ ମନ୍ତ୍ରୀ ଆଭାସୀ ମାଧ୍ୟମରେ ପୁରୀର ତାଳବଣିଆ ଠାରେ ମାଛ ବଜାର, ଏବଂ ଗଞ୍ଜାମ ଜିଲ୍ଲାର ହୁମ୍ମାଠାରେ ଶୁଖୁଆ ବଜାର, ଅନୁଗୁଳର ମତ୍ସ୍ୟ ଚାଷୀ ତାଲିମ କେନ୍ଦ୍ର, କେନ୍ଦ୍ରାପଡ଼ା ଜିଲ୍ଲାର ତାଳଚୁଆରେ ବିଏଫଓ କାର୍ଯ୍ୟାଳୟ ଭଳି ସମ୍ପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଉଦଘାଟନ କରିଥିଲେ। ଏହା ସହ କଟକର ଖପୁରିଆରେ ମତ୍ସ୍ୟ ନିର୍ଦ୍ଦେଶାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତତସହିତ ମାନ୍ୟବର ମନ୍ତ୍ରୀ 'ଓଡ଼ିଶା ମତ୍ସ୍ୟ ୱେବ୍ ପୋର୍ଟାଲ'ର ଶୁଭାରମ୍ଭ କରିଥିଲେ। ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ୍ ଆଲାମ୍ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ମତ୍ସ୍ୟ ନିର୍ଦ୍ଦେଶକ(ବୈଷୟିକ) ସୁବ୍ରତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସିଫାର ନିର୍ଦ୍ଦେଶକ ଡ. ପ୍ରମୋଦ କୁମାର ସାହୁ, ଆପିକଲର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ମିଶ୍ର, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ୍, ଏମପେଡ଼ାର ଉପ ନିର୍ଦ୍ଦେଶକ ଆଟମନ୍ ଲହରୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

## ଇଶାନେଶ୍ୱର ବସ୍ତିରେ ଶିଶୁ ଅଧିକାର କାର୍ଯ୍ୟକ୍ରମ




ଭୁବନେଶ୍ୱର, ୨୧।୧୧(ସମିସ): ବିଶ୍ୱ ଶିଶୁ ଦିବସ ଉପଲକ୍ଷେ ଆକ୍ସନଏଡ୍ ଆସୋସିଏସନ୍ ଓ ସିସିଡବ୍ଲୁଡିଙ୍କ ମିଳିତ ଆନୁକୂଲ୍ୟରେ ୱାର୍ଡ ନମ୍ବର-୧୪ ଅଧୀନସ୍ଥ ଇଶାନେଶ୍ୱର ବସ୍ତିରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଲ୍ୟାଣୀ ରାଉତ, ମାନସ ରଞ୍ଜନ ପ୍ରଧାନ, ସ୍ନିଗ୍ଧା ଦାସ, ଭାସ୍କର ଚନ୍ଦ୍ର ପ୍ରଧାନ, ରେଣୁବାଳା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସୁଚରିତା ବେହେରା ସ୍ୱାଗତଭାଷଣ ଦେଇଥିବା ବେଳେ ସ୍ମୃତିରେଖା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### କମ୍ୟୁନିଟି ଟୁରିଜିମ କ୍ଷେତ୍ରରେ ବାମନଘାଟି ପାଇଁ ରହିଛି ଅମାପ ସୁଯୋଗ

# ଖଡ଼ଖାଇ, ବାଙ୍କବଲ ଓ ନେସା ନଦୀବନ୍ଧର ହେବ ଉନ୍ନତି

ରାଇରଙ୍ଗପୁର, ୨୧।୧୧(ସମିସ): ଆସିଗଲାଣି ପର୍ଯ୍ୟଟନ ଋତୁ। ଶୀତ ଋତୁ ଆରମ୍ଭ କରି ସହରର ଲୋକେ ନିକଟରେ ଥିବା ପ୍ରାକୃତିକ ପର୍ଯ୍ୟଟନସ୍ଥଳୀରେ ପିକନିକର ମଜା ଉଠାନ୍ତି। ପ୍ରାକୃତିକ ସୌନ୍ଦର୍ଯ୍ୟର ଉପଭୋଗ ସାଙ୍ଗକୁ ଭୋଜିଭାତର ମଜା ନେବା ପାଇଁ ମୟୂରଭଞ୍ଜ ଜିଲ୍ଲାର ଅଧିକାଂଶ ପର୍ଯ୍ୟଟନସ୍ଥଳୀ ଏବେ ଚଳଚଞ୍ଚଳ ହେଲାଣି। ତେବେ ବାମନଘାଟି ଉପଖଣ୍ଡରେ ରହିଥିବା ୩ଟି ପ୍ରମୁଖ ନଦୀବନ୍ଧରେ ପିକନିକର ମଜା ଉଠାଇବାକୁ ପର୍ଯ୍ୟଟକ ପହଞ୍ଚିଥାନ୍ତି। କିନ୍ତୁ ଖଡ଼ଖାଇ, ବାଙ୍କବଲ ଓ ନେସା ନଦୀବନ୍ଧକୁ ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବାରେ ବିଭାଗ ପକ୍ଷରୁ ସେଭଳି କିଛି ଆଖିଦୃଶିଆ ଭିତ୍ତିଭୂମି ବିକାଶ ହୋଇପାରିନାହିଁ। ତେବେ ଏହି ୩ଟି ନଦୀବନ୍ଧର ଭିତ୍ତିଭୂମି ବିକାଶ ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହେଉଛି। କୁସୁମୀ ବ୍ଲକ ଅନ୍ତର୍ଗତ ସୁଲେଇପାଟଠାରେ ଥିବା ଖଡଖାଇ ନଦୀବନ୍ଧ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଛି। ପର୍ଯ୍ୟଟନ ବିଭାଗ ଯୋଜନା ବୋର୍ଡ ଲଗାଇବା ସହ ବୋଟିଂ ବ୍ୟବସ୍ଥା କରିଛି। କିନ୍ତୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ନିମନ୍ତେ କୌଣସି ମାଷ୍ଟର ପ୍ଲାନ ନାହିଁ। ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଥିବା ସୁଲେଇପାଟ ନଦୀବନ୍ଧ ତଳେ ଥିବା ପାର୍କ ପର୍ଯ୍ୟଟନ ଋତୁରେ ମଧ୍ୟ ଅସଜଡ଼ା ହୋଇରହିଛି। ପିକନିକ ପାଇଁ ଆସୁଥିବା ପର୍ଯ୍ୟଟକ ଏଠାରେ କିଭଳି



ସୁବିଧା ସୁଯୋଗ ପାଇବେ ସେନେଇ ଏକ ଗୋଷ୍ଠୀ ପର୍ଯ୍ୟଟନ (କମ୍ୟୁନିଟି ଟୁରିଜିମ) ମାଧ୍ୟମରେ ସାମଗ୍ରିକ ବିକାଶର ଯୋଜନା କରାଯାଉଛି ବୋଲି ରାଇରଙ୍ଗପୁର ଜଳସେଚନ ବିଭାଗ ପକ୍ଷରୁ କୁହାଯାଇଛି। ଏଠାରେ ଥିବା ପାର୍କ ରକ୍ଷଣାବେକ୍ଷଣ ଅଭାବରୁ ଅନାବନା ଗଛଲତାରେ ଭର୍ତ୍ତି ହୋଇଗଲାଣି। ସେହିଭଳି ଖଡ଼ଖାଇ ଡ୍ୟାମର ବିକାଶ ନିମନ୍ତେ ବିଭିନ୍ନ ଯୋଜନା ପ୍ରସ୍ତାବ ଦିଆଯାଇଛି। ମତ୍ସ୍ୟ ବିଭାଗ ପକ୍ଷରୁ ଖଡଖାଇ ଡ୍ୟାମର ଜଳରାଶିରେ କେଜ ଫାର୍ମି କରିଆରେ ମତ୍ସ୍ୟ ଚାଷ କରାଯିବା ନେଇ ପ୍ରସ୍ତାବ ରହିଛି। ଯଦ୍ଦ୍ୱାରା ମତ୍ସ୍ୟ ଚାଷୀ ଏବଂ ପର୍ଯ୍ୟଟନର ବିକାଶ ହେବ। ଏନେଇ କଲିକତାର ବାରକପୁର ସ୍ଥିତ ସିଆଇଏଫଆରଆଇ ପକ୍ଷରୁ ଅନୁଧ୍ୟାନ କରାଯାଉଛି। ଏହାସହିତ ମହାନଦୀ କୋଲଡ଼ ଫିଲଡ଼ ଲିମିଟେଡ଼ ପକ୍ଷରୁ ଖଡ଼ଖାଇ ଡ୍ୟାମରେ ୫୦ ମେଗା ୱାଟର ଧାରଣା ବିଶିଷ୍ଟ ମେଗା ଭାସମାନ ସୋଲାର ପାୱାର ପ୍ଲାଣ୍ଟ ପ୍ରତିଷ୍ଠା ନେଇ ପ୍ରସ୍ତାବ ରହିଛି। ଏଥିପାଇଁ ଓଡ଼ିସିଏଲ ଓ ଗ୍ରୀଡ଼କୋକୁ ପତ୍ର ଯୋଗେ ସୂଚନା ଦିଆଯାଇଛି। ଏହାସହିତ ରାଇରଙ୍ଗପୁର ଉପଖଣ୍ଡର ୭୬୦୦ ହେକ୍ଟର ଚାଷ ଜମିକୁ ଜଳସେଚନ କରିବାକୁ ଉଠା ଜଳସେଚନ ବିଭାଗ ପକ୍ଷରୁ ମେଗା ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଯୋଜନା ରହିଛି। ଖଡଖାଇ ଡ୍ୟାମରେ ଫେଜ-୨ ବ୍ୟାରେଜ ତିଆରି କରିବା ନେଇ ଡିପିଆର ପ୍ରସ୍ତୁତ ହେଉଛି। ଡ୍ୟାମର ପାରିପାର୍ଶ୍ୱିକ ଅଞ୍ଚଳକୁ ଉନ୍ନତି କରି ପର୍ଯ୍ୟଟନ ବିକାଶ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଛି। ଏ ବାବଦରେ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଜିଲ୍ଲାପାଳଙ୍କ ସହ ବାରମ୍ବାର ସମୀକ୍ଷା ବୈଠକ କରାଯାଉଛି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଆସନ୍ତା ଡିସେମ୍ବରରେ ରାଇରଙ୍ଗପୁର ଗସ୍ତ ସମୟରେ ଖଡ଼ଖାଇ ଡ୍ୟାମର ଉନ୍ନତି ନିମନ୍ତେ ବିଭିନ୍ନ ପ୍ରକଳ୍ପ ଗୁଡିକ ଶିଳାନ୍ୟାସ କରାଯିବା ନେଇ ସୂଚନା ରହିଛି; ଯାହାକୁ ନେଇ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଉଛି।

## ପାଣିରେ ବୁଡ଼ି ନାବାଳକର ମୃତ୍ୟୁ

କୁଆମରା, ୨୧।୧୧(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ଗଡ଼ି ଗାଁ ପଞ୍ଚାୟତ କଟରାଶୋଳ ଗ୍ରାମରେ ଶୁକ୍ରବାର ଜଣେ ୧୦ ବର୍ଷ ଶିଶୁ ପଥର ଖାଦାନ ଖାଲ ପାଣିରେ ବୁଡି ମୃତ୍ୟୁବରଣ କରିଛି। ନାଥ ସୋରେନଙ୍କ ପୁଅ ନିମାଇଁ (୧୦) ଘର ନିକଟରୁ କିଛି ଦୂରରେ ଥିବା ଏକ ପଥର ଖାଦାନ ନିକଟକୁ ଯାଇଥିବା ବେଳେ ସେଠାରେ ଅସାବଧାନତା ବଶତଃ ଗଭୀର ଖାଲକୁ ଖସିପଡ଼ିଥିଲା। ପରେ ସେ ପାଣିରୁ ବାହାରି ପାରିନଥିଲା। ଦୀର୍ଘ ସମୟ ପରେ ପରିବାର ଲୋକେ ଖୋଜାଖୋଜି କରିବାରୁ ନିମାଇଁ ପାଣିରେ ଭାସୁଥିବା ଦେଖି ଖୁଣ୍ଟା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପରେଦ ଦମକଳବାହିନୀ ପହଞ୍ଚି ନିମାଇଁକୁ ପାଣିରୁ ଉଦ୍ଧାର କରିଥିଲେ; ମାତ୍ର ସେତେବେଳକୁ ମୃତ୍ୟୁ ହୋଇସାରିଥିଲା।

## ବାଇକ୍ ଧକ୍କାରେ ଆହତ ଯୁବକଙ୍କ ମୃତ୍ୟୁ

କୁଆମରା, ୨୧।୧୧(ସମିସ): ଦୁର୍ଘଟଣାରେ ଜଣେ ଚିକିତ୍ସାଧୀନ ଯୁବକଙ୍କର ଗତକାଲି ରାତିରେ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଖୁଣ୍ଟା ଥାନା ଅନ୍ତର୍ଗତ ଭୋଲାଗୋଡିଆ ପଞ୍ଚାୟତର ସାରଜମ୍ ଡିହି ଗ୍ରାମର ସୁମନ୍ତ ସିଂ (୩୧)। ସେ ୧୮ ତାରିଖ ସନ୍ଧ୍ୟାରେ ଗୋପବନ୍ଧୁ ନଗର ବ୍ଲକ ଶୀଳଘାଟିରୁ ସୁରକୁନା ଗ୍ରାମକୁ ଆସୁଥିବା ବେଳେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା; ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

## କିଟ୍ କେଆରଏସ୍ ପକ୍ଷରୁ ପ୍ରବନ୍ଧ ପ୍ରତିଯୋଗିତା




ବାରିପଦା, ୨୧।୧୧(ସମିସ): ବାରିପଦାର ଦତ୍ତ ଆବାସିକ ବିଦ୍ୟାଳୟରେ ଭୁବନେଶ୍ୱର କିଟ୍ କେଆରଏସ୍ ପକ୍ଷରୁ ସାଇବର ସୁରକ୍ଷାରେ ଛାତ୍ର ସମାଜର ଭୂମିକା ଏବଂ ସଡକ ଦୁର୍ଘଟଣା ନିବୃତ୍ତିରେ ଯୁବ ସମାଜର ଭୂମିକା ଶୀର୍ଷକ ଏକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସାଇବର ସୁରକ୍ଷା ପ୍ରବନ୍ଧରେ ନିହାର ରଞ୍ଜନ ମହାନ୍ତି ଓ ସଡକ ସୁରକ୍ଷା ପ୍ରବନ୍ଧରେ ଅକ୍ଷୟ କୁମାର ରୂପ ପ୍ରଥମ ସ୍ଥାନ ହାସଲ କରିଛନ୍ତି। କିଟ କେଆରସ୍ ଛାତ୍ର ସମ୍ପର୍କ ସୁରକ୍ଷା ନିର୍ଦ୍ଦେଶକ ଡ ରାଜେନ୍ଦ୍ର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ ପୁଷ୍ପ ପାତ୍ର, ଇଂ ରତ୍ନାକର ନାୟକ, ବିଦ୍ୟାଳୟର ପରିଚାଳିକା ସୀମାଶ୍ରୀ ଦତ୍ତ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ୨୩ରେ ସତ୍ୟସାଇଙ୍କ ଜନ୍ମ ବାର୍ଷିକୀ ଉତ୍ସବ

କୁଆମରା, ୨୧।୧୧(ସମିସ): ଆସନ୍ତା ୨୩ ତାରିଖ ରବିବାର ଭଗବାନ ଶ୍ରୀ ସତ୍ୟସାଇଙ୍କ ଶହେତମ ଜୟନ୍ତୀ ପାଳନ ହେବ। ଏ ନେଇ ଆଜି ଖୁଣ୍ଟା ବ୍ଲକ ଟିକରପଡ଼ା ଭଜନ ମଣ୍ଡଳୀ ସାଇ ସଂଗଠନର ଆବାହକ ରଞ୍ଜନ କୁମାର ମଡୁଆଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସାଇ ପରିବାରର ଗଣେଶ୍ୱର ବେହେରା, ମଞ୍ଜୁଲତା ମହାପାତ୍ର, ଦେବେନ୍ଦ୍ର ମଡୁଆଲ, ମାଳତୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

ବଡ଼ସାହି, ୨୧।୧୧(ସମିସ): ବଡ଼ସାହି ବ୍ଲକ ଅନ୍ତର୍ଗତ କେନ୍ଦୁଡ଼ିହା ପଞ୍ଚାୟତର କୁଳିଅଣା (ବି) ଗ୍ରାମର ଅବସରପ୍ରାପ୍ତ ଜୁଡିସିଆଲ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ଦାଶ (୭୭)ଙ୍କ ପରଲୋକ ହୋଇଯାଇଛି। ସେ ଜୁଡିସିଆଲ ବିଭାଗର ଦୀର୍ଘଦିନ ଧରି କାମ କରି ଅବସର ନେଇଥିଲେ। ପରେ ସେ ଗାଁର ବହୁ ବିକାଶ ମୂଳକ କାମରେ ସାମିଲ ଥିଲେ। ସେ ଜଣେ ଧର୍ମପରାୟଣ, ଆଧ୍ୟାତ୍ମିକ ଚିନ୍ତାଧାରାର ବ୍ୟକ୍ତି ଥିଲେ। କିଛି ଦିନ ଧରି ଥଣ୍ଡା କଫ ଜନିତ ରୋଗରେ ପୀଡିତ ଥାଇ ଚିକିତ୍ସାଧୀନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ସ୍ନାତକ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ଶୁକୃଳି, ୨୧।୧୧(ସମିସ): ଶୁକ୍ରୁଳି ସ୍ନାତକ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ ସଂଗ୍ରାମ କେଶରୀ ମଲ୍ଲିକଙ୍କ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୧୦ଟି ବିଭାଗରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳିକା ବିଭାଗରେ ଜୟନ୍ତୀ ଗୁୟା, ବାଳକ ବିଭାଗରେ ଜଗନ୍ନାଥ ସଏ ଶ୍ରେଷ୍ଠ ଖେଳାଳିଭାବେ ବିବେଚିତ ହୋଇଥିଲେ।



ଅଧ୍ୟାପକ ମହେଶ୍ୱର ମିଶ୍ର, ଅଧ୍ୟାପକ ନିର୍ମଳ କୁମାର ମଲ୍, ଅଧ୍ୟାପକ ସରୋଜ କୁମାର ପଲେଇ, ଅଧ୍ୟାପିକା ବିଦ୍ୟୁତ୍ ପ୍ରଭା ପୃଷ୍ଟି, ଅଧ୍ୟାପିକା ଡ ମିନାକ୍ଷୀ ଦାସ, ଅଧ୍ୟପକ୍, ଜନାର୍ଦ୍ଦନ ମହନ୍ତ, ଅଧ୍ୟାପକ ବିଶ୍ୱରଞ୍ଜନ ମାଝୀ ପ୍ରମୁଖ ସହଯୋଗ କରିଥିଲେ। ଖେଳ ଶିକ୍ଷକ ପ୍ରଶାନ୍ତ କୁମାର ମାଝୀ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ବଲାଙ୍ଗୀ ବାଳିକା ଉଚ୍ଚ ବିଦ୍ୟାଳୟର ଲୋକନୃତ୍ୟ ଦଳ ଜାତୀୟସ୍ତରକୁ ମନୋନୀତ

ବାରିପଦା, ୨୧।୧୧(ସମିସ): ଭୁବନେଶ୍ୱର ୟୁନିଟ-୬ ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନରେ ରାଜ୍ୟସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାରିପଦାର ବଲାଙ୍ଗୀ ସରକାରୀ ଉଚ୍ଚବିଦ୍ୟାଳୟର ନୃତ୍ୟ ଦଳ ଜାତୀୟସ୍ତରକୁ ମନୋନୀତ ହୋଇଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନ ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷକ ମନୋଜ ପରିଡ଼ା ଓ ଶିକ୍ଷୟିତ୍ରୀ ମୌସୁମୀ ଦୀକ୍ଷିତଙ୍କ ନେତୃତ୍ୱରେ ଛାତ୍ରୀମାନେ ପୋଷଣ, ସ୍ୱାସ୍ଥ୍ୟ ଓ ପରିମଳ ବିଷୟବସ୍ତୁ ଉପରେ ଲୋକନୃତ୍ୟ ପରିବେଷଣ କରିଥିଲେ। ସେମାନେ ହେଲେ ମାଳତୀ ହେମ୍ବ୍ରମ, ରଶ୍ମିତା ସିଂ, ବିନ୍ଦିଆ ସୋରେନ, ରାଇମଣି ବେଶ୍ରା, ହୀରାମଣି ହେମ୍ବ୍ରମ, ସମ୍ବାରୀ ମୁର୍ମୁ। ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲାରୁ ଅଂଶ ଗ୍ରହଣ କରିଥିବା ମୋଟ ୧୫ଟି ଲୋକନୃତ୍ୟ ଦଳ ମଧ୍ୟରୁ ବଲାଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନୃତ୍ୟଦଳ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ଆସନ୍ତା ୨୦୨୬ ମସିହା ଜାନୁୟାରୀ ୬ରୁ ୯ ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶ ରାଜ୍ୟ ଗୋଆଲିୟରଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତାରେ ଯୋଗଦେବେ।




## ଡିଗ୍ରୀ କଲେଜରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ

ବାରିପଦା, ୨୧।୧୧(ସମିସ): ଭଞ୍ଜପୁର ସ୍ଥିତ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ ପ୍ରବୋଧ କୁମାର ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡ ଶୁଭମ ଶ୍ରୀତମ ସାମନ୍ତରାୟ, ଡ ଇତିଶ୍ରୀ ସ୍ୱାଇଁ, ମାଦକ ଦ୍ରବ୍ୟ ନିୟନ୍ତ୍ରଣ ବିଭାଗର ସହକାରୀ ପରିଚାଳକ ଡ ନିହାର ରଞ୍ଜନ ପୃଷ୍ଟି ଏବଂ ଜନସ୍ୱାସ୍ଥ୍ୟ ପରିଚାଳକ ରାଜଶ୍ରୀ ପାଲ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ସରୋଜ କୁମାର ବେହେରା ପରିଚାଳନା କରିଥିବାବେଳେ ଜ୍ୟୋତ୍ସ୍ନାରାଣୀ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



## ଘୁଷୁରିଆ ଓ ଇଟାମୁଣ୍ଡିଆରେ ଜନଜାତି ଗୌରବ ଦିବସ

ସାନକେରକୋ, ୨୧।୧୧(ସମିସ): ବଡସାହି ବ୍ଲକ ଅନ୍ତର୍ଗତ ଘୁଷୁରିଆ ଓ ଇଟାମୁଣ୍ଡିଆ ଗ୍ରାମରେ ଜନଜାତି ଦିବସ ଗୌରବ ପାଳିତ ହୋଇଯାଇଛି। ଜନଜାତି ସମାଜର ପାରମ୍ପରିକ ରୀତିରେ ଗ୍ରାମର ଦେହୁରି ଧରତୀ ଆବା ଭଗବାନ ବିର୍ସାମୁଣ୍ଡାଙ୍କ ପୂଜା ଅର୍ଚ୍ଚନା କରିବା ପରେ ସମସ୍ତେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସ୍ଥାନୀୟ ସରପଞ୍ଚ ଉପସ୍ଥିତ ରହି ବିର୍ସା ମୁଣ୍ଡା ଜୀବନୀ ଉପରେ ଆଲୋଚନା କରିଥିଲେ। ବନବାସୀ କଲ୍ୟାଣ ଆଶ୍ରମ ସହ କ୍ଷେତ୍ର ସଂଗଠନ ସମ୍ପାଦକ ବିଶ୍ୱାମିତ୍ର ମହାନ୍ତ ଜନଜାତି ଗୌରବ ଦିବସ ପାଳନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ବିଭାଗ ସଂଗଠନ ସମ୍ପାଦକ ଘନଶ୍ୟାମ ମହାନ୍ତ ବିର୍ସା ମୁଣ୍ଡାଙ୍କର ଟୋପି ଟୋପି ଏକ ହେଁ ଉକ୍ତିର ମର୍ମକୁ ବୁଝାଇବା ସହିତ ବିଧର୍ମୀମାନଙ୍କୁ ଗ୍ରାମରେ ପ୍ରବେଶ କରାଇ ନ ଦେବାକୁ ଆହ୍ୱାନ ଦେଇଥିଲେ। ସମାଜସେବୀ ବିକାଶ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।



## ଏମ୍‌ସିଏଏମ୍‌ର ଶିକ୍ଷା ବିଭାଗରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



ବାରିପଦା, ୨୧।୧୧(ସମିସ): ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟର ଶିକ୍ଷା ବିଭାଗରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ବିଭାଗୀୟ ମୁଖ୍ୟା ସୁଜାତା ପାଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷା ଦେବାଶ୍ରିତା ବିଶ୍ୱାଳ ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପିକା ମୀରା ସେନାପତି ମୁଖ୍ୟବ୍ୟକ୍ତା ଭାବେ ଯୋଗ ଦେଇ ନବାଗତଙ୍କୁ କର୍ତ୍ତବ୍ୟ ପରାୟଣ ହେବା ନିମନ୍ତେ ଉପଦେଶ ଦେଇଥିଲେ। ଅଧ୍ୟାପିକା ଅଭିପସା ନାୟକ, ପ୍ରତିଭା ସାହୁ, ଲକ୍ଷ୍ମୀ ଚାପେରୀୟା, ପୂର୍ଣ୍ଣିମା ମହାନ୍ତି, ଦିପ୍ତିଶ୍ରୀ ବେହେରା, କସ୍ତୁରବା ମହାନ୍ତ, ପୂଜା ଶତପଥୀ, ଭାୱାନାଭାର୍ଗବୀ ଭଞ୍ଜ ଦେଓ, ସୁଦେଷ୍ଣା ଭଞ୍ଜବାବୁ, ସଂଯୁକ୍ତା ମହାନ୍ତ, ସୁଶ୍ରୀ ନାୟକ, ରୁପାମଞ୍ଜରି ବେହେରା, ତୃପ୍ତି ଦାସ, ଅଧ୍ୟାପକ ଡ଼ ଠାକୁରା ଚରଣ ମାର୍ଣ୍ଡି, ସମ୍ବିତ ମିଶ୍ର, ଅଭିଜିତ ପଟ୍ଟନାୟକ, ସତ୍ୟ ନାରାୟଣ ଦାସ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗଦେଇ ନବାଗତଙ୍କୁ ପାଠ ପଢ଼ି ସ୍ୱାବଲମ୍ବୀ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ସସ୍ମିତା ସି ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ଯୋଗାସନରେ ଯୋଗଦେବେ ୩ ବିଦ୍ୟାର୍ଥୀ



କପ୍ତିପଦା, ୨୧।୧୧(ସମିସ): କପ୍ତିପଦା ଅନ୍ତର୍ଗତ ପଦ୍ମପୋଖରୀ ଗ୍ରାମ ପଞ୍ଚାୟତ ଅଧୀନ ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟର ୩ ଜଣ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ ବାଳକ ବିଭାଗ (ଆର୍ଟିଷ୍ଟିକ ପେୟାର) ରେ ସୁନୀଲ କୁମାର ପୂର୍ତ୍ତି, ଶିବ ଟୁଡୁ ଓ ବାଳିକା ବିଭାଗରେ କୌଶଲ୍ୟା ଟୁଡୁ ଯୋଗାଶନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇ ଜିଲ୍ଲ ପାଇଁ ଗୌରବ ଆଣିଛନ୍ତି। ଆସନ୍ତା ୨୩ରୁ ୨୬ ଯାଏ ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତା ମାଲକାନଗିରିର ଜଗନ୍ନାଥ ପଲ୍ଲୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବ।

## କୃଷି ଯନ୍ତ୍ରପାତି ଓ ନାଫେଡ୍ ଷ୍ଟୋର ଉଦ୍‌ଘାଟିତ



ମହୁଲଡିହା, ୨୧।୧୧(ସମିସ): ମହୁଲଡିହା ବୃହଦାକାର ବହୁମୁଖୀ ଆଦିବାସୀ କୃଷିଋଣ ସମବାୟ ସମିତି ଲି. ପକ୍ଷରୁ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ୨୦୨୫ ଅବସରରେ ଅତ୍ୟାଧୁନିକ ସମସ୍ତ ପ୍ରକାର କୃଷି ଯନ୍ତ୍ରପାତି ଓ ନାଫେଡ ଷ୍ଟୋର ଶୁକ୍ରବାର ତାରିଖରେ ଉଦଘାଟିତ ହୋଇଯାଇଛି। ଲ୍ୟାମ୍ପ ସଭାପତି ଦିଲ୍ଲୀପ କୁମାର ନାୟକଙ୍କ ନେତୃତ୍ୱରେ କରଞ୍ଜିଆ ମଣ୍ଡଳର ସହକାରୀ ନିବନ୍ଧକ ବସନ୍ତ କୁମାର ନାୟକଙ୍କ ଦ୍ୱାରା ନାଫେଡ ଷ୍ଟୋର ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ମହୁଲଡିହା ଲ୍ୟାମ୍ପସର ଅନୁବନ୍ଧିତରେ ମହାବୀର ଏଣ୍ଟରପ୍ରାଇଜର୍ସ ଆନନ୍ଦପୁର ପକ୍ଷରୁ ସାଲତୁଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କରଡାପାଳ ଓ ଚାଉଳଝରୀ ଗ୍ରାମର ଚାଷୀ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଓ ନିରଞ୍ଜନ ନାଏକ ଗୋଟିଏ ଲେଖାଏଁ ପାୱାର ଉଇଡର ସବସିଡି ଦରରେ ଲ୍ୟାମ୍ପରୁ ନେଇଛନ୍ତି। ସେହିପରି ନାଫେଡ କମ୍ପାନୀର ଅଟା, ସୋରିଷ ତେଲ, ହରଡ଼ ଡାଲି, ଚା' ପତି ଆଦି ସୁଲଭ ମୂଲ୍ୟରେ ମିଳୁଛି। ଶେଷରେ ପରିଚାଳନା ପରିଷଦର ସଭ୍ୟ ମାନସ ରଞ୍ଜନ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ରୌପ୍ୟ ଜୟନ୍ତୀ ପ୍ରସ୍ତୁତି



ରାସଗୋବିନ୍ଦପୁର, ୨୧।୧୧(ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଦେବଶୁଳ ପଞ୍ଚାୟତର ରଙ୍ଗାମାଟିଆ ସ୍ଥିତ ଚକ୍ଷୁ ଚିକିତ୍ସାଳୟ ଗବେଷଣା ପ୍ରତିଷ୍ଠାନର ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚିକିତ୍ସାଳର ପ୍ରକଳ୍ପ ନିର୍ଦ୍ଦେଶକ ଇ. ପ୍ରତୀକ କୁମାର ପଟ୍ଟନାୟକ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଚିକିତ୍ସାଳୟର ପ୍ରବନ୍ଧକ ଟ୍ରଷ୍ଟି ଆଦିତ୍ୟ କୁମାର ପଟ୍ଟନାୟକ, ଡ. ଶୌମିତ୍ର କୁମାର ଦାସ, ପ୍ରାକ୍ତନ ରାସଗୋବିନ୍ଦପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବସନ୍ତ କୁମାର ମହାନ୍ତ, ଚିକିତ୍ସାଳୟର ମୁଖ୍ୟ ସଦସ୍ୟ ଗୀତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ରୌପ୍ୟ ଜୟନ୍ତୀର କାର୍ଯ୍ୟକ୍ରମକୁ ସୁଚାରୁ ରୂପେ କିପରି ପାଳନ କରାଯିବ ସେ ନେଇ ଆଲୋଚନା କରିଥିଲେ। ସମସ୍ତଙ୍କ ପରାମର୍ଶ କ୍ରମେ ପ୍ରଥମେ ଏକ କମିଟି ଗଠନ ହୋଇଥିଲା। ଉକ୍ତ ପରିଚାଳନା କମିଟିର ମୁଖ୍ୟ ଭାବେ ଗୀତା ପଟ୍ଟନାୟକ, ବସନ୍ତ କୁମାର ମହାନ୍ତ, ସାମ୍ବାଦିକ ଅଶୋକ କୁମାର ମହାନ୍ତି, ସାମ୍ବାଦିକ ଶିରିଶ ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ ଲେଙ୍କା, ସାମ୍ବାଦିକ ତପନ କୁମାର ମିଶ୍ର, ସାମ୍ବାଦିକ ସନ୍ତୋଷ କୁମାର ମହାନ୍ତି, ସାମ୍ବାଦିକ ତ୍ରିଲୋଚନ ସେଠୀ, ଇନ୍ଦ୍ରଜିତ ଦାଶ, ପ୍ରଫୁଲ୍ଲ ଦଳାଇଙ୍କୁ ରଖାଯାଇଛି। ଏହି ରୌପ୍ୟ ଜୟନ୍ତୀ ୨ ଦିନ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଶେଷରେ ପ୍ରୋଗ୍ରାମ କୋର୍ଡ଼ିନେଟର ନୀଳାଦ୍ରି ବିହାରି ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ବିଶ୍ୱ ଶୌଚାଳୟ ଦିବସ ପାଳିତ



ବିଶୋଇ, ୨୧।୧୧ (ସମିସ) ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଛି। ବିଆରସି ସୁକାନ୍ତୀ ସୋରେନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ବ୍ଲକ ଜିପିଡ଼ିଓ ହରେଶ କୁମାର ନାଏକ, ।ମାଜିକ ସୁରକ୍ଷା ଅଧିକାରୀ କୁମାର ଦେବବ୍ରତ ପାତ୍ର, ବିଏଲଏଫ ସଭାନେତ୍ରୀ ଚନ୍ଦ୍ରିକା ମହାନ୍ତି ସମେତ ବିଭିନ୍ନ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ, କମ୍ୟୁନିଟି କ୍ୟାଡ଼ର ଓ ଜନ ସାଧାରଣ ଉପସ୍ଥିତ ଥିଲେ। ଏହା ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ୧୦ ଜଣ ହିତାଧିକାରୀଙ୍କୁ ଶୌଚାଳୟ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ବ୍ଲକର ୧୩ଟି ପଞ୍ଚାୟତରେ ୬୦ରୁ ଊର୍ଦ୍ଧ୍ୱ ଶୌଚାଳୟ ନିର୍ମାଣ ନିମନ୍ତେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯିବା ସହିତ ନୂତନ ନିର୍ମିତ ଗୋଷ୍ଠୀ ଶୌଚାଳୟ ଉଦଘାଟନ କରାଯିବ।

## ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ

ରାଇରଙ୍ଗପୁର, ୨୧।୧୧(ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ରାଇରଙ୍ଗପୁର କଂଗ୍ରେସ ପକ୍ଷରୁ ପାଳିତ ହୋଇଛି। ବଜାର ପରିସରରେ ଥିବା ଇନ୍ଦିରାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ କଂଗ୍ରେସ ବିଧାୟକ ଲକ୍ଷ୍ମଣ ମାଝୀ, ପ୍ରାକ୍ତନ କଂଗ୍ରେସ ବିଧାୟକ ଶ୍ୟାମ ଚରଣ ହାଁସଦାଃ, ବରିଷ୍ଠ କଂଗ୍ରେସ ନେତା ଅଶୋକ ଅଗ୍ରୱାଲା, ବେରେଲ ସିର୍କା, ଯୁବନେତା ରୂପକ ମହାନ୍ତି, କୌଶିକ ମହାନ୍ତି, କିଶୋର ମହାନ୍ତ, ପିଥ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୩ ଜଣ ମହିଳା ମଞ୍ଜୁଲତା ପାତ୍ର, ଜେମାମଣି ପାତ୍ର ଏବଂ ମାଧବୀ ପାତ୍ରଙ୍କୁ ଶ୍ରମକାର୍ଡ ପ୍ରଦାନ କରାଯାଇଥିଲା।

## ଉପଖଣ୍ଡସ୍ତରୀୟ ଶିଶୁ ମହୋତ୍ସବ 'ସର୍‌ଗି ଫୁଲ' ଉଦ୍‌ଘାଟିତ

କରଞ୍ଜିଆ, ୨୧।୧୧(ସମିସ): ଶିଶୁମାନଙ୍କ ସୃଜନଶୀଳତା ଓ ପ୍ରତିଭାକୁ ଉଦ୍‌ଭାସିତ କରିବା ନେଇ କରଞ୍ଜିଆ ବ୍ଲକ ପାଟବିଲ ପଞ୍ଚାୟତ କେନ୍ଦୁମୁଣ୍ଡି ସ୍ଥିତ ସରକାରୀ ଏସଏସଡ଼ି ହାଇସ୍କୁଲରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ଉପଖଣ୍ଡସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପଖଣ୍ଡର ୫ଟି ବ୍ଲକରୁ ଆସିଥିବା ଛାତ୍ରଛାତ୍ରୀ ନିଜନିଜ ପ୍ରତିଭା ଦେଖାଇଥିଲେ। କରଞ୍ଜିଆ ସ୍ୱମନିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ଚିତ୍ତରଞ୍ଜନ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପାଟବିଲ ସରପଞ୍ଚ ସୌଦାମିନୀ ନାଏକ, ସମିତି ସଭ୍ୟ କୈଳାସ ଚନ୍ଦ୍ର ନାଏକ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଆଲୋକ କୁମାର ମାଝୀ, ଦେବେନ୍ଦ୍ର ସାମଲ ମଙ୍ଗଳ ସମ୍ପ୍ରସରଣ ଅଧିକାରୀ ଅଭିଜିତ ପ୍ରଧାନ, ରାକେଶ ଚନ୍ଦ୍ର ଦାସ, ସୁବାସ ହନହଗା, ଦେବଦର୍ଶିନୀ ପ୍ରୀତିରେଖା, କୁମାର ନାୟକ, କେନ୍ଦୁମୁଣ୍ଡି ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ରବିଚନ୍ଦ୍ର ମିଶ୍ର, ଶରତ ଚନ୍ଦ୍ର ମଲ୍ଲିକ, ବଳରାମ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ।



ଏହି ଅବସରରେ ଚିତ୍ରାଙ୍କନ, କବିତା ପାଠ, ଗୀତ, ନୃତ୍ୟ, ନାଟକ, ଭାଷଣ, ଶିଶୁ ବିଜ୍ଞାନ ପ୍ରଦର୍ଶନ ଓ ଲୋକକଳା ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସର୍ଗିଫୁଲ ହେଉଛି ଏକ ଏମିତି ମଞ୍ଚ, ଯେଉଁଠି ଶିଶୁ ପାଠ୍ୟପୁସ୍ତକଠାରୁ ବାହାରି ଆସି ନିଜର ଅନ୍ତର୍ନିହିତ ଦକ୍ଷତାକୁ ପ୍ରକାଶ କରିପାରନ୍ତି ବୋଲି ଅତିଥିମାନେ ମତ ରଖିଥିଲେ। ଠାକୁରମୁଣ୍ଡା ଏସଏସଡ଼ି ହାଇସ୍କୁଲ ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁ ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷକ ପ୍ରକାଶ କୁମାର ସାହୁ ଅତିଥି ପରିଚୟ ଦେଇଥିଲେ। ସହକାରୀ ଶିକ୍ଷକ ଅଜିତ କୁମାର ନାଏକ ସ୍ୱାଗତ ଭାଷଣ ଦେଇଥିଲେ। କେନ୍ଦୁମୁଣ୍ଡି ଏସଏସଡ଼ି ହାଇସ୍କୁଲ ପ୍ରଧାନଶିକ୍ଷକ ରବିଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଭଲିଭଲ ପ୍ରତିଯୋଗିତାର ବାଳକ ବର୍ଗରେ କେନ୍ଦୁମୁଣ୍ଡି ହାଇସ୍କୁଲ ବିଜେତା ହୋଇଥିବା ବେଳେ ଏକଲବ୍ୟ ବିଦ୍ୟାଳୟ ତାଟ ଉପବିଜେତା ହୋଇଥିଲା। ସେହିପରି ବାଳିକା ବିଭାଗରେ ଏକଲବ୍ୟ ବିଦ୍ୟାଳୟ ତାଟ ବିଜେତା ଓ ହାତିବାରୀ ଏସଏସଡ଼ି ହାଇସ୍କୁଲ ଉପବିଜେତା ହୋଇଥିଲା। ଶେଷରେ ପ୍ରତିଯୋଗୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବାଲିପାଟଣା କଲଭର୍ଟ ବିପଦସଂକୁଳ

**ଏରସମା,୨୧।୧୧(ସମିସ):** ଏରସମା ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଓଲରା ସରବନ୍ତ ରାସ୍ତାର ବାଲିପାଟଣା କଲଭଟ ବିପଦ ଅବସ୍ଥାରେ। ଏହି ରାସ୍ତା ଉପରେ ପ୍ରତିଦିନ ଶହ ଶହ ଲୋକ ମାନେ ଯିବା ଆସିବା କରିଥାନ୍ତି। ଚାରି ଖଣ୍ଡ ବସ୍ ପ୍ରତିଦିନ କଟକକୁ ଯା'ଆସ କରିଥାଏ। ଏହା ସହିତ ନିତିଦିନ ଚିଙ୍ଗୁଡ଼ି ମାଛ କିଣିବା ପାଇଁ ଓ ଦାନା ଚୂନ ଗାଡ଼ି ରାଜ୍ୟର ବିଭିନ୍ନପ୍ରାନ୍ତରୁ ଏହି ବାଟ ଦେଇ ଯା'ଆସ କରିଥାଏ। ରାସ୍ତା ଉପର ଦେଇ ଶିଆଳି ବେଳାଭୂମିକୁ ଓ ସରବନ୍ତ ଜଗନ୍ନାଥ ମନ୍ଦିରକୁ ବୁଲିବାକୁ ଲୋକମାନେ ଆସି ଥାଆନ୍ତି। ଦୀର୍ଘ ବର୍ଷ ଧରି ମରାମତି ନ ହେବାରୁ ଅନେକ ଲୋକ ପଡି ଖଣ୍ଡିଆ ଖାବରା ହେଲେଣି। ବାଲିପାଟଣା ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ନୂତନ କଲଭର୍ଟ ନିର୍ମାଣ ପାଇଁ ଦାବି କଲେ ସୁଦ୍ଧା କୌଣସି ସୁଫଳ ମିଳୁ ନାହିଁ। ତୁରନ୍ତ କଲଭର୍ଟଟି ବଦଳରେ ଏକ ଛୋଟ ପୋଲ କରିବା ପାଇଁ ବାଲିପାଟଣା ଗ୍ରାମବାସୀଙ୍କ ପକ୍ଷରୁ ବସନ୍ତ ବେହେରା, ପ୍ରଭାତ ବେହେରା, ରମାକାନ୍ତ ମହଲି, ହରେକୃଷ୍ଣ ଦାସ ପ୍ରମୁଖ ଦାବି କରିଅଛନ୍ତି।



## ବଙ୍ଗଳା ଭାଷୀ ନା ବାଂଲାଦେଶୀ

# ପାରାଦୀପରେ ବଢ଼ିଚାଲିଛି ଅନୁପ୍ରବେଶ

**ପାରାଦୀପ,୨୧।୧୧(ସମିସ):**

ପାରାଦୀପରେ ରହୁଥିବା ବଙ୍ଗଳା ଭାଷୀ ଲୋକଙ୍କ ସଂଖ୍ୟା ବଢି ଚାଲିଛି। ତେଣୁ ପାରାଦୀପରେ ରହୁଥିବା ବଙ୍ଗଳା ଭାଷା କହୁଥିବା ଲୋକଙ୍କ ମଧ୍ୟରେ ପ୍ରକୃତରେ କେତେ ବାଂଲାଦେଶୀ ଅନୁପ୍ରବେଶକାରୀ ଅଛନ୍ତି, ତାହା ଚିହ୍ନଟ ହେବା ଜରୁରୀ ବୋଲି ସାଧାରଣରେ ଦାବି ହେଉଛି। ପ୍ରକୃତରେ ବାଂଲାଦେଶର ଭାଷା କହୁଥିବା ସତ୍ତ୍ୱେ ଅନୁପ୍ରବେଶକାରୀ କିଭଳି ଚିହ୍ନଟ ହୋଇପାରିଲେନାହିଁ, ତାକୁ ନେଇ ଏବେ ବଡ଼ ପ୍ରଶ୍ନ ଉଠିଛି।

ପାରାଦୀପରେ ବଢୁଥିବା ବଙ୍ଗଳା ଭାଷୀଙ୍କ କବ୍‌ଜାରେ ରହୁଥିବା ବନ୍ଦର ସହର ଓ ଏହା ଆଖପାଖ ଅଞ୍ଚଳକୁ ଯଦି ଜବରଦଖଲ ମୁକ୍ତ କରା ନ ଯାଏ, ତେବେ ଆଗକୁ ଶିଳ୍ପାଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡିବା ନିଶ୍ଚିତ। ଏମାନେ ସ୍ଥାନୀୟ ଜନପ୍ରତିନିଧିଙ୍କୁ ହାତରେ ରଖି ରାସନ କାର୍ଡଠୁ ଆରମ୍ଭ କରି ଭୋଟର ପରିଚୟପତ୍ର ପର୍ଯ୍ୟନ୍ତ ସବୁ ହାସଲ କରି ନେଇଛନ୍ତି। ଏବେ ନିଜକୁ ବାଂଲାଦେଶୀ ବୋଲି ପରିଚୟ ନ ଦେଇ ଓଡ଼ିଆ ପରିବାର ସହିତ ମିଶି ବ୍ୟବସାୟ କରୁଛନ୍ତି। ହୁଗୁଳା ଶାସନ, ପ୍ରିୟାପ୍ରୀତି ତୋଷଣ ଓ ରାଜନୈତିକ ପ୍ରୋତ୍ସାହନ ଯୋଗୁଁ ବସ୍ତି ଭାଙ୍ଗିବା ସମ୍ଭବ ହୋଇପାରୁନି। ଫଳରେ ସେମାନେ ଆଧିପତ୍ୟ ବିସ୍ତାର କରି ଚାଲିଛନ୍ତି। ଏଣେ ବାଂଲାଭାଷୀଙ୍କ ସଂଖ୍ୟା ବଢ଼ିଚାଲିଛି। ନିଛାଟିଆ ସ୍ଥାନ, ନଦୀ ଓ ସମୁଦ୍ର ଉପକୂଳ ଅଞ୍ଚଳରେ ଲୁଚିଛପି ଜରିପାଲ ତଳେ କିଛିଦିନ ରହିବା ପରେ ଧୀରେ ଧୀରେ ଘର କରି ବସ୍ତି ବଢ଼ାଉଛନ୍ତି। ସେମାନଙ୍କ ପାଇଁ ପାରାଦୀପରେ ସବୁ ପ୍ରକାର ଚୋରା ବେପାର ବଢି ଚାଲିଛି। ଜରି ଗୋଟାଇବାଠାରୁ ଆରମ୍ଭ କରି କବାଡ଼ିଆ ବେପାର କରୁଛନ୍ତି। ସେମାନେ ହିଁ ଚୋରା ମଦଠାରୁ ଆରମ୍ଭ କରି ବ୍ରାଉନସୁଗର ବେପାର କରୁଛନ୍ତି। ସହରରେ ହେଉଥିବା ଅପରାଧରେ ମଧ୍ୟ ଏମାନଙ୍କ ହାତ ରହୁଥିବା ଦେଖିବାକୁ ମିଳୁଛି। ପ୍ରାୟ ସବୁ ଥାନାରେ ଯେତେ ମାମଲା ରୁଜୁ ହେଉଛି, ଅଧିକାଂଶ ମାମଲାରେ ଏମାନଙ୍କ ସମ୍ପୃକ୍ତି ରହୁଥିବା ଜଣାପଡ଼ିଛି।

ପୌରପାଳିକାର ୧୯ଟି ୱାର୍ଡରେ ଏମାନଙ୍କ ସଂଖ୍ୟା ଯଦିଓ କମ୍ ରହିଛି, ଏହା ପାରାଦୀପ ଉପକଣ୍ଠ ଅଞ୍ଚଳରେ ବହୁ ବଙ୍ଗଳାଭାଷୀ ଅଛନ୍ତି। ଚାନ୍ଦିନୀ, ରାମଚଣ୍ଡୀପଡ଼ା, ମୂଷାଡିହା, ବିଜୟଚାନ୍ଦପୁର ଆଦି ଅଞ୍ଚଳରେ ମଧ୍ୟ ବହୁ ବଙ୍ଗଳାଭାଷୀ ଲୋକ ରହୁଥିବା ଜଣାପଡିଛି। ଜଗତସିଂହପୁର ଜିଲ୍ଲାର ବେହରାମପୁର ଗ୍ରାମରେ ବାଂଲାଦେଶୀ ଲୋକ ବସବାସ କରୁଥିବା ଖବର ମିଳିବା ପରେ ପ୍ରଶାସନ ପହଞ୍ଚିବା ପରେ ସେମାନେ ଛତ୍ରଭଙ୍ଗ ଦେଇଥିଲେ। ସେମାନଙ୍କ ଘରୁ ବିଭିନ୍ନ ମାରଣାସ୍ତ୍ର ଜବତ ହୋଇଥିଲା। ପାରାଦୀପ ବାଂଲାଭାଷୀ ଚୋରା ବ୍ୟବସାୟରେ ଲିପ୍ତ ରହୁଛନ୍ତି। ସେମାନଙ୍କଠାରୁ ଏଭଳି ମାରଣାସ୍ତ୍ର ବାହାରିବା କିଛି ଅସମ୍ଭବ ନୁହେଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ମଙ୍ଗଳବାର ଦିନ ମେରାଇନ ଥାନା ପୁଲିସ ବାଇତରାକୁଦ ଦ୍ୱୀପରୁ ୨ ଜଣ ସନ୍ଦିଗ୍ଧଙ୍କୁ ବାଂଲାଦେଶୀ ସନ୍ଦେହରେ ଥାନାକୁ ଆଣି ପଚରାଉଚରା କରିଥିଲା। ସେମାନଙ୍କ ନିକଟରୁ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ ହୋଇଥିଲା। ସେମାନଙ୍କ ଆଧାର କାର୍ଡକୁ ଯାଞ୍ଚ କରି ପୁଲିସ ଛାଡ଼ିଦେଇଥିଲା। ସେହି ବାଇତରାକୁଦ ଦ୍ୱୀପ ଏବେ ଅନୁପ୍ରବେଶକାରୀଙ୍କ ଆଡ୍ଡା ସ୍ଥଳ ପାଲଟିଛି।

# ଡିସେମ୍ବର ୧୩ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଜଗତସିଂହପୁର,୨୧।୧୧(ସମିସ):** ଜଗତସିଂହପୁର ଜିଲ୍ଲାସ୍ତରୀୟ ଓ ତାଲୁକ ସ୍ତରୀୟ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଡିସେମ୍ବର ୧୩ ତାରିଖରେ ସମସ୍ତ ଅଦାଲତ, ସ୍ଥାନୀୟ ପୌରପରିଷଦ ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ସମସ୍ତ ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ରାଜସ୍ୱ ମାମଲା, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ ଦେଇ) ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା , ଭତ୍ତା ଓ ଅବସର କାଳୀନ ପ୍ରାପ୍ୟ), ମୋଟର ଯାନ ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ, କେବଳ ବିଚାରଧୀନ ମକଦ୍ଦମା ନୁହେଁ; ପ୍ରାକ ମକଦ୍ଦମା ସ୍ତରୀୟ (କଚେରିରେ ଦାୟର ହୋଇ ନଥିବା), ଚେକ୍ ବାଉନ୍ସ ମାମଲା, ବିଏସ୍‌ଏନ୍‌ଏଲ୍, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଲୋକ ଅଦାଲତରେ ମୋକଦ୍ଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳ ଯୋଗ୍ୟ, ଯଦି କୌଣସି ବିଚାରଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ ଆଗରୁ ପଇଠ ହୋଇଥିବା କୋର୍ଟ ଫି' ଫେରସ୍ତ ହୋଇପାରିବ। ଦୀର୍ଘଦିନ ଧରି ଚାଲୁ ରହିଥିବା ମୋକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ। ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କାର୍ଯ୍ୟରତ ଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସୂଚନା ପ୍ରଦାନ କରାଯାଇଛି।

■ ଡମ୍ଫର ମାଲିକ ସଙ୍ଘ ନିର୍ବାଚନ ପ୍ରଚାର ଶେଷ

# ୩ ପ୍ରାର୍ଥୀଙ୍କ ପାଇଁ ଚାଲିଛି ରଣକୌଶଳ

**ପାରାଦୀପ,୨୧।୧୧(ସମିସ):** ଆଉ ଗୋଟିଏ ଦିନ ପରେ ଅର୍ଥାତ ୨୩ ତାରିଖ ରବିବାର ଡମ୍ଫର ମାଲିକ ସଙ୍ଘ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ। ଆଜି ଥିଲା ପ୍ରଚାରର ଶେଷ ଦିନ। କାଲିଠୁ ପ୍ରଚାର ଓ ପ୍ରସାର ବନ୍ଦ। କେହି କୌଣସି ସଦସ୍ୟଙ୍କୁ ଭୋଟ ଭିକ୍ଷା କରି ପାରିବେନାହିଁ। ନିର୍ବାଚନ ପରିଚାଳନା କମିଟି ପକ୍ଷରୁ ସବୁ ପ୍ରସ୍ତୁତି ମଧ୍ୟ ସରିଛି। ସଭାପତି, ଉପସଭାପତି ଓ ସମ୍ପାଦକ ୩ ପଦବୀ ପାଇଁ ଭୋଟ ହେବ।

୩ ପଦବୀ ପାଇଁ ୬ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି। ଦୁଇ ପ୍ୟାନେଲ ମଧ୍ୟରେ କଣ୍ଟା ପ୍ରତିଦ୍ୱନ୍ଦିତା ହେବ ବୋଲି ଆଭାସ ମିଳିଥିଲେ ମଧ୍ୟ ଫଳାଫଳ ଉପରେ ରହିଛି ସମସ୍ତଙ୍କ ନଜର। ତେବେ ଉଭୟ ପକ୍ଷରୁ ସବୁ ଭୋଟରଙ୍କୁ ଭେଟି ନିଜ ସପକ୍ଷରେ ଭୋଟ ଭିକ୍ଷା କରି ସାରିଛନ୍ତି। କିଏ ହେବ ଡମ୍ଫର ମାଲିକ ସଂଘର ସଭାପତି ତାକୁ ନେଇ ଆଜିଠୁ ଚାଲିଛି ଅଙ୍କକଷା। ତେବେ ଶୃଙ୍ଖଳିତ ସଙ୍ଘ ଭାବରେ ଡମ୍ଫର ମାଲିକ ସଙ୍ଘ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବା ନେଇ ଆଶା ରଖିଛନ୍ତି ସଂଘର ସମସ୍ତ ସଦସ୍ୟ ଓ ସଦସ୍ୟା।

# ହରେକୃଷ୍ଣ ମହତାବଙ୍କ ଜୟନ୍ତୀ

**ଜଗତସିଂହପୁର,୨୧।୧୧(ସମିସ):** ମହାନ୍ ଜନନାୟକ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୬ତମ ଜୟନ୍ତୀ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ସେଂଟ ଜାଭିୟର୍ସ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଏଥିରେ ଅଧ୍ୟକ୍ଷତା କରି ହରେକୃଷ୍ଣ ମହତାବ ଆଧୁନିକ ଓଡ଼ିଶାର ନିର୍ମାତା ଥିଲେ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ କୁମାର ଜେନା ଓଡ଼ିଶାର ରାଜନୀତି, ସାହିତ୍ୟ, ସାମ୍ବାଦିକତା ଓ ସର୍ବୋପରି ଆଧୁନିକ ଓଡିଶା ଗଠନରେ ଡ. ହରେକୃଷ୍ଣ ମହତାବଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧକ୍ଷା ଜ୍ୟୋତିର୍ମୟୀ ମହାରଣା, ଶିକ୍ଷୟିତ୍ରୀ ସୁଦେଷ୍ଣା ଦାସ, ମୋନାଲିସା ଭଞ୍ଜ, ପ୍ରିୟଙ୍କା ମଣ୍ଡଳ ଓ ଶିକ୍ଷକ ଅଶୋକ କୁମାର ବେହେରା ଆଲୋଚନାରେ ଭାଗନେଇ ଗଡ଼ଜାତ ମିଶ୍ରଣ, ଭୁବନେଶ୍ୱରରେ ନୂଆ ରାଜଧାନୀ ପ୍ରତିଷ୍ଠା, ଓଡ଼ିଶା ଟ୍ରେକ୍‌ଟାଇଲ୍ ମିଲ୍, କଟକ ଆକାଶବାଣୀ କେନ୍ଦ୍ର ଓ ହାଇକୋର୍ଟ ପ୍ରତିଷ୍ଠାରେ ମହତାବଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି ମତ ଦେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ମିନତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



# ଜିଲ୍ଲାସ୍ତରୀୟ ସମବାୟ ସପ୍ତାହ



**ଜଗତସିଂହପୁର,୨୧।୧୧(ସମିସ):** ଜଗତସିଂହପୁର ଜିଲ୍ଲାସ୍ତରୀୟ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ଉତ୍ସବ ଜିଲ୍ଲାପାଳଙ୍କ ପୌରୋହିତ୍ୟରେ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସାଂସଦ ଡ. ବିଭୁପ୍ରସାଦ ତରାଇ ଯୋଗଦେଇଥିଲେ। ଜିଲ୍ଲାପାଳ ଜେ. ସୋନାଲ ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାର ସ୍ଥାନୀୟ ଉତ୍ପାଦର ମୂଲ୍ୟବୃଦ୍ଧି କରାଗଲେ, ଏହା ଜିଲ୍ଲା ଚାଷୀମାନଙ୍କର ଆର୍ଥିକ ଉନ୍ନତି ସାଧନ ହେବ ବୋଲି କହିଥିଲେ। ଅଧିକରୁ ଅଧିକ ଚାଷୀମାନଙ୍କୁ ସମବାୟ ଅନୁଷ୍ଠାନ ଗୁଡିକରେ ଯୋଡିହବା ପାଇଁ ଗୁରୁତ୍ୱ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଉପନିବନ୍ଧକ ସମବାୟ ସମିତି ସମୂହ ପ୍ରଭାତ ଚନ୍ଦ୍ର ଶତପଥି, ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅନନ୍ତ ସାମଲ କେନ୍ଦ୍ରୀୟ ସଫ୍ଟୱେର୍ ଏନଏଲପିଏସ ଉପରେ ନିଜର ମତବ୍ୟକ୍ତ ରଖିଥିଲେ। ମହା ପରିଚାଳକ, କଟକ ଦୁଗ୍ଧ ସଂଗଠନ ସମବାୟ ସମିତି ଦିଗମ୍ବର ନାୟକ ଚାଷୀ ଋଣ ସହ ଦୁଗ୍ଧ ସଂଗ୍ରହ କେନ୍ଦ୍ର କରିବା ପାଇଁ ଉତ୍ସାହିତ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିଜୟ କୁମାର ବିଶ୍ୱାଳ ପଞ୍ଚାୟତସ୍ତରରେ ସମବାୟ ସଂପର୍କରେ ଆଲୋଚନା କରିଥିଲେ। ଏହାପରେ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ରଶ୍ମିପ୍ରଭା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ପ୍ରଭାତ କୁମାର ମହାପାତ୍ର, ସୂର୍ଯ୍ୟକାନ୍ତ ଦାସ,ଉପସ୍ଥିତ ଥିଲେ। ଉପନିବନ୍ଧକ, ସମବାୟ ସମିତି ସମୂହ ଏବଂ ସହକାରୀ ନିବନ୍ଧକଙ୍କ, ସମବାୟ ସମିତି ସମୂହ କାର୍ଯ୍ୟାଳୟର ବିବେକାନନ୍ଦ ବେହେରା, ରାଖାଲ ଚନ୍ଦ୍ର ସାମଲ, ସୁମନ ବେହେରା, ମିତାଲି ବୋଷ, ଚିତ୍ରାଚିନ୍ମୟୀ ଦାସ, ସ୍ୱର୍ଣ୍ଣଲତା ନାୟକ, ପିଙ୍କି ହାଁସଦା ଏବଂ ରୁବୁ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜଗତସିଂହପୁର ସାଂସ୍କୃତିକ ପରିଷଦର ବୈଠକ

**ଜଗତସିଂହପୁର,୨୧।୧୧(ସମିସ):** ଜଗତସିଂହପୁର ସାଂସ୍କୃତିକ ପରିଷଦର ସାଧାରଣ ପରିଷଦ ବୈଠକ ପରିଷଦର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଦିବଂଗତ ଆଇନଜୀବୀ ସଂଗ୍ରାମ କେଶରୀ ମହାନ୍ତି, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ମଲ୍ଲିକ, ପରିଷଦ ସଦସ୍ୟା ଅଧ୍ୟାପିକା ସବିତା ମହାନ୍ତିଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ୨୦୨୫ ପୁସ୍ତକମେଳାର ମୁଖପାତ୍ର "ସ୍ମୃତିପତ୍ର" ପରିଷଦର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଜେ. ସୋନାଲ ଓ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରେଇ, ମୁଖ୍ୟ ସମ୍ପାଦକ ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲ। ଉକ୍ତ ବୈଠକରେ ପରିଷଦର ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଦାସ ବାର୍ଷିକ ବିବରଣୀ ଉପସ୍ଥାପନା କରିବ ସହ ଗତ ପୁସ୍ତକମେଳାର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରେଇ ସୋସିଆଲ ମିଡିଆ ଯୁଗରେ ପୁସ୍ତକମେଳାର ଆୟୋଜନ ଯୁବପିଢ଼ିକୁ ପ୍ରେରଣା ଦେବ ବୋଲି ମତବ୍ୟକ୍ତ କରିବା ସହ ପୁସ୍ତକମେଳା ପ୍ରତି ତାଙ୍କର ସମସ୍ତ ପ୍ରକାର ସହାୟତା ଦେବାକୁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ ଆଗାମୀ ପୁସ୍ତକମେଳାକୁ ସରସ ସୁନ୍ଦର କରିବାକୁ ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କର ସହଯୋଗ କାମନା କରିଥିଲେ। ପରିଷଦର ସଦସ୍ୟ ସାମ୍ବାଦିକ ମନୋଜ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପାଧ୍ୟକ୍ଷ ବିଜୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ପରିଷଦର ଉପଦେଷ୍ଟା ନଟବର ବାରିକ, ପ୍ରଶାନ୍ତ କୁମାର ଶତପଥୀ, ଭଗବାନ ଦାଶ, ଉପାଧ୍ୟକ୍ଷ ଗଣେଶ୍ୱର ମାଣିଆ, ଯୁଗ୍ମ ସମ୍ପାଦକ ସୁଧୀର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ନରେଶ ଦାସ,ସଦସ୍ୟ ଡ଼ ଜ୍ୟୋତିର୍ମୟୀ ମହାନ୍ତି, ଦେବୀ ପ୍ରସାଦ ଚୌଧୁରୀ, ନାଟ୍ୟକାର କୈଳାସ ମଲ୍ଲିକ, ପ୍ରଭାତ ଦାଶ, ଅମ୍ବିକା ପ୍ରସନ୍ନ ମହାନ୍ତି, ମାନସ କୁମାର କାନୁନଗୋ, ପ୍ରଦିପ୍ତ କିଶୋର ଚୌଧୁରୀ, ମାନସ ରଥ, ପ୍ରଜ୍ଞା ପାରମିତା ଚୌଧୁରୀ, ସୁଷମା ପ୍ରଧାନ, ସତ୍ୟବ୍ରତ ବିଶ୍ୱାଳ, ମନୋଜ କୁମାର ମହାପାତ୍ର, ସୌମ୍ୟରଞ୍ଜନ ବିଶ୍ୱାଳ, ନିକୁଞ୍ଜ କିଶୋର ବେହେରା, କୃଷ୍ଣଚନ୍ଦ୍ର ପ୍ରଧାନ, ବିଶ୍ୱନାଥ ପଣ୍ଡା, ଲୋକନାଥ ଦାସ, ଅତନୁ କୁମାର ସ୍ୱାଇଁ, ବିଜୟଲକ୍ଷ୍ମୀ ମହାପାତ୍ର, ନିବେଦିତା ମହାନ୍ତି, ଶ୍ରଦ୍ଧାମୟୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପାରାଦୀପ କଲେଜ୍‌ରେ ରକ୍ତଦାନ ଶିବିର



**ପାରାଦୀପ,୨୧।୧୧(ସମିସ):** ଏନ୍‌ସିସି ଦିବସ ଅବସରରେ ଆଜି ପାରାଦୀପ କଲେଜ୍ ଏନ୍‌ସିସି ଏବଂ ଏନସିସି ଆଲୁମିନୀ ଅସୋସିଏସନ୍ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର କଲେଜ ପରିସରରେ ଆୟୋଜନ କରାଯାଇଥିଲା। କଲେଜ ଅଧକ୍ଷା ଡ. ସସ୍ମିତା ସତପଥୀ, ଆଡିସିନାଲ ଏସ୍‌ପି ସ୍ମୃତିରଞ୍ଜନ କର ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଉପସ୍ଥିତ ରହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୧୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏନ୍‌ସିସି, ଏନସିସି ଆଲୁମ୍‌ନୀ ସଦସ୍ୟ, କଲେଜର ଛାତ୍ରଛାତ୍ରୀ ଓ ବିଭିନ୍ନ ସଙ୍ଗଠନର ରକ୍ତଦାତାମାନେ ଉପସ୍ଥିତ ହୋଇ ଉତ୍ସାହର ସହିତ ରକ୍ତଦାନ କରିଥିଲେ। ଏହି ଶିବିରକୁ ସଫଳ କରାଇଥିବା ଏନସିସି ଆଲୁମନୀର ଉପଦେଷ୍ଟା ଲେଫ୍ଟନାଣ୍ଟ କମାଣ୍ଡର ଏସି ମିଶ୍ରଙ୍କ ନେତୃତ୍ୱରେ ସିଟିଓ ଅଭିଷେକ ବିଶ୍ୱାଳ, ଏନସିସି ଆଲୁମନୀ ଅସୋସିଏସନ୍ର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର, ସମ୍ପାଦକ ପଦ୍ମନାଭ ଦାସ, ଉପସଭାପତି ବିକ୍ରମ ସିଂହ ମହାରଣା, ତଥା ବିବେକାନନ୍ଦ ମହାପାତ୍ର, ଧର୍ମପଦ ବାଡୋଇ, ରାଜା ମଲ୍ଲିକ, ଜିତେନ୍ଦ୍ର ବାରିକ, ସରୋଜ ସ୍ୱାଇଁ, ହୃଦାନନ୍ଦ ନାଥଶର୍ମା, ପ୍ରଭାତ ବେହେରା, ରଞ୍ଜନ, ନୀଳିମା ପ୍ରିୟଦର୍ଶିନୀ, ହରପ୍ରିୟା ପଟ୍ଟନାୟକ ଧରାଶ୍ରୀ, ପି ମଧୁସ୍ମିତା, ପ୍ରିୟଙ୍କା, ଦୀପିକା, ଆଲୁମନୀ ସଦସ୍ୟ ଏବଂ କ୍ୟାଡେଟମାନେ ସହଯୋଗ କରିଥିଲେ।

# ବ୍ରାଉନସୁଗର ଜବତ; ଜଣେ ଗିରଫ

**ପାରାଦୀପ,୨୧।୧୧(ସମିସ):** ଅଳ୍ପ କିଛିଦିନ ବ୍ୟବଧାନ ପରେ ୧୦ ଗ୍ରାମରୁ ଊର୍ଦ୍ଧ୍ୱ ବ୍ରାଉନସୁଗର ଜବତ କରିଛି ପାରାଦୀପ ଲକ୍ ଥାନା ପୁଲିସ। ସ୍ଥାନୀୟ ନିମିଡି ମାର୍କେଟ ନିକଟରେ ବ୍ରାଉନସୁଗର ବେପାର ଚାଲିଥିବା ଖବର ପାଇ ଠିକଣା ଜାଗାରେ ଚଢ଼ଉ କରିଥିଲେ ଲକ୍ ଥାନା ଏସଆଇ ବିନାୟକ ସିଂ ଓ ତାଙ୍କ ଟିମ। ସକାଳ ପାଖାପାଖି ୯ଟା ହେବ ନିମିଡି ଗ୍ରାମର ବିଷ୍ଣୁଚରଣ ସ୍ୱାଇଁଙ୍କ ପୁଅ ବଲ୍ଲଭ ସ୍ୱାଇଁ (୩୨) ଘଟଣା ସ୍ଥଳରେ ପୁଲିସର ନଜରକୁ ଆସିଥିଲା। ସନ୍ଦେହରେ ପୁଲିସ ଅଟକାଇ ଯାଞ୍ଚ ପରେ ତା' ପାଖରୁ ୧୦.୧୦ ଗ୍ରାମର ବ୍ରାଉନ ସୁଗାର ଠାବ ହୋଇଥିଲା। ପୁଲିସ ମଧ୍ୟ ତା' ପାଖରୁ ଏକ ମୋବାଇଲ ଫୋନ ଜବତ କରିଥିଲା। ବଲ୍ଲଭ ସ୍ୱାଇଁଙ୍କ ବିରୋଧରେ ଲକଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନା ଥାଉକି ଲକଥାନା ଅଧିନ ନିମିଡି ଓ ପାରାଦୀପ ଗଡ ଅଞ୍ଚଳରେ ଏହିଭଳି ବହୁଳ ପରିମାଣରେ ନିଧଡକ ବ୍ରାଉନସୁଗର ବେପାର ଚାଲିଛି।




# ଜଳକର ବିନା ଖଜଣା ଗ୍ରହଣ ହେଉନି

**କୁଜଙ୍ଗ, ୨୧।୧୧(ସମିସ):** କୁଜଙ୍ଗ ତହସିଲ୍ ଶାଇଲୋ ପଞ୍ଚାୟତ ଭରାଳ ଗ୍ରାମର କେତକ ଚାଷ ଜମିରେ ଜଳସେଚନ ସୁବିଧା ନାହିଁ। ନକ୍ସାରେ କେନାଲ ଦେଖାଉ ଥିବା ବେଳେ ଏଠାରେ ଜଳସେଚନ ସୁବିଧା ଯୋଗାଇ ଦିଆଯାଇନାହିଁ। ଫଳରେ ଚାଷୀ ମାନେ ନିଜ ଉଦ୍ୟମରେ ଜମିକୁ ପାଣି ମଡ଼ାଇ ନୟାନ୍ତ ହେଉଥିବା ବେଳେ ଜମି ଖଜଣା ଦେବା ବେଳେ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ଜମିର ଜଳ କର ପୈଠ ନକଲେ ଖଜଣା ନେଇ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଭରାଳର ବାର ବାଟିଆପଡ଼ାରେ ଏହି ସମସ୍ୟା ଯୋଗୁଁ ଚାଷୀ ଚିନ୍ତାରେ ପରିବା ସହ ତହସିଲ୍‌ଦାର ଓ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ନରେନ୍ଦ୍ର ବେହେରା, ଶୁକଦେବ ଲେଙ୍କା, ଶୈଳବାଳା ବେହେରା, ଗଙ୍ଗାଧର ବସନ୍ତିଆ, ପ୍ରହଲ୍ଲାଦ ଚନ୍ଦ୍ର ଲେଙ୍କା ଚାଷୀମାନଙ୍କ ଏହି ସମସ୍ୟାକୁ ତୁରନ୍ତ ସମାଧାନ ସହ ଜଳକର ଛାଡ଼ କରିବକୁ ନିବେଦନ କରିଛନ୍ତି।

# ଜିଲ୍ଲାରୁ ପ୍ରଶାନ୍ତ ସେବାରେ ୫୫ ସଦସ୍ୟ

**କୁଜଙ୍ଗ,୨୧।୧୧(ସମିସ):** ଶ୍ରୀସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ଉତ୍ସବ ଅବସରରେ ଶ୍ରୀସତ୍ୟସାଇ ସେବା ସଂଗଠନ ଜଗତସିଂହପୁର ଜିଲ୍ଲା ତରଫରୁ ବାବାଙ୍କ ଜନ୍ମସ୍ଥାନ ପୁଟ୍ଟପର୍ତ୍ତିରେ ପ୍ରଶାନ୍ତ ସେବାରେ ନିୟୋଜନ ହୋଇଛନ୍ତି ୫୫ ସଦସ୍ୟ। ରାଜ୍ୟ ସଭାପତି ସତ୍ୟସ୍ୱରୂପ ପଟନାୟକ, ଜଗତସିଂପୁର ଜିଲ୍ଲା ସଭାପତି ଦାମୋଦର ସ୍ୱାଇଁ, ଜିଲ୍ଲା ସେବା ସଂଯୋଜକ ମନୋରଞ୍ଜନ ମାଝୀ ଓ ମହିଳା ସେବା ସଂଯୋଜିକା ଝୁଲିରାଣୀ ସାହୁ, ଶଶିରେଖା ବେହେରାଙ୍କ ନେତୃତ୍ୱରେ ସେବା ସଂଗଠନର ୫୫ ଜଣ ଭାଇ ଓ ଭଉଣୀ ସଂଜୁବାଳା ବେହେରା, ଜୋସ୍ନା ପଟ୍ଟନାୟକ, ବିଷ୍ଣୁପ୍ରିୟା ମହାନ୍ତି, କଲ୍ୟାଣୀ ଲେଙ୍କା, ବସନ୍ତ କୁମାର ଲେଙ୍କା, ଗଗନ ବିହାରୀ ଦାସ୍, ତୁଷାର କୁମାର ଲେଙ୍କା, କାହ୍ନୁଚରଣ ସାହୁ, ମୃତ୍ୟୁଞ୍ଜୟ ପରିଡ଼ା, ଗୋଲଖ ବିହାରୀ ନାଥ, ନରହରି ସୁବୁଦ୍ଧି, ପ୍ରଶାନ୍ତ କୁମାର ସ୍ୱାଇଁ, ବିଶ୍ୱଜିତ ମହାନ୍ତି ଓ ଆହୁରି ଅନେକ ଭାଇ ଭଉଣୀ ଏଥିରେ ନିୟୋଜିତ ଅଛନ୍ତି। ଏହି ସେବା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ।

# ସମାଜସେବୀଙ୍କ ପରଲୋକ



**କୁଜଙ୍ଗ,୨୧।୧୧(ସମିସ):** କୁଜଙ୍ଗ ବ୍ଲକ୍ ବିଦ୍ୟାଧରପୁର ବ୍ରାହ୍ମଣ ଶାସନ ଉଆସଡିହର ମୁଖ୍ୟ ସମାଜସେବୀ କ୍ଷୀରୋଦ ଚନ୍ଦ୍ର ନନ୍ଦ(୯୮)ଙ୍କ ପରଲୋକ ହୋଇଯାଇଛି। କୁଜଙ୍ଗ ଜଗନ୍ନାଥ ବିହାର ସ୍ଥିତ ବାସଭବନରେ ସେ ଗତ କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ନେଇ ଚିକିତ୍ସିତ ହୋଇ ଆସୁଥିଲେ। ପାରାଦୀପ ବନ୍ଦର କର୍ମଚାରୀ ରୂପେ ଅବସର ପରେ ଗ୍ରାମରେ ଭଗବତ ଟୁଙ୍ଗୀ ପ୍ରତିଷ୍ଠା ସହ ନୀଳାଚଳ ସାରସ୍ୱତ ସଂଘର ସଦସ୍ୟ ଭାବେ ଠାକୁର ନିଗମାନନ୍ଦ ପରମହଂସଙ୍କ ସେବା ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରାଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ବଡ଼ ପୁଅ ଆଇନଜୀବୀ ହୃଷୀକେଶ ନନ୍ଦ, ରମେଶ ଚନ୍ଦ୍ର ନନ୍ଦ, ଝିଅ ପ୍ରମିଳା ନନ୍ଦ ଓ ଅନ୍ନପୂର୍ଣ୍ଣା ନନ୍ଦ, ବୋହୂ ଲତା ଓ ଲଳିତାଙ୍କ ସହ ଜ୍ୱାଇଁ ଲଲାଜୀ ଜଗମୋହନ ଦାଶ ଓ ବିଶିଷ୍ଟ ସାରସ୍ୱତ ସାଧକ ପ୍ରଦୀପ୍ତ ଆଚାର୍ଯ୍ୟଙ୍କ ସହ ବହୁ ମୂରବୀ ଆତ୍ମୀୟ ଉପସ୍ଥିତି ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷ କୃତ୍ୟ ସଂପନ୍ନ ହୋଇଛି। ତାଙ୍କ ପରଲୋକରେ କୁଜଙ୍ଗ ପ୍ରେସ କ୍ଲବ୍ ସଭାପତି ରଘୁ ସାହୁ, ଶିକ୍ଷାବିତ ଡ. ଗଙ୍ଗାଧର ସାମନ୍ତରାୟ, ଡ. ରବିନାରାୟଣ ବେହେରା, କୁଜଙ୍ଗ ଓକିଲ୍ ସଂଘ ସଭାପତି ଏଏନ୍ ଡି ଯାଦବ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# କୃଷକ ଉତ୍ପାଦକ ସଂଗଠନର ତାଲିମ୍ ଶିବିର

**ଜଗତସିଂହପୁର,୨୧।୧୧(ସମିସ):**

ଜଗତସିଂହପୁର ଜିଲ୍ଲା କୃଷିବିଜ୍ଞାନ କେନ୍ଦ୍ର ପରିସରରେ ଆଜି ଦ୍ୱିତୀୟ ଏକଦିବସିଆ ଜିଲ୍ଲାସ୍ତରୀୟ କୃଷକ ଉତ୍ପାଦକ ସଂଗଠନର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ୭ଟି କୃଷକ ଉତ୍ପାଦକ ସଂଗଠନର ୨୫ଜଣ ନିର୍ଦ୍ଦେଶକ ପରିଷଦ ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ଏଥିରେ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଜୀବନଜିତ୍ ସେନ୍ କାର୍ଯ୍ୟକ୍ରମ ପରିଚାଳନା କରିବା ସହ କୃଷି ବିଜ୍ଞାନ କେନ୍ଦ୍ର କିପରି ନୂତନ କୃଷି ପ୍ରଯୁକ୍ତି ଓ ପ୍ରଶିକ୍ଷଣ ତଥା କୃଷକଙ୍କୁ ଆଧୁନିକ ଜ୍ଞାନ କୌଶଳ ଯୋଗାଇବା ସହ ମାଟି ଓ ପାଣି ପରୀକ୍ଷା ଦେବାରେ ସାହାଯ୍ୟ କରୁଛି ସେ ବିଷୟରେ ଆଲୋଚନା କରିଥିଲେ। ଏତତ୍ ବ୍ୟତୀତ ଏଫ୍‌ପିଓ ପାଇଁ ମାର୍କେଟିଂ ସହାୟତା, ବ୍ୟାଙ୍କ ଓ ସରକାରୀ ଯୋଜନା ସହ ସଂଯୋଗ, ଗୋଷ୍ଠୀ ଆଧାରିତ ଚାଷ, ପ୍ରଯୁକ୍ତି ଶିକ୍ଷା, ବ୍ୟବସାୟୀ ପରିକଳ୍ପନା ଓ ପରାମର୍ଶ ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ଜୀବିକା ମିଶନର ଅଧିକାରୀ ଦିଲ୍ଲୀପ ମିଶ୍ର ବିଭିନ୍ନ ଯୋଜନା ତଥା ଏସ୍‌ଏଚ୍‌ଜି ବ୍ୟାଙ୍କ ଲିଙ୍କେଜ, ଜୀବିକା କ୍ଲଷ୍ଟର, ବୁକ୍ କିପିଂ ଟ୍ରେନିଂ, ଗ୍ରୁପ ମିଶନ ଶକ୍ତି ଋଣ ବିଷୟରେ ଅବଗତ କରାଇବା ସହ ଏଫ୍‌ପିଓ ଗୁଡ଼ିକ କିପରି ଲାଭବାନ ହେଇପାରିବେ ସେ ବିଷୟରେ ଧାରଣା ଦେଇଥିଲେ। ଏତଦ୍ ବ୍ୟତୀତ ସ୍ୱଙ୍ଗ ସ୍ୱାଧୀନ ଏଫ୍‌ପିଓର ଅଧକ୍ଷା ପାର୍ବତୀ ନାୟକ ଜଗତସିହପୁର ଜିଲ୍ଲାର ସମସ୍ତ ଏଫ୍‌ପିଓ ଏକତ୍ରିତ ହୋଇ ନିଜ ଭିତରେ ନିୟମିତ ଯୋଗସୂତ୍ର ଗଢ଼ିବାକୁ ପରାମର୍ଶ ଦେଇଥିଲେ। ଏହି ତାଲିମ ଶିବିରରେ ଡ. ଦ୍ୱାରିକା ମୋହନ ଦାସ ବିଭିନ୍ନ ବିଭାଗର ସରକାରୀ ସହାୟତା ତଥା ସ୍କିମ୍ ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ଼ ତପନ କୁମାର ପଲାଇ, ସସ୍ମିତା ପୁରୋହିତ, ସରିତା ଦାସ, ରବୀନ୍ଦ୍ର କୁମାର ପ୍ରଧାନ ଗୋପାଳନ, କୁକୁଡ଼ା ପାଳନ, ଛତୁ ଚାଷ, ମାଛ ଚାଷ, ପନିପରିବା ଓ ଫୁଲ ଚାଷ ସମ୍ବନ୍ଧରେ ଜ୍ଞାନ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜଶ୍ରୀ ସିଂ, ଉର୍ବଶୀ ନାୟକ, ରୁଦ୍ରପ୍ରତାପ ସ୍ୱାଇଁ ଓ ବଳିଆ ମାଝୀ ଉପସ୍ଥିତ ରହି ସହଯୋଗ କରିଥିଲେ।



# ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଉଦ୍‌ଯାପିତ

କିର୍ମିରା/ଲଇକେରା/ଝାରସୁଗୁଡ଼ା,୨୧।୧୧(ସମିସ):

**୮୩ ବିଦ୍ୟାଳୟରୁ ୧୪୫ ପ୍ରକଳ୍ପ ପ୍ରଦର୍ଶିତ**




ଝାରସୁଗୁଡା ଜିଲ୍ଲା ଲଇକେରା ବ୍ଲକ୍ ଶିକ୍ଷା ବିଭାଗ ତରଫରୁ ସରକାରୀ ଉଚ୍ଚ ବିଦ୍ୟାଳୟ ପାକେଲପଡ଼ାଠାରେ ୩୦ତମ ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମେଳାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼. ରାଧାକାନ୍ତ ଗଡତିଆ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଏମ୍ ୟୁନଭରସିଟି ପ୍ରଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଡ଼. ଅନନ୍ତ ପ୍ରସାଦ ଚକ୍ରବର୍ତ୍ତୀ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ, ଅନିଲ ପଟେଲ, ପ୍ରକାଶ ସାହୁ, ଜୟନାରାୟଣ ପଣ୍ଡା, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଲଇକେରା ଜନ୍ମଜୟ ନାଏକ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରିଶ ଚନ୍ଦ୍ର ନାୟକ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ନିରୋଜ ପଟେଲ, ସମାଜସେବୀ ତୋମାର ଚାନ୍ଦ ପ୍ରଧାନ ଏବଂ ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ଅଜିତ ପଟେଲ ଯୋଗଦେଇଥିଲେ। ବ୍ଲକର ୮୩ଟି ବିଦ୍ୟାଳୟରୁ ମୋଟ ୧୪୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୭ ଟି ପ୍ରକଳ୍ପ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ବାଗଙ୍କ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତି ମିଞ୍ଜ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲଇକେରା ଜୋନ (ଖ)ର ଜିଲ୍ଲା ପରିଷଦ ସଭ୍ୟା ଅଞ୍ଜୁକ୍ତା ବେହେରା, ବ୍ଲକ୍ ଅଧ୍ୟକ୍ଷ ସଞ୍ଜିତ ନାଏକ, ପୂର୍ବତନ ଜିଲ୍ଲା ପରିଷଦ ଭୂପାଳ ଚନ୍ଦ୍ର ବେହେରା, ଜନ୍ମାଜୟ ନାଏକ, ହରିଶ୍ ଚନ୍ଦ୍ର ନାୟକ, ପାକେଲପଡ଼ା ସରପଞ୍ଚ ସୁକେଶିନି ପଟେଲ, ସମିତି ସଭ୍ୟା ମୈଥିଲି ପଟେଲ, ସମାଜସେବୀ ପୌଲସ୍ତି ପଟେଲ, ମଦନ ମିଞ୍ଜ, ଅବସରପ୍ରାପ୍ତ ଶାରୀରିକ ଶିକ୍ଷକ ସୁରେଶ ଚନ୍ଦ୍ର ନାଏକ ପ୍ରମୁଖ ଯୋଗଦେଇଥିଲେ। ବିଚାରକ ଭାବରେ ପ୍ରମୋଦ କୁମାର ପଟେଲ, ଆଲୋକ କୁମାର ପଟେଲ, ପ୍ରଶାନ୍ତ ବିଶ୍ୱାଳ, ସାଲିନି ଶୀତମ, ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇଥିଲେ। ସମ୍ପୃକ୍ତ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଜୟ କୁମାର ତ୍ରିପାଠୀଙ୍କ ସହିତ ଓଏଭି ମୁଦ୍ରାଯୋରର ଶିକ୍ଷୟିତ୍ରୀ ତ୍ରିଷ୍ଣା ସୁନା, ସିଆରସିସି ପ୍ରଦୀପ କୁମାର ନାଏକ, ଶିକ୍ଷକ କିଶୋର ଲୁହା ମଞ୍ଚ ପରିଚାଳନା କରିଥିଲେ। ତାଳମୁଣ୍ଡା ସିଆରସିସି ମନୋରଞ୍ଜନ କଣ୍ଟା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁଲୁଙ୍କ ନେତୃତ୍ୱରେ ସମସ୍ତ ସିଆରସିସି, ଶିକ୍ଷକ ଶିକ୍ଷୟିତ୍ରୀ , ଆଲୁମିନି ମେମ୍ବରସ, ପରିଚାଳନା କମିଟିର ସଭ୍ୟସଭ୍ୟା ତଥା ଗ୍ରାମବାସୀ ସହଯୋଗ କରିଥିଲେ।

## ଡିଏଭି ପବ୍ଲିକ୍ ସ୍କୁଲରେ ସାହିତ୍ୟ ଆସର

ଝାରସୁଗୁଡା/ବନ୍ଧବାହାଲ,୨୧।୧୧(ସମିସ): ଡିଏଭି ପବ୍ଲିକ୍ ସ୍କୁଲଠାରେ ଅଧ୍ୟକ୍ଷ ପ୍ରଦୀପ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଏକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାଗୃହରେ ଏହି ପରିପ୍ରେକ୍ଷୀରେ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଏଥିରେ ଇଂରାଜୀ ବିଭାଗରୁ ବ୍ରଜରାଜନଗର ବିଏନ୍ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଡଃ. ବିଶ୍ୱଜିତ ଖମାରୀ, ହିନ୍ଦୀ ବିଭାଗରୁ ଝାରସୁଗୁଡା ଏଲ୍‌ଏନ୍ ମହାବିଦ୍ୟାଳୟ ଅଧ୍ୟାପିକା ଡଃ. ମୀନା ସୁନି ଓ ଓଡ଼ିଆ ବିଭାଗ ତରଫରୁ ବେଲପାହାଡ଼ର କବି ସୁରେଶ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ପ୍ରାରମ୍ଭରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଧ୍ୟକ୍ଷ ଶ୍ରୀ ହୋତା ଛାତ୍ରଛାତ୍ରୀଙ୍କୁ ସାହିତ୍ୟ ପ୍ରତି ଅନୁରାଗ ରଖିବା ତଥା ଭାଷା ସାହିତ୍ୟ ପୁସ୍ତକ ପଠନର ଉପାଦେୟତା ସମ୍ପର୍କରେ କହିଥିଲେ। ନିମନ୍ତ୍ରିତ ଅତିଥି ଡଃ. ଖମାରୀ ସାହିତ୍ୟ ବଞ୍ଚିବାର ରାହା ଯୋଗାଇଥାଏ ବୋଲି କହି ବିଭିନ୍ନ ସାହିତ୍ୟିକଙ୍କ ସାଧନା ଉପରେ ଆଲୋକପାତ କରିଥିଲେ। ହିନ୍ଦୀ ବିଭାଗର ଅତିଥି ଡଃ. ସୁନି ହିନ୍ଦୀ ସାହିତ୍ୟ ପ୍ରତି ଅଭିରୁଚି ରଖିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଓଡିଆ ବିଭାଗର ଅତିଥି କବି ଶ୍ରୀ ପ୍ରଧାନ ସ୍ରଷ୍ଟା ସୃଷ୍ଟିର ଅନ୍ତରାଳରେ ଆତ୍ମଗୋପନ କରିଥାଏ ବୋଲି କହି ରାମାୟଣ ଆଧାରିତ ସାହିତ୍ୟ ପ୍ରତି ଛାତ୍ରଛାତ୍ରୀ ଆକୃଷ୍ଟ ହେବାକୁ ପରାମର୍ଶ ଦେଇଥିଲେ।

## ଶୂନ୍ୟ ମୃତାହତ ପକ୍ଷ ସଚେତନତା ରଥର ଶୁଭାରମ୍ଭ



ଝାରସୁଗୁଡା,୨୧।୧୧(ସମିସ): ସଡ଼କ ଦୁର୍ଘଟଣା ଜନିତ ଶୂନ୍ୟ ମୃତାହତ ପକ୍ଷ ପାଳନ ଉପଲକ୍ଷେ ଝାରସୁଗୁଡା ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏହି ଅବସରରେ ଉପସ୍ଥିତ ରହିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ସଚେତନତା ରଥ ଜିଲ୍ଲାର ସମସ୍ତ ପୌରାଞ୍ଚଳ ଓ ବ୍ଲକ୍ ଅଞ୍ଚଳରେ ବୁଲି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ। ଏହି ଅବସରରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ ସଡ଼କ ସୁରକ୍ଷା ସମ୍ପର୍କିତ ସମସ୍ତ ନିୟମ ପାଳନ କରିବା ସହ ଅନ୍ୟମାନଙ୍କୁ ନିୟମ ଗୁଡିକ ସମ୍ପର୍କରେ ସଚେତନ କରାଇବା ପାଇଁ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଡିଏସ୍‌ପି ଜ୍ୟୋତ୍ସ୍ନାମୟୀ ପ୍ରଧାନ, ଏମ୍‌ଭିଆଇ ତପନ କୁମାର ବିଶ୍ୱାଳ, ସହକାରୀ ଆର୍‌ଟିଓ ରଶ୍ମିରଞ୍ଜନ ଲେଙ୍କା, କନିଷ୍ଠ ଏମ୍‌ଭିଆଇ ରାଜେନ୍ଦ୍ର ମାଝୀ, ଟ୍ରାଫିକ ଇନ୍‌ସ୍ପେକ୍ଟର ଅନିନ୍ଦିତା ମହାପାତ୍ର, ପରିବହନ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

## ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୁରୁଷ ବନ୍ଧ୍ୟାକରଣ ପକ୍ଷ

ଦେବଗଡ,୨୧।୧୧(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆଜି ପୁରୁଷ ବନ୍ଧ୍ୟାକରଣ ପକ୍ଷ ପାଳିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଧନୁର୍ଜୟ ମହନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଡିଭିଏଲଏମ ଦେବାନନ୍ଦ ସାମଲ, ଭାରପ୍ରାପ୍ତ ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ



ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ ଯୋଗଦେଇ ପକ୍ଷ ପାଳନର ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ପୁରୁଷ ବନ୍ଧ୍ୟାକରଣ ଦ୍ୱାରା ଜନସଂଖ୍ୟା ବୃଦ୍ଧିରେ ସ୍ଥିରତା, ମାତୃ ମୃତ୍ୟୁ ଏବଂ ଶିଶୁ ମୃତ୍ୟୁ ହାର କମାଯାଇପାରିବ ବୋଲି ଆଲୋଚନା କରାଯାଇଥିଲା। ପୁରୁଷ ବନ୍ଧ୍ୟାକରଣ ପକ୍ଷ ନଭେମ୍ବର ୨୧ ତାରିଖରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଗତବର୍ଷ ପୁରୁଷ ବନ୍ଧ୍ୟାକରଣ ପାଇଁ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରଥମ ଓ ତିଳେଇବଣି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରୁଷ ବନ୍ଧ୍ୟାକରଣ ପାଇଁ ପ୍ରବର୍ତ୍ତାଇଥିବା ସ୍ୱାସ୍ଥ୍ୟ କର୍ମୀଙ୍କୁ ମାନପତ୍ର ପ୍ରଦାନ ସହ ସମ୍ମାନିତ କରାଯାଇଥିଲା। ଏହି ସଭାରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟ କର୍ମୀ ଯୋଗଦେଇଥିଲେ।

## ସାମ୍ବାଦିକ ସଂଘ ପକ୍ଷରୁ ବକ୍ତୃତା ପ୍ରତିଯୋଗିତା




ବରପାଲି,୨୧।୧୧ (ସମିସ): ବରପାଲି ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲ ପରିସରରେ ବରପାଲି ସାମ୍ବାଦିକ ସଂଘର ୩୯ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ବ୍ଲକ୍‌ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅର୍ନ୍ତଗତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ମୂଖ୍ୟଅତିଥି ଭାବରେ ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଂଘ ସଭାପତି ଆବାହକ ଚିତ୍ତରଞ୍ଜନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସର୍ବକନିଷ୍ଠ, କନିଷ୍ଠ, ବରିଷ୍ଠ ତିନୋଟି ବିଭାଗର ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ସର୍ବକନିଷ୍ଠ ବିଭାଗରୁ ଦିବ୍ୟାଂଶୀ ବାରିକ ଓ ଅଂଶିକା ନାୟକ ପ୍ରଥମ, ସ୍ୱନ୍ଦନ ସେଠ ଓ ଅନ୍ବେଷ ସୌରଭ ଦାଶ ଦ୍ୱିତୀୟ, ସାନଭି ବାରିକ ଓ ଅର୍ପଣ ଦାଶ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ କନିଷ୍ଠ ବିଭାଗରେ ଯଶ ଚାଉଳିଆ, ବଂଶିକା ପଧାନ ଓ ପ୍ରିୟାଂଶୁ ପ୍ରୀତମ ତ୍ରିପାଠୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ବିଭାଗ ବକ୍ତୃତା ପ୍ରତିଯୋଗିତାରେ ରେଶମା ସାହୁ ପ୍ରଥମ, ସାର୍ଥକ ସାହୁ ଓ ଝାନ୍ସି ବନ୍‌ଛୋର ଦ୍ୱିତୀୟ, ଆଭୋଶ ତ୍ରିପାଠୀ ତୃତୀୟ ହୋଇଥିଲେ।


## ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଝାରସୁଗୁଡା,୨୧।୧୧(ସମିସ): ଝାରସୁଗୁଡା ଜିଲ୍ଲା ବେଲପାହାଡ ବାସନ୍ତୀ ହସ୍ପିଟାଲରେ ଆଜି ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଆଣ୍ଠୁ, ଅଣ୍ଟା, ବେକ, କାନ୍ଧ, ପିଠି ପରି ସମସ୍ତ ପ୍ରକାର ଗଣ୍ଠି ଦରଜ ସହ ଦୀର୍ଘ ଦିନରୁ ଲାଗି ରହିଥିବା ମୁଣ୍ଡ ବିନ୍ଧା, ଚୋବେଇବା ସମୟରେ ହେଉଥିବା ଦରଜ, କେନ୍ସର ଦରଜ ଆଦିର ମାଗଣା ଚିକିତ୍ସା କରାଯିବା ସହ ଡାକ୍ତରୀ ପରାମର୍ଶ ଦିଆଯାଇଥିଲା। ଡା. ଦେବାଶିଷ ସାହୁ ଯୋଗଦେଇ ସମସ୍ତ ରୋଗୀଙ୍କ ଚିକିତ୍ସା କରିଥିଲେ। ଏହି ଶିବିରରେ ବେଲପାହାଡ ତଥା ଆଖପାଖ ଅଞ୍ଚଳର ୫୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇଥିଲେ। ଆସନ୍ତା ମାସରୁ ମାସର ଗୋଟିଏ ଦିନ କ୍ରୋନିକ ପେନରୁ ଉପଶମ ପାଇଁ ନିଶୁଳ୍କ ଚିକିତ୍ସା ପ୍ରଦାନ କରାଯିବ ବୋଲି ବାସନ୍ତୀ ହସ୍ପିଟାଲର ନିର୍ଦ୍ଦେଶକ ଡା. ରାଜକୁମାର ପ୍ରଧାନ ସୂଚାଇଛନ୍ତି।

## ଟ୍ରାକ୍ଟରରୁ ଖସିପଡି ଜଣେ ମୃତ

କୋଲାବିରା,୨୧।୧୧(ସମିସ): କୋଲାବିରା ଥାନା ଅନ୍ତର୍ଗତ ଜଳପଡା-ସମାସିଂହା ମଝି ନକଟି ବେରନା ନିକଟରେ ବିଲରୁ ଧାନକଟା କାମ ସାରି ଫେରୁଥିବା ସମୟରେ ଟ୍ରାକ୍ଟରରୁ ଖସି ସମାସିଂହା ଗ୍ରାମର ମହେନ୍ଦ୍ର ବନଛୋର(୪୦) ନାମକ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ବିଲରେ ନିଜ କାମସାରି ମହେନ୍ଦ୍ର ଟ୍ରାକ୍ଟର(ଓଡି ୧୫ ଏ ଏବି ୮୯୩୯)ରେ ଚାଳକ ପାଖରେ ବସି ଫେରୁଥିବା ସମୟରେ କୌଣସି କାରଣବସତଃ ଗାଡିରୁ ଖସିପଡି ଚକା ତଳକୁ ଆସିଯାଇଥିଲେ। ଖବରପାଇ କୋଲାବିରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହେନ୍ଦ୍ରକୁ କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ମହେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଟ୍ରାକ୍ଟରକୁ ଜବତ କରିବା ସହ ମୃତଦେହକୁ କୋଲାବିରା ସ୍ୱାସ୍ଥ୍ୟ କେନ୍ଦ୍ରରେ ରଖିଛି। ଶନିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି।

## ବଂଶୀଧର ପଧାନଙ୍କ ପରଲୋକ



ପଦ୍ମପୁର,୨୧।୧୧(ସମିସ): ରାଜବୋଡାସମ୍ବର ବ୍ଲକ ଅନ୍ତର୍ଗତ ଘନମାଲ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବଂଶୀଧର ପଧାନଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ସେ ବିଗତ କିଛି ମାସ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ସେ ପ୍ରଥମେ ବିଜେପୁର ବ୍ଲକ ଲାଉମୁଣ୍ଡା ବିଦ୍ୟାଳୟରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ ଏବଂ ଚାକିରୀ କାଳର ଶେଷ ସମୟ ଜମଲା ତଥା ଘନାମାଲ ପ୍ରାଥମିକ ବିଦ୍ୟାଳୟରେ ସମାପ୍ତ କରିଥିଲେ। ବଡ଼ ପୁଅ ଗିରିଶ ଚନ୍ଦ୍ର ପଧାନ ମୁଖାଗ୍ନି ଦେଇଥିଲେ। ସାନପୁଅ ଜିତେନ୍ଦ୍ରିୟ ପଧାନ, ମହାନନ୍ଦ ପଧାନ, ଝିଅ ତାରାବତୀ ସାହୁ, ଜ୍ୱାଇଁ ଗୋପବନ୍ଧୁ ସାହୁ, ନାତି ଦିବସ, ଆକାଶ, ରୋଶନ, ମନିଷ ସମେତ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟାରେ ଗ୍ରାମର ଶତାଧିକ ବ୍ୟକ୍ତି ଯୋଗଦେଇଥିଲେ।

## ଜୟ କିସାନ ଆନ୍ଦୋଳନର କର୍ମୀ ସମ୍ମିଳନୀ




ଭଟଲି,୨୧।୧୧(ସମିସ): ଜୟକିସାନ୍ ଆନ୍ଦୋଳନ ଭଟଲି ବ୍ଲକ୍ ଶାଖାର କର୍ମୀ ସମ୍ମିଳନୀ ଗୋପାଳପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭଟଲି ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ଚାଷୀମାନେ ଯୋଗ ଦେଇଥିଲେ। ଧାନ ବିକ୍ରି ସମସ୍ୟା, ଇଲେକ୍ଟ୍ରିକ୍ ସମସ୍ୟା ସମେତ ଶିକ୍ଷା ଏବଂ ସ୍ୱାସ୍ଥ୍ୟର ବିପର୍ଯ୍ୟସ୍ତ ଅବସ୍ଥା ବିଷୟରେ ଆଲୋଚନା ହୋଇଥିଲା। ବରଗଡ଼ ଜିଲ୍ଲାର ଭଟଲି, ସୋହେଲା, ପଦ୍ମପୁର ଅଞ୍ଚଳରେ ଧାନ ଅମଳ ୩୦ ରୁ ୪୦ ପ୍ରତିଶତ ଅମଳ ହୋଇ ସାରିଥିଲେ ମଧ୍ୟ ବିଳମ୍ବରେ ମଣ୍ଡି ଖୋଲିବା ଦୁର୍ଭାଗ୍ୟର ବିଷୟ ବୋଲି ଏହି ସମ୍ମିଳନୀରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ କ୍ଷୋଭ ପ୍ରକାଶ କରିଥିଲେ। ଭବିଷ୍ୟତରେ ଅଣଧାନ ଚାଷୀକୁ ସରକାର ପ୍ରୋତ୍ସାହନ ଦେଇ ତୈଳବୀଜ, ଡାଲି ଜାତୀୟ ଫସଲ ଚାଷ ଓ ତା'ର ସୁରକ୍ଷା ତଥା ସରକାରୀ ଦରରେ କିଣିବାର ବ୍ୟବସ୍ଥା କରିବାକୁ ଜୟକିସାନ୍ ଆନ୍ଦୋଳନ ପକ୍ଷରୁ ସରକାରଙ୍କୁ ଦାବି କରାଯିବ ବୋଲି ଲିଂଗରାଜ ମତ ପ୍ରକାଶ କରିଥିଲେ। ଏହି ସମ୍ମିଳନୀରେ ଜୟକିସାନ୍ ଆନ୍ଦୋଳନ ଭଟଲି ବ୍ଲକ ଶାଖାର ଏକ କମିଟି ଗଠନ କରାଯାଇଥିଲା। ସଭାପତି ଭାବରେ ଅକ୍ଷୟ ପ୍ରଧାନ, ଉପସଭାପତି ଭରତ ନାୟକ, ସଂପାଦକ ମିନିଷ୍ଟର୍ ବାରିକ, ସହ ସଂପାଦକ ଆଶିଷ ମାଝୀ, କୋଷାଧ୍ୟକ୍ଷ ଭାବରେ ବିଜୟ ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜଙ୍କ ସମେତ ଜୟକିସାନ୍ ଆନ୍ଦୋଳନର ବରଗଡ଼ ଜିଲ୍ଲା ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସଂପାଦକ ହର ବଣିଆଁ, ସୋହେଲା ବ୍ଲକ୍ ସଭାପତି ସୁରେନ୍ଦ୍ର ମେହେର, ଭଟଲି ବ୍ଲକ୍ ସଂପାଦକ ମିନିଷ୍ଟର ବାରିକ, କୋଷାଧ୍ୟକ୍ଷ ବିଜୟ ପ୍ରଧାନ, ମନବୋଧ ସାହୁ, ଭରତ ନାୟକ, ଅକ୍ଷୟ ପ୍ରଧାନ, ହମିଦ ପ୍ରଧାନ, ଭରତ ପ୍ରଧାନ, ସୁମନ୍ତ ସାହୁ, କ୍ଷୀରୋଦ୍ର ନାୟକ, ମୋତିରାମ ସାହୁ, ଶେଷଦେବ ଖମାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ୨୨ରେ ଦେବଗଡ଼ରେ ଏକତା ପଦଯାତ୍ରା




ଦେବଗଡ଼,୨୧।୧୧(ସମିସ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ନଭେମ୍ବର ୨୨ ତାରିଖରେ ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଏକତା ପଦଯାତ୍ରା ଅନୁଷ୍ଠିତ ହେବ। ସକାଳ ୯ଟା ସମୟରେ ମୁଖ୍ୟ ଅତିଥି ଓ ବରଣ୍ୟ ଅତିଥିଙ୍କ ଦ୍ୱାରା ଏହି ପଦଯାତ୍ରାର ଶୁଭାରମ୍ଭ କରାଯିବ। ଏହି ଏକତା ପଦଯାତ୍ରା ସହରର ଉପଜିଲ୍ଲାପାଳ କାର୍ଯ୍ୟାଳୟ, ସେଣ୍ଟର ଫର୍ କଲଚର୍, ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଦେଇ ସହର ପରିକ୍ରମା କରି ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଶେଷ ହେବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡାବିତ୍, ଜନସାଧାରଣ, ଘରୋଇ ବସ୍ ମାଲିକ ସଂଘ, ପୁଲିସ ବିଭାଗ କର୍ମଚାରୀ, ବଣିକ ସଂଘ, ସ୍ୱେଚ୍ଛାସେବୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ବିଭିନ୍ନ ଅନୁଷ୍ଠାନର ନାଗରିକମାନେ ସାମିଲ ହେବେ ବୋଲି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ ତାପସ କୁମାର ମହନ୍ତ, ମେରା ଯୁବ ଭାରତ କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ ବିଶ୍ୱାଳ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା

ପଦ୍ମପୁର,୨୧।୧୧(ସମିସ): ପଦ୍ମପୁରଠାରେ ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏହି ପଦଯାତ୍ରା ସ୍ଥାନୀୟ ଆର.ବି. ହାଇସ୍କୁଲପଡିଆଠାରୁ ବାହାରି ଭେଉଁରିଆଛକ, ରାଜବାଟିପଡିଆ, ଶାସ୍ତ୍ରୀଛକ ଦେଇ ପୁଣି ଆରବି ହାଇସ୍କୁଲପଡିଆରେ ପହଞ୍ଚିଥିଲା। ବରଗଡ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଡ. ହଲଧର ନାଗ, ଉପଜିଲ୍ଲାପାଳ ସ୍ନେହା ଅରଗୁଲ, ଉପଆରକ୍ଷୀ ଅଧିକ୍ଷକ ପାଣ୍ଡବ ଶବର, ଦହିତା କଲେଜର ଅଧ୍ୟାପକ ସୁଶାନ୍ତ ମିଶ୍ରଙ୍କ ସମେତ ସମସ୍ତ ଉପଖଣ୍ଡସ୍ତରୀୟ ଅଧିକାରୀ କର୍ମଚାରୀ, ପୁଲିସ, ଲାୟନ୍ସ କ୍ଲବ୍, ସହଯୋଗ ଅନୁଷ୍ଠାନ, ଛାତ୍ରଛାତ୍ରୀ ଏବଂ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ, କ୍ରିଡ଼ା ଓ ଯୁବସେବା ବିଭାଗ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ମାଇ ଭାରତ ଆନୁକୂଲ୍ୟରେ ଆୟୋଜିତ ଏହି ପଦଯାତ୍ରାରେ ସାଂସଦ ଶ୍ରୀ ପୁରୋହିତ ଆତ୍ମନିର୍ଭର ଭାରତ ଏବଂ ନିଶାମୁକ୍ତ ଭାରତ ଗଠନ ନିମନ୍ତେ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମହେନ୍ଦ୍ର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ତାହିର ହୁସେନ, ଜିଲ୍ଲା କ୍ରିଡ଼ା ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ଦେବତା ଏବଂ ସମସ୍ତ କର୍ମଚାରୀ ଏହାକୁ ଆୟୋଜନ କରିଥିଲେ।

## ପୁସ୍ତକମେଳା ଉଦ୍‌ଘାଟିତ



ଝାରସୁଗୁଡା,୨୧।୧୧(ସମିସ): ବ୍ରଜରାଜନଗର ହିଲ୍‌ଟପ୍ କଲୋନୀ ସ୍ଥିତ ସମଲେଶ୍ୱରୀ ଡିଏଭି ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଚିନ୍ମୟ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଦୁଇଦିନିଆ ପୁସ୍ତକମେଳା ଅନୁଷ୍ଠିତ ହୋଇଯାଇଛି। ସମଲେଶ୍ୱରୀ କୋଇଲା ଖଣି ପ୍ରକଳ୍ପ ଅଧିକାରୀ କହ୍ନେୟା ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କୁ ପୁସ୍ତକ ପଠନର ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ହିମାଂଶୁ କୁଣ୍ଡୁ ଓ ସମସ୍ତ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସୁବାଷ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ

ଦେବଗଡ଼,୨୧।୧୧(ସମିସ):




ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ କୁମାର ପାତ୍ର, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଦେବାଶିଷ ଚନ୍ଦ୍ର ଜଗଦେବ, ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ପରିଚାଳକ ଶିଶିର କୁମାର ଷଡଙ୍ଗୀ ଓ ଜିଲ୍ଲା ମତ୍ସ୍ୟ ଅଧିକାରୀ ଅଶୋକ କୁମାର ଇନ୍ଦୁଆର୍ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅତିଥିମାନେ ମତ୍ସ୍ୟଚାଷୀ ନୂତନ ଜ୍ଞାନ କୌଶଳ ପଦ୍ଧତି ଓ ତଳିଆ ଜମିରେ ମାଛ ଚାଷ, ଧାନ କ୍ଷେତରୁ ମତ୍ସ୍ୟ ପୋଖରୀ ନିର୍ମାଣ, ମହିଳା ସଶକ୍ତି କରଣ ଓ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଦିବସରେ ଜିଲ୍ଲାରୁ ଶ୍ରେଷ୍ଠ ମତ୍ସ୍ୟ ଉଦ୍ୟୋଗୀ ବାରକୋଟ ବ୍ଲକ୍ ବଳମ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ ଲକ୍ଷ୍ମୀ ଓ ଲୁଲଙ୍ଗ ଗ୍ରାମର ଭଗବାନ କିସାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ତିନି ବ୍ଲକ୍‌ର ମତ୍ସ୍ୟଚାଷୀ ଉପସ୍ଥିତ ଥିଲେ। ଶେଷରେ ସହକାରୀ ମତ୍ସ୍ୟ ଅଧିକାରୀ ଭୂପେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ଢେଙ୍କାନାଳ ଜିଲ୍ଲାରେ ଉନ୍ନୟନ କାର୍ଯ୍ୟ ଠପ୍



- ଅଧାରେ ଅଟକିଛି ବିକଶିତ ଓଡ଼ିଶା କାର୍ଯ୍ୟ, ପାସ୍ ହେଉନାହିଁ ବିଲ୍
- ବୈଠକ ବର୍ଜନ କରି ଧାରଣା ଦେଲେ ୨୬ ଜିଲ୍ଲା ପରିଷଦ ସଭ୍ୟ

**ଢେଙ୍କାନାଳ/ହିନ୍ଦୋଳ, ୨୧।୧୧ (ସମିସ):** ରାଜ୍ୟରେ ବଦଳିଗଲା ସରକାର। ସରକାର ବଦଳିବା ପରେ ଜିଲ୍ଲାର ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି। ଆମ ଓଡ଼ିଶା ନବୀନ ଓଡ଼ିଶା (ସରକାର ବଦଳିବା ପରେ ଏହାର ନାମକରଣ ବିକଶିତ ଗାଁ, ବିକଶିତ ଓଡ଼ିଶା ହୋଇଛି) ଯୋଜନାରେ ହେଉଥିବା କାର୍ଯ୍ୟର ବିଲ୍ ହେଉନାହିଁ। ଏହାକୁ ନେଇ ଜିଲ୍ଲାପରିଷଦର ଦଶମ ସାଧାରଣ ବୈଠକକୁ ଜିଲ୍ଲା ପରିଷଦ ସଭ୍ୟମାନେ ବର୍ଜନ କରିବା ସହ ଗାନ୍ଧୀଙ୍କ ଫଟୋଚିତ୍ର ନିକଟରେ ଧାରଣା ଦେଇଥିଲେ।

ଢେଙ୍କାନାଳ ଜିଲ୍ଲା ଜିଲ୍ଲାପରିଷର ଦଶମ ବୈଠକ ବୁଧବାର ଜିଲ୍ଲାପରିଷଦ କକ୍ଷରେ ହେବାକୁ ଦିନ ଧାର୍ଯ୍ୟ ହୋଇଥିଲା। ନିର୍ଦ୍ଧାରିତ ସମୟ ଅନୁଯାୟୀ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ପ୍ରକଳ୍ପ ନିର୍ଦ୍ଦେଶକ ଦୀପ୍ତିରଞ୍ଜନ ସେଠୀ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ବୈଠକରେ ଉପସ୍ଥିତ ହୋଇଥିଲେ। ଜିଲ୍ଲାପରିଷଦ ଅଧକ୍ଷା ଅର୍ଚ୍ଚନା ପ୍ରୁହାଣ ସମେତ ୨୭ ଜିଲ୍ଲାପରିଷଦ ସଭ୍ୟ ଉପସ୍ଥିତ ଥିଲେ। ତେବେ ବୈଠକ ଆରମ୍ଭ ହେବା ମାତ୍ରେ ସମସ୍ତ ଜିଲ୍ଲାପରିଷଦ ସଭ୍ୟ ଗୃହରେ ଠିଆହୋଇ ବିଭିନ୍ନ ପ୍ରଶ୍ନରେ ଅଧିକାରୀମାନଙ୍କୁ ଘାଇଲା କରିଥିଲେ। ସେମାନଙ୍କ କହିବା କଥା, ପୂର୍ବରୁ ଆମ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ହୋଇଥିବା କାର୍ଯ୍ୟର ବିଲ୍ ଅଧିକାରୀମାନେ କରୁନାହାନ୍ତି। ଜିଲ୍ଲାପରିଷଦ ସଭ୍ୟମାନଙ୍କ ସୁପାରିସରେ ହେଉଥିବା ବିଭିନ୍ନ କାର୍ଯ୍ୟକୁ ବିଭାଗୀୟ ଯନ୍ତ୍ରୀମାନେ ଅଣଦେଖା କରି ଲେ-ଆଉଟ ଦେଉ ନ ଥିବା ବେଳେ ହୋଇଥିବା କିଛି କାର୍ଯ୍ୟର ବିଲ୍ ଏଯାଏ ହୋଇପାରିନାହିଁ। ଢେଙ୍କାନାଳରେ ମୋଟ ୨୭ ଜିଲ୍ଲାପରିଷଦ ସଭ୍ୟଙ୍କ ମଧ୍ୟରୁ ୨୬ ଜଣ ବିଜେଡି ସଭ୍ୟ ବିଜୟୀ ହୋଇଥିବା ବେଳେ ସରକାର ବଦଳିବା ପରେ ଜାଣିଶୁଣି ବିଭାଗୀୟ ଅଧିକାରୀମାନେ ହେୟଜ୍ଞାନ କରିବା ସହିତ ସଭ୍ୟମାନଙ୍କୁ ଗୁରୁତ୍ୱ ଦେଉନାହାନ୍ତି। ସରକାର ବଦଳିବା ପରେ ଦୀର୍ଘଦିନ ହେବ ଜିଲ୍ଲାରେ କୌଣସି ବିକାଶମୂଳକ କାର୍ଯ୍ୟ ହେଉନାହିଁ। ଆମ ଓଡ଼ିଶା ନବୀନ ଓଡ଼ିଶା ଅଧିନରେ ଥିବା କାର୍ଯ୍ୟଗୁଡ଼ିକ ଅଧାରେ ଅଟକିଥିବା ବେଳେ ନୂଆ ସରକାର ଆସିବା ପରେ ସେ କାମର ବିଲ୍ ହେବା ତ ଦୂରକଥା କାମକୁ ବନ୍ଦ କରିଦିଆଯାଇଛି। ଫଳରେ କାମ କରିଥିବା ଲୋକେ ବିଲ୍ ପାଇନାହାନ୍ତି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇବା ସହ ଜିଲ୍ଲାପରିଷଦ ସଭ୍ୟସଭ୍ୟାମାନେ ବୈଠକରେ ଯୋଗ ନ ଦେଇ ଧାରଣାରେ ବସିରହିଥିଲେ।

ଅଧକ୍ଷା ପ୍ରୁହାଣଙ୍କ ଅଭିଯୋଗ ଅନୁସାରେ ଜିଲ୍ଲାପରିଷଦ ସଭ୍ୟମାନଙ୍କୁ ଗୁରୁତ୍ୱ ଦିଆଯାଉନାହିଁ। ବିଡିଓମାନେ ସରପଞ୍ଚମାନଙ୍କୁ ଡାକୁଥିବା ବେଳେ ଜିଲ୍ଲା ପରିଷଦ ସଭ୍ୟମାନଙ୍କୁ ଅଣଦେଖା କରୁଛନ୍ତି। ଆମକୁ ନିର୍ବାଚିତ କରିବା ପରେ ଲୋକମାନଙ୍କର ଥିବା ଭରସା ଆମ ଉପରୁ ଉଠିଯାଉଛି। ଜିଲ୍ଲା ପରିଷଦ ସଭ୍ୟ ହୋଇ ଆମେ କ'ଣ ଭୁଲ କରିଛୁ ବୋଲି ସେ ପ୍ରଶ୍ନ କରିଥିଲେ। ପରଜଙ୍ଗ ବ୍ଲକ ୨ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନଙ୍କ ଅଭିଯୋଗ ଅନୁସାରେ ୨୦୧୩ରୁ ୪ଟି କେନାଲରୁ ପାଣି ଯୋଗାଇବା ପାଇଁ ଅନୁରୋଧ କରୁଥିବା ବେଳେ ୪ଟି ପମ୍ପ ସେଟ ବସିଛି। କିନ୍ତୁ କାମ ହେଉନାହିଁ। ଗେଷ୍ଟ ହାଉସ କାର୍ଯ୍ୟ ହୋଇଥିଲେ ମଧ୍ୟ ତାହା ହସ୍ତାନ୍ତର କରାଯାଉନାହିଁ। ଆମ ଓଡ଼ିଶା ନବୀନ ଓଡ଼ିଶା ଏବେ ବିକଶିତ ଗାଁ ବିକଶିତ ଓଡ଼ିଶା ହୋଇଥିବାବେଳେ ବିକାଶ ହେଉନାହିଁ। ପ୍ରକଳ୍ପ କାମ ଆସିଲେ ମଧ୍ୟ ତାହା ହେଉନାହିଁ। ୨୦୨୨ରୁ ପଡ଼ିରହିଛି। ସେହିପରି ସଦର ବ୍ଲକ ଜିଲ୍ଲାପରିଷଦ ୩ ନମ୍ବର ଜୋନ ସଭ୍ୟ ଅଶୋକ କୁମାର ପରିଡ଼ା ଅଭିଯୋଗ କରିଛନ୍ତି ଯେ ଗତ ୮ ମାସ ହେବ କାମ ପୂରା ଠପ ହୋଇପଡ଼ିଛି। ଜିଲ୍ଲାପରିଷଦ ସିଡିଓ କମ ଡିଇଓ କିଛି କରୁନାହାନ୍ତି। ବୈଠକରେ ଯାହା ପ୍ରସ୍ତାବ ପାରିତ ହେଉଛି ତାହା କାର୍ଯ୍ୟକାରୀ ହେଉନାହିଁ। ଏ ସମ୍ପର୍କରେ ଜିଲ୍ଲାପାଳ, ପିଡି, ବିଡିଓଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ଫଳ ମିଳୁ ନ ଥିବା ସେ ଅଭିଯୋଗ କରିଛନ୍ତି।

## ସୌର ବିଦ୍ୟୁତ୍ ସ୍ପର୍ଶରେ ମହିଳା ମୃତ

**ହିନ୍ଦୋଳ,୨୧।୧୧(ସମିସ):** ହିନ୍ଦୋଳ ଏନଏସି ୱାର୍ଡ ନଂ-୧୫ ଆଲୁସିଂ ଗ୍ରାମର ଦିବାକର ସାହୁଙ୍କ ସ୍ତ୍ରୀ ପୁନି ସାହୁ (୩୫)ଙ୍କର ସୌର ବିଦ୍ୟୁତ ସ୍ପର୍ଶରେ ମୃତ୍ୟୁ ଘଟିଛି। ପୁନି ଗାଁ ପିଢ଼ ଠାକୁରାଣୀ ନିକଟ ବିଲକୁ ମାଙ୍କଡ଼ ଘଉଡ଼ାଇବାକୁ ଯାଇଥିବାବେଳେ ସେଠାରେ ଏକ ହାତୀ ସହ ମୁହାଁମୁହିଁ ହେବାରୁ ପ୍ରାଣ ବିକଳରେ ଦୌଡ଼ି ଯାଉଥିଲେ। ତେବେ ବିଲରେ ଲାଗିଥିବା ସୌର ତାରବାଡ଼ରେ ସେ ଛନ୍ଦିହୋଇ ପଡ଼ିଯିବା ସହ ଅଚେତ ହୋଇଯାଇଥିଲେ। ତାଙ୍କ ଚିତ୍କାର ଶୁଣି ପରିବାର ଲୋକ ଓ ଗ୍ରାମବାସୀ ତୁରନ୍ତ ଆସି ପୁନିଙ୍କୁ ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନା ଆଣିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବିଜେଡି ନେତା ପ୍ରଦ୍ୟୁମ୍ନ ବେହେରା ଘଟଣାସ୍ଥଳରେ ପହଞ୍ଚି ପରିବାରକୁ ସମବେଦନା ଜଣାଇଛନ୍ତି। ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଛନ୍ତି।

## ଆଇଆଇଏମ୍‌ସିରେ ସଂସଦୀୟ ରିପୋର୍ଟିଂ କର୍ମଶାଳା

- ଅଭିଜ୍ଞତା ବଖାଣିଲେ ପିଆରଏସ ବିଶେଷଜ୍ଞ



**ଢେଙ୍କାନାଳ,୨୧।୧୧(ସମିସ):** ସ୍ଥାନୀୟ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ଓ ପିଆରଏସ ଲେଜିସଲେଟିଭ ରିସର୍ଚ୍ଚର ମିଳିତ ସହଯୋଗରେ ଗୁରୁବାର ସଂସଦୀୟ ରିପୋର୍ଟିଂ ଶୀର୍ଷକ କର୍ମଶାଳା ଆୟୋଜିତ ହୋଇଛି। ପ୍ରତିଷ୍ଠାନର ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ଇଂରାଜୀ ଏବଂ ଓଡ଼ିଆ ସାମ୍ବାଦିକତା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଆଇଆଇଏମସିର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିଆରଏସର ସିଭିକ ଆଣ୍ଡ ଲେଜିସଲେଟିଭ ରିସର୍ଚ୍ଚ ମୁଖ୍ୟ ଚକ୍ଷୁ ରାୟ ଏବଂ ପ୍ରୋଗ୍ରାମ ଆସୋସିଏଟ ୟାଶିକା କେଡିଆ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇଥିଲେ। ବିଶେଷ ଭାବେ ଆଇନଗତ ପ୍ରକ୍ରିୟା, ସଂସଦୀୟ ନୀତି ଏବଂ ସଂସଦର ଆଭ୍ୟନ୍ତରୀଣ କାର୍ଯ୍ୟଶୈଳୀ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଗବେଷଣାର ବିଭିନ୍ନ ଦିଗ ବାବଦରେ ସେମାନଙ୍କ ଅଭିଜ୍ଞତା ବାଣ୍ଟିଥିଲେ। ଗବେଷଣାଭିତ୍ତିକ ରିପୋର୍ଟିଂର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଛାତ୍ରଛାତ୍ରୀମାନେ ବିଭିନ୍ନ ଉଦାହରଣ ତଥା ବାସ୍ତବ ଘଟଣା ଜରିଆରେ ସଂସଦୀୟ ରିପୋର୍ଟିଂର ପ୍ରୟୋଗମୂଳକ ଦିଗ ବୁଝିଥିଲେ। ଶେଷରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ



**ଢେଙ୍କାନାଳ,୨୧।୧୧(ସମିସ):** ଢେଙ୍କାନାଳ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଛବିରାଜ ବିଶ୍ୱାଳଙ୍କ ସଭାପତିତ୍ୱରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୧୦୮ ତମ ଜୟନ୍ତୀ ପାଳିତ ହୋଇଛି। ଏଥିରେ ବହୁ କଂଗ୍ରେସ କର୍ମୀ ଓ କର୍ମକର୍ତ୍ତା ଯୋଗଦେଇ ଇନ୍ଦିରାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ଶାସନ କାଳର ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ସୁନୀଲ ଦାଶ, ବରିଷ୍ଠ ନେତା ଡ. ତୁଷାରକାନ୍ତି ନାୟକ, ରୁଦ୍ରପ୍ରକାଶ ଶରଣ, ସ୍ମିତାରାଣୀ ସାମଲ, ବିପ୍ରବର ସାହୁ, ନିଶାକର ସାହୁ, ଶେକ ଜାବିରକ ବକ୍ସ, ସରୋଜ ଶତପଥୀ, ସୁଶାନ୍ତ ଧଳ, ଆଇନଜୀବୀ ବିକାଶ ନାୟକ, ଦିଲୀପ ବରାଳ, ଅଜେନ୍ଦ୍ର ସାମଲ, ଅନିମେଶ ବିଶ୍ୱାଳ, ସୂର୍ଯ୍ୟକାନ୍ତ ସାହୁ, ରୁମେନା ବେଗମ, ଇତିଶ୍ରୀ ନାୟକଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ନୁରୁଲ ଇସଲାମ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସମସ୍ତ କର୍ମୀ ସୁପରମାର୍କେଟସ୍ଥିତ ଇନ୍ଦିରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ଗୃହଲକ୍ଷ୍ମୀ ସମବାୟ ସମିତିକୁ ଶ୍ରେଷ୍ଠ ପୁରସ୍କାର

**ଢେଙ୍କାନାଳ,୨୧।୧୧(ସମିସ):** ଢେଙ୍କାନାଳ ମେରାମଣ୍ଡଳୀଠାରେ ଟାଟା ଷ୍ଟିଲ ଫାଉଣ୍ଡେସନ ସହଯୋଗରେ ପରିଚାଳିତ ଗୃହଲକ୍ଷ୍ମୀ ସମବାୟ ସମିତିକୁ ଶ୍ରେଷ୍ଠ ସମବାୟ ପୁରସ୍କାର ମିଳିଛି। ଭୁବନେଶ୍ୱରରେ ଅନୁଷ୍ଠିତ ୭୨ତମ ନିଖିଳ ଭାରତୀୟ ସମବାୟ ସପ୍ତାହ ପାଳନ ଅବସରରେ ସମବାୟ, ହସ୍ତତନ୍ତ ଓ ହସ୍ତକଳା ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଓଡ଼ିଶା ସରକାରଙ୍କ ସମବାୟ ବିଭାଗ କମିଶନର ତଥା ସଚିବ ରାଜେଶ ପ୍ରଭାକର ପାଟିଲ ଉପସ୍ଥିତ ଥିଲେ। ଗୃହଲକ୍ଷ୍ମୀ ସମବାୟ ସମିତି ସଭାପତି ପଦ୍ମିନୀ ସେନାପତି, ମଣ୍ଡଳ ନିର୍ଦ୍ଦେଶକ ସବିତା ନାୟକ ଟାଟା ଷ୍ଟିଲ ଫାଉଣ୍ଡେସନ ପ୍ରତିନିଧିଙ୍କ ଉପସ୍ଥିତିରେ ପୁରସ୍କାର ଗ୍ରହଣ କରିଥିଲେ। ଶିଳ୍ପସମୃଦ୍ଧ ଏହି ଅଞ୍ଚଳରେ ମହିଳା ସଶକ୍ତୀକରଣ ପାଇଁ ଟାଟା



ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ୨୦୨୦ରେ ଗୃହଲକ୍ଷ୍ମୀ ସମବାୟ ସମିତି ଗଠନ କରାଯାଇଥିଲା। ଏଥିରେ ଓଡ଼ାପଡ଼ା, ହିନ୍ଦୋଳ ଏବଂ ନୂଆହତାର ମହିଳାମାନେ ସାମିଲ ହୋଇଛନ୍ତି। ମେରାମଣ୍ଡଳୀ ଅଧୀନ ୮ ଗ୍ରାମର ୨୨୫୦ ସଦସ୍ୟ ରହିଛନ୍ତି। ମହିଳାଙ୍କ ଦ୍ୱାରା ପରିଚାଳିତ ଏହି ସମବାୟ ସମିତି ନୂଆ ବିଶ୍ୱାସ ସହ ଆଗକୁ ବଢୁଥିବା ବେଳେ ଟାଟା ଷ୍ଟିଲ ଫାଉଣ୍ଡେସନ ଏହାର ସମର୍ଥନକୁ ଆହୁରି ଦୃଢ଼ କରିବାକୁ ପ୍ରତିବଦ୍ଧ।

### ଜିଆଇ ଟ୍ୟାଗ୍ ପାଇଛି ଢେଙ୍କାନାଳ ମଗଜି ଲଡୁ

# ମଇଁଷି ପାଳନ କମିଥିବାରୁ ମଗଜିର ଭବିଷ୍ୟତ ନେଇ ପ୍ରଶ୍ନ






**ଢେଙ୍କାନାଳ,୨୧।୧୧(ସମିସ):** ଢେଙ୍କାନାଳ ମଗଜି ଲଡୁକୁ ମଳିଛି ଜିଆଇ ଟ୍ୟାଗ। ମଇଁଷି ଖୀରରୁ ପ୍ରସ୍ତୁତ ମଗଜି ଲଡୁ ବେଶ୍ ସ୍ୱାଦିଷ୍ଟ ଓ ମନଲୋଭା। ତେବେ ଜିଆଇ ଟ୍ୟାଗ ମିଳିବା ପରେ ମଗଜିକୁ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାକୁ ଚେଷ୍ଟା କରାଗଲେ ବ୍ୟବସାୟୀମାନେ ବେଶ୍ ଲାଭବାନ ହେବା ସୁଯୋଗ ରହିଛି। ଅନ୍ୟପଟେ ମଇଁଷି ପାଳନ ପ୍ରାୟ ଲୋପ ପାଉଥିବା ବେଳେ ମଗଜିର ଭବିଷ୍ୟତକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଢେଙ୍କାନାଳ ଜିଲ୍ଲା ଦେଇ ପ୍ରବାହିତ ବ୍ରାହ୍ମଣୀ, ରାମିଆଳ, ସାପୁଆ ନଦୀର ବିସ୍ତୀର୍ଣ୍ଣ ଚାରଣ ଭୂମି ରହିଥିବା ବେଳେ ଜନସାଧାରଣ ଗାଈଗୋରୁ ପାଳନ କରନ୍ତି। ତେବେ ମଇଁଷି କ୍ଷୀରରୁ ପ୍ରସ୍ତୁତ ଛେନାରେ କାରିଗରମାନେ ଚିନି ଓ ଗୁଜୁରାତି ମିଶାଇ ମଗଜି ଲଡୁ (ଏକପ୍ରକାର ସ୍ୱାଦିଷ୍ଟ ମିଷ୍ଟାନ୍ନ) ପ୍ରସ୍ତୁତ କରିଥାନ୍ତି। ଛେନାକୁ ଭଲ ଭାବେ ଦଳି କୋମଳ କରାଯାଏ। କମ୍ ଜାଳରେ ଚୁଲି ଉପରେ ଗୋଟିଏ ପାତ୍ର ବସାଇ ଛେନାରେ କେଜି ପ୍ରତି ୪ଶହରୁ ୫ଶହ ଗ୍ରାମ ଚିନି ଏବଂ ଆବଶ୍ୟକ ପରିମାଣର ଗୁଜୁରାତି ମିଶ୍ରଣ କରାଯାଏ। ମିଶ୍ରଣକୁ ଛୋଟ ଛୋଟ କରି ଗୋଲ ଗୋଲ ମଗଜିରେ ପରିଣତ କରାଯାଏ। ଢେଙ୍କାନାଳ ଜିଲ୍ଲାର ମଇଁଷିମାନେ ଜଙ୍ଗଲର ଡାଳପତ୍ର ଖାଉଥିବାରୁ ସେମାନଙ୍କ କ୍ଷୀର ଅତ୍ୟନ୍ତ ଉତ୍କୃଷ୍ଟ ମାନର ହୋଇଥାଏ। ମଗଜିର ଇତିହାସ ପ୍ରାୟ ୬ଶହ ବର୍ଷ ତଳର ବୋଲି କୁହାଯାଏ। ଚୈତନ୍ୟ ମହାପ୍ରଭୁଙ୍କ ଓଡ଼ିଶା ଗସ୍ତ ସମୟରେ ସେ ଶ୍ରୀଧର ସ୍ୱାମୀଙ୍କ ସହ ବେଶ୍ କିଛିଦିନ ରହି ତାଙ୍କଠାରୁ ଭାଗବତ ଶିକ୍ଷା କରିଥିଲେ। ଢେଙ୍କାନାଳରୁ ମଗଜି ପ୍ରଥମେ ସୃଷ୍ଟି ବୋଲି ଜଣାଯାଏ। ମଗଜିର ଖାଦ୍ୟ ଗୁଣ ଅତ୍ୟନ୍ତ ଉଚ୍ଚମାନର। ଶହେ ଗ୍ରାମ୍ ମଗଜିରେ ୧୧.୨୬ ଗ୍ରାମ ପୁଷ୍ଟିସାର, ୧୫.୪୮ ଆଇୟୁ ଭିଟାମିନ-ଡି, ୩.୨୪ ଗ୍ରାମ ଲାକଟୋଜ, ୨୧.୨୫ ମିଲି ଗ୍ରାମ ଲୌହ, ୧୭୭ ମିଲିଗ୍ରାମ କାଲସିଅମ, ୮.୯୪ ମିଲିଗ୍ରାମ ମାଗ୍ନେସିୟମ, ୩୪.୫୩ ମିଲିଗ୍ରାମ ପଟାସ ଓ ୩୫.୨୫ ମିଲିଗ୍ରାମ ସୋଡିୟମ ଥିବାର ପ୍ରମାଣ ମିଳିଛି। ଏହାକୁ ଜିଆଇ ଟ୍ୟାଗ ପାଇଁ ୨୦୨୦ରେ ଜିଲ୍ଲା ମିଠା ସଙ୍ଘ ଓ ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପୃଷ୍ଠପୋଷକତାରେ ଭାରତ ସରକାରଙ୍କ ନିକଟରେ ଆବେଦନକ କରାଯାଇଥିଲା। ଓୟୁଏଟିର ଟେକ୍ନୋଲୋଜି ମ୍ୟାନେଜମେଣ୍ଟ ସେଲ ଟିଏନସି ତରଫରୁ ଏହି ସମସ୍ତ ପ୍ରକ୍ରିୟା ପରିଚାଳନା କରାଯାଇଥିଲା। ବିଭିନ୍ନ ତଥ୍ୟ ସମ୍ବଳିତ ଦସ୍ତାବିଜ ସହ ୨୦୨୦ ଡିସେମ୍ବର ୭ରେ ଆବେଦନ ହୋଇଥିଲା। ୨୦୨୪ ଜାନୁଆରୀ ୨ରେ ମଗଜିକୁ ଜିଆଇ ଟ୍ୟାଗ ମିଳିଥିଲା। ଢେଙ୍କାନାଳ ଜିଲ୍ଲାରେ ମଇଁଷି ଏବଂ ଗାଈ କ୍ଷୀର ଉତ୍ପାଦନରେ ସ୍ୱତନ୍ତ୍ର ନାମ କରିଥିବା ବେଳେ ଓମଫେଡକୁ ଚାଷୀ କ୍ଷୀର ଯୋଗାଇବା ସହ ମଗଜି ପାଇଁ ବ୍ୟବହାର କରୁଥିଲେ। ବର୍ତ୍ତମାନ ଗୋପାଳନ ସହ ମଇଁଷି ସଂଖ୍ୟା ହ୍ରାସ ପାଇବାକୁ ବସିଥିବା ବେଳେ ମଗଜି ଏବେ ନିଜ ସ୍ୱାତନ୍ତ୍ର୍ୟତା ରଖିବାକୁ ସଂଗ୍ରାମ କରୁଛି। ବାହାର ଦେଶକୁ ରପ୍ତାନୀ ତ ଦୂରକଥା ରାଜ୍ୟରେ ମଧ୍ୟ ବହୁଳ ପରିମାଣରେ ଯୋଗାଇବା ଭଳି ଉଦ୍ୟମ ହେଉନାହିଁ। ଏହି ମଗଜି ଲଡୁକୁ ଦେଶ ବିଦେଶରେ ପହଞ୍ଚାଇବା ପାଇଁ ରାମ୍ପ ଅନ୍ତର୍ଗତ ଏମଏସି ପାଇଁ ଆଉଟରିଚ ଏବଂ ସଚେତନ ଅଭିଯାନ ଶିବିର ଡିଆଇସି କନଫେରେନ୍ସ ହଲରେ ଆୟୋଜନ କରାଯାଇଥିଲା। ଶିବିରରେ ରେଟ କଣ୍ଟାକ୍ଟର ଡାଇରେକ୍ଟରିଏଟ ଅଫ ଏକ୍ସପର୍ଟ ପ୍ରମୋଶନ ଆଣ୍ଡ ମାର୍କେଟିଂର ପ୍ରଭାକର ଦାସ, ଜିଆଇ କନସଲଟାଣ୍ଟ ଡ. ଅନୀତା ସାବତ, ଡିଆଇସି ଜେନେରାଲ ମ୍ୟାନେଜର ପ୍ରମୋଦ କୁମାର ସାହୁ, ସ୍ଥାନୀୟ ମିଠା ଆସୋସିଏନ ସଭାପତି ଜୟପ୍ରକାଶ ସାହୁ, ସମ୍ପାଦକ ଜିତେଶ କୋଟକ ଓ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

> ପ୍ରଚାରପ୍ରସାର ଅଭାବରୁ ଚାହିଦା ବୃଦ୍ଧି ପାଉନାହିଁ

## ଛାତ୍ରୀଙ୍କୁ ହାଇଜିନ କିଟ୍ ବଣ୍ଟନ



**ଢେଙ୍କାନାଳ,୨୧।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ଭାପୁର ସଂସାଇଲୋ ଆଶ୍ରମ ବିଦ୍ୟାଳୟରେ ସ୍ୱଚ୍ଛ ଭାରତ ଅଭିଯାନ ଓ ଶିଶୁ ଅଧିକାର ସପ୍ତାହ ଉପଲକ୍ଷେ ଅଭିନବ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏସବିଆଇ ସଞ୍ଜୀବନୀ କ୍ଲିନିକ୍ ଅନ ହ୍ୱିଲ୍ସ ଏବଂ ପିପୁଲ ଟୁ ପିପୁଲ୍ ହେଲଥ ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ମେଡିକାଲ ଅଫିସର ଡା. ସୁଧାଂଶୁବାଳା ପାଣିଗ୍ରାହୀ, ଫାର୍ମାସିଷ୍ଟ ପ୍ରତାପ ଶୁକ୍ଲା, ଏଏନମ ସୁଭଦ୍ରା ବେହେରା, ଏଲଟି ସନ୍ତୋଷ ସେଠୀ ଏବଂ ଗାଡ଼ିଚାଳକ ବିନୋଦ ମଲ୍ଲିକ ଯୋଗଦେଇ ୨୭୮ ଛାତ୍ରଛାତ୍ରୀଙ୍କୁ ଶୁଖିଲା ଖାଦ୍ୟ, ହାଇଜିନ କିଟ୍ ବଣ୍ଟନ କରିଥିଲେ। ଏହି ଅବସରରେ ହାତଧୁଆ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଅଙ୍ଗନବାଡ଼ି ଓ ଶିଶୁବାଟିକା ଛାତ୍ରଛାତ୍ରୀଙ୍କୁ ନେଇ ପୁଚି, ଦୌଡ଼, ଝୋଟି ତଥା ମାନସିକ ଖେଳ ଆଦି ଅଭ୍ୟାସ କରାଯାଇଥିଲା। ପରେ ସ୍ୱାସ୍ଥ୍ୟ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୁନା ବେହେରା, ଶିକ୍ଷୟିତ୍ରୀ ରଶ୍ମିରେଖା ମିଶ୍ର, ମାନିନୀ ଦାସ, ଅଙ୍ଗନବାଡ଼ି କର୍ମୀ ବୀଣାପାଣି ସାହୁ, ଆଶାକର୍ମୀ ରୋଜିନ ପୃଷ୍ଟି ସହଯୋଗ କରିଥିଲେ।

### ବାଜି ରାଉତ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ସେମିଫାଇନାଲରେ ଇନକମ୍ ଟାକ୍ସ ଚେନ୍ନଇ



**ଢେଙ୍କାନାଳ,୨୧।୧୧(ସମିସ):** ସହିଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଜିଲ୍ଲା କ୍ରୀଡ଼ା ସଙ୍ଘ, ରାଜ୍ୟ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ଓ ଢେଙ୍କାନାଳ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି। ଶୁକ୍ରବାର ଇନକମ ଟାକ୍ସ ଚେନ୍ନଇ ଓ ରାଇଜିଂ ଷ୍ଟୁଡେଣ୍ଟ କଟକ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଇନକମ ଟାକ୍ସ ଚେନ୍ନଇ ପେନାଲଟି ସୁଟରେ ୩-୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବେ ଡିଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ଜିଲ୍ଲା କ୍ରୀଡ଼ା ସଙ୍ଘ ଉପସଭାପତି ଆଦିତ୍ୟ କୁମାର ଆଚାର୍ଯ୍ୟ, ଡିଏସ୍‌ଓ ସୁଦୀପ୍ତ ସାହୁ, ଅବସରପ୍ରାପ୍ତ ଡିଏସଓ ପ୍ରଦୀପ୍ତ କୁମାର ମହାନ୍ତି, ରାଜ୍ୟସ୍ତରୀୟ ଫୁଟବଲ ସଙ୍ଗଠକ ଉଦୟ ରଞ୍ଜନ ସାହୁ ଯୋଗଦେଇଥିଲେ। ରେଫରୀ ଭାବେ ସୁବ୍ରତ କୁମାର ପୁରୋହିତ, ଶିଶିକାନ୍ତ ଦାଶିଆ, ବୋନସନ ବରାଳ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ମାୟାଧର ସାହୁ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ଅଭିଜିତ ମିଶ୍ର, ଗୌରାଙ୍ଗ ସେଠୀ, ମନୋଜ ପଟ୍ଟନାୟକ, ପ୍ରତାପ ମହାନ୍ତି, ବାବୁ ପାଢ଼ୀ, ସୁନୀଲ ପଣ୍ଡା, ଶ୍ୟାମସୁନ୍ଦର ମହାପାତ୍ର, ବାବୁଲି ସାହୁ, ପ୍ରତୀକ ଭଞ୍ଜ, ବେସାରତ ଖାଁ, ପର୍ଶୁରାମ ମିଶ୍ର, ସରୋଜ ପାଢ଼ୀ, ମନୋଜ ଦାସ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଅଜୟ ବାରିକ, ଦୀପ୍ତିରଞ୍ଜନ ସେଠୀ, ବିଭୁ ପଟ୍ଟନାୟକ, ମାନସ ମହାରଣା ସହଯୋଗ କରିଥିଲେ। ପର୍ଶୁରାମ ମିଶ୍ର, ପ୍ରେମାନନ୍ଦ ମହାନ୍ତି, ଆଇନଜୀବୀ ସରୋଜ ପାଢ଼ୀ ଧାରା ବିବରଣୀ ପ୍ରଦାନ କରିଥିଲେ। ଶନିବାର କେରଳ ପୁଲିସ ଓ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ମଧ୍ୟରେ ମ୍ୟାଚ ଖେଳାଯିବ ବୋଲି ସମ୍ପାଦକ ଦାସ ଜଣାଇଛନ୍ତି।

### ଅଧା ଧାନ କାଟିଲେଣି ଚାଷୀ

# ହିନ୍ଦୋଳରେ ଏଯାଏ ହେଲାନି ସାଟେଲାଇଟ ସର୍ଭେ



**ହିନ୍ଦୋଳ,୨୧।୧୧(ସମିସ):** ହିନ୍ଦୋଳ ଉପଖଣ୍ଡ ଏକ କୃଷି ବହୁଳ ଅଞ୍ଚଳ। ଏଠାରେ ଅଧିକାଂଶ ଚାଷୀ ଧାନ ଚାଷ କରନ୍ତି। ଅନେକ ପରିବାରର ମୁଖ୍ୟ ଆୟ ଧାନ। ମାତ୍ର ଏଠି ବିଭାଗୀୟ ଅଧିକାରୀ ଏଭଳି ବାସ୍ତବତକୁ ବୁଝିବା ଅବସ୍ଥାରେ ନାହାନ୍ତି। ଚାଷ ଓ ଚାଷୀଙ୍କ ପ୍ରତି ଉପଖଣ୍ଡରେ ଦୀର୍ଘଦିନ ହେବ ଅଧିକାରୀମାନେ ଅବହେଳା କରୁଥିବା ଦେଖିବାକୁ ମିଳୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସପ୍ତାହେ ହେଲା ଉପଖଣ୍ଡର ଚାଷୀ ଧନକଟା ଆରମ୍ଭ କଲେଣି। ଚଳିତ ବର୍ଷ ଅନୁକୂଳ ପାଗ ଯୋଗୁ ଧାନ ଫସଲ ମଧ୍ୟ ଭଲ ହୋଇଛି। ଚାଷୀ ଆଶାନୁରୂପ ଫସଲ ଅମଳ କରିବାକୁ ଆଶା ରଖିଥିବା ବେଳେ ଅମଳ ଧନକୁ କିପରି ମଣ୍ଡିରେ ବିକ୍ରି କରିବେ ସେ ନେଇ ଏବେ ଚିନ୍ତାରେ ପଡ଼ିଲେଣି। କାରଣ ଖରିଫ ଧାନ କିଣିବା ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିନାହାନ୍ତି। କେବଳ ଚାଷୀଙ୍କ ପଞ୍ଜୀକରଣ କାମ ସାରି ବସିପଡ଼ିଛି ବିଭାଗ। ଉପଖଣ୍ଡର ୧୩ ସମବାୟ ଜରିଆରେ ଧାନ କିଣିବାକୁ ଦୀର୍ଘଦିନ ହେଲା ପଞ୍ଜୀକରଣ ସରିଥିଲେ ମଧ୍ୟ ଆଜି ଯାଏ ଅନ୍ୟ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ମଣ୍ଡି ଖୋଲିବା ତ ବିଳମ୍ବ ହେବ ତା' ସାଙ୍ଗକୁ ଚାଷୀ ଯେଉଁ ପରିମାଣରେ ଧାନ ବିକ୍ରି କରିବା ପାଇଁ ଟାର୍ଗେଟ ପାଇବା କଥା ତାହା ଆଉ ପାଇପାରିବେ ନାହିଁ। ଅନ୍ୟପକ୍ଷରେ କହିବାକୁ ଗଲେ ଅଧିକାଂଶ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବା ଆଶଙ୍କା ଦେଖାଯାଇଛି।

### ବିକ୍ରି ପାଇଁ କେବେ ହେବ ଦିନଧାର୍ଯ୍ୟ

ଚଳିତ ଖରିଫ ଋତୁରେ ଧାନ କିଣିବା ପାଇଁ ସମବାୟ ସମିତିଗୁଡ଼ିକ ପକ୍ଷରୁ ଗତ ଜୁଲାଇ ମାସରୁ ଚାଷୀ ପଞ୍ଜୀକରଣ କରାଗଲାଣି। ଅଗଷ୍ଟ ୨୫ରୁ ପଞ୍ଜୀକରଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କାଗଜପତ୍ର ଯାଞ୍ଚ ଓ ବୈଧୀକରଣ (ଭାଲିଡେସନ) କାର୍ଯ୍ୟ ଶେଷ ହୋଇନାହିଁ। ଭାଲିଡେସନ ପରେ ସାଟେଲାଇଟ ସର୍ଭେ କରାଯିବା କଥା। ସାଟେଲାଇଟ ସର୍ଭେ ପରେ କୃଷି ସେବା ସମବାୟ ସମିତି ଦ୍ୱାରା ପ୍ରତ୍ୟକ୍ଷ କ୍ଷେତ୍ର ପରିଦର୍ଶନ କରାଯାଇ ରିପୋର୍ଟ ପ୍ରସ୍ତୁତି ହେବା ନିୟମ ଥିବା ବେଳେ ଏହାପରେ ସମସ୍ତ ରିପୋର୍ଟ ଯାଞ୍ଚ କରାଯାଇ କେଉଁ ଚାଷୀ କେତେ ପରିମାଣର ଧାନ ବିକ୍ରି କରିପାରିବେ ତାହା ସ୍ଥିର କରି ଚାଷୀଙ୍କ ପାଖକୁ ଟାର୍ଗେଟର ମେସେଜ ଆସିବ। ମାତ୍ର ହିନ୍ଦୋଳ ଉପଖଣ୍ଡରେ ଆଜିପର୍ଯ୍ୟନ୍ତ ସାଟେଲାଇଟ ସର୍ଭେ ହୋଇ ନ ଥିବା ବେଳେ ଅନ୍ୟାନ୍ୟ ଯାଞ୍ଚ ପ୍ରକ୍ରିୟା କେବେ ସରିବ, ମଣ୍ଡି କେବେ ଖୋଲାଯିବ, ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ଗ୍ରାମରେ ଏବେ ଧାନକଟା ଆରମ୍ଭ ହୋଇଗଲାଣି। ସପ୍ତାହେ ପରେ ପ୍ରାୟ ୫୦ ପ୍ରତିଶତ ଧନକଟା ସରିଯିବ। ଏପରି ସ୍ଥଳେ ସାଟେଲାଇଟ ସର୍ଭେ ବେଳକୁ ଜମିରେ ତ ଧାନ ନ ଥିବ, ବିଭାଗ ପକ୍ଷରୁ କି ରିପୋର୍ଟ ପ୍ରସ୍ତୁତ କରାଯିବ ବୋଲି ଅନେକ ଚାଷୀ ପ୍ରଶ୍ନ ଉଠାଇଛନ୍ତି। ତେଣୁ ଯେନତେନ ପ୍ରକାରେ ଚାଷୀଙ୍କୁ ଟାର୍ଗେଟ ଦେଇ ଧାନ କିଣାଯିବା ଏକପ୍ରକାର ଜଳ ଜଳ ଦେଖାଯାଉଛି। ସରକାର ଗତବର୍ଷଠାରୁ ଇନପୁଟ ସବସିଡି ମିଶାଇ ୩୧୦୦ ଟଙ୍କାରେ ଚାଷୀଙ୍କଠାରୁ ଧାନ କିଣୁଛନ୍ତି। ଚଳିତ ବର୍ଷ ମଧ୍ୟ ସେହିପରି ଧାନ କିଣାଯିବ। ଚଳିତ ବର୍ଷ ଚାଷରୁ ଭଲ ଦିପାଇସା ରୋଜଗାର କରିବା ଆଶାରେ ଚାଷୀମାନେ ଧାନ ବିଲକୁ ପଡ଼ିଆ ନ ରଖି ପୂର୍ବବର୍ଷ ଅପେକ୍ଷା ଅଧିକ ଚାଷ କରିଛନ୍ତି। ଉତ୍ତମ ପାଣିପାଗ ପାଇଁ ଭଲ ଧାନ ଫସଲ ମଧ୍ୟ ହୋଇଛି। ଏତେ ପରିମାଣର ଧାନ କିଣିବାକୁ ସମସ୍ୟାରେ ପଡ଼ିବା ଭୟ ରଖି ବିଭାଗ ପକ୍ଷରୁ ଜାଣିଶୁଣି ମଣ୍ଡି ପ୍ରକ୍ରିୟା ବିଳମ୍ବ କରାଯାଉଥିବା ଉପଖଣ୍ଡର ଜନସାଧାରଣ କହିଛନ୍ତି।

■ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଦ୍ୱାଦଶ ସନ୍ଧ୍ୟା

# ‘ଜନଜୀବନକୁ ପ୍ରଭାବିତ କରିଛି ଲୋକକଳା ଓ ସାଂସ୍କୃତିକ ପରମ୍ପରା’



ଭଦ୍ରକ,୨୨ ।୧୧(ସମିସ): ଓଡ଼ିଆ ସାରସ୍ୱତ ଆକାଶରେ ଭଦ୍ରକ ଯେପରି ଉଜ୍ଜ୍ୱଳ ଜ୍ୟୋତିଷ୍କ ଭାବେ ପ୍ରତିଭାତ ହୋଇଛି, ସେପରି ଲୋକକଳା ଓ ସାଂସ୍କୃତିକ ପରମ୍ପରା ଜଗତକୁ ତା’ର ଅବଦାନ ଅବିସ୍ମରଣୀୟ। ଭଦ୍ରକ ମାଟିର ମଣିଷ ବିପ୍ରକବି ବଂଶୀବଲ୍ଲଭ ଗୋସ୍ୱାମୀ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଜାତୀୟ କବି ବାଞ୍ଛାନିଧି ମହାନ୍ତି, କେଶବ କବି କୃଷ୍ଣପ୍ରସାଦ ବେହେରା, ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା, ଯାତ୍ରା ସମ୍ରାଟ ଶ୍ୟାମସୁନ୍ଦର ମହାପାତ୍ର, ନାଟ୍ୟକାର ଉମାକାନ୍ତ ବେହେରା ପ୍ରମୁଖ ବହୁ ସାରସ୍ୱତ ସାଧକ ତଥା ନାଟ୍ୟକାର, ଗୀତିକାର, ଅଭିନେତା, ନାଟ୍ୟ ନିର୍ଦ୍ଦେଶକ ଓଡ଼ିଆ ଲୋକକଳା ଜଗତକୁ ସମୃଦ୍ଧ କରିବା ସହ ଓଡ଼ିଆ ଜନଜୀବନକୁ ପ୍ରଭୂତ ଭାବେ ପ୍ରଭାବିତ କରିଛନ୍ତି ବୋଲି ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଦ୍ୱାଦଶ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ମହୋତ୍ସବର ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷା ନିବୃତ୍ତ ପ୍ରଫେସର ଡ. ରାମଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା, “ନବ କାକଳୀ’ର ସମ୍ପାଦକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ ବିଶିଷ୍ଟ ଅତିଥି, ନାଟ୍ୟଶ୍ରୀ ନିର୍ମଳ ରାଉତ, ଅବସରପ୍ରାପ୍ତ ଅଧ୍ୟାପକ ତଥା ନାଟ୍ୟକାର ଡ. ରମାକାନ୍ତ ନାୟକ, ନାଟ୍ୟ ନିର୍ଦ୍ଦେଶକ ତଥା କବି ସାରଥୀ ପଣ୍ଡା, ମଞ୍ଚ ଅଭିନେତା କାଳନ୍ଦୀ ଚରଣ ମଲ୍ଲିକ, ଅଭିନେତା ତଥା ସଂଗଠକ ନିମାନନ୍ଦ ସାହୁ, ପ୍ରଧାନଶିକ୍ଷକ ପ୍ରକୃତି ବନ୍ଧୁ ବୈକୁଣ୍ଠ ବିଶ୍ୱାଳ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆଡଭୋକେଟ୍ ସ୍ୱସ୍ତିକା ପଣ୍ଡା ଅତିଥି ପରିଚୟ ଓ ଅଧ୍ୟାପକ ନିହାର ରଞ୍ଜନ କର ସ୍ୱାଗତ ଭାଷଣ ଦେଇଥିଲେ। ଶିଶୁ ସାହିତ୍ୟିକା ମମତା ଦାଶ ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିଲେ। ସମ୍ପାଦକ ରବିନାରାୟଣ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ। ଟ୍ରଷ୍ଟର ସଭାପତି ଇଂ. ଅଭୟ ସୂତାର ମଞ୍ଚ ପରିଚାଳନା କରିଥିବାବେଳେ ଇଂ. ରତିକା ନାୟକ ସ୍ୱାଗତ ସଂଗୀତ ଓ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଖୋର୍ଦ୍ଧାର ଚତୁର୍ଦ୍ଧାମୂର୍ତ୍ତି ଭଜନ ସନ୍ଧ୍ୟା କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ଐତିହାସିକ ସେନାପତିଆ ପୋଖରୀ

# ସରକାରୀ ଖାତାକୁ ଫେରିବା ପରେ ପୁଣି ଜବରଦଖଲ

ଦୋବଲ,୨୧।୧୧(ସମିସ):



ଧାମନଗର ବ୍ଲକ୍ ଦୋବଲ ନିକଟସ୍ଥ କିମ୍ବଦନ୍ତୀ ତଥା ଐତିହାସିକ ସେନାପତିଆ ପୋଖରୀ ଜବରଦଖଲ ଥିବାବେଳେ ଦୀର୍ଘବର୍ଷ ପରେ ତାହା ସରକାରୀ ଖାତାକୁ ଫେରିଥିଲେ ସୁଦ୍ଧା ଏବେବି ଜବରଦଖଲରେ ରହିଛି।

ସୂଚନା ମୁତାବକ, ଦୀର୍ଘଦିନ ହେଲା ଭଦ୍ରକ ଅତିରିକ୍ତ ଜିଲ୍ଲାପାଳଙ୍କ କୋର୍ଟରେ ବିଚାରାଧୀନ ଥିବା ଐତିହାସିକ ସେନାପତିଆ ପୋଖରୀଆଡି ସରକାରୀ ଖାତାକୁ ଫେରିଛି। ଏ ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ କୋର୍ଟ ଏହି ରାୟ ଶୁଣାଣି କରିଥିଲେ। କିମ୍ବଦନ୍ତୀପୂର୍ଣ୍ଣ ତଥା ଐତିହାସିକ ସେନାପତିଆ ପୋଖରୀ ଆଡିର ପ୍ଲଟ ନମ୍ବର ୩୯୧୨ ଜଳଭାଗ ଏ୧୧.୧୩ଡି ଓ ପଶ୍ଚିମ ପାଖ ଆଡି ପ୍ଲଟ ନମ୍ବର ୩୯୧୦ ୪.୫୫ଡି ସରକାରୀ ରକ୍ଷିତ ଖାତାରେ ଥିବାବେଳେ ଏହାର ପୂର୍ବ ପାଖ ଆଡି ଖାତା ୧୩୦୩/୩୧୮ ପ୍ଲଟ ନମ୍ବର ୩୯୧୩ ଏ୫. ୮ଡି ମୌଲାନା ସୟଦି ଗୋଲାମ ମହମ୍ମଦ କାଦିର ହବିବଙ୍କ ନାମରେ ଥିଲା। ସେଥିମଧ୍ୟରୁ କାଦିର ୪୦ ଡିସିମିଲ ନେଇଥିଲେ। ଯାହାର ଖାତା ନମ୍ବର ୧୩୦୩/୬୫୦, ପ୍ଲଟ ନମ୍ବର ୩୯୧୩/୪୮୧୫ ବେଲମଲା ଗ୍ରାମର ସାଗରିକା ରାଉତ, ସ୍ୱାମୀ-ବିଚିତ୍ର ସ୍ୱାଇଁଙ୍କୁ ବିକ୍ରୟ କରିଥିଲେ। ଉକ୍ତ ପୋଖରୀ ଆଡି ବେଲମଲା ସମେତ ସ୍ଥାନୀୟଲୋକେ ଚଳପ୍ରଚଳ କରୁଥିଲେ। ଫଳରେ ଗ୍ରାମବାସୀଙ୍କ ଉଦ୍ୟମ ଫଳରେ ୨୦୦୭ରେ ଧାମନଗର ତହସିଲଦାରଙ୍କୁ ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ତହସିଲଦାର ଉକ୍ତ ଘଟଣାର ସମସ୍ତ କାଗଜପତ୍ର ଯାଞ୍ଚ କରିବା ପରେ ୨୦୦୮ରେ ଉଭୟ ପଟାଧାରୀଙ୍କ ପଟାକୁ ରଦ୍ଦ କରି ଉକ୍ତ ଆଡିକୁ ସରକାରୀ ରକ୍ଷିତ ଖାତାକୁ ନେଇଥିଲେ। ଫଳରେ ଉଭୟ ପଟାଧାରୀ ତହସିଲଦାରଙ୍କ ରାୟ ବିରୋଧରେ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳଙ୍କ କୋର୍ଟରେ ଅପିଲ କରିଥିଲେ। ଏହି ମାମଲାରେ ବେଲମଲା ଗ୍ରାମବାସୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ସରକାରୀ ପକ୍ଷଭୁକ୍ତ କରିବାକୁ ସମ୍ପୃକ୍ତ ପଟାଧାରୀ ୨୦୦୮ରେ ହାଇକୋର୍ଟରୁ ଏକ ରହିତାଦେଶ ଆଣିଥିଲେ। ଏହି ରହିତାଦେଶ ୨୦୦୮ରୁ ୨୦୧୬ ପର୍ଯ୍ୟନ୍ତ ବଳବତ୍ତର ରହି ୨୦୧୬ ଫେବୃଆରୀ ମାସରେ ମାମଲାର ଶୁଣାଣି କରାଯାଇ ରହିତାଦେଶ ଉଠାଇ ଦିଆଯାଇଥିଲା। ସେହିଦିନରୁ ଏହି ମାମଲା ଅତିରିକ୍ତ ଜିଲ୍ଲାପାଳଙ୍କ କୋର୍ଟରେ ବିଚାରାଧୀନ ଥିଲା। ଧାମନଗର ତହସିଲଦାରଙ୍କ ପୂର୍ବରୁ ଦିଆଯାଇଥିବା ରାୟକୁ ଅତିରିକ୍ତ ଜିଲ୍ଲାପାଳଙ୍କ କୋର୍ଟ କାଏମ ରଖି ମାମଲାକୁ ଶୁଣାଣି କରିଥିଲେ। ଏହି ରାୟ ପ୍ରକାଶ ପାଇବା ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିଲା।

## ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ତେବେ ସରକାରୀ ଖାତାକୁ ଜାଗା ଫେରିବା ପରେ ଏବେ ପାଖାପାଖି ୨ ଏକର ଜାଗା ପୁଣି ଜବରଦଖଲରେ ରହିଛି। ପଟା ଫେରିଛି, ମାତ୍ର ଜାଗା ଛାଡୁନାହାନ୍ତି। ଏବେ ସେହି ପୋଖରୀର ସୌନ୍ଦର୍ଯ୍ୟକରଣ ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ଦୁଇଦିନ ତଳେ ମଧ୍ୟ ଭଦ୍ରକ ଜିଲ୍ଲାପାଳଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗ ଅଧିକାରୀ ଆସି ପୋଖରୀର ଉନ୍ନତିକରଣ ପାଇଁ ସମୀକ୍ଷା କରିଫେରିଛନ୍ତି। ପୋଖରୀର ଜବରଦଖଲ ସମସ୍ୟା ହଟୁନାହିଁ। ଏ ନେଇ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ‘ହରେକୃଷ୍ଣ ମହତାବ ଥିଲେ ଆଧୁନିକ ଓଡ଼ିଶାର ନିର୍ମାତା’



ଭଦ୍ରକ,୨୧ ।୧୧(ସମିସ): ଆଧୁନିକ ଓଡ଼ିଶାର ନିର୍ମାତା, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଶା ଇତିହାସର ଲେଖକ, ପୂର୍ବତନ ମୁଖ୍ୟମନ୍ତ୍ରୀ ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଚାନ୍ଦବାଲି ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ଚାନ୍ଦବାଲି ନେହେରୁ ପାର୍କ ପରିସରରେ ପାଳନ କରାଯାଇଛି। ପରିଷଦର ସଭାପତି ସାହିତ୍ୟିକ ପ୍ରଫୁଲ୍ଲ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ଉତ୍ସବରେ ସମ୍ପାଦକ କବି ଅମୂଲ୍ୟ ରାଉତ, ପ୍ରାକ୍ତନ ସରପଞ୍ଚ ପ୍ରତାପ ବିଶ୍ୱାଳ, ସମାଜସେବୀ ବିଶ୍ୱନାଥ ସୂତାର, ବିଜୟ ବେହେରା ପ୍ରମୁଖ ଯୋଗଦେଇ ଡ. ମହତାବଙ୍କ କୀର୍ତ୍ତି ଓ ଐତିହାସିକ ବ୍ୟକ୍ତିତ୍ୱ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଓଡ଼ିଶା ମାଟିର ବରେଣ୍ୟ ବରପୁତ୍ର ଡ. ମହତାବଙ୍କ ବଳିଷ୍ଠ ଉଦ୍ୟମରେ ଗଡ଼ଜାତ ମିଶ୍ରଣ ହୋଇ ପୂର୍ଣ୍ଣାଙ୍ଗ ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା। ତାଙ୍କ ପାଇଁ ଯୁଗେ ଯୁଗେ ଭଦ୍ରକବସୀ ଗର୍ବିତ ବୋଲି ମତବ୍ୟକ୍ତ କରିଥିଲେ। ସମାଜସେବୀ ବିଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

■ ପୁରୁଷଣ୍ଡ ନୋଡ଼ାଲ ବିଦ୍ୟାଳୟ ଶ୍ରେଣୀ ଗୃହ ନିର୍ମାଣ ପ୍ରସଙ୍ଗ

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ବିଡ଼ିଓଙ୍କ କ୍ଷେତ୍ର ପରିଦର୍ଶନ



ପ୍ରଧାନଶିକ୍ଷୟିତ୍ରୀଙ୍କ ବିଇଓଙ୍କୁ ପତ୍ର

ବନ୍ତ/ଆଗରପଡ଼ା, ୨୧।୧୧ (ସମିସ) : ୧୯୫୫ରେ ପ୍ରତିଷ୍ଠିତ ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ତୋଫାବିବି କ୍ଲଷ୍ଟର ଅନ୍ତର୍ଗତ ପୁରୁଷଣ୍ଡ ନୋଡ଼ାଲ ବିଦ୍ୟାଳୟରେ କେତେକ ଶ୍ରେଣୀଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଗତ ଜୁଲାଇ ମାସରେ ଏକ ଶ୍ରେଣୀ ଗୃହ ଛାତରୁ ପ୍ଲାଷ୍ଟର ଗଳିପଡ଼ିଥିଲା। ଶ୍ରେଣୀ ଗୃହରେ କୌଣସି ପିଲା ଉପସ୍ଥିତ ନ ଥିବାରୁ ଏକ ସୁନିଶ୍ଚିତ ବିପଦରୁ ରକ୍ଷା ମିଳିଯାଇଥିଲା। ବିଭିନ୍ନ ଗଣମାଧ୍ୟମରେ ଉକ୍ତ ଖବର ପ୍ରକାଶ ପାଇବା ପରେ ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ବିଡ଼ିଓ କ୍ଷେତ୍ର ପରିଦର୍ଶନ କରି ବିଦ୍ୟାଳୟ ପରିସରରେ ଥିବା ବିପଦସଙ୍କୁଳ ଗୃହକୁ ନିଷିଦ୍ଧାଞ୍ଚଳ ଘୋଷଣା କରିଥିଲେ। ପରେ ଉକ୍ତ ଗୃହକୁ ଭଙ୍ଗାଯାଇଥିଲା। ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଯୋଜନା ମଧ୍ୟ କରାଯାଇଥିଲା। ଇତିମଧ୍ୟରେ ୫ ମାସ ପୂରିବାକୁ ବସିଥିବାବେଳେ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇପାରୁ ନ ଥିବାରୁ ଶ୍ରେଣୀ ଗୃହ ଅଭାବରୁ ଶିକ୍ଷାଲାଭରେ ଘୋର ବାଧା ସୃଷ୍ଟି ହେଉଛି। ଯାହାକୁ ନେଇ ଅଭିଭାବକ ଘୋର ଚିନ୍ତା ପ୍ରକଟ କରିଛନ୍ତି। ଗତ ଶନିବାର ବିଧାୟକ ସଂଜୀବ ମଲ୍ଲିକ ବିଦ୍ୟାଳୟକୁ ପରିଦର୍ଶନରେ ଆସି ସମସ୍ୟା ବିଷୟରେ ଅବଗତ ହେବା ସହ ଶ୍ରେଣୀ ଗୃହ ସମସ୍ୟାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଉକ୍ତ ସମସ୍ୟାର ଶୀଘ୍ର ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ନିବେଦନ କରିଥିଲେ। ଜିଲ୍ଲାପାଳ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିବା ମଧ୍ୟ ଜଣାପଡ଼ିଥିଲା। ଶୁକ୍ରବାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଡ଼ିଓ ବିଦ୍ୟାଳୟକୁ ଆସି ସମସ୍ୟା ବିଷୟରେ ଆଲୋଚନା କରିବା ସହ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଗୃହ ନିର୍ମାଣ ନିମନ୍ତେ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ପତ୍ର ମାଧ୍ୟମରେ ଆବଶ୍ୟକ ଅର୍ଥ ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିବାକୁ କହିଥିଲେ। ସ୍ଥାନୀୟ ସରପଞ୍ଚ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟ ଅଧିକାରୀ ବିଡ଼ିଓଙ୍କ ସହ ଉପସ୍ଥିତ ଥିଲେ। ପରେ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୪୭/୨୧।୧୧।୨୫ରେ ପ୍ରଧାନଶିକ୍ଷୟିତ୍ରୀ ବିଇଓଙ୍କୁ ଅବଗତ କରାଇଥିବା ଜଣାପଡ଼ିଛି।

# ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳନ



ଧାମନଗର,୨୧ ।୧୧(ସମିସ):ଧାମନଗର ମହତାବ ସେବାସଦନରେ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଡ. ମହତାବ ଓଡ଼ିଶା ରାଜନୀତିର ଚାଣକ୍ୟ ଥିଲେ। ଶୁକ୍ରବାର ଅପରାହ୍ନରେ ମହତାବ ସେବା ସଦନ ପରିଚାଳକ ତଥା ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଉଦଘାଟକ ଭାବେ ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ, ଧାମନଗର ବିଧାୟକ ତଥା ମନ୍ତ୍ରୀଙ୍କ ପ୍ରତିନିଧି କୈଳାସ ମହାପାତ୍ର, ସାଂସଦ ପ୍ରତିନିଧି ସରୋଜ ମହାପାତ୍ର, ଉପାଧ୍ୟକ୍ଷ ଓସିମ ଏଜଦାନି କାଦିରୀ, ବରିଷ୍ଠ ଆଇନଜୀବୀ ଶଶୀଭୂଷଣ ପଣ୍ଡା, ଦେବାଶିଷ ସାମଲ, ଅମରେନ୍ଦ୍ର ମହାନ୍ତି, ରମେଶ ବେହେରା, କଂଗ୍ରେସ ନେତା ନାରାୟଣ ପାଢ଼ୀ, ସଞ୍ଜୟ ମିଶ୍ର, ବିଦ୍ୟାଧର ଜେନା, କଳାକାର ସଂଘ ସଭାପତି ସୁବାସ ମଲ୍ଲିକ, ଶିକ୍ଷାବିତ ହୃଦାନନ୍ଦ କର, ମହେଶ୍ୱର ସ୍ୱାଇଁ, ରସାନନ୍ଦ ମହାପାତ୍ର, ଅଭିମନ୍ୟୁ ମଲ୍ଲିକ, ଭୋଳାନାଥ ସାହୁ, ଅଧ୍ୟାପକ ଚିତ୍ତରଞ୍ଜନ ଦାଶ, ସୁରେନ୍ଦ୍ର ଜେନା, ଅଧ୍ୟାପିକା ହରପ୍ରିୟା ସେଠୀ, ଏବିଡିଓ ହେମେନ୍ଦ୍ର ମହାନ୍ତି, ସନ୍ତୋଷ ଲେଙ୍କା, ଭାବଗ୍ରାହୀ ଖୁଣ୍ଟିଆ, ସେକ ଅବଦୁଲ ହାକିମ, ସାମ୍ବାଦିକ ଅନୀଲ ବାରିକ, ସୁଧାକର ଦାଶ, ସେକ ଜାଫର ଅଲ୍ଲୀ, ସୁଶାନ୍ତ ରାଉତ ପ୍ରମୁଖ ଯୋଗଦେଇ ଡ. ହରେକୃଷ୍ଣ ମହତାବଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସାମ୍ବାଦିକ ସରୋଜ ସେଠୀ, ଦୁର୍ଗାପ୍ରସାଦ ମହାପାତ୍ର, ବିବେକାନନ୍ଦ ପଣ୍ଡା, ଗୌରାଙ୍ଗ ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ସେବା ସଦନ ପରିସରରେ ଥିବା ମହତାବଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। କୁଳମଣି ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।


# ହାଇସ୍କୁଲରେ ମହତାବଙ୍କ ଜୟନ୍ତୀ



ବନ୍ତ/ଆଗରପଡ଼ା, ୨୧।୧୧ (ସମିସ): ଆଗରପଡ଼ାସ୍ଥ କୃଷ୍ଣଚରଣ ବିଦ୍ୟାମନ୍ଦିର ପ୍ରତିଷ୍ଠାତା ଉତ୍କଳକେଶରୀ ଡ.ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ହାଇସ୍କୁଲ ଆଲୁମିନି ସଭାପତି ପ୍ରଶାନ୍ତ ଦାଶ ଯୋଗଦେଇ ଡ. ମହତାବଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷକ ଶରତ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସହକାରୀ ଶିକ୍ଷକ ନାରାୟଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସକାଳୁ ରାମଧୂନ, ପ୍ରଭାତଫେରି, ଡ.ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ନିମ୍ନମାନର ଛତୁଆ ଯୋଗାଣ ନେଇ ଅସନ୍ତୋଷ

# ଶିଶୁଙ୍କ ବଦଳରେ ଗୋରୁଙ୍କ ଆହାର ପାଲଟିଛି



ଅସୁରାଳି,୨୧ ।୧୧(ସମିସ):ଧାମନଗର ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତର ଅଙ୍ଗନବାଡ଼ି କେନ୍ଦ୍ରରେ ଦିଆଯାଉଥିବା ଛତୁଆ ନିମ୍ନମାନର ବୋଲି ଅଭିଯୋଗ ହେଉଛି। ଶିଶୁଙ୍କ ବଦଳରେ ଗୋରୁଗାଈଙ୍କ ଆହାର ପାଲଟିଛି ଛତୁଆ। ଛତୁଆରେ ଆବଶ୍ୟକ ପରିମାଣରେ ବୁଟ, ବାଦାମ, ଗହମ ଇତ୍ୟାଦି ମିଶାଯାଉନି। ଯାହା ମିଶାଯାଉଛି, ତାହାର ମାନ ଅତ୍ୟନ୍ତ ଖରାପ ରହୁଛି। ଛତୁଆରୁ ଦୁର୍ଗନ୍ଧ ବାହାରୁଛି। ତେଣୁ ସେଗୁଡ଼ିକୁ ଗୃହପାଳିତ ପଶୁଙ୍କୁ ଖାଇବାକୁ ଦିଆଯାଉଛି। ଶିଶୁଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ଛତୁଆ ଖାଇବାକୁ ଦିଆଯାଉଥିବାବେଳେ ତାହା ବାସ୍ତବରେ ସେମାନଙ୍କ ବିକାଶ ନ କରି ବିନାଶ କରିବ ବୋଲି ଅଭିଭାବକ ଆଶଙ୍କା ପ୍ରକାଶ କରିଛନ୍ତି। ଏ ନେଇ ସେମାନେ ଅଭିଯୋଗ କଲେ ଅଙ୍ଗନବାଡ଼ି କର୍ମୀ ଅସହାୟତା ପ୍ରକାଶ କରୁଛନ୍ତି। ସେମାନେ କହୁଛନ୍ତି, କେନ୍ଦ୍ରକୁ ଯେଉଁ ଛତୁଆ ଯୋଗାଇ ଦିଆଯାଉଛି, ଶିଶୁଙ୍କୁ ତାହା ଦିଆଯାଉଛି। ଟେଣ୍ଡର ନେଇଥିବା ସଂସ୍ଥା ଅପମିଶ୍ରଣ ଷ୍ଟକ୍ ଯାଞ୍ଚ ହେଉନି, ଯାହା ଅପମିଶ୍ରଣକୁ ପ୍ରୋତ୍ସାହିତ କରୁଛି ବୋଲି କୁହାଯାଉଛି। ଧାମନଗରର ୩୫୩ଟି ଅଙ୍ଗନବାଡ଼ିକୁ ଗୋଟିଏ ସ୍ୱୟଂସହାୟିକା ଗୋଷ୍ଠୀ ଆଇଡିଏଲ୍ ଓମେନ୍ ଏସଏଚଜି ଗ୍ରୁପ, ବମକୁରା ଛତୁଆ ଯୋଗାଉଛି। ସୁପରଭାଇଜର ଓ ସିଡିପିଓଙ୍କ ଭୂମିକା ମଧ୍ୟ ସନ୍ଦେହ ଘେରରେ। ଏ ନେଇ ବିଭାଗୀୟ ଅଧିକାରୀ ଚୁପ୍ ହୋଇ ବସିଛନ୍ତି। ସିଡିପିଓଙ୍କ ଭୂମିକା ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଉଛି। ତୁରନ୍ତ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି। ସିଡିପିଓ ଦମୟନ୍ତୀ ଦେଇଙ୍କୁ ପଚାରିବାରୁ ସେ କହିଲେ, ଖୁବ୍ ଶୀଘ୍ର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପୀରବାବା ଖୁୱାଜା ଗରିବନୱାଜ ଚିସ୍ତୀଙ୍କ ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ



ଧାମନଗର,୨୧ ।୧୧(ସମିସ): ଧାମନଗର ସହର ଅନ୍ତର୍ଗତ କୋରେସିମହଲ୍ଲାଠା ପ୍ରତିବର୍ଷ ଭଳି ପ୍ରସିଦ୍ଧ ପୀଠ ରାଜସ୍ଥାନସ୍ଥ ଅଜମେର ସରିଫ୍ ପୀରବାବ ହଜରତ ଖୁୱାଜା ଗରିବନୱାଜ ଚିସ୍ତୀଙ୍କ ୮୧୪ତମ ବାର୍ଷିକ ଉର୍ଷ ଉତ୍ସବ ଓ ବିରାଟ କବାଲି ପ୍ରୋଗ୍ରାମ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୯ ନମ୍ବର ୱାର୍ଡ ଅଧୀନ କୋରେମହଲ୍ଲା (କେଜିଏନ) କ୍ଲବ ପରିସରରେ କମିଟି ସଭାପତି ସେକ ଅନ୍ ଅହେମ୍ମଦ ଚିସ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଏକବାଲ ଅହେମ୍ମଦ ଚିସ୍ତି, ଉପଦେଷ୍ଟା ସେକ ଅବଦୁଲ ହାକିମ, ସେକ ଜାଫର ଅଲ୍ଲୀ, ଗୋଲାମ ଜିଲାନି ହବିବି, ସହସମ୍ପାଦକ ସେକ ଅଫସର ମଷ୍ଟର, ସଦସ୍ୟ ସେକ ଜାହାଙ୍ଗିର, ସେକ ସଲିମୁଦ୍ଦିନ, ସେକ ଆସକାରି, ପରଭେଜ ଅହେମ୍ମଦ ଓ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଆସନ୍ତା ଡିସେମ୍ବର ୨୭ ତାରିଖରେ ହେବାକୁ ଥିବା ବାର୍ଷିକ ଉତ୍ସବ ଓ କବାଲି ପ୍ରୋଗ୍ରାମ, ଚାଦର ଶୋଭାଯାତ୍ରା ଆଦି କାର୍ଯ୍ୟକ୍ରମ କିପରି ଶାନ୍ତିଶୃଙ୍ଖଳା ସହିତ ପାଳନ ହେବ, ସେନେଇ ବ୍ୟାପକ ଆଲୋଚନା କରାଯାଇଥିଲା। ଉକ୍ତ କବାଲି ପ୍ରୋଗ୍ରାମରେ ଅନ୍ୟ ରାଜ୍ୟରୁ ଦୁଇ କବାଲି ଦଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଶେଷରେ ସେକ ବାବୁ ଧନ୍ୟବାଦ ଅର୍ପଣ କରିଥିଲେ।

ମଠସାହି ନୋଡାଲ ଉଚ୍ଚବିଦ୍ୟାଳୟରେ ଶିକ୍ଷକ ଅଭାବ

# ସରକାରୀ ନିର୍ଦ୍ଦେଶକୁ ବେଖାତିର; ଯୋଗଦେଲେନି ଶିକ୍ଷୟିତ୍ରୀ

ଭଦ୍ରକ/ଅସୁରାଳି,୨୧ ।୧୧(ସମିସ):



ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁର ପଞ୍ଚାୟତର ମଠଡିହସ୍ଥ ମଠଡିହ ନୋଡାଲ ଉଚ୍ଚବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁଁ ଶିକ୍ଷାଦାନରେ ବାଧା ଉପୁଜୁଛି। ଏ ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ, ଭଦ୍ରକ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଥିଲେ ବି ସମସ୍ୟାର ସମାଧାନ ହୋଇପାରୁନାହିଁ। ୧୫ ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ନ ହେଲେ ଫାଟକରେ ତାଲା ପକାଇବାକୁ ବିଦ୍ୟାଳୟ ପରିଚାଳନା କମିଟି ଓ ପଞ୍ଚାସଖା ଶିକ୍ଷା ସେତୁ କମିଟି ସଦସ୍ୟ ଚେତାବନୀ ଦେଇଥିବା ଜଣାପଡ଼ିଛି।

## ୧୫ ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ନ ହେଲେ ଫାଟକରେ ତାଲା ପକାଇବାକୁ ଚେତାବନୀ

ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୭୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ନବମ ଓ ଦଶମରେ ୨୦୮ ଜଣ ଛାତ୍ରଛାତ୍ରୀ ଅଛନ୍ତି। ୧ମରୁ ୮ମ ଛାତ୍ରଛାତ୍ରୀଙ୍କୁ ପଢାଇବା ପାଇଁ ୫ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ଶିକ୍ଷାଦାନ କରୁଥିବାବେଳେ କ୍ରୀଡ଼ା ଶିକ୍ଷୟିତ୍ରୀଙ୍କୁ ଲଗାଇ ୭ ଜଣ ନବମ ଓ ଦଶମରେ ଶିକ୍ଷାଦାନ କରୁଛନ୍ତି। ଦୀର୍ଘବର୍ଷ ହେବ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦ ଖାଲି ଥିଲାବେଳେ ଜଣେ ସହକାରୀ (ଗଣିତ) ଶିକ୍ଷୟିତ୍ରୀ ଏହି ଦାୟିତ୍ୱ ତୁଲାଉଛନ୍ତି। ନିୟମ ଅନୁସାରେ ପ୍ରତି ୩୫ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ଜଣେ ଶିକ୍ଷକ ନିଯୁକ୍ତି ପାଇବା କଥା। ସେହିପରି ଉଚ୍ଚବିଦ୍ୟାଳୟରେ ମଧ୍ୟ ଶିକ୍ଷକ ଅଭାବରେ ଶିକ୍ଷାଦାନ ଚାଲିଛି। ପ୍ରତିଦିନ ଶିକ୍ଷାଦାନ ବ୍ୟତୀତ ମଧ୍ୟାହ୍ନ ଭୋଜନ ପରିଚାଳନା କାର୍ଯ୍ୟ କରିବାକୁ ଶିକ୍ଷୟିତ୍ରୀ ଶିକ୍ଷକ ଧନ୍ଦି ହେଉଥିବାବେଳେ ଅଧିକାରୀଙ୍କ ଶିକ୍ଷକ ନିଯୁକ୍ତି ଟାଳଟୁଳ ନୀତି ଯୋଗୁଁ ସେମାନେ ଶିକ୍ଷାଦାନରେ ଅସୁବିଧା ଭୋଗ କରୁଛନ୍ତି। ଶିକ୍ଷକ ଅଭାବକୁ ଉପଲବ୍ଧି କରି ଗତ ଅକ୍ଟୋବରରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ପତ୍ରସଂଖ୍ୟା ୯୯୯୩/୮।୧୦।୨୫ରେ ନିକଟସ୍ଥ ଧାମନଗର ବ୍ଲକ୍ ପାଳସାହି ପଞ୍ଚାୟତ ବାଳିକା ଉଚ୍ଚବିଦ୍ୟାଳୟରେ କାର୍ଯ୍ୟରତ ଜଣେ ଶିକ୍ଷୟିତ୍ରୀଙ୍କୁ ଏହି ବିଦ୍ୟାଳୟକୁ ବଦଳି କରାଯାଇଥିଲା। ତେବେ ଶିକ୍ଷୟିତ୍ରୀ ଜଣକ ଏଯାଏଁ ଏହି ବିଦ୍ୟାଳୟରେ କାର୍ଯ୍ୟରେ ଯୋଗ ଦେଇ ନ ଥିବାବେଳେ ତାଙ୍କ ବଦଳି ଆଦେଶ ମଧ୍ୟ ବାତିଲ ହୋଇନାହିଁ। ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ସେହି ଶିକ୍ଷୟିତ୍ରୀଙ୍କ ଉପରେ କୌଣସି ପଦକ୍ଷେପ ଗ୍ରହଣ ନ କରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ମୁତାବକ, ଗତ ସେପ୍ଟେମ୍ବର ମାସରେ ଏହି ବିଦ୍ୟାଳୟରୁ ଲିପିକା ମହାନ୍ତି ନାମକ ଜଣେ ଶିକ୍ଷୟିତ୍ରୀ ଧାମନଗରକୁ ବଦଳି ହୋଇଥିବାବେଳେ ଗତ ଅକ୍ଟୋବର ମାସରେ ମାତୃତ୍ୱ ଛୁଟିରେ ଥିବା ଶିକ୍ଷୟିତ୍ରୀ ରେବତୀ କହଁରଙ୍କୁ ଫୁଲବାଣୀ ଜିଲ୍ଲାକୁ ବଦଳି କରାଯାଇଛି। ମାସକ ମଧ୍ୟରେ ୨ ଜଣ ଶିକ୍ଷୟିତ୍ରୀଙ୍କୁ ଏହି ବିଦ୍ୟାଳୟରୁ ଶିକ୍ଷାଧିକାରୀ କେଉଁ ନ୍ୟାୟରେ ବଦଳି କଲେ ଛାତ୍ରୀଛାତ୍ରୀଙ୍କ ଅଭିଭାବକ ପ୍ରଶ୍ନ କରିଛନ୍ତି। ଯଦି ୧୫ ଦିନ ମଧ୍ୟରେ ଉଭୟ ଉଚ୍ଚ ଓ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କରା ନ ଯାଏ, ତେବେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିବେ ବୋଲି ବିଦ୍ୟାଳୟ ଶିକ୍ଷା ପରିଚାଳନା କମିଟି ଓ ପଞ୍ଚାସଖା ଶିକ୍ଷା ସେତୁ କମିଟି ସଦସ୍ୟ ମାନେ ଚେତାବନି ଦେଇଛନ୍ତି । ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲାପାଳଙ୍କୁ ଡାକ ଯୋଗେ ପ୍ରେରଣ କରାଯାଇଛି ବୋଲି ବିଦ୍ୟାଳୟ ଶିକ୍ଷା ପରିଚାଳନା କମିଟି ସଭାପତି ଅମରେନ୍ଦ୍ର ବିଶ୍ୱାଳ ସୂଚନା ଦେଇଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁଙ୍କୁ ବହୁବାର ଯୋଗାଯୋଗ କରାଯାଇଥିଲେ ବି ସେ କୌଣସି ଉତ୍ତର ଦେଇନାହାଁନ୍ତି।

# ବାପୁଜୀ ନୋଡାଲ ଉଚ୍ଚବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ




ଅସୁରାଳି,୨୧ ।୧୧(ସମିସ):ପାଳସାହି ପଞ୍ଚାୟତ ଅନ୍ତର୍ଗତ ବାପୁଜୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ ମେଳା ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦଘାଟନୀ ସଭାରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୁପ୍ତେଶ୍ୱର ସିଂହ ଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ଆଇଜିଏମ୍ କଲେଜ ଅଧ୍ୟାପକ ଜଗନ୍ନାଥ ପଣ୍ଡା, ମୁଖ୍ୟବକ୍ତା ଭାବେ କାନାଡ଼ା ବ୍ୟାଙ୍କ ମ୍ୟାନେଜର ନୀଳାମ୍ବର ମାଝୀ, ଅନ୍ୟାନ୍ୟ ବକ୍ତା ଭାବେ ବିଦ୍ୟାଳୟର ଏସ୍ଏମ୍ସି ସଭାପତି ରଣଜିତ ସାହୁ, ବରିଷ୍ଠ ନାଗରିକ କାଶୀନାଥ ମହାନ୍ତି, ଶିକ୍ଷାବିତ୍ କ୍ଷୀରୋଦ ବଳ, ଶିକ୍ଷକ ବସନ୍ତ ମହାପାତ୍ର, ଚିତ୍ତରଞ୍ଜନ ମହାନ୍ତି, ଉମାକାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସଭା ପରିଚାଳନା କରିଥିଲେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅଜୟ କୁମାର ବେହେରା ଓ ପରେ ପ୍ରଦର୍ଶନୀ ଉଦଘାଟନୀ କରାଯାଇ ପ୍ରକଳ୍ପର ମୂଲ୍ୟାଙ୍କନ କରାଯାଇଥିଲା।

# ଜିଲ୍ଲାପାଳଙ୍କୁ ଭେଟିଲେ ୧୧ ଗାଁ ମୁଖିଆ

## ଜୁରାମୁଣ୍ଡାକୁ ପଞ୍ଚାୟତ ଘୋଷଣା ଓ ଅନ୍ୟାନ୍ୟ ଦାବି

ବୌଦ୍ଧ,୨୧ ।୧୧(ସମିସ)



ବୌଦ୍ଧ ବ୍ଲକ୍ ବହିରା ପଞ୍ଚାୟତ ଜୁରାମୁଣ୍ଡା ଓ ଆଖପାଖ ଅନୁନ୍ନତ ଗ୍ରାମକୁ ନେଇ ନୂତନ ପଞ୍ଚାୟତ ଘୋଷଣା ଓ ଅନ୍ୟାନ୍ୟ ଦାବିରେ ୧୧ଟି ଗ୍ରାମର ମୁଖିଆମାନେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଜୁରାମୁଣ୍ଡା, ବଡ ଝାରକଟା, ବସ୍ତମପୁର, ଗୋପିନାଥପୁର, ତେନ୍ତୁଳି ପଦର, ସାନ୍ତୁମ୍, ରେଙ୍ଗାଲି, ଉଡବିଲିକା, ତାଳଗରି, ବରାହ ପଥର ଆଦି ଗ୍ରାମଗୁଡିକ ସ୍ୱାଧୀନତାର ୭୮ ବର୍ଷ ପରେ ମଧ ବିକାଶଠାରୁ ବହୁ ଦୂରରେ ରହିଛି। ଏଣୁ ଏହି ଅଞ୍ଚଳର ବିକାଶ ପାଇଁ ଗ୍ରାମଗୁଡିକ ନେଇ ଜୁରାମୁଣ୍ଡାରେ ନୂତନ ପଞ୍ଚାୟତ ପ୍ରତିଷ୍ଠା କରାଯିବା, ଜୁରାମୁଣ୍ଡା ନାମରେ ନାମିତ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜୁରାମୁଣ୍ଡାକୁ ସ୍ଥାନାନ୍ତର, ଜୁରାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟରେ ରୁପାନ୍ତର ଆଦି ଦାବି ନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନଙ୍କୁ ଏକ ପ୍ରଦାନ କରାଯାଇଛି।

ଦାବିପତ୍ର ପ୍ରଦାନ ସମୟରେ ଆଞ୍ଚଳିକ କମିଟି ସଭାପତି ପୂର୍ବତନ ବହିରା ସରପଞ୍ଚ ପ୍ରଭାତ ମହାକୁଳ, ସମ୍ପାଦକ ପ୍ରଦୀପ ମହାକୁଳ, ପୂର୍ବତନ ବ୍ରାହ୍ମଣୀପାଲି ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ବସ୍ତିଆଙ୍କ ସମେତ ୧୧ଟି ଗ୍ରାମର ମୁଖିଆମାନେ ଉପସ୍ଥିତ ଥିଲେ।

### ଭଡା ତ ଦୂରର କଥା; ଗାଡ଼ିର ଦେଖା ନାହିଁ

# ଟ୍ରାକ୍ଟର ଲିଜ୍ ଦେଇ ଫସିଗଲେ ମାଲିକ



ଶଗଡା,୨୧ ।୧୧(ସମିସ): ଜଣେ ଟ୍ରାକ୍ଟର ମାଲିକ ଗାଡି ସହ ଟ୍ରଲି ଲିଜ୍‌ରେ ଦେଇ ଫସି ଯାଇଛନ୍ତି। ଭଡା ତ ପାଉ ନାହାନ୍ତି। ଏହାସହ ତାଙ୍କ ଟ୍ରାକ୍ଟର ଓ ଟ୍ରଲି ମଧ ଦେଖିବାକୁ ମିଳୁନି। ଏଣୁ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଲୋକାପଡାରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ଲୋକାପଡା ଗ୍ରାମର ସୁନାଧର ବାଘ ୩ ମାସ ହେଲା ସୋନପୁର ଥାନା ପ୍ରତାପପୁରର ଝଗଡୁ କଠାରଙ୍କ ନିକଟରୁ ଟ୍ରାକ୍ଟର ଓ ଟ୍ରଲିକୁ ସାପ୍ତାହିକ ୮ ହଜାର ଟଙ୍କା ଭଡାରେ ଆଣିଥିଲେ। ୨ ମାସ ଠିକ୍ ଭାବେ ଭଡା ଦେବା ପରେ ଚଳିତ ମାସଠାରୁ ଆଉ ଭଡା ଦେଉ ନାହାନ୍ତି। ଫୋନ କଲେ ମଧ ଉଠାଉ ନାହାନ୍ତି। ଏ ନେଇ ଟ୍ରାକ୍ଟର ମାଲିକ ସୁନାଧର ନିକଟକୁ ଯାଇ ଦେଖିଲା ବେଳକୁ ତା ଘରେ କେହି ନଲେ। କବାଟରେ ତାଲା ପଡିଥିଲା। ଟ୍ରାକ୍ଟର ଓ ଟ୍ରଲି ମଧ ଘର ଆଖପାଖରେ ଦେଖିବାକୁ ପାଇ ନ ଥିଲେ। ଏଣୁ ମନମୁଣ୍ଡା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଟ୍ରାକ୍ଟର ଆଉ ଟ୍ରଲି ଫେରି ପାଇବା ସହ ବକେୟା ଭଡା ଆଦାୟ କରିବାକୁ ଥାନା ଅଧିକାରୀଙ୍କ ନିକଟରେ ସେ ଗୁହାରି କରିଛନ୍ତି।

## ସ୍କୁଲ୍ ଗାଡ଼ି ଦୁର୍ଘଟଣାଗ୍ରସ୍ତ; ବର୍ତ୍ତିଲେ ଛାତ୍ରଛାତ୍ରୀ



ବୀରମହାରାଜପୁର,୨୧ ।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ସୁବଳୟା ଥାନା ଅଧୀନ ନୂଆପଡ଼ା ବାଉସନାଲାରେ ଆଜି ସ୍କୁଲଗାଡ଼ି ଛାତ୍ରଛାତ୍ରୀଙ୍କୁ ନେଇଯାଉଥିବା ସମୟରେ ଧାନବିଲକୁ ଓଲଟି ପଡ଼ିଥିଲା। ଫଳରେ ଗାଡ଼ିରେ ବସିଥିବା ଛାତ୍ରଛାତ୍ରୀ ସାମାନ୍ୟ ଆହତ ହୋଇଥିବା ବେଳେ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଗାଡ଼ିର ଆଗ କାଚ ଭାଙ୍ଗି ଚୁରମାର୍ ହୋଇଯାଇଛି। ଖବରପାଇ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଦୁର୍ଘଟଣାସ୍ଥଳରେ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରିଥିବାବେଳେ ସୁବଳୟା ପୁଲିସ ପହଞ୍ଚି ଦୁର୍ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ସାମ୍ବାଦିକ ସଂଘ ପକ୍ଷରୁ ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି

ଶଗଡା,୨୧ ।୧୧(ସମିସ): ଡିସେମ୍ବର ୩ରେ କଣ୍ଟାମାଳ ବ୍ଲକ୍ ସାମ୍ବାଦିକ ସଂଘ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏଥିଲାଗି ମନମୁଣ୍ଡାସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୁଶୀଲ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ସଂଘର ସମସ୍ତ ସଦସ୍ୟଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜଗାନନ୍ଦ ମହାପାତ୍ର, ହୃଦାନନ୍ଦ ମେହେର, ପ୍ରେମାନନ୍ଦ ମହାପାତ୍ର, କୁନୁ ରାଜହଂସ, ବିରଜା ନନ୍ଦନ ଦାନୀ, ରାଜେଶ ଠେଲା, ମନମୁଣ୍ଡା ଡ୍ରାଇଭର ମହାସଂଘର ସୁଶୀଳ ମେହେର, ମୋଟର ଚାଳକ ସଂଘର ଅଞ୍ଜନ ପଟ୍ଟନାୟକ, ଧୀବରପଡା ତ୍ରିରଙ୍ଗା ଯୁବକ ସଂଘ ପକ୍ଷରୁ ଅଜିତ ମେହେର, ଯବାନ କ୍ଲବ୍ ପକ୍ଷରୁ ରାଜକୁମାର ନାଏକ, ୟଙ୍ଗ ଷ୍ଟାର ଆସୋସିଏସନ ପକ୍ଷରୁ ସଞ୍ଜୟ ନାୟକ, ବାସୁଦେବପାଲି ଆଞ୍ଚଳିକ ଯୁବ ପରିଷଦ ପକ୍ଷରୁ ବ୍ରହ୍ମାନନ୍ଦ ମହାନ୍ତିଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ପିଏମ୍-ଅଜୟ ଯୋଜନାର ପରାମର୍ଶ ତଥା ସଚେତନତା ଶିବିର

ବୌଦ୍ଧ,୨୧ ।୧୧(ସମିସ): ବୌଦ୍ଧ ଟାଉନହଲରେ ମଙ୍ଗଳ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଧାନମନ୍ତ୍ରୀ ଅନୁସୂଚିତ ଜନଜାତୀୟ ଅଭ୍ୟୁତ୍ଥାନ ଯୋଜନାର ପରାମର୍ଶ ତଥା ସଚେତନତା ଶିବିର ଉଦ୍‌ଘାଟିତ ହୋଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟନାରାୟଣ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଶିଳ୍ପ ତାଲିମ କେନ୍ଦ୍ର ଅଧକ୍ଷ ସୁବ୍ରତ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଶିବିରରେ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ପାଇଁ ଥିବା ବିଭିନ୍ନ ଯୋଜନା ସଂପର୍କରେ ପରାମର୍ଶ ଦିଆଯିବା ସହ ସଚେତନତା ସୃଷ୍ଟି କରାଯାଇଥିଲା।

## ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ଓ କୁଇଜ୍ ପ୍ରତିଯୋଗିତା

ଡୁଙ୍ଗୁରିପାଲି,୨୧ ।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍‌ସ୍ତରୀୟ ଶିଶୁ ବୈଜ୍ଞାନୀକ ପ୍ରଦର୍ଶନୀ ଓ ବିଜ୍ଞାନ କୁଇଜ ପ୍ରତିଯୋଗିତା କନ୍ଦାଗାଡ଼ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଶିକ୍ଷାଧିକାରୀ ଗଣେଶ କିଷାନଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ




ଉତ୍ସବରେ ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ଅଧକ୍ଷା ସୁପାର ଠେଲା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ବୈଜ୍ଞାନିକ ଭାବନାର ବିକାଶରେ ଶିଶୁ ବୈଜ୍ଞାନୀକ ପ୍ରଦର୍ଶନୀ ଓ ବିଜ୍ଞାନ କୁଇଜ ପ୍ରତିଯୋଗିତାର ଭୂମିକାକୁ ପ୍ରସଂଶା କରିଥିଲେ। ପଞ୍ଚାୟତ ମହାବିଦ୍ୟାଳୟ ବରଗଡ଼ର ପ୍ରଫେସର ଶାନ୍ତନୁ ସୁନା, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରାଜକିଶୋର ପଧାନ ,ପୂର୍ବତନ ସଭାପତି ବାସୁଦେବ ନାଏକ, ଅତିରିକ୍ତ ଶିକ୍ଷାଧିକାରୀ ଜଗତ ମଲ୍ଲିକ, ସରପଞ୍ଚ ଲକ୍ଷ୍ମୀ ପାଣ୍ଡେ, ବାଙ୍କୀପାଲି ସିଆରସିସି ସୁନୀଲ ସେଟ, ପ୍ରଧାନଶିକ୍ଷକ ବିଶ୍ୱାମିତ୍ର ବାରିକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ଏହି ଅବସରରେ ଡୁଙ୍ଗୁରିପାଲି ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ବୈଶାଖୁ ପଧାନ, ନରେନ୍ଦ୍ର ସାହୁ, ଚତୁର୍ଭୁଜ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ବ୍ଲକ୍ ଶିକ୍ଷାଧିକାରୀ ଗଣେଶ କିଷାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଉପାଧକ୍ଷ ମକରଧ୍ୱଜ ସାହୁ ମୁଖ୍ୟ ଅତିଥି, ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ପାଣ୍ଡେ, ରାଜକିଶୋର ପଧାନ, ବାସୁଦେବ ନାଏକ, ଅତିରିକ୍ତ ଶିକ୍ଷାଧିକାରୀ ଗଞ୍ଜୁଲୁ ମିର୍ଧା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆସନ୍ତା ୨୭ରେ ମହାରାଜା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବ୍ଲକର ୧୫ଟି କ୍ଲଷ୍ଟରରୁ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଏନସିଟିଏସ୍ ରାଜ୍ୟ ନିର୍ଦ୍ଦେଶକ ବୋର୍ଡ ସଦସ୍ୟ ପ୍ରାଣବନ୍ଧୁ ହୋତା ମୁଖ୍ୟ ବକ୍ତାଭାବେ ଯୋଗଦେଇ ଛାତ୍ରଛାତ୍ରୀ ବୈଜ୍ଞାନିକ ମନୋବୃତ୍ତି ର ବିକାଶ ପାଇଁ ତତ୍ପର ରହିବା ଉଚିତ ବୋଲି ପରାମର୍ଶ ଦେଇଥିଲେ।

ଶିକ୍ଷକ ସଂଜୀବ କୁମାର ସାହୁ ଓ ପଞ୍ଚାନନ ବାରିକ ସଭା ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ବିଜୟ କୁମାର ପଣ୍ଡା, ରୋହିତ ଦଣ୍ଡସେନା, ସଚିଦାନନ୍ଦ ବରିହା, ମାନସ ରଞ୍ଜନ ପୂଜାରୀ ବିଚାରକ ଭାବେ ଯୋଗଦେଇ ଥିଲେ। ବିଦ୍ୟାଳୟସ୍ତରରୁ ୧୭୦ ଟି ପ୍ରକଳ୍ପ ଓ ପ୍ରାଥମିକ ବିଦ୍ୟାଳୟସ୍ତରରୁ ୨୧ ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଶେଷରେ ପ୍ରଧାନଶିକ୍ଷକ ସନ୍ତୋଷ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବେସରକାରୀ ଜମିରେ ସରକାରୀ ପ୍ରକଳ୍ପ

### ■ କାର୍ଯ୍ୟାନୁଷ୍ଠାନ ଦାବିରେ ଲୋକାୟୁକ୍ତଙ୍କୁ ଅଭିଯୋଗ

ହରଭଙ୍ଗା,୨୧ ।୧୧(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଶଙ୍କୁଲେଇ ପଞ୍ଚାୟତ ରାଉତପଡାରେ ରୟତି ଜାଗାରେ ସରକାରୀ ପ୍ରକଳ୍ପ ନିର୍ମାଣ କରାଯାଇଛି। ଏ ନେଇ ଲୋକାୟୁକ୍ତଙ୍କଠାରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅବକାଶ ସାହୁ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ଲକର ଶଙ୍କୁଲେଇ ପଞ୍ଚାୟତ ଅଧୀନ ରାଉତପଡା ପ୍ରାଥମିକ ବିଦ୍ୟାଳୟର ଗୃହ ନିର୍ମାଣ କାର୍ଯ୍ୟ କରାଯାଇଛି। ଡିପିଇପି ଓ ଏଫଡିଆର ଅନୁଦାନରୁ ପୃଥକ ପୃଥକ ଭାବେ ୪ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ୨ ଜଣ ଠିକାଦାର ଗୋଟିଏ ଘରର ଉଭୟ ପାଶ୍ୱର୍କୁ ନିର୍ମାଣ କରିଛନ୍ତି। ତେବେ ଏହି ଜମି ରାଉତପଡା ଗ୍ରାମର ପଫୁଲ୍ଲ ଭୋକ୍ତା ଏବଂ ବଳଭଦ୍ର ଭୋକ୍ତାଙ୍କ ରୟତି ଜମି। ଖାତା ନମ୍ବର ୩୦ ଏବଂ ପ୍ଲଟ ନମ୍ବର-୨୫୭ର ଏହି ବ୍ୟକ୍ତିଗତ ଜମିରେ ଏହା ନିର୍ମାଣ କରାଯାଇଛି। ଏ ନେଇ ଗତ ଜୁଲାଇ ୧୫ରେ ବୌଦ୍ଧ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା; ମାତ୍ର ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି। ବ୍ୟକ୍ତିଗତ ଜମିରେ ବିଦ୍ୟାଳୟର ଟିଣ ଛପର କରି ଅନୁଦାନ ହଡପ କରୁଥିବା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଲୋକାୟୁକ୍ତଙ୍କ ନିକଟରେ ଦାବି କରିଛନ୍ତି। ଏହା ସହ ଆବଶ୍ୟକ ନଥିପତ୍ର ଦାଖଲ କରିଛନ୍ତି। ସେହିଭଳି ଏଭଳି ଆଉ ଏକ ଅଭିଯୋଗ ଅନୁସାରେ ଗତ ଜୁନ ମାସରେ ଦୁର୍ଗମ ତଳଗାଁ ପଞ୍ଚାୟତର ରାଣୀସାହି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ରୟତି ଜମିରେ ଏସଡିସି ଅନୁଦାନରୁ ଗ୍ରାମ ଦେବତୀ ପୀଠ ନିର୍ମାଣ ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଭଳି ଘଟଣା ବ୍ଲକରେ ବାରମ୍ବାର ପୁନରାବୃତ୍ତି ଯୋଗୁଁ ଦାୟିତ୍ୱରେ ଥିବା ବଡପଣ୍ଡାମାନଙ୍କ କାର୍ଯ୍ୟଶୈଳୀ ଉପରେ ବଡ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

## ବୌଦ୍ଧରେ ପୁଲିସ ମହା ନିର୍ଦ୍ଦେଶକ

ବୌଦ୍ଧ,୨୧ ।୧୧(ସମିସ): ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଶୁକ୍ରବାର ବୌଦ୍ଧ ଜିଲ୍ଲା ଗସ୍ତ କରିଛନ୍ତି। ବିଭାଗୀୟ ଅଧିକାରୀମାନଙ୍କ ସହ ବୈଠକ କରି ପରେ ଫେରି ଯାଇଛନ୍ତି। ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଦିନ ୨ଟାରେ ଅତିରିକ୍ତ ପୁଲିସ ମହା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ଓ ଦକ୍ଷିଣାଞ୍ଚଳ ଆଇ ଜି ନୀତି ଶେଖରଙ୍କ ସହ ବୌଦ୍ଧ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହାପରେ ଏକ ବୈଠକରେ ଯୋଗ ଦେଇଥିଲେ। ଏଥିରେ ଏସପି ରାହୁଲ୍ ଗୋୟଲଙ୍କ ସମେତ ଜିଲ୍ଲା ପୁଲିସ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଓ ଜିଲ୍ଲାର ସମସ୍ତ ଥାନାର ଅଧିକାରୀମାନେ ଯୋଗ ଦେଇଥିଲେ। ବୌଦ୍ଧ ଜିଲ୍ଲାରେ ମାଓବାଦୀ ସମସ୍ୟା, ଗଞ୍ଜେଇ ଚାଷ, ବାଲି ଚୋରା ଚାଲାଣ ଓ ଅପରାଧ ନିୟନ୍ତ୍ରଣ ସମ୍ପର୍କରେ ସମୀକ୍ଷା ହୋଇଛି। ତେବେ ଦୀର୍ଘ ୩ ଘଣ୍ଟା ଧରି ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଗଣମାଧ୍ୟମ ପ୍ରତିନିଧିମାନେ ଅପେକ୍ଷା କରିଥିଲେ ମଧ ପୁଲିସ ମହାନିର୍ଦ୍ଦେଶକ ଏବଂ ବରିଷ୍ଠ ଅଧିକାରୀମାନେ ଚାଲି ଯାଇଥିଲେ।

## ବୌଦ୍ଧରେ ବିଶ୍ୱ ମତ୍ସ୍ୟ ଦିବସ ପାଳିତ



ବୌଦ୍ଧ,୨୧ ।୧୧(ସମିସ): ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଛି। ଜିଲ୍ଲା ମତ୍ସ୍ୟ ଅଧିକାରୀ ଦ୍ରୌପଦୀ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ମୃତ୍ତିକା ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ଚିନ୍ତାମଣି ଜେନା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପି ଭି ରମଣ ରାଓ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ସସ୍ମିତା ପାଲ, ସହକାରୀ ନିବନ୍ଧକ ସମବାୟ ସମିତି ସମୁହ ଫକୀର ମୋହନ ବାଘ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ସଶକ୍ତ ମତ୍ସ୍ୟଜୀବୀ ବିକଶିତ ଓଡିଶା କାର୍ଯ୍ୟକ୍ରମ ଓ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଅତିଥିଗଣ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଏସଏଚଜି ଗ୍ରୁପ ଓ ମତ୍ସ୍ୟଜୀବୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଶିବିରରେ ୧୫୧ ୟୁନିଟ୍ ରକ୍ତ ସଂଗ୍ରହ

ପୁରୁଣାକଟକ/ହରଭଙ୍ଗା,୨୧ ।୧୧(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣା କଟକ ମିନି ଷ୍ଟାଡିୟମରେ ଏକ ରକ୍ତଦାନ ଶିବିର ଉଦ୍‌ଘାଟିତ ହୋଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଲୁଣିବାହାଲ ହନୁମାନ ମନ୍ଦିରଠାରୁ ଏକ ସାଇକଲ ଶୋଭାଯାତ୍ରା ବାହାରିଥିଲା। ରକ୍ତଦାନକୁ ନେଇ ବାହାରିଥିବା ଏହି ସଚେତନତା ଶୋଭାଯାତ୍ରାରେ କଲେଜ ଛାତ୍ରଛାତ୍ରୀ, ଯୁବଗୋଷ୍ଠୀ, ଜନ ସାଧାରଣ ସାମିଲ ହୋଇଥିଲେ। ପୁରୁଣାକଟକ ମିନି ଷ୍ଟାଡିୟମରେ ଏହା ପହଞ୍ଚିବା ପରେ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ମାଁ ଭୈରବୀଙ୍କୁ ପୂଜାର୍ଚ୍ଚନା କରି ଜିଲ୍ଲାପାଳ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବ କମିଟି ସଭାପତି ଅଶୋକ ଅଗ୍ରୱାଲ, ସମ୍ପାଦକ ଅଶୋକ ସେଠୀ, ସୁବାଷ ପ୍ରଧାନ, ରାଜ କୁମାର ଅଗ୍ରୱାଲ, କୈଳାସ ଅଗ୍ରୱାଲ, ଲୁଲୁ ସେଠୀ, ଭୈରବୀ କ୍ଲବ, ମହୋତ୍ସବ କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି ରକ୍ତଦାନ




ଶିବିରରେ ୧୫୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବୌଦ୍ଧ ରକ୍ତ ଭଣ୍ଡାରର ଟେକ୍‌ନିସିଆନ ଓ ପୁରୁଣା କଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, କର୍ମଚାରୀ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ମା' ଭୈରବୀ ସାଂସ୍କୃତିକ ପରିଷଦ ପକ୍ଷରୁ ଭୈରବୀ କ୍ଲବ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ମହିଳା ସମିତି, ମାରୱାଡି ସମାଜର ସହଭାଗିତାରେ ପଞ୍ଚମ ରାଜ୍ୟସ୍ତରୀୟ ମାଁ ଭୈରବୀ ମହୋତ୍ସବ ଅବସରରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା।

## ଖଟଖଟିଆରେ ମହତାବଙ୍କ ଜୟନ୍ତୀ



ମନମୁଣ୍ଡା,୨୧ ।୧୧(ସମିସ): ଖଟଖଟିଆ ସରକାରୀ ଉପ୍ରା ବିଦ୍ୟାଳୟରେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଜନ୍ମଦିନ ପାଳନ କରାଯାଇଛି। ଶିକ୍ଷକ ଙ୍ଗଜୁ ଅମାତଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟଲକ୍ଷ୍ମୀ ଶତପଥୀ ଅଧକ୍ଷତା କରିଥିଲେ। ମହତାବ କିପରି ଜଣେ ବିଚକ୍ଷଣ ବ୍ୟକ୍ତିତ୍ୱ ଥିଲେ ସେ ଆଲୋଚନା ହୋଇଥିଲା। ଶିକ୍ଷକ ସମୀର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ବନୀତା ମେହେର, ଦୀପ୍ତିମୟୀ ବୈଠାରୁ, ସ୍ନେହପ୍ରଭା ମହାପାତ୍ର ପ୍ରମୁଖ ମହତାବଙ୍କ ଜୀବନୀ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଛାତ୍ର ଦୁର୍ବାଦଳ ଅମାତ, ଧରିତ୍ରୀ ବସ୍ତିଆ, ଗାୟତ୍ରୀ ବାରିକ ମଧ ମହତାବଙ୍କ ଉପରେ ଭାଷଣ ଦେଇଥିଲେ। ଶେଷରେ ବିଦ୍ୟାଳୟର ମୁଖ୍ୟମନ୍ତ୍ରୀ ଶ୍ରେୟାରାଣୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସିଦ୍ଧାର୍ଥ ଉଚ୍ଚ ମାଧମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



ବିନିକା,୨୧ ।୧୧(ସମିସ): ବିନିକା ସିଦ୍ଧାର୍ଥ ଉଚ୍ଚ ମାଧମିକ ବିଦ୍ୟାଳୟରେ ୪୭ତମ ବାର୍ଷିକ କ୍ରୀଡ଼ା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି।

ପ୍ରାରମ୍ଭରେ ଅଧକ୍ଷା ରେଖା ପ୍ରଧାନଙ୍କ ଉପସ୍ଥିତିରେ ସ୍ଥାନୀୟ ଗଡ଼ଭିତର ସ୍ଥିତ ବିଶେଶ୍ୱର ବାବାଙ୍କ ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ମଶାଲ ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରି ବିଦ୍ୟାଳୟ ଖେଳ ପଡ଼ିଆରେ ପହଞ୍ଚିଥିଲେ। ବିଦ୍ୟାଳୟ ଅଧକ୍ଷା ରେଖାପ୍ରଧାନ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଖେଳରେ ପ୍ରାୟ ୪୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଖେଳ ଶିକ୍ଷକ ନାରାୟଣ ଚୌଧୁରୀଙ୍କ ତତ୍ୱାବଧାନରେ ଖେଳକୁ ନରସିଂହ ସେଠୀ, ମନୋଜ ସାହୁ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ସିଦ୍ଧାର୍ଥ ଡିଗ୍ରୀ କଲେଜ ଅଧକ୍ଷ ଡ. ଧୀରେନ୍ଦ୍ର ନାୟକ ଯୋଗଦେଇ ଛାତ୍ରଛାତ୍ରୀମାନେ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରନ୍ତୁ ଅବା ନକରନ୍ତୁ ନିଜର ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଯେକୌଣସି ଖେଳ ଖେଳିବା ଆବଶ୍ୟକ ବୋଲି କହିଥିଲେ। ବାଳିକା ବିଭାଗରେ ଲିପିରାଣୀ ଭୋଇ ଏବଂ ବାଳକ ବିଭାଗରେ ରୁପେସ ଧରାଇ ଚାମ୍ପିଅନ ହୋଇଥିଲେ। ଅଧପକ ନୀଳ ମାଧବ ଛତ୍ର, ଧନେଶ୍ୱର ସାହୁ, ମନୋଜ ମେହେର, ଆକାଶ ପ୍ରଧାନି, ପ୍ରଦୀପ ନାୟକ, ଆଲୋକ ସେଠୀ, ଯତୀନ୍ଦ୍ର ଦଣ୍ଡସନା, ସୁବଳ ପ୍ରଧାନ, ଦେବେଶ ଗଡ଼ନାୟକ, ରୋହିତ ଧରୁଆ, ଝଲକ ମିଶ୍ର, ଆଶୁତୋଷ ପୁରୋହିତ, ମନିଷ ଆଚାର୍ଯ୍ୟ, ବିଶ୍ୱମୟ ଗୁରୁ, ଅଧାପିକା ଦୀପ୍ତି ଭୋଇ, ତୁଳସୀ ରାୟ ଷ୍ଟାଫ ବୁଲୁ ଦଣ୍ଡିଆ, କୀର୍ତ୍ତନ ବାରିକ ପ୍ରମୁଖ ସହଯୋଗ କରିଥିଲେ।

### ରାଜ୍ୟସ୍ତରୀୟ ସୁଧୀର ସ୍ମାରକି କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସେମିଫାଇନାଲରେ ଡିସିସି କେନ୍ଦ୍ରାପଡ଼ା

ବୀରମହାରାଜପୁର,୨୧ ।୧୧(ସମିସ)




ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କମିରାରେ ସ୍ଥାନୀୟ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ହେଉଥିବା ରାଜ୍ୟସ୍ତରୀୟ ସୁଧୀର ସ୍ମାରକି କ୍ରିକେଟ ଟୁର୍ଣ୍ଣାମେଣ୍ଟ ( କମିରା କ୍ରିକେଟ କପ୍)ର ଶୁକ୍ରବାର ଥିଲା ତୃତୀୟଦିବସ। ଶୁକ୍ରବାର ବ୍ରହ୍ମଗିରି ଏକାଦଶ (ପୁରୀ) ଓ ଡିସିସି ଶାନ୍ତାପୁର ( କେନ୍ଦ୍ରାପଡ଼ା) ମଧ୍ୟରେ ହୋଇଥିଲା। ଏଥିରେ ବ୍ରହ୍ମଗିରି ଟସ୍ ଜିଣି କେନ୍ଦ୍ରାପଡ଼ାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। କେନ୍ଦ୍ରାପଡ଼ା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୩୩ ରନ କରିଥିଲା। ଦଳର ରାଜେଶ ସାମନ୍ତରାଏ ୩୬ ରନ ଓ ସନ୍ତୋଷ ମହାପାତ୍ର ୨୯ ରନ କରିଥିଲେ। ବ୍ରହ୍ମଗିରିର ଅନୀଲ ପ୍ରଧାନ ୩ଟି ଓ ନବୀନ ବଳିୟାରସିଂ ୨ ଟି ଉଇକେଟ ନେଇଥିଲେ। ଜବାବରେ ବ୍ରହ୍ମଗିରି ଦଳ ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୦ ରନକରି ପରାସ୍ତ ହୋଇଥିଲା। ଦଳର ଅନୀଲ କୁମାର ପ୍ରଧାନ ୩୨ ରନ ଓ ସନ୍ତୋଷ ପାତ୍ର ୩୫ ରନ କରିଥିଲେ। ବିପକ୍ଷ କେନ୍ଦ୍ରାପଡ଼ାର ଲକ୍ଷ୍ମୀକାନ୍ତ ନନ୍ଦ ୩ ଟି ଓ ଜୟପ୍ରକାଶ ଭୂୟାଁ ୨ ଟି ଲେଖାଏଁ ଉଇକେଟ ନେଇଥିଲେ। ଏହି ବିଜୟ ସହିତ କେନ୍ଦ୍ରାପଡ଼ା ଦଳ ସେମିଫାଇନାଲ ରେ ପ୍ରବେଶ କରିଛି। ଗୌନ୍ତିଆ ଗଜେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଏବଂ କ୍ରୀଡ଼ାବିତ କାଳିଆ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କେନ୍ଦ୍ରାପଡ଼ା ଦଳର ଅନୀଲ କୁମାର ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚଟିରେ ଶ୍ରୀବନ୍ତ ନାଏକ ଓ ସୁବାସ ଭଏନ ଅମ୍ପାୟାର, ପ୍ରଜେଶ ମହାକୁର ସ୍କୋରର ଏବଂ ସଚିନ ପ୍ରଧାନ ଓ ବୁଦ୍ଧଦେବ ମହାରଣା ଧାରାବିବରଣୀ ପ୍ରଦାନ କରିଥିଲେ।

● ମାଓବାଦୀଙ୍କ ବିସ୍ଫୋରଣ ଉଦ୍ୟମ ପଣ୍ଡ

# ଲ୍ୟାଣ୍ଡମାଇନ୍‌କୁ ନିଷ୍କ୍ରିୟ କଲେ ଯବାନ

ମାଲକାନଗିରି, ୨୧ ।୧୧(ସମିସ): ମାଲକାନଗିରି ସୀମାନ୍ତରେ ମାଓବାଦୀଙ୍କ ବଡ଼ ଧରଣର ବିସ୍ଫୋରଣ ଘଟଣାକୁ ପଣ୍ଡ କରି ୧୦ କେଜି ଓଜନର ଲ୍ୟାଣ୍ଡମାଇନ୍‌କୁ ଉଦ୍ଧାର କରି ନିଷ୍କ୍ରିୟ କରିଛନ୍ତି ଯବାନ । ସେଣ୍ଟ୍ରାଲ କମିଟିର ଆଗଧାଡ଼ିର ମୋଷ୍ଟ ୱାଣ୍ଟେଡ୍ ମାଓନେତା ହିଡ଼ମାଙ୍କର ଏନକାଉଣ୍ଟରରେମୃତ୍ୟୁହେବାପରେରକ୍ତମୁଖାହୋଇଉଠିଛନ୍ତିମାଓବାଦୀ ।ପୁଲିସଓଯବାନଙ୍କୁ ଟାର୍ଗେଟ କରି ସେମାନଙ୍କ ଯାତାୟତ ରାସ୍ତାରେ ଲ୍ୟାଣ୍ଡମାଇନ, ପ୍ରେସର ବମ ଖଞ୍ଜୁଥିବାର ଜଣା ପଡିଛି । ଆଜି ସକାଳେ ସୀମାନ୍ତ ଛତିଶଗଡ଼ ରାଜ୍ୟ ବିଜାପୁର ଜିଲ୍ଲା ଭୈରମଗଡ଼ ଜଙ୍ଗଲରେ ସିଆରପିଏଫ ଯବାନ ମାନେ ସର୍ଚ୍ଚ ଅପରେସନ କରୁଥିଲେ । ହଠାତ୍ ସେମାନଙ୍କ ମେଟାଲ ଡିଟେକ୍ଟର ସାଇରନ ବାଜି ଉଠିଥିଲା । ଯବାନମାନେ ସତର୍କ ହୋଇ ଜଙ୍ଗଲରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ । ଯବାନଙ୍କୁ ଟାର୍ଗେଟ କରି ଖଞ୍ଜିଥିବା ୧୦ କେଜି ଓଜନର ଲ୍ୟାଣ୍ଡ ମାଇନକୁ ଯବାନମାନେ ଉଦ୍ଧାର କରି ମାଓବାଦୀଙ୍କ ବଡ଼ ଧରଣର ବିସ୍ଫୋରଣ ଘଟଣାକୁ ପଣ୍ଡ କରି ଦେଇଛନ୍ତି । ଉଦ୍ଧାର ଲ୍ୟାଣ୍ଡମାଇନ୍‌କୁ ଯବାନ ମାନେ ନିଷ୍କ୍ରିୟ କରିଥିବା ଜଣାପଡ଼ିଛି ।

● ପ୍ରଥମ ଭତ୍ତା ଟଙ୍କା ବ୍ୟାଙ୍କରୁ ଉଠାଇ ଫେରୁଥିଲେ

# ଝଞ୍ଜାବତୀ ନଦୀରେ ଭାସିଯାଇ ବୃଦ୍ଧଙ୍କ ମୃତ୍ୟୁ

ବନ୍ଧୁଗାଁ, ୨୧।୧୧(ସମିସ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତ ଗୋଡିପୁଟ ଗ୍ରାମର ଜଣେ ବୃଦ୍ଧ ପ୍ରଥମ ବାର୍ଦ୍ଧକ୍ୟ ଭତ୍ତା ବ୍ୟାଙ୍କରୁ ଉଠାଇ ଫେରୁଥିବା ବେଳେ ଝଞ୍ଜାବତି ନଦୀରେ ଭାସି ଯାଇ ପ୍ରାଣ ହରାଇଛନ୍ତି । ସୂଚନା ଅନୁଯାୟୀ ଗୁରୁବାର ଦିନ ସକାଳେ କାଡ୍ରାକା ତିଲି (୬୦) ତାଙ୍କ ସ୍ତ୍ରୀ କାଡ୍ରାକା ସିନ୍ଦେଙ୍କ ସହିତ ମିଶି ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ଉଠାଇବା ପାଇଁ ବନ୍ଧୁଗାଁ ବ୍ୟାଙ୍କକୁ ଆସିଥିଲେ । ବ୍ୟାଙ୍କରୁ ଭତ୍ତା ଟଙ୍କା ଉଠାଇବା ପରେ ସ୍ୱାମୀ ସ୍ତ୍ରୀ ସଂଧ୍ୟା ୬ଟା ସମୟରେ ବାଉଁଶପୁଟ ଗ୍ରାମ ଦେଇ ନିଜ ଗ୍ରାମକୁ ଯିବା ପାଇଁ ଝଞ୍ଜାବତି ନଦୀ ପାରି ହେଉ ଥିଲେ । ଉଭୟେ ସ୍ୱାମୀ ସ୍ତ୍ରୀ ନଦୀ ପାରି ହେଉଥିବା ବେଳେ କାଡ୍ରାକା ତିଲି ନଦୀରେ ଭାସି ଯାଇ ଥିଲେ । ସ୍ତ୍ରୀ ବହୁ କଷ୍ଟରେ ନଦୀ ପାରି ହୋଇ ଗାଁ କୁ ଯାଇ ସ୍ୱାମୀ ଭାସି ଯାଇଥିବା ନିଜ ପୁଅ ପୂର୍ଣ୍ଣ କାଡ୍ରାକା ଓ ଅନ୍ୟମାନଙ୍କୁ ଜଣାଇଥିଲେ । ସମସ୍ତେ ରାତ୍ରରେ ପ୍ରାୟ ଦୁଇ କିମି ଦୂର ପର୍ଯ୍ୟନ୍ତ ନଦୀ କୂଳେ କୂଳେ ଯାଇ ଖୋଜି ନ ପାଇବାରୁ ଫେରି ଯାଇଥିଲେ । ଆଜି ସକାଳ ୭ ଘଣ୍ଟା ସମୟରେ ନଦୀରେ ଶବ ଭାସୁଥିବା ଦେଖିବା ପରେ ପୁଅ ପୂର୍ଣ୍ଣ କାଡ୍ରାକା ଲିଖିତ ଭାବେ ବନ୍ଧୁଗାଁ ଥାନାରେ ଦେଇଥିଲେ । ଥାନା ଏସଆଇ ଟଙ୍କଧର ନାଏକ କେଶ ହାତକୁ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି । ଆଜି ପର୍ଯ୍ୟନ୍ତ ଗାଁକୁ ନିର୍ମାଣାଧୀନ ରାସ୍ତା ଅଟକି ରହିଛି । ଗ୍ରାମବାସୀ ସମସ୍ତ କାମ ପାଇଁ ବନ୍ଧୁଗାଁ ବଜାର ଉପରେ ନିର୍ଭର କରିଥାନ୍ତି । ଏଥିପାଇଁ ଝଞ୍ଜାବତି ପାରି ହୋଇ ସ୍ୱାସ୍ଥ୍ୟ କେନ୍ଦ୍ର, ବାର୍ଦ୍ଧକ୍ୟ ଭତ୍ତା, ଚାଉଳ ଓ ଅନ୍ୟାନ୍ୟ କାମ ପାଇଁ ଆସିଥାନ୍ତି । ଆଜି ପର୍ଯ୍ୟନ୍ତ ଗ୍ରାମକୁ ବ୍ରିଜ୍ ଖଣ୍ଡିକ ହୋଇ ନ ଥିବାରୁ ଗ୍ରାମବାସୀ ଜୀବନକୁ ବାଜି ଲଗାଇ ଝଞ୍ଜାବତି ନଦୀ ପାରି ହେଉଛନ୍ତି । ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ପ୍ରଭାତ ପାଣିଙ୍କ ଉପସ୍ଥିତିରେ ଶବକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# 'ପରବ' ପଡ଼ିଆର ସ୍ଥିତି ପରଖିଲେ ଜିଲ୍ଲାପାଳ



କୋରାପୁଟ,୨୧।୧୧(ସମିସ): ଜାତୀୟସ୍ତରୀୟ ଲୋକ ମହୋତ୍ସବ ପରବ ୨୦୨୫ର ମୁଖ୍ୟ ସମାରୋହ ଆସନ୍ତା ମାସ ୧୮ ରୁ ୨୨ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବାକୁ ଥିବା ବେଳେ ପରବ ପଡ଼ିଆର ସ୍ଥିତି ପରଖିବା ପାଇଁ ଆଜି ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏବଂ ଏସ୍‌ପି ରୋହିତ ବର୍ମା ପଡ଼ିଆ ପରିଦର୍ଶନ କରିଥିଲେ । ପରବ ପଡ଼ିଆରେ ପଲ୍ଲୀଶ୍ରୀ ମେଳା, ଖାଦ୍ୟ କୋର୍ଟ, ବିଭିନ୍ନ ବିଭାଗର ଉନ୍ନୟନ ମୂଳକ ପ୍ରକଳ୍ପର ପ୍ରଦର୍ଶନୀ ନିମନ୍ତେ ଷ୍ଟଲ ଗୁଡ଼ିକ କିପରି କରାଯିବ ତାହା ପାଇଁ ଜିଲ୍ଲାପାଳ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା କାର୍ଯ୍ୟ ଶେଷ ହେବ ବୋଲି ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ କହିଛନ୍ତି । କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, କୋରାପୁଟ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, ଅତିରିକ୍ତ ଏସପି ମନୋଜ କୁମାର ପୂଜାରୀ, କୋରାପୁଟ ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ, କୋରାପୁଟ ବିଡିଓ ଦେବାଶିଷ ଗୌଡ, କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ଭଗବାନ ପ୍ରଧାନ, କୋରାପୁଟ ତହସିଲଦାର ଶୟଦ ସବୀର ସାହା, କୋରାପୁଟ ପିଡବ୍ଲୁଡି ଅଧିକ୍ଷଣ ଯନ୍ତ୍ରୀ ଶୁଭକାନ୍ତ ବାରିକ, ନିର୍ବାହୀ ଯନ୍ତ୍ରୀ ଆକାଶ ଗୁପ୍ତା, କନିଷ୍ଠ ଯନ୍ତ୍ରୀ ଶୁଭେନ୍ଦୁ ଦାଶ, ଜିଲ୍ଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା, ଓରମାସ ଯୁଗ୍ମ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏ.ଉମା.ମହେଶଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

● ବେଆଇନ ଫାଟକ ସ୍ଥାପନ ଘଟଣା

# ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ହାଜର ହେଲେ ୫ ସଦସ୍ୟ

ନନ୍ଦପୁର, ୨୧।୧୧(ସମିସ): ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ବାଲଡ଼ା ନାଗେଶ୍ୱରୀ ପାହାଡ଼ ପାଦ ଦେଶରେ ଫାଟକ ନିର୍ମାଣ ସ୍ଥାପନ କରି ପ୍ରଶାସନ ପକ୍ଷରୁ ନୋଟିସ ପାଇଥିବା ବନ ସୁରକ୍ଷା କମିଟିର ୫ ସଦସ୍ୟ ଆଜି ତହସିଲଦାର ତଥା ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର ହୋଇଛନ୍ତି । ଏଥିପାଇଁ ସେମାନେ ଫାଇନ ଦେଇଥିବା ଜଣାପଡିଛି । ସେପଟେ ସ୍ଥାନୀୟ ମାଜିଷ୍ଟ୍ରେଟ ଶ୍ରୀ ମହାରଣାଙ୍କ ନିର୍ଦ୍ଦେଶ ପରେ ପାହାଡ଼ ଉପରେ ଯାତାୟାତ କରୁଥିବା ଯାନବାହାନ ଉପରୁ ଶୁଳ୍କ ଆଦାୟ ବନ୍ଦ ରହିଛି ।

## ପାରିବାରିକ ବିବାଦରୁ ଲଙ୍କାକାଣ୍ଡ

# ଦୁଇ ସାହିବାସିନ୍ଦାଙ୍କ ମଧ୍ୟରେ ଗଣ୍ଡଗୋଳ : ୬ ଆହତ



ଜୟପୁର, ୨୧ ।୧୧ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ଆଜି ଅପରାହ୍ନରେ ଏକ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଛି । ପାରିବାରିକ ବିବଦକୁ ନେଇ ଗୋପବନ୍ଧୁ ନଗର ଏବଂ ବାପୁଜୀ ନଗର ବାସିନ୍ଦାଙ୍କ ମଧ୍ୟରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା । ଉଭୟ ସାହିର ପୁରୁଷ, ଯୁବକ, ମହିଳା ମାନେ ମୁହାଁମୁହିଁ ହେବା ସହିତ ଉଭୟ ଉଭୟଙ୍କ ଉପରେ ପଥର ମାଡ କରିଥିଲେ । ଯୁବକ ମାନେ ଖଣ୍ଡା, ଫାର୍ଶା, ଲୁହା ରଡ, ଠେଙ୍ଗା ନେଇ ପରସ୍ପର ଉପରେ ଆକ୍ରମଣ ପାଇଁ ଉଦ୍ୟତ ହେଉଥିବା ବେଳେ ଠିକ୍ ସମୟରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ । ଜୟପୁର ଏସଡିପିଓ ପାର୍ଥ କାଶ୍ୟପ ଏବଂ ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ଉଭୟ ଟାଉନ ଓ ସଦରଥାନା ପୁଲିସ ଅଧିକାରୀ ଓ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ଉଭୟ ସାହି ବାସିନ୍ଦାଙ୍କୁ ଘଉଡାଇ ଥିଲେ । ଉଭୟ ପକ୍ଷରୁ ଉଭୟଙ୍କ ଉପରେ ପଥର ମାଡ ଯୋଗୁଁ ୫ରୁ ଅଧିକ ଯୁବକ ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ପୁଲିସ ଉଦ୍ଧାର କରିବା ସହ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି । ସେହିପରି ପୁଲିସ ଦଳ ଉଭୟ ବାପୁଜୀ ନଗର ଏବଂ ଗୋପବନ୍ଧୁ ନଗରରେ ଉପସ୍ଥିତ ରହିଥିବା ବେଳେ ଖଣ୍ଡା. ବାର୍ଶା ପ୍ରଭୃତି ମାରଣାସ୍ତ୍ର ଜବତ କରିଛନ୍ତି । ଆଜି ରାତିରେ ଉଭୟ ସାହିରେ ଏକ ପ୍ଲାଟୁନ ଲେଖାଏଁ ପୁଲିସ ଉପସ୍ଥିତ ରହିବେ ବୋଲି ଏସଡିପିଓ ଶ୍ରୀ କାଶ୍ୟପ ପ୍ରକାଶ କରିଛନ୍ତି । ୪ ଜଣଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଥିବା ବେଳେ ୨ଜଣ ସାମାନ୍ୟ ଆହତ ହୋଇଛନ୍ତି । କେହି ଗୁରୁତର ନଥିବା ପୁଲିସ କହିଛି । ସୂଚନା ଅନୁସାରେ, ବାପୁଜୀ ନଗର ଅଞ୍ଚଳର ଜଣେ ଯୁବତୀଙ୍କୁ ଗୋପବନ୍ଧୁ ନଗର ଅଞ୍ଚଳ ଯୁବକ ପ୍ରେମ ବିବାହ କରିଥିଲେ । କିନ୍ତୁ ଉଭୟଙ୍କ ଜାତିକୁ ନେଇ ବିବାଦ ଯୋଗୁଁ ଯୁବତୀଙ୍କୁ ଶାଶୁଘର ଲୋକ ନିର୍ଯାତନ ଦେଉଥିବା ନେଇ ଯୁବତୀଙ୍କ ପରିବାର ପକ୍ଷରୁ ଥାନାର ଦ୍ୱାରସ୍ଥ ହୋଇଥିଲେ । ଆଜି ଥାନାରେ ସମାଧାନ ନେଇ ଉଭୟ ସାହିର ବୟଜ୍ୟୋଷ୍ଠ ଉପସ୍ଥିତ ରହି ସମାଧାନ ନେଇ ସ୍ଥିର ହୋଇଥିଲା । କିନ୍ତୁ ଏହା ପୂର୍ବରୁ ଆଜି ଅପରାହ୍ନରେ ଗୋପବନ୍ଧୁ ନଗରର ୫ରୁ ୬ଜଣ ଯୁବକ ବାଇକରେ ବିଭିନ୍ନ ମାରଣାସ୍ତ୍ର ନେଇ ବାପୁଜୀ ନଗର ଭିତରେ ପ୍ରବେଶ କରିଥିଲେ ଏବଂ ସାହି ବାସିନ୍ଦାଙ୍କୁ ଧମକ ଚମକ ଦେଇଥିଲେ । ଏହାପରେ ବାପୁଜୀ ନଗର ବାସିନ୍ଦା ବିଭିନ୍ନ ମାରଣାସ୍ତ୍ର ନେଇ ଗୋପବନ୍ଧୁ ନଗର ଆଡକୁ ଯାଉଥିବା ବେଳେ ବିପରୀତ ଦିଗରୁ ମଧ୍ୟ ଅନରୂପ ଭବେ ଗୋପବନ୍ଧୁ ନଗରର ବାସିନ୍ଦା ବିଭିନ୍ନ ମାରଣାସ୍ତ୍ର ନେଇ ଆସିବା ସହ ଉଭୟ ପରସ୍ପର ଉପରକୁ ପଥର ମାଡ କରିଥିଲେ ।

### ଉତ୍ତେଜନାକୁ ନିୟନ୍ତ୍ରଣ କଲା ପୁଲିସ

ସ୍ଥାନୀୟ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗାଡି ଗୁଡିକ ଭାଙ୍ଗି ଯାଇଛି । ଠିକ୍ ସମୟରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ସାହି ବାସିନ୍ଦାଙ୍କୁ ଘଉଡାଇଥିଲେ । କିନ୍ତୁ ଉତ୍ତେଜନା ଲାଗି ରହିଛି । ଏହିପରି ଉଭୟ ସାହି ବାସିନ୍ଦା ପରସ୍ପର ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ତଦନ୍ତ କରିବା ସହ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଏସ୍‌ଡିପିଓ ଶ୍ରୀ କାଶ୍ୟପ ପ୍ରକାଶ କରିଛନ୍ତି ।

# କେନ୍ଦ୍ରୀୟ ଓଡ଼ିଆ ବିଶ୍ୱ ବିଦ୍ୟାଳୟରେ ଖୋଲିବ ଜନଜାତୀୟ ସଂଚାର କେନ୍ଦ୍ର

କୋରାପୁଟ,୨୧।୧୧(ସମିସ): ଓଡ଼ିଶାର ଆଦିବାସୀ ସମ୍ପନ୍ନ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ କରିବା ଓ ଜନଜାତୀୟ ସମୁଦାୟମାନ କଥାକୁ ଦୃଢ଼ ଭାବରେ ସାମ୍ନାକୁ ଆଣିବା ପାଇଁ କେନ୍ଦ୍ରୀୟ ଓଡିଶା ବିଶ୍ୱବିଦ୍ୟାଳୟ (ସିୟୁଓ) ଓ ୟୁନିସେଫ୍ ଓଡିଶା ମିଳିତ ଭାବରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଜନଜାତୀୟ ସଂଚାର କେନ୍ଦ୍ର ସ୍ଥାପନ ସହମତି ହୋଇଛି । ଜନଜାତିୟ ସମୁଦାୟର ସାମାଜିକ,ଆର୍ଥିକ ସଶକ୍ତିକରଣ, ପାରମ୍ପରିକ ଜ୍ଞାନ ଓ ପ୍ରଥାମାନଙ୍କ ସୁରକ୍ଷା ଏବଂ ସମୃଦ୍ଧି ସହିତ ସମାନ ସୁଯୋଗ ନିଶ୍ଚିତ କରି ରାଜ୍ୟର ଉନ୍ନୟନ ମୂଖ୍ୟଧାରାରେ ତାଙ୍କୁ ଅନ୍ତର୍ଭୁକ୍ତ କରିବା ଏହି ପଦକ୍ଷେପର ଲକ୍ଷ୍ୟ ଥିବା କୁହାଯାଇଛି । ସୁନାବେଡା ସ୍ଥିତ ସିୟୁଓ କ୍ୟାମ୍ପସ୍‌ରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଓ ୟୁନିସେଫ୍ ଓଡିଶାର ଫିଲ୍ଡ ଅଫିସ୍‌ର ଚିଫ୍ ଉଇଲିଆମ୍ ହାନ୍ଲନ୍ ଔପଚାରିକ ଭାବେ ଉଦ୍ଦେଶ୍ୟ ପତ୍ରକୁ ସ୍ୱାକ୍ଷର କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟର ବିତ୍ତ ଅଧିକାରୀ ଦୁର୍ଯୋଧନ ସେଠୀ, ପତ୍ରକାରିତା ଏବଂ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ମୂଖ୍ୟ ଡ଼. ନିଖିଲ କୁମାର ଗୌଡ଼, ଓ ଅଧ୍ୟାପକ ମଣ୍ଡଳୀ , ୟୁନିସେଫ୍ ଓଡିଶାର ଏସବିସି ବିଶେଷଜ୍ଞ ଡ଼. ସୁଗତ ରାୟ ଓ ସିୟୁଓ ଲୋକସମ୍ପର୍କ ଅଧିକାରୀ ଡ଼. ଫଗୁନାଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପଦକ୍ଷେପକୁ ବିଶ୍ୱବିଦ୍ୟାଳୟ ପାଇଁ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ବୋଲି ବ୍ୟାଖ୍ୟା କରି ପ୍ରଫେସର ପଣ୍ଡା କହିଥିଲେ । ଚୁକ୍ତିପତ୍ର ସ୍ୱାକ୍ଷର ସମୟରେ ଡ. ସୌରଭ ଗୁପ୍ତା, ଡ. ପ୍ରଦୋଷ କୁମାର ରଥ, ଡ. ଗୌରବ ରଞ୍ଜନ, ସୁମିତ କୁମାର ବେହେରା, ଡ. ସୋନି ପାଢ଼ି, ଡ. ତଲତ ଜହାଁ ବେଗମ୍ ପ୍ରମୁଖ ଉପସ୍ଥିତ ଥିଲେ ।

● ମାଓନେତା ହିଡମାକୁ ହତ୍ୟା ଅଭିଯୋଗ

# ୨୩ରେ ମାଓବାଦୀଙ୍କ ବନ୍ଦ ଡାକରା

ମାଲକାନଗିରି,୨୧ ।୧୧(ସମିସ): କୁଖ୍ୟାତ ମାଓନେତା ହିଡମାର ମୃତ୍ୟୁକୁ ନେଇ ଉଠିଲା ସ୍ୱର । ଗୁଳି ବିନିମୟରେ ହିଡମାର ମୃତ୍ୟୁକୁ ଖଣ୍ଡନ କରିବା ସହ ତାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ କରିଛି ମାଓ ସଙ୍ଗଠନ । ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସୀମାନ୍ତ ଆନ୍ଧ୍ରପ୍ରଦେଶର ଆଲ୍ଲୁରି ସୀତାରାମରାଜୁ ଜିଲ୍ଲାର ମାରେଡୁମିଲ୍ଲି ଜଙ୍ଗଲରେ ଟପ ମାଓ ନେତା ହିଡମା ସମେତ ମୋଟ ୬ ଜଣ ମାଓବାଦୀ ଗତ ଦୁଇଦିନ ପୂର୍ବେ ପୋଲିସ ଗୁଳିରେ ନିହତ ହୋଇଥିବା ଜଣା ପଡିଥିଲା । ତେବେ ଏହାର ଦୁଇ ଦିନ ପରେ ମାଓ ସଙ୍ଗଠନର କେନ୍ଦ୍ରୀୟ କମିଟିର ପ୍ରବକ୍ତା ଅଭୟ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି ଆନ୍ଧ୍ର ପୁଲିସ ହିଡମାକୁ ଧରି ଅତି ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି । ହିଡମା ଏବଂ ତାଙ୍କ କିଛି ସାଥୀ ବିଜୟୱାଡାକୁ ଚିକିତ୍ସା ପାଇଁ ଯାଇଥିଲେ । ପୁଲିସ ସେମାନଙ୍କୁ ଧରିବା ସହ ଗତ ୧୫ ତାରିଖରେ ହିଡ଼ମା ସମେତ ସମସ୍ତଙ୍କୁ ଧରି ଆିମ୍ ସମର୍ପଣ ପାଇଁ କହିଥିଲେ । କିନ୍ତୁ ହିଡମା ଆତ୍ମ ସମର୍ପଣ ନ କରିବାରୁ ତାକୁ ଏବଂ ଅନ୍ୟ ସାଥୀଙ୍କୁ ହତ୍ୟା କରି ମାରେଡୁମିଲ୍ଲି ଜଙ୍ଗଲରେ ପକାଇ ଏହାକୁ ଗୁଳି ବିନିମୟର ରୂପ ଦିଆଯାଇଥିବା ଅଭିଯୋଗ କରାଯାଇଛି । ଏହି ହତ୍ୟାକୁ ବିରୋଧ କରି ଆସନ୍ତା ୨୩ ତାରିଖ ଦିନ ସାରା ଭାରତରେ ପ୍ରତିବାଦ ଦିବସ ପାଳନ କରାଯିବା ସହ ବନ୍ଦ ଡାକରା ଦେଇଛି ମାଓ ସଂଗଠନ ।

# ଆଉ ଜଣଙ୍କ ଶବ ଉଦ୍ଧାର

ଖଇରପୁଟ, ୨୧ ।୧୧(ସମିସ): ଖଇରପୁଟ ବ୍ଲକ୍‌ର ଗୁମ୍ମା ଝରଣରେ ଗାଧୋଉଥିବା ବେଳେ ଜଳସ୍ରୋତରେ ଭାସି ଯାଇଥିବା ଲିଙ୍ଗରାଜ ମହାପାତ୍ରଙ୍କ ମୃତ ଶରୀର ଆଜି ଉଦ୍ଧାର ହୋଇଛି । ଏଡା ପୂର୍ବରୁ ଏସ୍. ଶିଖରଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ଉଭୟେ ଜୟପୁରର ବିକ୍ରମ ଦେବ କଲେଜର ଦ୍ୱିତୀୟ ବର୍ଷର ଛାତ୍ର ଥିଲେ ।

# କାର୍ ସର୍ଭିସିଂ କେନ୍ଦ୍ର ପରିଚାଳକଙ୍କୁ ଆକ୍ରମଣ

ଜୟପୁର, ୨୧ ।୧୧(ସମିସ): ଜୟପୁର ସଦର ଥାନା ବାରିଣିପୁଟ ଅଞ୍ଚଳରେ ଏକ କାର ସର୍ଭିସିଂ କେନ୍ଦ୍ରରେ ପରିଚାଳକ ସରୋଜ କୁମାର ଗୌଡଙ୍କୁ ଆକ୍ରମଣ ହୋଇଥିବା ସଦରଥାନାରେ ଏକ ମାମଲା ରୁଜୁ ହୋଇଛି । ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ପି. ଶ୍ୟାମକୁମାର ଅତ୍ୟଧିକ ମଦ୍ୟପାନ କରି ସର୍ଭିସିଂ କେନ୍ଦ୍ରରେ ରହିଥିବା ମହିଳାଙ୍କୁ ଅସଦାଚରଣ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ଏହାକୁ ପରିଚାଳ ଶ୍ରୀ ଗୌଡ ବିରୋଧ କରିବାରୁ ଅଭିଯୁକ୍ତ ଶ୍ୟାମକୁମାରଙ୍କ ସାଥିରେ ଥିବା ଅନ୍ୟତମ ଅଭିଯୁକ୍ତ ଶେଖ ୟୁସୁଫ ଅହମ୍ମଦ ଏକ ଟାଙ୍ଗିଆରେ ଶ୍ରୀ ଗୌଡଙ୍କୁ ଆକ୍ରମଣ କରିଥିଲେ ।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ମାଲକାନଗିରି,୨୧ ।୧୧(ସମିସ): ମାଲକାନଗିରି ଜିଲ୍ଲା ସଦର ମହକୁମା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଆଜି ମତ୍ସ୍ୟ ଅଧିକାରୀ ସୁଧାଂଶୁ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବିଶ୍ୱ ମତ୍ସ୍ୟ ଦିବସ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବାବେ ମାଲକାନଗିରି ସାଂସଦ ପ୍ରତିନିଧି ସଂଜୟ ସରକାର ଯୋଗ ଦେଇଥିଲେ । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଗଗନ ଚରଣ ନାୟକ, ସହକାରୀ ଉଦ୍ୟାନ ଅଧିକାରୀ ପ୍ରତ୍ୟସ ଶବର, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଦେବୀପ୍ରସାଦ ଦାସ, ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ସମୀର ଶବର, ମାଲକାନଗିରି ବିଧାୟକ ପ୍ରତିନିଧି ନିହାର ରାୟଙ୍କ ସହ ୭୦ରୁ ଅଧିକ ମତ୍ସ୍ୟ ଚାଷୀ ଉପସ୍ଥିତ ଥିଲେ । ମାଲକାନଗିରି ଜିଲ୍ଲାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶର ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଯେଉଁ ପଦକ୍ଷେପ, ବିଭିନ୍ନ ଯୋଜନା ମାଧ୍ୟମରେ ହିତାଧିକାରୀମାନଙ୍କ ଆର୍ଥିକ ମାନଦଣ୍ଡର ଉନ୍ନତି, ମତ୍ସ୍ୟ ଓ ଗୋ-ସମ୍ପଦର ବିକାଶ ଦ୍ୱାରା ଜିଲ୍ଲାରେ ଦୁଗ୍ଧ, ଅଣ୍ଡା, ମାଛ, ମାଂସର ଉତ୍ପାଦନ ବୃଦ୍ଧି ନିମନ୍ତେ ବୈଜ୍ଞାନିକ ଜ୍ଞାନ କୌଶଳ ଯୋଗାଇ ଦେବା ସମ୍ବନ୍ଧରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଚାଷୀ ମାନେ ମାଛ ଚାଷ ପାଇଁ ଅଧିକ ରାସାୟନିକ ପଦାର୍ଥ ବ୍ୟବହାର ନ କରି ଜୈବିକ ପଦାର୍ଥ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସହକାରୀ ମତ୍ସ୍ୟ ଅଧିକାରୀ ମନୋଜ କୁମାର ଜେନା ପରିଚାଳନା କରିଥବା ବେଳେ ଜେଏଫ୍‌ଟିଏ ରାଜକିଶୋର ଗନ୍ତାୟତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳନ

ରାୟଗଡ଼ା,୨୧।୧୧(ସମିସ): ରାୟଗଡ଼ା ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟାଙ୍କ ସମ୍ମିଳନୀ କକ୍ଷ ଠାରେ ଶୁକ୍ରବାର ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ୫୦ରୁ ଅଧିକ ମତ୍ସ୍ୟ ଚାଷୀ ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମା' ମାନେ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ମୃଣ୍ମୟ ପଣ୍ଡା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏସ୍‌କେ. ଏହେସାନ, ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ କୁମାର ଗଉଡ଼, ଜିଲ୍ଲା ପ୍ରକଳ୍ପ ସଂଯୋଜକ, ମିଶନ ଶକ୍ତି, ରାୟଗଡ଼ା ଶଙ୍କର ଚାଲାଣ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ମୃତ୍ତିକା ସଂରକ୍ଷଣ ଏବଂ ଜଳଛାୟା ବିଭାଗ ସମ୍ପଦ ସ୍ୱରୂପ ସାମଲ ଯୋଗ ଦେଇଥିଲେ । ଏହି ଅବସରରେ ସଫଳ ମତ୍ସ୍ୟ ଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲାର ମତ୍ସ୍ୟ ବିକାଶ କ୍ଷେତ୍ରରେ କାର୍ଯ୍ୟଧାରା ଉପରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ନିଜର ଅଭିଭାଷଣ ରଖିଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସହକାରୀ ମତ୍ସ୍ୟ ଅଧିକାରୀ, ମୁଖ୍ୟାଳୟ, ରାୟଗଡ଼ା ସୁଶ୍ରୀ ପ୍ରୀତିଶ ନନ୍ଦା ପଟ୍ଟନାୟକ ଆଲୋଚନା କରିଥିଲେ । ଏହା ସହିତ ମତ୍ସ୍ୟ ସମ୍ପଦର ସୁରକ୍ଷା, ଜଳ ସମ୍ପଦର ଦାୟିତ୍ୱପୂର୍ଣ୍ଣ ପରିଚାଳନା ଦିଗ, ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବା ସହ ତୃଣମୂଳ ସ୍ତରରେ ଗ୍ରାମୀଣ ଅର୍ଥ ନୀତିର ବିକାଶ ପାଇଁ ପ୍ରାଣୀ ପାଳନ କୁକୁଡ଼ା ପାଳନ ମତ୍ସ୍ୟ ଚାଷ କିପରି ସହାୟକ ହେଇପାରିବ ସେ ସମ୍ପର୍କରେ ବିଶେଷଭାବେ ଅତିଥିମାନେ ମତ୍ସ୍ୟ ଚାଷୀଙ୍କର ଦୃଷ୍ଟି ଆକର୍ଷଣ କରଥିଲେ । ମତ୍ସ୍ୟ ଚାଷ ମାଧ୍ୟମରେ ସ୍ୱାବଲମ୍ବୀ ଚାଷୀ ତଥା ଉଦ୍ୟୋଗୀ ସୃଷ୍ଟି କରିବା ଏବଂ ପ୍ରାଣୀ ସମ୍ପଦକୁ ନିରୋଗ ଏବଂ ନିରାମୟ ରଖିବା ସହ ରାୟଗଡ଼ା ଜିଲ୍ଲା କିପରି ମାଛ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିବ ସେ ବିଷୟରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ନିଜର ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସୂଚାରୁରୂପେ ଆୟୋଜନ କରିବାରେ ମତ୍ସ୍ୟ ବିଭାଗ ର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ସହାୟତା କରିଥିଲେ ।

# 'ପରବ' ଉଦ୍‌ଯାପିତ

କୋରାପୁଟ,୨୧।୧୧(ସମିସ): ସ୍ଥାନୀୟ ଟାଉନ ହଲଠାରେ କୋରାପୁଟ ପୌର ପରିଷଦ ସ୍ତରୀୟ ପରବ ଉଦଯାପିତ ହୋଇଯାଇଛି । ପରବ ମାଧ୍ୟମରେ ଲୁକାକାୟିତ ପ୍ରତିଭା ଅନ୍ୱେଷଣ ହେବା ସହ ଜିଲ୍ଲାର କଳା ଓ ସଂସ୍କୃତିର ପ୍ରଚାର ହୋଇ ପାରୁଥିବା କୋରାପୁଟ ବିଧାୟକ ରଘୁରାମ ମାଛ ଉଦଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମତ ପ୍ରକାଶ କରିଥିଲେ । ସମ୍ମାନୀତ ଅତିଥି ଭାବେ ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ ଯୋଗଦେଇ ପରବ ହେଉଛି କୋରାପୁଟ ଜିଲ୍ଲାର ଗୌରବ ଅଟେ ବୋଲି ପ୍ରକାଶ କରିଛନ୍ତି । ପରବ ବିଶ୍ୱ ଦରବାରରେ କିପରି ପହଞ୍ଚିବ, ସେଥିପ୍ରତି ସମସ୍ତ ଚେଷ୍ଟା ଅବ୍ୟାହତ ରହିଥିବା ସେ ସୂଚନା ଦେଇଛନ୍ତି । କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମ୍ୟୁନିସିପାଲଟି ସ୍ତରରୁ ପ୍ରତିଭା ଅନ୍ୱେଷଣ ପରବ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ଶବର, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାଏକ, କୋରାପୁଟ ବ୍ଲକ ବିଡିଓ ଦେବାଶିଷ ଗୋଡ଼ ଓ ଉପାଧ୍ୟକ୍ଷ ସବିତା ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ୨୦୦ରୁ ଅଧିକ କଳାକାର ଓ କ୍ରୀଡାବିତବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ ବୋଲି ପୌର ନିର୍ବାହୀ ଅଧିକାରୀ ଜ୍ଞାନଜିତ୍ ତ୍ରିପାଠୀ ସୂଚନା ଦେଇଥିଲେ ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ସହିଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଆଜି

# ଅବହେଳିତ ଅବସ୍ଥାରେ ରହିଛି ତେନ୍ତୁଳିଗୁମ୍ମା

ବୈପାରୀଗୁଡା, ୨୧।୧୧(ସମିସ): ନଭେମ୍ବର ୨୨ ତାରିଖ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମ ଜୟନ୍ତୀ । ପ୍ରତିବର୍ଷ ଏହି ଦିବସରେ ମାଳ ମାଳ ପ୍ରତିଶ୍ରୁତି ଆସିଲେ ବି ତାହା ପାଣିର ଗାର ସାଜିଥାଏ । ବିକାଶରୁ ଦୂରରେ ରହିଛି ଇତିହାସ ରଚିଥିବା ଗାଁ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମସ୍ଥାନ ତେନ୍ତୁଳିଗୁମ୍ମା । ଦେଶ ପାଇଁ ନିଜର ଜୀବନ ବଳି ଦାନ ଦେଇ ଶହୀଦ ହୋଇଗଲେ ଲକ୍ଷ୍ମଣ ନାୟକ କିନ୍ତୁ ତାଙ୍କ ଜନ୍ମ ପୀଠ ଏବେବି ଅବହେଳିତ । କୋରାପୁଟ ଗାନ୍ଧୀ ଭାବେ ପରିଚିତ ସହିଦ ଲକ୍ଷ୍ମଣ ନାୟକ ଆଦିବାସୀ ସମାଜର ମଉଡମଣି । ସହିଦ ଲକ୍ଷ୍ମଣ ନାୟକ ଅବିଭକ୍ତ କୋରାପୁଟ ଜିଲ୍ଲାର ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ତେନ୍ତୁଳିଗୁମ୍ମା ଗ୍ରାମରେ ୧୮ ୯ ୯ ମସିହା ନଭେମ୍ବର ୨୨ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ । ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଭାରତ ଛାଡ ଆନ୍ଦୋଳନରେ ସେ ଯୋଗ ଦେଇଥିଲେ । ପୁଲିସ ଦ୍ୱାରା ଗିରଫ ହୋଇ ଦେଶ ପାଇଁ ବ୍ରହ୍ମପୁର ଜେଲରେ ୧୯୪୩ ମସିହା ମାର୍ଚ୍ଚ ୨୯ ରେ ଫାଶି ପାଇଥିଲେ । ତାଙ୍କ ଜନ୍ମ ମାଟି ଜନ୍ମମାଟି ତେନ୍ତୁଳିଗୁମ୍ମା ଏବେ ବି ଅବହେଳିତ । ନଦୀ ଆରୋପଟେ ଥିବା ୭ ଖଣ୍ଡ ଗାଁ ଆରୋପଟେ ଭେଜିନିଗୁଡା, ମାଛକ୍ଷଗୁଡା, କଣ୍ଟାବାଉଁସିଆଗୁଡା, ମାଟିଗୁଡା, ମାଙ୍କଡପାଣି, ମଧୁପୁର ଭଳି ଗାଁ ଗୁଡିକ ବହୁ ପଛରେ ପଡ଼ିରହିଛି । ତେନ୍ତୁଳିଗୁମ୍ମା ଏବଂ ଏହାର ଆଖପାଖ ଗ୍ରାମକୁ ନେଇ ସ୍ୱତନ୍ତ୍ର ପଞ୍ଚାୟତର ମାନ୍ୟତା ଦିଆଯାଇଥିଲେ



ମଧ୍ୟ ଏହି ଅଞ୍ଚଳର ଅବସ୍ଥା ଯେଉଁ ତିମିରେକୁ ସେହି ତିମିରେ । ୭ଟି ଗ୍ରାମକୁ ଯିବା ପାଇଁ ନିତିଦିନିଆ ରାସ୍ତା ଖଣ୍ଡିଏ ନାହିଁ । ବିଜୁଳି ଆଲୁଅ ଏଠି ସାତ ସପନ । ସାବେରୀ ନଦୀର ଆରପାରିରେ ରହୁଥିବା ପ୍ରାୟ ୭ ଖଣ୍ଡ ଗ୍ରାମର ଲୋକେଙ୍କ ଯାତାୟାତ ପାଇଁ ଡଙ୍ଗା ହିଁ ଏକ ମାତ୍ର ଭରସା । ନଦୀ ଆରୋପଟେ ଭେଜିନିଗୁଡା ଗାଁରେ ବିଦ୍ୟାଳୟ ଏବଂ ଅଙ୍ଗନବାଡି କେନ୍ଦ୍ର ରହିଛି । ଏଥିଲାଗି ଶିକ୍ଷକ, ଅଙ୍ଗନବାଡ଼ି, ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀ ପ୍ରତିଦିନ ବିପଦ ସଂକୁଳ ଅବସ୍ଥାରେ ନଦୀ ପାର ହୁଅନ୍ତି । ଆଉ ଜରୁରୀ କାଳୀନ ପରିସ୍ଥିତିରେ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ରୁହନ୍ତି ଗାଁ ଲୋକେ । ବିଶେଷ କରି ଗର୍ଭବତୀ ମାନେ ଯନ୍ତ୍ରଣା ରେ ହନ୍ତସନ୍ତ ହୁଅନ୍ତି । ଏହି ପଞ୍ଚାୟତର ସବୁଠୁ ବଡ଼ ଦୁର୍ଭାଗ୍ୟ ହେଉଛି ବୈପାରିଗୁଡା ସଦର ମହକୁମା ଯାଏ ପହଞ୍ଚିବା ପାଇଁ ସିଧାସଳଖ ରାସ୍ତାଟିଏ ନାହିଁ । ବ୍ଲକ ସଦର ମହକୁମା ଯାଏ ଆସିବା ପାଇଁ ପଞ୍ଚାୟତବାସୀଙ୍କୁ ମାଲକାନଗିରି ଜିଲ୍ଲା ଦେଇ ପ୍ରାୟ ୭୫ କିଲୋମିଟର ବାଟ ଆସିବାକୁ ପଡ଼ିଥାଏ । ଫଳରେ ଦିନକର କାମ ପାଇଁ ସେମାନଙ୍କୁ ତିନିଦିନ ନଷ୍ଟ କରିବାକୁ ପଡ଼ିଥାଏ । ଅର୍ଦ୍ଧନିର୍ମିତ ପୋଲକୁ ନେଇ ଚିନ୍ତା ରହିଛି । ତେନ୍ତୁଳିଗୁମ୍ମା ଠାରୁ ଦଣ୍ଡାବାଡି ଦେଇ ବୈପାରିଗୁଡା ଯାଏ ରାସ୍ତାଟିଏ ନିର୍ମାଣ କରିବା ପାଇଁ ବହୁବାର ଦାବି ପରେ ଏକ ପୋଲର ବ୍ୟବସ୍ଥା କରାଯାଇଛି । କିନ୍ତୁ ତାହା ଆଜି ପର୍ଯ୍ୟନ୍ତ ଅଧାପନ୍ତରିଆ । ଗାଁର ବିକାଶ ପାଇଁ ପୂର୍ବ ସରକାରଙ୍କ ସମୟରେ ଆରମ୍ଭ ହୋଇଥିଲା ବିଜୁ ସେତୁ ଯୋଜନା । ଏଥିପାଇଁ ୨୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା । ଏହାର ୪ଟି ସ୍ପାନ କାମ ସରିଥିଲା । କିନ୍ତୁ ସରକାର ବଦଳିଯିବା ପରେ କାମ ଏକପ୍ରକାର ଠପ୍ ହୋଇଯାଇଥିବା ଅଭିଯୋଗ ହେଉଛି । ନଦୀ ଆରୋପଟେ ଥିବା ୭ ଖଣ୍ଡ ଗାଁରେ ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତାଘାଟ ଓ ଆଲୁଅ ଭଳି ସର୍ବନିମ୍ନ ଆବଶ୍ୟକତା ଏବେ ମଧ୍ୟ ପୁରଣ କରାଯାଇ ନାହିଁ । ବିଡ଼ମ୍ବନାର ବିଷୟ ଏହି ଯେ, ବର୍ଷକରେ ମାତ୍ର ଦୁଇ ଦିନ ପାଇଁ ସହିଦ୍ ଲକ୍ଷ୍ମଣ ନାୟକ ସମସ୍ତଙ୍କୁ ମନେ ପଡିଥାନ୍ତି । କେବଳ ଜନ୍ମତିଥି ଏବଂ ଫାଶୀ ଦିବସ ଅବସରରେ ଜିଲ୍ଲା ପ୍ରଶାସନ ତେନ୍ତୁଳିଗୁମ୍ମା ଠାରେ ପହଞ୍ଚି ଥାଏ । ପ୍ରଶାସନ ଏହି ଦୁଇ ଦିନକୁ ତେନ୍ତୁଳିଗୁମ୍ମା ଠାରେ ପହଞ୍ଚିଲେ ପଞ୍ଚାୟତବାସୀ ବହୁ ସମସ୍ୟା ଉପସ୍ଥାପନ କଲାପରେ ସେମାନଙ୍କୁ କେବଳ ପ୍ରତିଶୃତି ଦେଇ ସନ୍ତୁଷ୍ଟ କରିଦିଆଯାଏ । କିନ୍ତୁ ସେହି ପ୍ରତିଶ୍ରୁତି କାର୍ଯ୍ୟ କ୍ଷେତ୍ରରେ ପରିଣତ ହୋଇନଥାଏ । ଏଣୁ ଅର୍ଦ୍ଧନିର୍ମିତ ପୋଲ ନିର୍ମାଣ ଶେଷ ହେଲେ ତେନ୍ତୁଳିଗୁମ୍ମା ସମେତ ଆଖପାଖ ଗ୍ରାମ ଗୁଡ଼ିକର ବହୁବିଦ୍ଧ ସମସ୍ୟା ସମାଧାନ ହେବ ବୋଲି ଦାବି କରିଛନ୍ତି ଶହୀଦ ପରିବାର ଦାୟଦ ଅମ୍ବିକା ନାୟକ, ପୂର୍ବତନ ସରପଞ୍ଚ ବୁଦ୍ରା ନାୟକ, ଭେଜିନି ଗୁଡା ୱାର୍ଡ ମେମ୍ବର କାଶୀନାଥ ଚଲାଣ, ଭେଜିନିଗୁଡା ଘାଟ ନାଉରିଆ, ନରସିଂହ ମାଳି, ଶିକ୍ଷକ ପ୍ରଭାତ କୁମାର ମହାନ୍ତି ଗ୍ରାମବାସୀ ମଧ୍ୟରୁ ରାମ ଚନ୍ଦ୍ର ନାୟକ, ପଦ୍ମ ପୂଜାରୀ, ଅର୍ଜୁନ ଭୂମିଆ, ରାମ ଚନ୍ଦ୍ର ପୂଜାରୀ, ଭଗତ ପୂଜାରୀ, ଗିରିଶ ମହାପାତ୍ର । ଏନେଇ ଜୟପୁର ଉପ ଜିଲ୍ଲାପାଳଙ୍କୁ ବୁଝିବାରୁ ସେ କାମ ବିଳମ୍ବ କଥା ସ୍ୱୀକାର କରିଛନ୍ତି । ପୋଲ ନିର୍ମାଣ ଶେଷ ହେଲେ ସବୁ ସମସ୍ୟା ସମାଧାନ ହେବ । ସେପଟେ ତେନ୍ତୁଳିଗୁମ୍ମା ପଞ୍ଚାୟତବାସୀ ଅନ୍ଧାର ଭିତରେ ଯନ୍ତ୍ରଣାଦାୟକ ଜୀବନଯାପନ କରିବା ସହିଦଙ୍କ ପ୍ରତି ଉପହାସ ବୋଲି ବୁଦ୍ଧିଜୀବିମାନେ ମତ ପ୍ରକାଶ କରନ୍ତି ।

# ବାଲେଶ୍ୱର ବଜାରକୁ ଆସିଲା ୟାମାହା ଏକ୍ସ୍‌ଏସ୍‌ଆର୍ ୧୫୫ ସିସି ବାଇକ୍

● ସାଇ ଅନନ୍ତ ଅଟୋମୋବାଇଲସ୍‌ରେ ଶୁଭ ବଜାର ପ୍ରବେଶ ଉତ୍ସବ



ବାଲେଶ୍ୱର, ୨୧।୧୧(ସମିସ): ଦେଶର ଅଗ୍ରଣୀ ମୋଟରସାଇକଲ ନିର୍ମାତା କମ୍ପାନୀ 'ୟାମାହା' ପ୍ରସ୍ତୁତ ନୂତନ ଏକ୍ସ୍‌ଏସଆର୍ ୧୫୫ ସିସି ବାଇକ୍ ବାଲେଶ୍ୱର ବଜାରରେ ପ୍ରବେଶ କରିଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଅଧିକୃତ ବିକ୍ରେତା 'ସାଇ ଅନନ୍ତ ଅଟୋମୋବାଇଲସ୍' ପକ୍ଷରୁ ନୂତନ ବାଇକର ଶୁଭ ବଜାର ପ୍ରବେଶ ଉତ୍ସବ ୟାମାହା ଶୋ'ରୁମରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଏହି ନୂତନ ବାଇକକୁ ଅନାବରଣ କରିବା ସହ ଗ୍ରାହକଙ୍କ ମଧ୍ୟରେ ଏହା ବେଶ୍ ଆଦୃତ ଲାଭ କରିବ ବୋଲି ଆଶା ପ୍ରକାଶ କରିଥିଲେ। 'ସାଇ ଅନନ୍ତ ଅଟୋମୋବାଇଲସ୍'ର ପରିଚାଳନା ନିର୍ଦ୍ଦେଶକ ଡ. ଲକ୍ଷ୍ମୀନାରାୟଣ ମହାନ୍ତି ପୌରୋହିତ୍ୟ କରିବା ସହିତ ୟାମାହା କମ୍ପାନୀର ବାଇକ୍ ସବୁବର୍ଗର ଲୋକଙ୍କ ପସନ୍ଦଯୋଗ୍ୟ ହୋଇଥିବା ବେଳେ ଏହି ନୂତନ ବାଇକ୍ ଯୁବବର୍ଗଙ୍କ ମଧ୍ୟରେ ଚହଳ ସୃଷ୍ଟି କରିବ। ବିଶେଷ କରି ୧୫୫ସିସି ପାୱାରର ଏହି ବାଇକରେ ଡୁଆଲ ଚାନେଲ ଡିସ୍କ ବ୍ରେକିଂ ସହ ଏବିଏସ, ରେଡିଏଟର କୁଲିଂ, ଅଏଲ୍ କୁଲଡ ଇଞ୍ଜିନ, ମନୋ ସକ୍‌ଆବଜର ପ୍ରଭୃତି ସୁବିଧା ରାଇଡର ମାନଙ୍କ ପାଇଁ ବାଇକ୍ ଚାଳନା ଅଧିକ ସହଜ କରିବ। କ୍ଲାସିକ ସ୍ପୋର୍ଟି ଲୁକ୍ ଓ ୪ଟି ଆକର୍ଷଣୀୟ କଲରରେ ମିଳୁଥିବା ୟାମହା ଏକ୍ସ୍‌ଏସଆର୍ ଶୋ ରୁମ୍ ପ୍ରାଇସ ୧ ଲକ୍ଷ ୫୧ ହଜାର ୮୬୦ ଟଙ୍କା ରହିଛି। ଏହା ସହିତ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଅଫର ମଧ୍ୟ ରହିଛି ବୋଲି ଡ. ମହାନ୍ତି କହିଥିଲେ। 'ସାଇ ଅନନ୍ତ ଅଟୋମୋବାଇଲସ୍'ର ନିର୍ଦ୍ଦେଶକ ଦିବ୍ୟଜ୍ୟୋତି ମହାନ୍ତି ଓ ଜ୍ୟୋତିରାଦିତ୍ୟ ମହାନ୍ତି ନୂତନ ବାଇକର ଅଧିକ ଫିଚର୍ ସମ୍ପର୍କରେ ସୂଚନା ଦେଇଥିଲେ। ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ, ଆଜିକାଲି ସମ୍ବାଦ ପତ୍ରର ପ୍ରକାଶକ କିଶୋର ଦାସ୍, ଭାବଗ୍ରାହୀ ମହାନ୍ତି, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଉପସ୍ଥିତ ଥିଲେ। ଏହି ଅବସରରେ ନୃତ୍ୟ ଗୀତ ସମ୍ବଳିତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। 'ସାଇ ଅନନ୍ତ ଅଟୋମୋବାଇଲସ'ର ସମସ୍ତ କର୍ମଚାରୀ ବଜାର ପ୍ରବେଶ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

● ରାଜ୍ୟସ୍ତରୀୟ ସମବାୟ ସପ୍ତାହର ଉଦ୍‌ଯାପନୀ ଉତ୍ସବ

# ବାଲେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ରାଜ୍ୟରେ ପ୍ରଥମ

ବାଲେଶ୍ୱର, ୨୧।୧୧(ସମିସ): ରାଜ୍ୟସ୍ତରୀୟ ସମବାୟ ସପ୍ତାହର ଉଦଯାପନୀ ଉତ୍ସବ ଭୁବନେଶ୍ୱର ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରସ୍କାର ବିତରଣ ସଭାରେ ବାଲେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ରାଜ୍ୟର ପ୍ରଥମ ସ୍ଥାନ ଅଧିକାର କରିଛି।



ହସ୍ତଶିଳ୍ପ ଓ ବୟନ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଓ ସମବାୟ ସମିତି ସମୂହ, ଓଡ଼ିଶା ସିଦ୍ଧାର୍ଥ ଦାସ, କମିଶନର ରାଜେଶ ପ୍ରଭାକର ପାଟିଲ ଓ ୟୁନିୟନର ସଭାପତି ପ୍ରଭାସିନୀ ଷଡ଼ଙ୍ଗୀ ବ୍ୟାଙ୍କର ସଭାପତି ସୂର୍ଯ୍ୟକାନ୍ତ କର ଓ ସମ୍ପାଦକ ଏବଂ ଉପସଭାପତିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ସମବାୟ ସପ୍ତାହକୁ ଓଡ଼ିଶା ସମବାୟ ସୁରକ୍ଷା ସଂଘ ତା'ର ପାକ୍ଷିକ ସମ୍ବାଦପତ୍ର ସମବାୟିକାର ୧୯ ତମ ସ୍ୱନକ୍ଷତ୍ର ଉତ୍ସବ ଭାବେ ପାଳନ କରିଥିଲା। ଏହି ମଞ୍ଚରେ ବହୁ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସତ୍ୟବ୍ରତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଏଲ୍‌ଆଇସି ଅଫିସର୍ସ ଆସୋସିଏସନ୍‌ର ପ୍ରତିଷ୍ଠା ଦିବସ

ବାଲେଶ୍ୱର, ୨୧।୧୧(ସମିସ): ଓଡ଼େଶା ଭବନରେ ଏଲ୍‌ଆଇସିର ଅବସରପ୍ରାପ୍ତ ଅଫିସର୍ସ ଆସୋସିଏସନ୍‌ର ପଞ୍ଚଦଶ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ୟୁନିଟରେ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜର ଅବସରପ୍ରାପ୍ତ ଅଫିସରଙ୍କ ଏକ ସଭା ଆୟୋଜନ କରାଯାଇଥିଲା।



କୃଷ୍ଣ ପ୍ରସାଦ ଦୀକ୍ଷିତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଶାଖାର ମୁଖ୍ୟ ପ୍ରବନ୍ଧକ ମୃଣ୍ମୟ ଚକ୍ରବର୍ତ୍ତୀ ବର୍ତ୍ତମାନର ଏଲ୍‌ଆଇସିର ବ୍ୟବସାୟ ଓ ସେବାର ଉଲ୍ଲେଖନୀୟ ଦିଗ ବିଷୟରେ ଆଲୋକପାତ କରିଥିଲେ। ସମ୍ପାଦକ ମହେଶ୍ୱର ବେହେରା ସଂଗଠନର ବାର୍ଷିକ ବିବରଣୀ ପାଠ କରିଥିଲେ। ଦିବାକର ମହାପାତ୍ର, ଲକ୍ଷ୍ମୀକାନ୍ତ କର, ଗୋପବନ୍ଧୁ କର, ତ୍ରିଲୋଚନ ପତି, ପଦ୍ମଲୋଚନ ଜେନା, ଚନ୍ଦନ ଦେ, ଅଭୟ ନାୟକ, ଯଦୁମଣି ନାୟକ, ନରେନ୍ଦ୍ର ବେହେରା, ଭୀମସେନ ମାଝୀ, ନେପାଳ ଦାସ, ଶାନ୍ତନୁ ପଣ୍ଡା, ଚକ୍ରଧର ମଲିକ, ଲକ୍ଷ୍ମୀଧର ବେହେରା, ମାଚଙ୍ଗ କିସ୍କୁ, ଦୁଃଖିଶ୍ୟାମ ହେମ୍ବ୍ରମ, ଗୁରୁ ପ୍ରସାଦ ହାଁସଦା, କୈଳାଶ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଗୌର ଗୋପାଳ ଦାସ ମଞ୍ଚ ପରିଚାଳନା କରିଥିଲେ। ପୀତାମ୍ବର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲେଶ୍ୱରରେ ଗଣ ଅଣ୍ଡାଦାନକୁ ଅପେକ୍ଷା

ବାଲେଶ୍ୱର, ୨୧।୧୧(ସମିସ)



ପ୍ରତିବର୍ଷ ବିକ୍ଷିପ୍ତ ଭାବରେ ପୃଥକ ମାଈ ଅଲିଭ୍ ରିଡଲେ କଇଁଛ ବାଲେଶ୍ୱର ଉପକୂଳକୁ ଅଣ୍ଡା ଦେବା ପାଇଁ କୂଳକୁ ଆସନ୍ତି। ଯାହାକୁ ଆରିବଡା ବୋଲି କୁହାଯାଏ। କିନ୍ତୁ ବାଲେଶ୍ୱର ଉପକୂଳରେ ଗଣ ଅଣ୍ଡାଦାନ ହୋଇପାରିବ। ଯଦି କୂଳ ଠିକ୍ ରହିବ ଏବଂ ସବୁ ବିଭାଗର ସହଯୋଗ ରହିବ ତେବେ ଅନ୍ୟ ସ୍ଥାନ ପରି ବାଲେଶ୍ୱରରେ ବି ଅଲିଭ ରିଡ଼ଲେ ଗଣ ଅଣ୍ଡାଦାନ ପାଇଁ ଆସିବେ ବୋଲି ପରିବେଶବିତ୍ ମତପ୍ରକାଶ କରିଛନ୍ତି। କାରଣ ପ୍ରତିବର୍ଷ ଅଲିଭ ରିଡ଼ଲେଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗୁଛି। ଗତ ବର୍ଷ ବାଲେଶ୍ୱରକୁ ୨୦୦ ଅଲିଭ ରିଡ଼ଲେ କଇଁଛ ଅଣ୍ଡା ଦେବାକୁ ଆସିଥିବା ନେଇ ସୂଚନା ମିଳିଛି। ଚଳିତବର୍ଷ ମଧ୍ୟ ତାହାଠୁ ଅଧିକ ଅଲିଭ ରିଡ଼ଲେ ଆଗମନ ପାଇଁ ଆଶା କରାଯାଇଛି।

ସୂଚନାଯୋଗ୍ୟ, ସମୁଦ୍ରମୁହାଁ ହୋଇଛନ୍ତି ହଜାର ହଜାର ସଂଖ୍ୟାର ଅଲିଭ୍ ରିଡ଼ଲେ କଇଁଛ। ମା' କଇଁଛ ଗୁଡ଼ିକର ଅଣ୍ଡାଦାନ ପରେ ଅଣ୍ଡାରୁ ଫୁଟୁଛି ଛୁଆ। ଆଉ ଛୁଆ ଏବେ ସମୁଦ୍ର ମୁହାଁ ହୋଇଛି। ଏ ହେଉଛି ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର, ପରିଖି, ମୁରଲିଚଢା, କିର୍ତନୀୟା, ଚୌମୁଖ ଓ ତାଳସାରୀ ବେଳାଭୂମିରେ ଛୁଆ କଇଁଛକୁ ସମୁଦ୍ର ଛଡାଯାଇଛି। ତେବେ ଜିଲ୍ଲାରେ ପୂର୍ବ ବର୍ଷ ଅପେକ୍ଷା ଏବେ ଅଲିଭ୍ ରିଡ଼ଲେ କଇଁଛଙ୍କ ଅଣ୍ଡା ଦେବା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପଟେ ବନ ବିଭାଗ ପକ୍ଷରୁ ଅଲିଭ୍ ରିଡ଼ଲେ କଇଁଛ ଅଣ୍ଡା ଦେବା ପାଇଁ ସଚେତନତା କରିବା ସହ ସମୁଦ୍ରରେ ମାଛମରା ବୋଟ ଯାତାୟାତ ପାଇଁ ବାରଣ କରିଛି। ସେପଟେ ପରିବେଶବିତ୍‌ଙ୍କ କହିବା ଅନୁଯାୟୀ ଗହିରମଥାଠାରେ ସବୁଠୁ ଅଲିଭ୍ ରିଡ଼ଲେ କଇଁଛ ଦେଖିବାକୁ ମିଳୁଥିବା ବେଳେ ଏବେ ବାଲେଶ୍ୱର ସମୁଦ୍ର ଉପକୂଳରେ ମଧ୍ୟ ଏହା ଦେଖିବାକୁ ମିଳୁଛି। ପ୍ରକାଶ ଥାଉ କି, ବାଲେଶ୍ୱରରେ ଚାନ୍ଦିପୁର ଓ ଜଳେଶ୍ୱର ଡ଼ିଭିଜନରେ ୭ଟି ସ୍ଥାନ ଚିହ୍ନଟ କରାଯାଇଛି। ଯଥା ଡ଼ିଭିଜନରେ ତାଳସାରି, କିର୍ତନୀୟା, ମୁରଲିଚଡା, ପରିଖି, ହଂସକରା, ଚେ?ମୁଖ, ଚାନ୍ଦିପୁର ସମୁଦ୍ରକୂଳରେ ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଂରକ୍ଷଣ କରାଯାଇଥିବା ବେଳେ ବନ କର୍ମଚାରୀଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ୨୦୨୦-୨୧ ବର୍ଷରେ ୨ଟି ଅଲିଭ ରିଡ଼ଲେ ଆସିଥିବାବେଳେ ମୋଟ ୩୦୫ଟି ଛୁଆ ଜନ୍ମ କରିଥିଲେ। ସେହିପରି ୨୦୨୧-୨୨ରେ ୧୧ଟି କଇଁଛ ୯୧୬, ୨୦୨୨-୨୩ରେ ୧୯ଟି କଇଁଛ ୧୫୬୪ ଓ ୨୦୨୩-୨୪ ବର୍ଷରେ ୭୧ଟି କଇଁଛ ଅଣ୍ଡା ଦେବାକୁ ସମୁଦ୍ର କୂଳକୁ ଆସି ୫୪୬୩ ଟି ଛୁଆ ଜନ୍ମ କରିଥିଲେ। ସେହିପରି ୨୦୨୪-୨୫ ବର୍ଷରେ ୨୦୦ଟି କଇଁଛ ଅଣ୍ଡା ଦେବାକୁ ଆସିଥିବା ବେଳେ ୧୭, ୮୨୮ ଟି ଛୁଆ ଜନ୍ମ କରିଥିଲେ। ଏମାନଙ୍କ ଗତିବିଧି ଉପରେ ନଜର ରଖିବା ଓ ସୁରକ୍ଷା ଦାୟିତ୍ୱରେ ୩୫ ଜଣ ଜଗୁଆଳୀଙ୍କୁ ନିଯୁକ୍ତି କରାଯାଇଛି। ଏଥିସହିତ ପ୍ରତିବର୍ଷ ନଭେମ୍ବର ମାସରୁ ଏପ୍ରିଲ ମାସ ପର୍ଯ୍ୟନ୍ତ ବେଳାଭୂମିକୁ ପରିଷ୍କାର ରଖିବା ଉପରେ ଗୁରୁତ୍ୱ ଦିଆଯାଇଥାଏ। ଅଲିଭ ରିଡ଼ଲେ ପ୍ରଜାତିର କଇଁଛର ସଂରକ୍ଷଣ ନେଇ ବିଭାଗ ସହିତ ଜନସାଧାରଣଙ୍କ ସଚେତନତା ଜରୁରୀ ବୋଲି କୁହାଯାଇଛି। ଏ ନେଇ ପରିବେଶବିତ୍ ଡ. ପ୍ରକାଶ ମୁଦ୍ରା କହିଛନ୍ତି, ବାଲେଶ୍ୱରରେ ସାଧାରଣତଃ ସ୍ପୋରାଡିକ୍ ନେଷ୍ଟିଂ ହେଉଛି। ଯାହାକୁ ଆରିବଡା କୁହାଯାଏ। ଏଠାରେ ଗଣ ଅଣ୍ଡାଦାନ ହେଉନି। ଯଦି ଆମେ ବାଲେଶ୍ୱର ଉପକୂଳକୁ ଠିକ୍ କରିପାରିବା ତାହେଲେ ଏଠାରେ ମଧ୍ୟ ଗଣ ଅଣ୍ଡାଦାନ ହୋଇପାରିବ। କାରଣ ଭବିଷ୍ୟତ ପାଇଁ ଏହା ଏକ ସମ୍ଭାବ୍ୟ ଗଣ ଅଣ୍ଡାଦାନ ସ୍ଥାନ ବୋଲି କହିପାରିବା। ଯଦି ସମସ୍ତଙ୍କ ସହଯୋଗ ରହିବ ତାହେଲେ ଏହି ସ୍ପୋରାଡିକ୍ ନେଷ୍ଟିଂ ମାସ୍ ନେଷ୍ଟିଂ ରେ ପରିଣତ ହୋଇପାରିବ।

● ପ୍ରତିବର୍ଷ ପୃଥକ ଭାବେ କୂଳକୁ ଆସୁଛନ୍ତି ମାଈ କଇଁଛ
● ଗତବର୍ଷ ୨୦୦ ଅଲିଭ ରିଡ୍‌ଲେଙ୍କ ହୋଇଥିଲା ଆଗମନ

ସେହିପରି ଡିଏଫଓ ପ୍ରଫୁଲ୍ଲ କୁମାର ମଲ୍ଲିକ କହିଛନ୍ତି, ଅଲିଭ ରିଡ଼ଲେଙ୍କ ପାଇଁ ୭ଟି ସ୍ଥାନ ନିରୂପଣ କରାଯାଇଛି। ଜଳେଶ୍ୱର ରେଞ୍ଜରେ ତିନୋଟି ଏବଂ ଚାନ୍ଦିପୁର ରେଞ୍ଜରେ ଚାରୋଟି ସ୍ଥାନ ରହିଛି। ଯେହେତୁ ଗତବର୍ଷ ଅଧିକ ସଂଖ୍ୟକ ଅଲିଭ ରିଡ଼ଲେ ଆସି ବାଲେଶ୍ୱରରେ ଅଣ୍ଡା ଦେଇଥିଲେ; ସେଥିପାଇଁ ସରକାର ଏଥର ଅଧିକ ପଦକ୍ଷେପ ନେଇଛନ୍ତି। ଅଧିକ ସଂଖ୍ୟକ ଅଲିଭ ରିଡ଼ଲେ ସ୍କ୍ୱାଡ୍ ଯୋଗାଇ ଦେଇଛନ୍ତି। ୮୧ କିମି ବାଲେଶ୍ୱର ଉପକୂଳ ଅଞ୍ଚଳ ମଧ୍ୟରୁ ୬୦ କିଲୋମିଟର ଭିତରେ କଇଁଛମାନେ ଅଣ୍ଡା ଦେବାକୁ ଆସନ୍ତି। ତେଣୁ ଆଶା କରିବା ଏବର୍ଷ ମଧ୍ୟ ବାଲେଶ୍ୱରକୁ ଅଧିକ କଇଁଛ ଆସିବେ।

# କୋ-ଅପରେଟିଭ ଅର୍ବାନ୍ ବ୍ୟାଙ୍କର ନିଖିଳ ଭାରତ ସମବାୟ ସପ୍ତାହ ଉଦ୍‌ଯାପିତ

ବାଲେଶ୍ୱର, ୨୧।୧୧(ସମିସ): କୋ-ଅପରେଟିଭ୍ ଅର୍ବାନ୍ ବ୍ୟାଙ୍କ ପକ୍ଷରୁ ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ୭୨ତମ ନିଖିଳ ଭାରତ ସମବାୟ




ସପ୍ତାହ ଉଦଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ୟାଙ୍କର ସଭାପତି ସୂର୍ଯ୍ୟକାନ୍ତ କର ପୌରୋହିତ୍ୟ କରିବା ସହିତ ସମବାୟ ଆନ୍ଦୋଳନରେ ସଦସ୍ୟଙ୍କୁ ଉତ୍ତମ ସେବା ପ୍ରଦାନ ମାଧ୍ୟମରେ ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ୍ ବ୍ୟାଙ୍କର ଆର୍ଥିକ ଅଗ୍ରଗତି ଦ୍ରୁତ ବୃଦ୍ଧି ପାଉଥିବା ପ୍ରକାଶ କରିଥିଲେ। ଏହା ସହିତ ବ୍ୟାଙ୍କ ଜମାସଂଗ୍ରହ ଓ ଋଣ ପ୍ରଦାନ ତଥା ଋଣ ଆଦାୟ କ୍ଷେତ୍ରରେ ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ହାସଲ ସହ ପୁରସ୍କୃତ ହୋଇଥିବା ସେ ସୂଚନା ଦେଇଥିଲେ। ବିଶିଷ୍ଟ ସମବାୟବିତ୍ ତଥା ସମବାହିକା ପତ୍ରିକାର ସମ୍ପାଦକ ପ୍ରତାପ ଚନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବ୍ୟାଙ୍କ ପରିଚାଳନା ପରିଷଦର ଉପସଭାନେତ୍ରୀ ନିଶାମଣୀ ପ୍ରଧାନ ବକ୍ତବ୍ୟ ପ୍ରଦାନ କରିଥିଲେ। ବ୍ୟାଙ୍କ ପରିଚାଳନା ପରିଷଦର ସମସ୍ତ ନିର୍ଦ୍ଦେଶକ ସଂଖ୍ୟାଧିକ ସଦସ୍ୟ, ସଦସ୍ୟା, ବ୍ୟାଙ୍କ କର୍ମଚାରୀ, ଦୈନିକ ଜମା ସଂଗ୍ରହକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବ୍ୟାଙ୍କର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଆବାସିକ ପ୍ରାକୃତିକ ଚିକିତ୍ସା ଓ ଆରୋଗ୍ୟ ପ୍ରଶିକ୍ଷଣ ଶିବିର

ବାଲେଶ୍ୱର, ୨୧।୧୧(ସମିସ): ଅଗ୍ରଣୀ ଯୋଗ ପ୍ରଶିକ୍ଷଣ ଅନୁଷ୍ଠାନ ହେଲଦି ଲାଇଫ କଲେଜ ଅଫ ଯୋଗ ଓ ଇନଷ୍ଟିଚ୍ୟୁଟ ଅଫ ନେଚର୍ କିୟର ଏଣ୍ଡ ଯୋଗିକ ସାଇନସ୍ ମିଳିତ ଆନୁକୂଲ୍ୟରେ ପ୍ରାକୃତିକ ଚିକିତ୍ସା ଓ ଆରୋଗ୍ୟ ପ୍ରଶିକ୍ଷଣ ଶିବିର ଉଦଘାଟିତ ହେଇଯାଇଛି। ଭୁବନେଶ୍ୱରର ହେଲଥ ଭିଲ୍ଲା ଯୋଗ ଓ ପ୍ରାକୃତିକ ଚିକିତ୍ସା କେନ୍ଦ୍ର ଓ ଡକ୍ଟର ବିଆରସି କ୍ଲିନିକ ସହଯୋଗରେ ଚାନ୍ଦିପୁର ସ୍ଥିତ ପୁରବୀ ରିସୋର୍ଟ ପରିସରରେ ଆବାସିକ ଭାବେ ଆୟୋଜିତ ହୋଇଥିବା ଏହି ତିନି ଦିନିଆ ଶିବରରେ ଉଦଘାଟନୀ କାର୍ଯ୍ୟକ୍ରମରେ ଦୈନିକ ଖବର କାଗଜ 'ଧ୍ୱନି ପ୍ରତିଧ୍ୱନୀ'ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା ଯୋଗ ଦେଇ ନିରୋଗ ଜୀବନଯାପନ ସହ ବିଭିନ୍ନ ରୋଗର ଉପଶମ ପାଇଁ ଏହିଭଳି ଶିବିର ଆୟୋଜନର ଗୁରୁତ୍ୱ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସାମ୍ବାଦିକ ଅଜିତ କୁମାର ମହାନ୍ତି ଓ ଅଧିପ କୁମାର ଜେନା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରାକୃତିକ ଚିକିତ୍ସା ମାଧ୍ୟମରେ ରୋଗ ମୁକ୍ତ ହେବାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ହେଲଥ ଭିଲ୍ଲାର ମୁଖ୍ୟ ଡାକ୍ତର ନିଲେନ୍ ପରାଶର, ଡାକ୍ତର ନାରାୟଣ ଓ ଇଣ୍ଟରନ୍ୟାସନାଲ ନେଚୁରୋପାଥି ସଂଗଠନର ସଭାପତି ଡାକ୍ତର ସୁବାଷ ଚନ୍ଦ୍ର ଷଡଙ୍ଗୀ, ବିକଳ୍ପ ଚିକିତ୍ସା ବିଶେଷଜ୍ଞ ଡାକ୍ତର ଭଗବାନ ଭୂୟାଁ, ଡାକ୍ତର ଜ୍ଞାନ ରଞ୍ଜନ ବେହେରା ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ପ୍ରାକୃତିକ ଚିକିତ୍ସାର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟର ପ୍ରତିଷ୍ଠାତା ଚିତ୍ତ ରଞ୍ଜନ ସାହୁ ଏଥିରେ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା




ଦେଇଥିଲେ। ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ଦାସ ଏଥିରେ ପୌରହିତ୍ୱ କରିବା ସହିତ ଶିବିର ପରିଚାଳନା କରିଥିଲେ। ବାଲେଶ୍ୱର, ଭୁବନେଶ୍ୱର, ଖୋର୍ଦ୍ଧା, ଭଦ୍ରକ, କେଉଁଝର, ମୟୂରଭଞ୍ଜ ପ୍ରଭୃତି ଜିଲ୍ଲା ସମେତ ପଶ୍ଚିମବଙ୍ଗରୁ ସଂଖ୍ୟାଧିକ ବ୍ୟକ୍ତି ଶିବିରରେ ଯୋଗ ଦେଇ ପ୍ରାକୃତିକ ଚିକିତ୍ସାକୁ ନେଇ ନିଜସ୍ୱ ଅନୁଭୂତି ଜଣାଇଥିଲେ। ଅଧ୍ୟାପକ ଅଭିଷେକ ଦାସ, ଅଧ୍ୟାପିକା କାନ୍ତି କ୍ରିଷ୍ଣା ଦାଶ ଓ ଅନିତା ମିଶ୍ର, ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲ୍ଲା ଇ-ରିକ୍ସା ଚାଳକ ସଂଘର ବାର୍ଷିକ ସାଧାରଣ ସଭା

ବାଲେଶ୍ୱର, ୨୧।୧୧(ସମିସ): ଭାରତୀୟ ମଜଦୁର ସଂଘ (ବିଏମଏସ) ସହ ଅନୁବନ୍ଧିତ ଜିଲ୍ଲା ଇ-ରିକ୍ସା ଚାଳକ ସଂଘର ବାର୍ଷିକ ସାଧାରଣ ସଭା ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅରୂପ କୁମାର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ବିଏମ୍‌ଏସର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଇ-ରିକ୍ସା ଚାଳକମାନଙ୍କୁ ବାଲେଶ୍ୱର ସହରର ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡ ଯୋଗାଇ ଦେବା, ସମସ୍ତ ଚାଳକଙ୍କୁ ସରକାରୀ ବିମାଭୁକ୍ତ ସହ ସାମାଜିକ ସୁରକ୍ଷା ପ୍ରଦାନ, ଇ-ରିକ୍ସା କିଣାରେ ରିହାତି ପ୍ରଦାନ, ସମସ୍ତଙ୍କୁ ସରକାରୀ ପରିଚୟ ପତ୍ର ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଠାରେ ଦାବି ଉପସ୍ଥାପନ କରିବାକୁ ମତ ଦେଇଥିଲେ। ପୁରୀଠାରେ ଅନୁଷ୍ଠିତ ହେଉଥିବା ଭାରତୀୟ ମଜଦୁର ସଂଘ ଅଖିଳ ଭାରତୀୟ ଅଧିବେଶନରେ ସମସ୍ତ ସଦସ୍ୟ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ। ପରେ ବାଲେଶ୍ୱର ଜିଲ୍ଲା ଇ-ରିକ୍ସା ଚାଳକ ସଂଘର ସମ୍ପାଦକ ଶଚିନ୍ଦ୍ର ବେହେରା ବିବରଣୀ ପାଠ କରିଥିଲେ। ବୈଠକର ପ୍ରଥମ ପର୍ଯ୍ୟାୟରେ ସଂଘର ନୂତନ ସଦସ୍ୟ ଗ୍ରହଣ ସହିତ ସଭାପତି ଶ୍ରୀ ନାୟକ ଇ-ରିକ୍ସା ଚାଳକଙ୍କ ସ୍ୱାର୍ଥ ରକ୍ଷାରେ ସଂଘର ଭୂମିକା ତଥା ନୂତନ କରି ସଂଘ ଗଠନରେ ହୋଇଥିବା ସଂଘର୍ଷକୁ ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ। ସଂଘର ନୂତନ କମିଟି ଗଠନ ସହିତ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ। କିଶୋର ଜେନା, ସୁରେଶ ଦାସ, କମଳାକାନ୍ତ ଦାସ, ବିଶାଳ ଶଙ୍କର ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

# 'ଭଲ କବିତାର ଖୋଜ୍'ର ୮୦ତମ ଆସର



ବାଲେଶ୍ୱର, ୨୧।୧୧(ସମିସ): କବି କମଳାକାନ୍ତ ଲେଙ୍କାଙ୍କ ଜୟନ୍ତୀ ଉପଲକ୍ଷେ ଲାଖୋଟିଆ କମ୍ପ୍ୟୁଟର ସେଣ୍ଟର୍ ସଭାଘରେ 'ଭଲ କବିତାର ଖୋଜ୍' ପକ୍ଷରୁ ୮୦ତମ ଆସର ଅନୁଷ୍ଠିତ ହୋଇଯାଇଛି। ଏହି କମଳାକାନ୍ତ ସନ୍ଧ୍ୟା ସାରସ୍ୱତ ସମାବେଶରେ ଉପସ୍ଥିତ କବିଗଣ କବିଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ କରିବା ସହିତ ସଭା ଆରମ୍ଭରେ କବି ରାଜେନ୍ଦ୍ର କିଶୋର ପଣ୍ଡା, ସୁସାହିତ୍ୟିକ ପ୍ରହ୍ଲାଦ ଚରଣ ମହାନ୍ତି ଏବଂ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ସ୍ମୃତିରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରାରମ୍ଭରେ 'କବି କମଳାକାନ୍ତ ସାହିତ୍ୟ ସମାଜ' ପକ୍ଷରୁ କବିପୁତ୍ର ସିତାଂଶୁ ଲେଙ୍କା ପ୍ରାରମ୍ଭିକ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। 'ଭଲ କବିତାର ଖୋଜ୍' ପକ୍ଷରୁ ଆବାହକ କୃଷ୍ଣ କୁମାର ମହାନ୍ତି ଏଥିରେ ସଭାପତିତ୍ୱ କରିଥିବାବେଳେ ଅନ୍ୟତମ ଆବାହକ କବି ଶ୍ରୀଦେବ କମଳାକାନ୍ତଙ୍କ ସମ୍ପର୍କରେ ଚନ୍ଦ୍ରଭାଗା ପତ୍ରିକାରେ ପ୍ରକାଶିତ ସାକ୍ଷାତକାରର ଆଲୋଚନା କରିଥିଲେ। 'ଭଲ କବିତା ଖୋଜ୍'ର ସମ୍ପାଦକ କବି ଉତ୍ପଳ ମହାନ୍ତି ସଭାର ଆଭିମୁଖ୍ୟ ସ୍ପଷ୍ଟ କରିବା ସହିତ ଅତିଥିଙ୍କୁ ସ୍ୱାଗତ କରିଥିଲେ। କବି କମଳାକାନ୍ତ ଲେଙ୍କା ଥିଲେ ଜଣେ ସାରସ୍ୱତ ବିପ୍ଳବୀ। ତାଙ୍କ କବିତାର ଶୈଳୀ ଥିଲା ଅନନ୍ୟ ଓ ଅସାଧାରଣ। ନିଜ କବିତାରେ ସେ ଅଣଈଶ୍ୱରୀୟ ଅସ୍ତିତ୍ୱବାଦର କଥା କହିଥିବା ବେଳେ ଶୈଳୀ କ୍ଷେତ୍ରରେ ସେ ତାଙ୍କ 'ଉତ୍ତରଣ' କବିତାରେ ଯେଉଁ ଏକ୍ସପେରିମେଣ୍ଟ୍ କରିଛନ୍ତି, ତାହା ଆଜି ବି ଅନତିକ୍ରମଣୀୟ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି ସାରସ୍ୱତ ଆସରରେ ବିଶିଷ୍ଟ କଥାକାର ରଜନୀକାନ୍ତ ମହାନ୍ତି, ଡ. ହରିଶ୍ଚନ୍ଦ୍ର ବେହେରା, କବି ବିମଳ ଜେନା, ସମାଲୋଚକ ଡ. ସନ୍ତୋଷ କୁମାର ନାୟକ, କବି ପ୍ରୀତିଲେଖା ଦାସ, କବି ରଞ୍ଜନ ବାଗ, କବି ଓ ଅନୁବାଦକ ସୋମନାଥ ଓଝା, କବି ଅଭୟ ଦାସ, ଅକ୍ଷୟ ଜେନା, କବି କନ୍ୟା ସିପ୍ରା ଜେନା, ଡ. ପ୍ରଭାତ ଜେନା, ରାମଚନ୍ଦ୍ର ସାହୁ, ବସନ୍ତ ନାୟକ, ହିମାଂଶୁ ଦାସ ପ୍ରମୁଖ ଉପସ୍ଥିତ ରହି କବିଙ୍କ କବିତା ଆବୃତ୍ତି କରିବା ସହିତ ଶ୍ରଦ୍ଧା ନିବେଦନ କରିଥିଲେ। ସିତାଂଶୁ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/16 (ନିୟମିତ ପଦବୀ)

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ | 01.11.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ପରିଚାଳକ (ରିସ୍କ ବିଶେଷଜ୍ଞ - ମଡେଲ ରିସ୍କ ପରିଚାଳନା) | ଏମ୍‌ଏମ୍‌ଜିଏସ୍-III | 5 | 28 | 40 |
| ଉପପ୍ରାଧକ୍ଷ (ରିସ୍କ ବିଶେଷଜ୍ଞ - ମଡେଲ ରିସ୍କ ପରିଚାଳନା) | ଏମ୍‌ଏମ୍‌ଜିଏସ୍-II | 5 | 25 | 35 |

ବିଜ୍ଞାପନ ସଂ. CRPD/SCO/2025-26/13 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | 01.11.2025 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| ସମ୍ପର୍କ ପରିଚାଳକ (ମ୍ୟୁଚୁଆଲ୍ ଫଣ୍ଡ) | 1 | 35 | 45 |
| ସମ୍ପର୍କ ପରିଚାଳକ (ବୀମା କ୍ଷେତ୍ର) | 1 | 35 | 45 |
| ସମ୍ପର୍କ ପରିଚାଳକ (ଷ୍ଟକ୍ ବ୍ରୋକରିଂ ଏବଂ ଏଫଆଇଆଇ/ଏଫପିଆଇ) | 3 | 35 | 45 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **https://sbi.bank.in/web/careers/current-openings** ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://bank.sbi/web/careers/post-your-query)** ରେ ଉପଲବ୍ଧ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.11.2025 ରୁ 01.12.2025 ପର୍ଯ୍ୟନ୍ତ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 11.11.2025
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**


**ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ**

# ମାଛ ଚାଷରେ ଭାରତ ବିଶ୍ୱରେ ଚତୁର୍ଥ

ବାଲେଶ୍ୱର, ୨୧।୧୧(ସମିସ)



ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମତ୍ସ୍ୟ ବିଭାଗ ଉପନିର୍ଦ୍ଦେଶକ ଦୀପ୍ତିକାନ୍ତ ମହାପାତ୍ର ଅଧକ୍ଷତା କରି ଦିବସ ପାଳନର ଆଭିମୁଖ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଯୋଗଦେଇ କହିଥିଲେ, ମାଛ ଚାଷ ଏକ ଲାଭଦାୟକ ଉତ୍ସ। ସାରା ବିଶ୍ୱରେ ଆମ ଭାରତ ମାଛ ଅମଳ ବା ଉତ୍ପାଦନରେ ୪ର୍ଥ ସ୍ଥାନରେ ରହିଛି। ତେଣୁ ମତ୍ସ୍ୟ ଚାଷ କରି ଉନ୍ନତ ମାନର ଯାଆଁଳା ବ୍ୟବହାର କରି ଅଧିକ ଉତ୍ପାଦନ ନିମନ୍ତେ ସରକାର ବିଭିନ୍ନ ଯୋଜନାରେ ଫାଇଦା ନେବାକୁ ଉପସ୍ଥିତ ମତ୍ସ୍ୟଜୀବୀ, ମତ୍ସ୍ୟ ବ୍ୟବସାୟୀ, ମତ୍ସ୍ୟ ଚାଷୀମାନଙ୍କୁ ପ୍ରବର୍ତ୍ତାଇଥିଲେ। ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ସଦର ବିଧାୟକଙ୍କ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ରାଉତ, ଅପିକୋଲ ଜିଲ୍ଲା ସଂଯୋଜକ ସୁଶ୍ରୀ ପ୍ରତିଜ୍ଞା ଉତ୍କଳିକା ଦାସ, ମେରାଇନ୍, ଏ.ଡି.ଏଫ୍.ଓ ସି.ଏସ.ପଲ୍ଲବୀ, ଟ୍ରୋଲୋର ସଂଗଠନ ଅଧ୍ୟକ୍ଷ ବାଦଲ ଦାସ, ଜିଲ୍ଲା ପ୍ରକଳ୍ପ ସଂଯୋଜକ କାର୍ତ୍ତିକ ଚନ୍ଦ୍ର ନାୟକ, ନୀଳଗିରି ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ଗଣ ମାଛ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ୫ଟି ବିଭାଗରେ ୧୧୭ଟି ଯୋଜନା ମାଧ୍ୟମରେ ହିତାଧିକାରୀଙ୍କୁ ବ୍ୟାଙ୍କ୍ ମାଧ୍ୟମରେ ରିହାତିରେ ଋଣ ଅର୍ଥ ଯୋଗାଇ ଦେଉଥିବା ସମ୍ପର୍କରେ ଅବଗତ କରିଥିଲେ। ଏହି ମତ୍ସ୍ୟ ଚାଷ ପାଇଁ ଆଗ୍ରହୀ ହିତାଧିକାରୀ ଆବଶ୍ୟକ ଜମିରେ ପୋଖରୀ ଖୋଳିବା ପାଇଁ ବ୍ୟାଙ୍କ ପକ୍ଷରୁ ଋଣ ଅନୁସୂଚୀତ ଜାତି ଓ ଜନଜାତି ବର୍ଗ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିମନ୍ତେ ସର୍ବାଧିକ ୫୦ରୁ ୬୦ ପ୍ରତିଶତ ରିହାତି ଏବଂ ସାଧାରଣ ବର୍ଗଙ୍କ ନିମନ୍ତେ ୪୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି। ମଧୁର ଜଳ ଓ ସାମୁଦ୍ରିକ ଜଳ ମାଛ ଶିକାର ବେଆଇନ ଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ପରାମର୍ଶ ଏବଂ ମାଛ ଯାଆଁଳ ସମୟରେ ସମୁଦ୍ରରେ ମାଛ ଶିକାର ବେଆଇନ ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ଦିବସ ପାଳନ ଅବସରରେ ଜିଲ୍ଲାର ଅଗ୍ରଣୀ ମତ୍ସ୍ୟ ଚାଷୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମାବେଶରେ ବ୍ଲକରୁ ସାମିଲ ହୋଇଥିବା ୫ଟି ବିଭାଗର ଅଧିକାରୀ, କର୍ମକର୍ତ୍ତା, ମତ୍ସ୍ୟ ଚାଷୀ, ମତ୍ସ୍ୟଜୀବି ସଂଗଠନର କର୍ମକର୍ତ୍ତା, ମତ୍ସ୍ୟ ବ୍ୟବସାୟୀ, ଟ୍ରୋଲର ସଂଗଠନ କର୍ମକର୍ତ୍ତା ଯୋଗ ଦେଇଥିଲେ। ବାହାନଗା ସହକାରୀ ମତ୍ସ୍ୟ ଅଧିକାରୀ ଅନିଶା ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ ସୁବ୍ରତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

● କେନ୍ଦ୍ରାପଡ଼ାରେ ବାଂଲାଦେଶୀ ଧରପଗଡ଼

# ଅନୁପ୍ରବେଶକାରୀଙ୍କୁ ନେଇ ସତର୍କ ଘଣ୍ଟି

**କେନ୍ଦ୍ରାପଡ଼ା,୨୧ ।୧୧(ସମିସ):** ଜଗତସିଂହପୁରରେ ସନ୍ଦିଗ୍ଧ ବାଂଲାଦେଶୀ ଧରାପଡ଼ିବା ପରେ କେନ୍ଦ୍ରାପଡ଼ା ଜିଲ୍ଲା ହାଇଆଲର୍ଟ୍‌ରେ । ଜିଲ୍ଲାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଉପସ୍ଥିତିକୁ ନେଇ ପୁଲିସ ତତ୍ପର ହୋଇଉଠିଛି । ଏସପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ ହୋଇଛି ।

ଜଳପଥରେ କଡ଼ା ପ୍ରହରା ଦେଉଛି ପୁଲିସ । ଜିଲ୍ଲାର ୩ ସାମୁଦ୍ରିକ ଥାନା ଜମ୍ବୁ ମେରାଇନ, ତନ୍ତିଆପାଳ ଓ ତାଳଚୁଆ ଅଧୀନ ଜଳପଥରେ ପୁଲିସ ପ୍ରହରା ବଢ଼ାଇଛି ।



ଅନୁପ୍ରବେଶ ସହଜ ଥିବା ପଥଗୁଡ଼ିକୁ ଦୃଷ୍ଟିରେ ରଖି ସୁରକ୍ଷାକର୍ମୀଙ୍କୁ ସଜାଗ ରଖାଯାଇଛି । କେନ୍ଦ୍ରାପଡ଼ା ସହର ସମେତ ରାଜକନିକା, ଦିଲାରପୁର, ବଡ଼ହାଟ, ରଣପଡ଼ା ଆଦି ବସ୍ତି ଅଞ୍ଚଳରେ ବ୍ଲକିଂ ଚେକିଂ, ରାତିଅଧିଆ ରେଡ୍ ଆରମ୍ଭ ହୋଇଛି । ସନ୍ଦିଗ୍ଧ ଲୋକଙ୍କୁ ଟାଉନ ଥାନାକୁ ଡକାଯାଇ ପ୍ରମାଣପତ୍ର ଯାଞ୍ଚ କରାଯାଉଛି । ସୂଚନା ଅନୁଯାୟୀ, ୨୦୦୦ ମସିହାରେ କେନ୍ଦ୍ରାପଡ଼ାରେ ୧୫୫୨ ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ହୋଇଥିଲେ । ସେମାନଙ୍କୁ ଦେଶାନ୍ତର ନୋଟିସ ମିଳିଥିଲା । କିନ୍ତୁ ପରବର୍ତ୍ତୀ ସମୟରେ କିଛି ମୁଷ୍ଟିମେୟ ଲୋକ ନିଜ ସ୍ୱାର୍ଥ ହାସଲ ନିମନ୍ତେ ଅନୁପ୍ରବେଶକାରୀଙ୍କୁ ଭୋଟର କାର୍ଡ ଓ ଅନ୍ୟ ସୁବିଧା ଯୋଗାଇ ଦେଇଥିବା ଅଭିଯୋଗ ରହିଛି ।

ଏହାର ପରିଣାମ ସ୍ୱରୂପ ମହାକାଳପଡ଼ା ଓ ରାଜନଗର ବ୍ଲକର ପ୍ରାୟ ୧୪ ପଞ୍ଚାୟତରେ ସେମାନଙ୍କ ଉପସ୍ଥିତି ବଢ଼ିଯାଇଛି । ଏମାନଙ୍କ ସଂଖ୍ୟା ଜିଲ୍ଲାରେ ଏବେ ଲକ୍ଷରେ ପହଞ୍ଚିଥିଲେ ମଧ୍ୟ ସରକାରୀ ଖାତାରେ ମାତ୍ର ୧୬୪୯ ରହିଛି । ଦିଲ୍ଲୀ ବିସ୍ଫୋରଣ ପରେ କେନ୍ଦ୍ର ଓ ରାଜ୍ୟ ସରକାର ଅନୁପ୍ରବେଶକାରୀଙ୍କୁ ନେଇ ଅଧିକ ସତର୍କ ହୋଇଛନ୍ତି । ଏ ନେଇ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ସାହୁ ଓ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ଆବାହକ ଅମର ବିଶ୍ୱାଳ କହିଛନ୍ତି, ଯାଞ୍ଚ ପ୍ରକ୍ରିୟାକୁ ଆହୁରି ଜୋରଦାର କରାଯାଉ । ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର କଲେ ଜିଲ୍ଲା ସୁରକ୍ଷିତ ରହିପାରିବ । ଏସପି କଟାରିଆଙ୍କ ନେତୃତ୍ୱରେ ଏବେ କେନ୍ଦ୍ରାପଡ଼ା ପୁଲିସ ଆକ୍ସନ ମୁଡ୍‌ରେ ଥିବା ଦେଖିବାକୁ ମିଳିଛି । ଜିଲ୍ଲାରେ ଅନୁପ୍ରବେଶକାରୀଙ୍କ ପ୍ରବେଶ ଓ ପଳାୟନ ରାସ୍ତା ବନ୍ଦ କରିବାକୁ ଯାଞ୍ଚ ଓ ପ୍ରହରା ଅବ୍ୟାହତ ରହିଛି । ଜିଲ୍ଲାର ସୁରକ୍ଷା ପାଇଁ ଏହି ହାଇଆଲର୍ଟ ଅଭିଯାନ ଆଗାମୀ ଦିନରେ ଜାରି ରହିବ ବୋଲି କୁହାଯାଇଛ ।

# ପକ୍ଷୀଙ୍କୁ ଆକର୍ଷିତ କରୁଛି ଏକଲପୁର ଓରୁଅପାଳ ଜଙ୍ଗଲ

ମହାକାଳପଡ଼ା,୨୧ ।୧୧(ସମିସ): ମହାକାଳପଡ଼ା ବ୍ଲକ୍ ବିଜୟନଗରରୁ କଂସାର ବଡ଼ଦାଣ୍ଡୁଆ ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାର ଏକଲପୁର ଗ୍ରାମ ନିକଟରେ ରହିଛି ଓରୁଅପାଳ ଜଙ୍ଗଲ । ଗୋବରୀ ନଦୀକୂଳରେ କାହିଁ କେଉଁ କାଳରୁ ଏହି ଜଙ୍ଗଲ ସୃଷ୍ଟି ହୋଇଛି । ଶାଳ, ପିଆଶାଳଠାରୁ ଆରମ୍ଭ କରି ଓରୁଅ ଭଳି ବଡ଼ ବଡ଼ ଗଛରେ ପରିପୂର୍ଣ୍ଣ ଏହି ଜଙ୍ଗଲ ପକ୍ଷୀଙ୍କ ଆଶ୍ରୟ ପାଇଁ ଆକର୍ଷଣୀୟ ସ୍ଥାନ ପାଲଟିଛି । ହଜାର ହଜାର



ସଂଖ୍ୟାରେ ପକ୍ଷୀ ଗଛରେ ଆଶ୍ରୟ ନେଉଥିବା ଦେଖିବାକୁ ମିଳୁଛି । ବିଶେଷକରି ଗେଣ୍ଡାଳିଆ, ବଗ ଭଳି ବଡ଼ ପକ୍ଷୀଙ୍କ ସଂଖ୍ୟା ଅଧିକ ରହିଛି ।

ଏହି ଜଙ୍ଗଲରେ ଓରୁଅ ଗଛ ଅଧିକ ସଂଖ୍ୟାରେ ଥିବାରୁ ଏହର ନାମ ଓରୁଅପାଳ ବୋଲି ଏକଲପୁର ଗ୍ରାମର ପ୍ରଶାନ୍ତ ପ୍ରଧାନ କହିଛନ୍ତି । ଏହି ଜଙ୍ଗଲରେ ପକ୍ଷୀ ସମେତ ଅନେକ ପ୍ରକାରର ସରୀସୃପ, ଅଜଗର ସାପ, ବାର୍‌ହା ଆଦି ରହୁଥିବା ଗ୍ରାମର ମୋହନ ପଲାଇ କୁହନ୍ତି । କାମଧନ୍ଦା ପାଇଁ ସେ ଶ୍ରୀଲଙ୍କାରେ ରହୁଥିଲେ ବି ନିଜ ଗାଁ ପାଖରେ ଥିବା ଏହି ଜଙ୍ଗଲ ଓ ବିଭିନ୍ନ ପକ୍ଷୀଙ୍କ ଦୃଶ୍ୟ ବେଳେବେଳେ ମନେପଡ଼େ ବୋଲି କହିଛନ୍ତି । ବଡ଼ ପକ୍ଷୀ ସମେତ ରଙ୍ଗବେରଙ୍ଗର ଛୋଟ ଚଢ଼େଇ, ସରୀସୃପ, ବାର୍‌ହା ଆଦି ରହୁଥିବା ବେଳେ ଗୋବରୀ ନଦୀକୁ ଜଙ୍ଗଲ ଲାଗିଥିବାରୁ ଜଙ୍ଗଲ ମଧ୍ୟସ୍ଥ ଖାଲୁଆ ଓ ପଙ୍କୁଆ ସ୍ଥାନରେ କୁମ୍ଭୀର ବସାବାନ୍ଧି ରୁହନ୍ତି ବୋଲି ଗ୍ରାମବାସୀ ଗଗନ ପ୍ରଧାନ, ହିମାଂଶୁ ପ୍ରଧାନ, ଚନ୍ଦ୍ରମଣି ପ୍ରଧାନ, ସୁରେନ୍ଦ୍ର ନାଥ, ବାବାଜୀ ଦାସ ପ୍ରମୁଖ କହିଛନ୍ତି । ଏହି ଜଙ୍ଗଲ ଚାରିପାଖରେ ସୁରକ୍ଷା ବାଡ଼ ନିର୍ମାଣ କରିବାକୁ ଦାବି କରିଛନ୍ତି । ଜଙ୍ଗଲ ଯୋଗୁଁ ନିକଟସ୍ଥ ରାସ୍ତାରେ ଯାତାୟାତ ପାଇଁ ଭୟ ଲାଗୁଥିଲେ ହେଁ ପରିବେଶ ସନ୍ତୁଳନରେ ପଶୁପକ୍ଷୀଙ୍କ ଆବଶ୍ୟକତା ରହିଛି । ତେଣୁ ସତର୍କତାର ସହ ସେହି ଜଙ୍ଗଲ ପାଖ୍ୱର୍ ରାସ୍ତାରେ ସ୍ଥାନୀୟ ଲୋକେ ଯାତାୟାତ କରନ୍ତି । ଜଙ୍ଗଲରେ ବିଭିନ୍ନ ପ୍ରଜାତିର ପକ୍ଷୀ ଦେଖିଲେ ମନ ଖୁସି ହୋଇଯାଏ ବୋଲି ଶିକ୍ଷାବିତ ସଦୟ ଦାସ କହିଛନ୍ତି । ତେବେ ଗହୀରମଥା ଅଭୟାରଣ୍ୟ ଘୋଷିତ ଅଞ୍ଚଳ ମଧ୍ୟରେ ଏହି ଜଙ୍ଗଲ ରହିଥିବାରୁ ପ୍ରାଣୀ ଶିକାର ଉପରେ କଟକଣା ରହିଛି । ଏହି ଜଙ୍ଗଲରେ ବିଭିନ୍ନ ପ୍ରକାରର ପକ୍ଷୀଙ୍କ ସଂଖ୍ୟା ବର୍ଷକୁ ବର୍ଷ ବୃଦ୍ଧି ପାଉଛି ।

# ପୁରୁଷ ବନ୍ଧ୍ୟାକରଣ ପାଇଁ ଡା. ସଚ୍ଚିଦାନନ୍ଦ ମିଶ୍ର ସମ୍ବର୍ଦ୍ଧିତ

କେନ୍ଦ୍ରାପଡ଼ା,୨୧ ।୧୧(ସମିସ): ପୁରୁଷ ବନ୍ଧ୍ୟାକରଣରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ସଚ୍ଚିଦାନନ୍ଦ ମିଶ୍ର ରାଜ୍ୟ ସ୍ତରରେ ସମ୍ମାନିତ ହୋଇଛନ୍ତି । ପୁରୁଷ ବନ୍ଧ୍ୟାକରଣ ପକ୍ଷ ପାଳନ ଅବସରରେ ଭୁବନେଶ୍ୱର ଜୟଦେବ ଭବନ ଗୀତଗୋବିନ୍ଦ ସଦନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଡା. ମିଶ୍ରଙ୍କୁ ବେଷ୍ଟ ସର୍ଜନ ଭାବେ ସମ୍ବର୍ଦ୍ଧିତ କରିଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋରଞ୍ଜନ ରାଉତ ଏ ବର୍ଷ ପରିବାର ନିୟୋଜନ ପୁରୁଷ ବନ୍ଧ୍ୟାକରଣ ପକ୍ଷ ଅବସରରେ ଅଧିକ କେସ୍ କରିବା ପାଇଁ ଅନୁରୋଧ କରିଛନ୍ତି ।

# ମାର୍ଶାଘାଇ ପଞ୍ଚାୟତ ସମିତି ବୈଠକରେ ହଙ୍ଗାମା

ମାର୍ଶାଘାଇ,୨୧ ।୧୧(ସମିସ)



## ଗୃହ ତ୍ୟାଗକରି ଗାନ୍ଧୀ ମୂର୍ତ୍ତି ଆଗରେ ପ୍ରତିବାଦ

ମାର୍ଶାଘାଇ ପଞ୍ଚାୟତ ସମିତିର ୬ଷ୍ଠ ସାଧାରଣ ବୈଠକ ଶୁକ୍ରବାର ସଭାଗୃହରେ ଅନୁଷ୍ଠିତ ହୋଇଛି । ଅଧ୍ୟକ୍ଷା ମଧୁସ୍ମିତା ସାମଲଙ୍କ ଅଧ୍ୟକ୍ଷତାରେ ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ଜିଲ୍ଲାପରିଷଦ ସଭ୍ୟା ଦୁର୍ଗାବତୀ ପ୍ରଧାନ, ପ୍ରତାପ ମଲ୍ଲିକ୍, ପ୍ରକୋଦ କୁମାର ରଥ, ୨ ବିଧାୟକଙ୍କ ପ୍ରତିନିଧି ନିଗମ ରଥ, ସୁଧାଂଶୁ ଶେଖର ରାଏ, ସାଂସଦଙ୍କ ପ୍ରତିନିଧି ପ୍ରଜେଶ ନାୟକ, ବିଡିଓ ପଞ୍ଚାନନ ମଲ୍ଲିକ, ତହସିଲଦାର ଶ୍ରୀକାନ୍ତ ପରିଜା, ଏବିଡିଓ ଇତିଶ୍ରୀ ପଣ୍ଡା, କୃଷି ଅଧିକାରୀ ପ୍ରଦୀପ୍ତ ଘୋଷ ପ୍ରମୁଖ ଯୋଗଦେଇଥିଲେ । ଜିପିଓ ସୋନାଲି ବେଉରା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ପୂର୍ବ ବିବରଣୀରେ ଥିବା ପ୍ରସଙ୍ଗ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ୧ ବର୍ଷ ହେବ ୧୭ ପଞ୍ଚାୟତରେ କାର୍ଯ୍ୟକାରୀ ନ ହେବା, ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ ଅଣଦେଖା କରାଯିବା ଏବଂ ସଦସ୍ୟମାନଙ୍କ ଅନୁଦାନ ଅର୍ଥ ସେମାନଙ୍କ ଅଗୋଚରରେ ନିର୍ଦ୍ଦିଷ୍ଟ ପଞ୍ଚାୟତରେ କାର୍ଯ୍ୟକାରୀ ସମ୍ପର୍କରେ ତାଳସଙ୍ଗା ସମିତି ସଭ୍ୟ ଅଭିଷେକ ବେହେରା, ପରକୁଳା ସମିତି ସଭ୍ୟ ସଞ୍ଜୟ ପାତ୍ର, ଗରଜଙ୍ଗା ସମିତି ସଭ୍ୟ ଶରତ ଚନ୍ଦ୍ର ପ୍ରଧାନ ଅଭିଯୋଗ କରିଥିଲେ । ଉନ୍ନୟନ ପ୍ରକଳ୍ପ ବିଲ୍ ହେବାରେ ବିଳମ୍ବ, ଅଧପନ୍ତରିଆ ଅଙ୍ଗନବାଡ଼ି କେନ୍ଦ୍ର, ବିଦ୍ୟୁତ, ପାନୀୟଜଳ ସମସ୍ୟା, ଖାଦ୍ୟ ଯୋଗାଣ ସମ୍ପର୍କରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଡିଓ ସଦସ୍ୟମାନଙ୍କ ଦାବି ପ୍ରତି ଗୁରୁତ୍ୱ ଦେଉ ନ ଥିବା ସଦସ୍ୟମାନେ ଅଭିଯୋଗ କରିଥିଲେ । ବୈଠକରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ସତ୍ତ୍ୱେ ସେମାନେ ଅଧସ୍ତନ କର୍ମଚାରୀଙ୍କୁ ପଠାଇ ଆସୁ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ । ତେବେ ଏହାକୁ ଗୃହରେ ବିଡିଓ ଗୁରୁତ୍ୱ ନ ଦେବାରୁ ସରପଞ୍ଚ ଓ ସମିତି ସଭ୍ୟମାନେ ପ୍ରବଳ ହଙ୍ଗାମା କରିଥିଲେ । ପରେ ସଦସ୍ୟମାନେ ଗୃହତ୍ୟାଗ କରି ବ୍ଲକ ପରିସର ଗାନ୍ଧୀ ମୂର୍ତ୍ତି ଆଗରେ ପ୍ରତିବାଦ କରିଥିଲେ । ବ୍ଲକ ସରପଞ୍ଚ ସଂଘ ସଭାପତି ସଞ୍ଜୟ କୁମାର ସେଠୀଙ୍କ ନେତୃତ୍ୱରେ ବହୁ ସରପଞ୍ଚ ଓ ସମିତି ସଭ୍ୟ ଏଥିରେ ସାମିଲ ହୋଇଥିଲେ । ପ୍ରାୟ ୧ ଘଣ୍ଟା ପରେ ଅଧ୍ୟକ୍ଷା ସାମଲ ହାତଯୋଡ଼ି ସମସ୍ତେ ଗୃହକୁ ଫେରିଯିବାକୁ ଅନୁରୋଧ କରିଥିଲେ । ପରେ ବିଡିଓ ମଲ୍ଲିକ, ବିଧାୟକଙ୍କ ପ୍ରତିନିଧି ରଥ ଓ ରାଏ ପ୍ରତିବାଦସ୍ଥଳରେ ପହଞ୍ଚି ଏକ କମିଟି ଗଠନ କରାଯାଇ ସଦସ୍ୟମାନଙ୍କ ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେବାପରେ ସଦସ୍ୟମାନେ ଗୃହ ପରିଚାଳନାରେ ସହଯୋଗ କରିଥିଲେ । ଅଧ୍ୟକ୍ଷାଙ୍କ ନେତୃତ୍ୱରେ ୧୮ ଜଣିଆ ଶୃଙ୍ଖଳା କମିଟି ଗଠନ କରାଯାଇଛି । ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକଙ୍କ ସହ ଆଲୋଚନା କରାଯାଇ ସମସ୍ୟା ସମାଧାନ କରାଯିବାକୁ ନିଷ୍ପତ୍ତି ହୋଇଛି ।

# ପୁଲିସର ଧମକ: ଆପୋସ ସମାଧାନ କର, ନ ହେଲେ ବାନ୍ଧିବି

କେନ୍ଦ୍ରାପଡ଼ା,୨୧ ।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ଜଳପୋକ ଅଞ୍ଚଳରେ ଘଟିଥିବା ଏକ ଆକ୍ରମଣ ଘଟଣା ପରେ ଅଭିଯୋଗକାରୀ ପରିବାର ଏବେ ଭୟ ଓ ଅସୁରକ୍ଷିତ ଅବସ୍ଥାରେ ରହିଛନ୍ତି । 'ଆପୋସ ସମାଧାନ କର, ନ ହେଲେ ବାନ୍ଧିବି' ବୋଲି ଥାନା ପକ୍ଷରୁ ଅଭିଯୋଗକାରିଣୀଙ୍କୁ ଧମକ ମିଳିଛି । ଥାନାରୁ ନ୍ୟାୟ ନ ମିଳିବା ଆଶଙ୍କାରେ ପରିବାର ଶେଷରେ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଅଭିଯୋଗକାରିଣୀ ପ୍ରମିଳା ମଲ୍ଲିକ ତାଙ୍କ ସ୍ୱାମୀ ରବି ନାରାୟଣ ମଲ୍ଲିକ, କଲେଜ ପଢ଼ୁଆ ଝିଅ ସହ ଜଳପୋକ ଅଞ୍ଚଳରେ ରୁହନ୍ତି । ଗତ ୧୮ ତାରିଖ ସନ୍ଧ୍ୟାରେ କିଛି ଦୁର୍ବୃତ୍ତ ହଠାତ୍ ତାଙ୍କ ଘରେ ପଶି ମରଣାନ୍ତକ ଆକ୍ରମଣ କରିଥିଲେ । ତିନିଜଣଙ୍କୁ ନିର୍ମମ ଭାବେ ମାଡ଼ମାରି ଗୁରୁତର କରିଥିଲେ । ଏ ସମ୍ପର୍କରେ ପ୍ରମିଳା ଥାନାରେ ଅଭିଯୋଗ କରିଥିଲେ । ହେଲେ



● ଅଭିଯୁକ୍ତଙ୍କ ଧମକରେ ଭୟଭୀତ ପରିବାର
● ନ୍ୟାୟ ପାଇଁ ଏସପିଙ୍କୁ ଲିଖିତ ଅଭିଯୋଗ

ପୁଲିସ ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇନାହିଁ । ଫଳରେ ଅଭିଯୁକ୍ତମାନେ ତାଙ୍କୁ ଲଗାତର ହତ୍ୟା ଧମକ ଦେଉଛନ୍ତି । 'ପୁଲିସ କିଛି କରିପାରିବନି, ତୁମକୁ ଜୀବନରୁ ସଫା କରିଦେବୁ' ବୋଲି ଧମକ ଦେଉଥିବା ପ୍ରମିଳାଙ୍କ ପରିବାର ଲୋକେ କହିଛନ୍ତି । ତେବେ ପୁଲିସ ଏହି ଘଟଣାର ତଦନ୍ତ ନ କରି ଆପୋସ ସମାଧାନ କରିବାକୁ ଅଭିଯୋଗକାରୀଙ୍କୁ ଚାପ ଦେଉଥିବା ଅଭିଯୋଗ ହୋଇଛି । ନିରପେକ୍ଷ ତଦନ୍ତ, ପରିବାରକୁ ତତ୍କାଳ ସୁରକ୍ଷା, ଆକ୍ରମଣକାରୀ ଓ ଧମକଦାତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରମିଳାଙ୍କ ପରିବାର ପକ୍ଷରୁ ଏସପିଙ୍କୁ ନିବେଦନ କରାଯାଇଛି । ଜିଲ୍ଲା ପୁଲିସ ନିରପେକ୍ଷ ତଦନ୍ତ କରି ନ୍ୟାୟ ଓ ସୁରକ୍ଷା ଦେବାକୁ ଆଗେଇ ଆସିବା ଦରକାର ବୋଲି ସମାଜସେବୀ ନଗେନ୍ଦ୍ର ଜେନା କହିଛନ୍ତି ।

## ପ୍ରାକ୍ ସ୍କୁଲ ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳୁଛି ବ୍ଲକ ପ୍ରଶାସନ

# ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣର ୫ବର୍ଷ ପରେ ବି ଖୋଲୁନି ତାଲା

**ରାଜନଗର,୨୧ ।୧୧(ସମିସ):** ରାଜ୍ୟ ସରକାର ମହିଳା ଓ ଶିଶୁ ବିକାଶ ବିଭାଗକୁ ଗୁରୁତ୍ୱ ଦେଉଛନ୍ତି । ମାତ୍ର ଅଙ୍ଗନବାଡ଼ି ଶିଶୁମାନେ ଘର ବିନା କିଭଳି ହୀନସ୍ତା ହେଉଛନ୍ତି ତାହା ଆଖିରେ ନ ଦେଖିଲେ ବିଶ୍ୱାସ କରିହେବନି । ଗର୍ଭବତୀ, ପ୍ରସୂତି, ଶିଶୁମାନଙ୍କୁ ସେବା ଯୋଗାଇବା ପାଇଁ ପ୍ରତ୍ୟେକ ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର ଖୋଲାଯାଇଛି । ଏଥିରେ କର୍ମୀ ଓ ସହାୟିକାଙ୍କୁ ନିଯୁକ୍ତି ଦିଆଯାଇଛି । ଏହି କେନ୍ଦ୍ରରେ ମହିଳା ଓ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ସହ ପ୍ରାକ୍ ସ୍କୁଲ ପିଲାମାନଙ୍କୁ ଶିକ୍ଷା ପ୍ରଦାନ ବ୍ୟବସ୍ଥା କରାଯାଇଛି । ମାତ୍ର ଅଙ୍ଗନବାଡ଼ି କେନ୍ଦ୍ର ଗୃହ ନ ଥିବାରୁ ଗର୍ଭବତୀ ଓ ପ୍ରସୂତି ମହିଳା, ଶିଶୁ ଏବଂ ପ୍ରାକ୍ ସ୍କୁଲ ପିଲାମାନେ ବାରଦୁଆର ଶୁଣ୍ଠିପିଣ୍ଡା ହେଉଥିବା ଅଭିଯୋଗ ହେଉଛି । ଏଭଳି ଘଟଣା ରାଜନଗର ବ୍ଲକରେ ଦେଖିବାକୁ ମିଳିଛି । ଏହି ବ୍ଲକ ଅନ୍ତର୍ଗତ ସାନବଡ଼ ଗୋପାଳପୁର ପଞ୍ଚୟତ ଗୋସିଗାଁରେ ଦୀର୍ଘ ୫ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଅଙ୍ଗନବାଡ଼ି କେନ୍ଦ୍ର ଗୃହ ନିର୍ମାଣ ସରିଛି । କେନ୍ଦ୍ର ଗୃହରେ ବିଭିନ୍ନ ପ୍ରକାର ଚିତ୍ର ଅଙ୍କା ସରିଛି । ବ୍ୟବହାର ଉପଯୋଗୀ ହେବା ପରେ ଅଙ୍ଗନବାଡ଼ି କେନ୍ଦ୍ର ଚାଲିବା କଥା ।




ମାତ୍ର କେନ୍ଦ୍ର ନିର୍ମାଣ ଦାୟିତ୍ୱରେ ଥିବା ବ୍ଲକ କନିଷ୍ଠ ଯନ୍ତ୍ରୀ ଜଣକ ପରେ ଜଣେ ବଦଳିବାରେ ଲାଗିଥିଲେ ମଧ୍ୟ ଘର ଚାବି ହସ୍ତାନ୍ତର କରୁନାହାନ୍ତି । ଫଳରେ ଅଙ୍ଗନବାଡ଼ି କେନ୍ଦ୍ରରେ ଦିଆଯାଇଥିବା ରଙ୍ଗ ଓ ଅଙ୍କାଯାଇଥିବା ଚିତ୍ର ଲିଭିଯାଉଥିବା ବେଳେ ଘର କାନ୍ଥ ଫାଟିଯାଇଥିବା ଦେଖିବାକୁ ମିଳିଛି । ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ପ୍ରାୟ ୨୦ଜଣ ପ୍ରାକ୍ ସ୍କୁଲ ଛାତ୍ରଛାତ୍ରୀ ପାଠ ପଢ଼ନ୍ତି । ଘର ନ ଥିବାରୁ ସେମାନେ କର୍ମୀଙ୍କ ଘରେ ପାଠ ପଢ଼ୁଛନ୍ତି । କେନ୍ଦ୍ରରେ ତାଲା ଝୁଲୁଥିବାରୁ କାନ୍ଥରେ ଶିଉଳି ଲାଗିବା ସହ ରଙ୍ଗ ଛାଡ଼ି ଫାଟ ସୃଷ୍ଟି ହେଲାଣି । ଅଙ୍ଗନବାଡ଼ି କେନ୍ଦ୍ର ଦିନକୁ ଦିନ ଖରାପ ହେବାରେ ଲାଗିଛି । ସେହିପରି ଏହି ବ୍ଲକ ମହିଷାସୁର ପଞ୍ଚାୟତ ଚଣ୍ଡିଆପଲୀ ଗ୍ରାମରେ ୫ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଅଙ୍ଗନବାଡ଼ି କେନ୍ଦ୍ରରେ ମଧ୍ୟ ତାଲା ଝୁଲୁଛି । କର୍ମୀ ନିଜ ଘରେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଉଛନ୍ତି । ଏ ନେଇ ବାରମ୍ବାର ବ୍ଲକ ପ୍ରଶାସନକୁ ଗ୍ରାମବାସୀ ଅବଗତ କରାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ସିଡିପିଓ ଦୀପାଳି ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ କହିଲେ, ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ସରିଥିବା କଥା ମୁଁ ଜାଣିଛି । ଏ ନେଇ ବିଡିଓଙ୍କୁ ଅବଗତ କରାଇବା ପରେ ମଧ୍ୟ ସେ ଆମକୁ ହସ୍ତାନ୍ତର କରିନାହାନ୍ତି ବୋଲି କହିଛନ୍ତି । ବିଡିଓ ଅନିରୁଦ୍ଧ ବେହେରାଙ୍କୁ ପଚାରିବାରୁ ଅନୁଧ୍ୟାନ କରି ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

# ସରପଞ୍ଚ ସଂଘର ବନ୍ଧୁମିଳନ ଉତ୍ସବ

**ଡେରାବିଶ,୨୧ ।୧୧(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ସରପଞ୍ଚ ସଂଘ ବନ୍ଧୁମିଳନ ଉତ୍ସବ ଓଳାଶୁଣୀ ପୀଠରେ ଅନୁଷ୍ଠିତ ହୋଇଛି । ଏଥିରେ ଡେରାବିଶ ବ୍ଲକ ସଂଘ ସଦସ୍ୟ ତଥା ନରସିଂହପୁର ସରପଞ୍ଚ ସୁଧୀର ଖଟୁଆ, ଯଅଁରା ବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ପଲେଇ ସରପଞ୍ଚ ଅକ୍ଷୟ ସାହୁ, ରତାଦିଆ ଖଣ୍ଡସାହି ସରପଞ୍ଚ ଶିଶିର ସାମଲ, ବାଲିଆ ସରପଞ୍ଚ ପ୍ରବୀର ସିଂ ପ୍ରମୁଖ ଯୋଗଦେଇ ଡେରାବିଶ ବ୍ଲକ ଅନ୍ତର୍ଗତ ୨୬ ପଞ୍ଚାୟତରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏ ସବୁ ସମସ୍ୟାର ସମାଧାନ ନିମନ୍ତେ ଜିଲ୍ଲାର ସମସ୍ତ ସରପଞ୍ଚଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଶାସକୁ ପ୍ରଦାନ କରିବା ନିମନ୍ତେ ପ୍ରସ୍ତାବ ଆଗତ କରାଯାଇଛି ।

# ଶିକ୍ଷକଙ୍କ ଡେପୁଟେଶନ ଆଦେଶ ବାତିଲ ଦାବି

**ପଞ୍ଚୁପାଣ୍ଡବ,୨୧ ।୧୧(ସମିସ):** ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ବେଣୀପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ କୁମାର ମଲ୍ଲଙ୍କୁ ଅନ୍ୟ ବିଦ୍ୟାଳୟକୁ ଡେପୁଟେଶନରେ ଯିବାକୁ ଆଦେଶ ହୋଇଛି । ଏହାକୁ ଗ୍ରାମବାସୀ ବିରୋଧ କରିଛନ୍ତି । ଡେପୁଟେସନ ଆଦେଶ ବାତିଲ କରିବା ପାଇଁ ଶିକ୍ଷା ବିଭାଗ ଅଧିକାରୀଙ୍କୁ ଦାବି କରିଛନ୍ତି । ଗ୍ରାମବାସୀ ଏବଂ ପରିଚାଳନା କମିଟି ସଦସ୍ୟମାନେ

## ପ୍ରଶାସନର ମନମୁଖି ନିଷ୍ପତ୍ତି ପ୍ରତିବାଦରେ ଆନ୍ଦୋଳନ ଚେତାବନୀ

ବିଇଓ ନାରାୟଣ ପ୍ରସାଦ ମନ୍ତ୍ରୀ ଓ ଡିଇଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଏହାର ସମାଧାନ ନ ହେଲେ ଆନ୍ଦୋଳନ କରିବେ ବୋଲି ଅଞ୍ଚଳବାସୀ କହିଛନ୍ତି । ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୪୦ ଛାତ୍ରଛାତ୍ରୀ ପାଠ ପଢ଼ୁଛନ୍ତି । ଛାତ୍ରଛାତ୍ରୀ ଅନୁପାତରେ ଏହି ବିଦ୍ୟାଳୟରେ ଶିକ୍ଷକ ନ ଥିବାରୁ ପ୍ରଦୀପଙ୍କ ଡେପୁଟେସନକୁ ଗ୍ରାମବାସୀ ବିରୋଧ କରିଥିବା ପରିଚାଳନା କମିଟି ସଭାପତି ପ୍ରଦୀପ କେଶରୀ ସାମଲ, ଗୌରବ ମଲ୍ଲିକ, ସସ୍ମିତା ସାହୁ, ଶିଶିର ମଳିକ, ଚିନ୍ମୟ ସାହୁ, ପ୍ରଶାନ୍ତ ରଞ୍ଜନ ଦେ, ମଙ୍ଗୁଳି ଚନ୍ଦ୍ର ସାହୁ, ପ୍ରଦୀପ କେଶରୀ ସାମଲ, ରାଜଲକ୍ଷ୍ମୀ ବେହେରା, ବିଶ୍ୱଜିତ୍ ରଣା ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି । କହିଛନ୍ତି । ଏ ବିଷୟରେ ପ୍ରତିକ୍ରିୟା ପାଇଁ ବିଇଓ ନାରାୟଣ ପ୍ରସାଦ ମନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ ।

# ବାଇକ ଧକ୍କାରେ ମହିଳା ଗୁରୁତର

ରାଜକନିକା,୨୧ ।୧୧(ସମିସ): ଶୁକ୍ରବାର ଅପରାହ୍ନରେ ରାଜକନିକା ଥାନା ଆୟତନ ଗଜରାଜପୁର ରାସ୍ତାର ଖୁଲାରୀ ଛକ ନିକଟରେ ବାଇକ ଧକ୍କାରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି । ସେ ହେଲେ ଖୁଲାରୀ ଗାଁର ଲକ୍ଷ୍ମୀପ୍ରିୟା ନାଥ । ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ମଲ୍ଲୀସାହାଡ଼ା ଗାଁର ବାବୁ ଖାଁ ବାଇକ୍ ଯୋଗେ ଯାଉଥିବା ବେଳେ ଲକ୍ଷ୍ମୀପ୍ରିୟାଙ୍କୁ ଧକ୍କାଦେଇ ଗଛରେ ପିଟି ହୋଇଥିଲେ । ଏଥିରେ ବାବୁ ମଧ୍ୟ ଆହତ ହୋଇଛନ୍ତି ।

# 'ବାଂଲାଦେଶୀଙ୍କୁ ଚିହ୍ନଟ କରିବାକୁ ଦାବି

ପଟ୍ଟାମୁଣ୍ଡାଇ,୨୧ ।୧୧(ସମିସ): ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି । ଫଳରେ ସରକାରୀ ଜମି ସଙ୍କଟଠାରୁ ଆରମ୍ଭ କରି ବିଭିନ୍ନ ସମସ୍ୟା ଉପୁଜୁଛି । ରାଜ୍ୟ ବିଜେପି ସରକାର ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓଡ଼ିଶା ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ପାନୀୟ ଜଳ, ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ, ଉନ୍ନତ କୃଷି ଓ ଜଳସେଚନ ବ୍ୟବସ୍ଥା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଛନ୍ତି । ତେଣୁ ରାଜ୍ୟ ସରକାର ନିଜ ପ୍ରତିଶ୍ରୁତି ରକ୍ଷା କରି ଶାନ୍ତିପ୍ରିୟ ଓଡ଼ିଶାର ବିକାଶଧାରାକୁ ତ୍ୱରାନ୍ୱିତ କରିବା ପାଇଁ ବାଂଲାଦେଶୀଙ୍କୁ ଚିହ୍ନଟ କରି ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ଜନଶକ୍ତି ପାର୍ଟି ସଭାପତି ଆଇନଜୀବୀ ପ୍ରଦୀପ ଦାଶ ଦାବି କରିଛନ୍ତି । ସରକାର ଏଥିରେ ବିଫଳ ହେଲେ ପାର୍ଟି ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି ।

● -ବେଆଇନ ମାଙ୍କଡ଼ା ପଥର ଚାଲାଣ ଘଟଣା

# ମାମଲା ରୁଜୁକଲା ତାଳଚୁଆ ପୁଲିସ

ରାଜନଗର,୨୧ ।୧୧(ସମିସ): ବେଆଇନ ମାଙ୍କଡ଼ା ପଥର ଚାଲାଣ କରୁଥିବା ୩ ଟ୍ରକକୁ ତାଳଚୁଆ ସାମୁଦ୍ରିକ ଥାନା ପୁଲିସ ଗୁରୁବାର ଜବତ କରିଥିଲା । ତେବେ ଚାଳକ ପଥର ଚାଲାଣ ସମ୍ପର୍କିତ କାଗଜପତ୍ର ଦେଖାଇ ନ ପାରିବାରୁ ପୁଲିସ ମାମଲା ରୁଜୁ କରିଥିବା ଆଇଆଇସି ବିମଳ କୁମାର ମଲ୍ଲିକ କହିଛନ୍ତି ।

# ନକଲି ପିଭିସି ପାଇପ କାରବାର, ଦୋକାନୀ ଅଟକ

ରାଜନଗର,୨୧ ।୧୧(ସମିସ): ନକଲି ପାଇପରେ ସୁପ୍ରିମ କମ୍ପାନୀ ଲୋଗୋ ଲଗାଇ ବିକ୍ରି କରୁଥିବା ଅଭିଯୋଗରେ ରାଜନଗର ବଜାରରେ ଥିବା ଅଭିରାମ ସାନିଟାରୀରେ ପୁଲିସ ଚଢ଼ଉ କରିଛି । ନକଲି ପାଇପକୁ ସୁପ୍ରିମ କମ୍ପାନୀ ପାଇପ କହି ଦୀର୍ଘଦିନ ହେବ ବିକ୍ରି କରି ଆସୁଥିଲେ । ସୁପ୍ରିମ କମ୍ପାନୀ ଅଧିକାରୀ ଏ ସମ୍ପର୍କରେ ଜାଣିବା ପରେ ରାଜନଗର ଥାନାରେ ଅଭିଯୋଗ କରିଥିଲେ । ଶୁକ୍ରବାର ଅପରାହ୍ନରେ ପୁଲିସ କମ୍ପାନୀ କର୍ମଚାରୀଙ୍କ ସହ ଅଭିରାମ ସାନିଟାରୀରେ ପହଞ୍ଚି ଯାଞ୍ଚ କରିଥିଲା । ଦୋକାନ ମାଲିକ ଅକ୍ଷୟ କୁମାର ମିଶ୍ରଙ୍କୁ ପୁଲିସ ଥାନାକୁ ଉଠାଇ ଆଣିଛି । ସୁପ୍ରିମ କମ୍ପାନୀର ପାଇପ ସହ ନକଲି ପାଇପକୁ ମିଳାଯିବା ପରେ ଅଭିଯୋଗରେ ସତ୍ୟତା ଥିବା ଜଣାପଡ଼ିଥିଲା । ରାତି ପ୍ରାୟ ୮ଟାରେ ଥାନା ଇନ୍ସପେକ୍ଟର ସୌମ୍ୟରଞ୍ଜନ ଜାଲିଙ୍କ ନେତୃତ୍ୱରେ ପୁଲିସ ଟିମ୍ ପୁଣି ଉକ୍ତ ଦୋକାନରେ ପହଞ୍ଚି ନକଲି ପାଇପ ଜବତ କରିଛି ।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/16 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ | 01.11.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ପରିଚାଳକ (ରିସ୍କ ବିଶେଷଜ୍ଞ - ମଡେଲ ରିସ୍କ ପରିଚାଳନା) | ଏମ୍‌ଏମ୍‌ଜିଏସ୍-III | 5 | 28 | 40 |
| ଉପପ୍ରାଧ୍ୟକ୍ଷ (ରିସ୍କ ବିଶେଷଜ୍ଞ - ମଡେଲ ରିସ୍କ ପରିଚାଳନା) | ଏମ୍‌ଏମ୍‌ଜିଏସ୍-II | 5 | 25 | 35 |

**ବିଜ୍ଞାପନ ସଂ. CRPD/SCO/2025-26/13 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | 01.11.2025 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| ସମ୍ପର୍କ ପରିଚାଳକ (ମ୍ୟୁଚୁଆଲ୍ ଫଣ୍ଡ) | 1 | 35 | 45 |
| ସମ୍ପର୍କ ପରିଚାଳକ (ବୀମା କ୍ଷେତ୍ର) | 1 | 35 | 45 |
| ସମ୍ପର୍କ ପରିଚାଳକ (ଷ୍ଟକ୍ ବ୍ରୋକରିଂ ଏବଂ ଏଫଆଇଆଇ/ଏଫପିଆଇ) | 3 | 35 | 45 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.11.2025 ରୁ 01.12.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 11.11.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)


## ଜଳବାୟୁ ପରିବର୍ତ୍ତନର କୁପ୍ରଭାବ

# ମାଡ଼ି ଆସୁଛି ସମୁଦ୍ର; ବିପଦରେ ଲୁଣା ଜଙ୍ଗଲ

**ରାଜନଗର,୨୧ ।୧୧(ସମିସ):** ବିଶ୍ୱତାପନ, ଜଳବାୟୁର ଦ୍ରୁତ ପରିବର୍ତ୍ତନ ଯୋଗୁଁ ଏବେ ଉପକୂଳର ସୁରକ୍ଷା କବଚ ଭିତରକନିକା ଲୁଣା ଜଙ୍ଗଲ ପ୍ରତି ବିପଦ ବଢ଼ିବାରେ ଲାଗିଛି । ବଙ୍ଗୋପସାଗର କୂଳ ଲଙ୍ଘିବା ସହ ପ୍ରାୟ ପ୍ରତିଦିନ ବାଲିମେଦ ଓ ମାଟିକୁ ଭସାଇନେଇ ଲୁଣା ଜଙ୍ଗଲକୁ ଗ୍ରାସ କରି ଚାଲିଛି । ସମୁଦ୍ର ଧୀରେ ଧୀରେ ସ୍ଥଳଭାଗ ଆଡ଼କୁ ମାଡ଼ିବା ଯୋଗୁଁ ପୂର୍ବରୁ ସାତଭାୟା ଅଧିବାସୀଙ୍କୁ ବିସ୍ଥାପିତ ହେବାକୁ ପଡ଼ିଛି । ଏବେ ସେହି ସାତଭାୟାଠାରୁ ଏକକୂଳା ଯାଏଁ ଦୀର୍ଘ ୧୨ କିମି ଅଞ୍ଚଳରେ ସମୁଦ୍ରର ତାଣ୍ଡବ ଦେଖିବାକୁ ମିଳୁଛି । ୧୯୭୧ ପ୍ରଳୟଙ୍କାରୀ ବାତ୍ୟାରେ ବଙ୍ଗୋପସାଗର କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକର ସାତଭାୟା ଜନବସତିକୁ ମାଡ଼ି ଆସିଥିଲା । ଗୋବିନ୍ଦପୁର, ମାନପୁର, କୁଳିଆଓରା, ଖରିକୁଳା ଓ ସରପଦା ପ୍ରଭୃତି ୫ ଗାଁ ସମୁଦ୍ର ବକ୍ଷରେ ସମ୍ପୂର୍ଣ୍ଣ ଲୀନ ହୋଇଥିଲା । ୧୯୯୯ ମହାବାତ୍ୟାରେ ସମ୍ପୂର୍ଣ୍ଣ ସାତଭାୟାକୁ ବଙ୍ଗୋପସାଗର ନିଜ ବକ୍ଷକୁ ନେଇଯାଇଥିଲା ଓ ଜଳବାୟୁ ପରିବର୍ତ୍ତନ ତଥା ସମୁଦ୍ର ଜନବସତିକୁ ମାଡ଼ିଯିବା କାରଣରୁ ସାରା ବିଶ୍ୱରେ ପ୍ରଥମଥର ପାଇଁ ସାତଭାୟାବାସୀଙ୍କୁ ବିସ୍ଥାପିତ ହେବାକୁ ପଡ଼ିଛି । ୨୦୦୦ ମସିହାରେ ସୁନାମୀ ଆସିବା ପରଠାରୁ ପେଣ୍ଠ ନିକଟରେ ବଙ୍ଗୋପସାଗର ଖାଇ ଗାଁମୁହାଁ ହୋଇଛି । ୨୦୧୬ ଭିତରେ ୩ କିମି ବାଲିପଠାକୁ ସମୁଦ୍ର ଗର୍ଭସ୍ଥ କରିବା ସହ ରାଜନଗର-ଗୋପାଳପୁର ଲୁଣା ଘେରିବନ୍ଧର ୮ ଶହ ମିଟର ବନ୍ଧକୁ ଧୋଇ ନେଇଥିଲା । ପରେ ପେଣ୍ଠ ନିକଟରେ ସମୁଦ୍ର ଜୁଆରକୁ ଅଟକାଇବା ପାଇଁ ଓଡ଼ିଶାର ପ୍ରଥମ ଜିଓ ସିନ୍ଥେଟିକ ସି-ୱାଲ୍ ନିର୍ମାଣ କରାଯାଇଛି । ଏବେ ବଙ୍ଗୋପସାଗର ସାତଭାୟାର ପୁରୁଣା ଜନବସତିଠାରୁ ଏକକୂଳା ଯାଏଁ ଦୀର୍ଘ ୧୨ କିମି ବେଳାଭୂମିରେ ତାଣ୍ଡବ ରଚୁଛି । ସାତଭାୟାରୁ ଏକକୂଳା ଯାଏଁ ଥିବା ବାଲିପାହାଡ଼କୁ ଅଧିକାଂଶ ସ୍ଥାନରେ ସମୁଦ୍ର ଜୁଆର ଗତ କିଛିବର୍ଷ ମଧ୍ୟରେ ଧୋଇ ନେଇଛି । ଏଥିସହ ଉପକୂଳ ଓଡ଼ିଶାର ସୁରକ୍ଷା କବଚ କୁହାଯାଉଥିବା ଲୁଣା ଜଙ୍ଗଲ ସମୁଦ୍ର



ଉଚ୍ଚ ଜୁଆରରେ ଅଧିକ କ୍ଷତିଗ୍ରସ୍ତ ହୋଇଛି । ଗତ ୧୦ ବର୍ଷ ମଧ୍ୟରେ ସାତଭାୟାରୁ ଏକକୂଳା ମଧ୍ୟରେ ପ୍ରାୟ ୧ ଲକ୍ଷରୁ ଅଧିକ ଗଛକୁ ସମୁଦ୍ର ଉପାଡ଼ି ତା' ଗର୍ଭକୁ ନେଇଯାଇଛି । ପ୍ରତିଦିନ ସମୁଦ୍ର ଜୁଆର ଜଙ୍ଗଲ ମଧ୍ୟକୁ ଯା'ଆସ କରୁଥିବାରୁ ଲୁଣା ଜଙ୍ଗଲ ପ୍ରତି ବିପଦ ସୃଷ୍ଟି ହୋଇଛି । ସାତଭାୟାରୁ ଏକକୂଳା ମଧ୍ୟରେ କାଦୁଆନାସୀ, ହବାଲିଖଟି ଓ ଏକକୂଳା ନିକଟରେ ଲୁଣାଜଙ୍ଗଲ ଅଧିକ କ୍ଷତିଗ୍ରସ୍ତ ହୋଇଛି । ପର୍ଯ୍ୟଟନସ୍ଥଳୀ ହବାଲିଖଟି ଏବେ ସମୁଦ୍ର ଗର୍ଭରେ ଲୀନ ହେବା ଅବସ୍ଥାରେ । ସମୁଦ୍ରର ଉଚ୍ଚ ଜୁଆର ମାଡ଼ରେ କଟେଜଗୁଡ଼ିକ ଏବେ ଭଗ୍ନ ଅବସ୍ଥାରେ ରହିଛି । ଭିତରକନିକାର ଲୁଣା ଜଙ୍ଗଲ ସୁରକ୍ଷା ପ୍ରାଚୀର ଭାବେ ଛିଡ଼ା ହୋଇଥିବାରୁ ରାଜନଗରବାସୀ ବାତ୍ୟା ଓ ସୁନାମୀ ପ୍ରଭାବରୁ ସୁରକ୍ଷିତ ଅଛନ୍ତି । ଜଳବାୟୁ ପରିବର୍ତ୍ତନ ଯୋଗୁ ଲୁଣା ଜଙ୍ଗଲ ଭିତରକୁ ସମୁଦ୍ର ମାଡ଼ିଯିବା ଫଳରେ ଉପକୂଳ ପ୍ରତି ବିପଦ ସୃଷ୍ଟି କରିଛି ।